# ଧରିତ୍ରୀ
DHARITRI

ବ୍ରହ୍ମପୁର, ମଙ୍ଗଳବାର, ଜୁଲାଇ ୨/୨୦୧୯ (୧୬ ପୃଷ୍ଠା) | Berhampur, Tuesday, July 2/2019 | ★★★

୧୫ଶ ଭାଗ ୧୫୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ଆକ୍ସନ ପାଇଁ ପ୍ରସିଦ୍ଧି ପାଇଛି**

ଆକ୍ସନ ପାଇଁ ବଲିଉଡରେ ପ୍ରସିଦ୍ଧି ଅର୍ଜନ କରିବା ସହିତ ଦର୍ଶକଙ୍କ ପ୍ରଶଂସାଭାଜନ ହୋଇପାରିଥିବା କହିଛନ୍ତି ବଲିଉଡ ଅଭିନେତା ଅକ୍ଷୟ କୁମାର। **୦୨**

୧୪

**ଭାରତୀୟ ଦଳରେ ମୟଙ୍କ**

ଆଘାତଜନିତ ସମସ୍ୟା ଲାଗି ଚଳିତ ଆଇସିସି ବିଶ୍ୱକପ୍‌ରୁ ବାଦ୍ ପଡ଼ିଥିବା ବିଜୟ ଶଙ୍କରଙ୍କ ସ୍ଥାନରେ ମୟଙ୍କ ଅଗ୍ରୱାଲଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଛି।



# ଅପରେଶନ ପାଇଁ ଡିସେମ୍ବର ଯାଏ ଅପେକ୍ଷା

ନିର୍ମଳ ପଣ୍ଡା

କଟକ ଅଫିସ,୧।୭

**ବଦଳିପାରୁନି କଟକ ଶିଶୁଭବନର ଦୁଃସ୍ଥିତି**
- ଦିନକୁ ୫ରୁ ଅଧିକ ଶିଶୁଙ୍କ ମୃତ୍ୟୁ
- ୨ବର୍ଷ ଧରି ଜରୁରିକାଳୀନ ଓଟି ବନ୍ଦ
- ୬ବର୍ଷ ହେଲା ଆସିନି ନୂଆ ଯନ୍ତ୍ରପାତି



୨୦୧୫ ଅଗଷ୍ଟ ଶେଷ ସପ୍ତାହରେ କଟକ ଶିଶୁଭବନ ଜାତୀୟ ଗଣମାଧ୍ୟମର ଆକର୍ଷଣରେ ରହିଥିଲା। କାରଣ ଗୋଟିଏ ସପ୍ତାହରେ ଏହି ପ୍ରିମିୟର ସ୍ୱାସ୍ଥ୍ୟାନୁଷ୍ଠାନରେ ୫୦ରୁ ଊର୍ଦ୍ଧ୍ୱ ଶିଶୁଙ୍କ ମୃତ୍ୟୁ ଘଟିଥିଲା। ଫଳରେ ତତ୍କାଳୀନ ଶିଶୁଭବନ ଅଧୀକ୍ଷକ, ପ୍ରଶାସନିକ ଅଧିକାରୀ ଓ କେତେଜଣ ଡାକ୍ତରଙ୍କୁ ବଦଳି କରାଯାଇଥିଲା। ହସ୍ପିଟାଲର ଭିତ୍ତିଭୂମିକୁ ସୁଦୃଢ଼ କରାଯିବ ବୋଲି ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଭିତ୍ତିଭୂମି ବିକାଶ ପାଇଁ ରାଜ୍ୟ ସରକାର ସହାୟତା ମାଗିଲେ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ସେତେବେଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ। ଶିଶୁଭବନ ଶିଶୁମୃତ୍ୟୁ ଘଟଣାକୁ ଇତିମଧ୍ୟରେ ୪ବର୍ଷ ବିତିଛି। ହେଲେ ଭିତ୍ତିଭୂମିରେ ସାମାନ୍ୟ ସୁଧାର ଆସିନାହିଁ। ପୂର୍ବଭଳି ଶିଶୁ ମୃତ୍ୟୁହାର ଅପରିବର୍ତ୍ତିତ ରହିଥିବା ବେଳେ ରୋଗୀମାନେ ଚିକିତ୍ସା ପାଇବା ପାଇଁ ହୀନସ୍ତା ହେଉଛନ୍ତି।

୪୧୬ ବେଡ୍ ବିଶିଷ୍ଟ ଏହି ହସ୍ପିଟାଲର ଆଉଟ୍‌ଡୋରକୁ ଦୈନିକ ୪୫୦ରୁ ୫୦୦ ରୋଗୀ ଆସୁଥିବା ବେଳେ ଇନ୍‌ଡୋରରେ ୬୦ରୁ ୭୦ ରୋଗୀ ଭର୍ତ୍ତି ହେଉଛନ୍ତି। ବର୍ଷକୁ ଏଠାରେ ପ୍ରାୟ ୧୫୦୦ ଅପରେଶନ କରାଯାଉଥିବାବେଳେ ସେଥିରୁ ୪୦୦ ନବଜାତ ଶିଶୁ ରହିଛନ୍ତି। କିନ୍ତୁ ହସ୍ପିଟାଲର ଜରୁରିକାଳୀନ ଓଟି ୨ବର୍ଷ ହେବ ବନ୍ଦ ରହିଛି। ଓଟି ବନ୍ଦ ରହିବା ପଛର କାରଣ ହେଉଛି ଯନ୍ତ୍ରପାତି ଓ ନିଶ୍ଚେତକ ଡାକ୍ତରଙ୍କ ଅଭାବ। ୬ବର୍ଷ ହେଲା ମେଡିକାଲ ପକ୍ଷରୁ ଯନ୍ତ୍ରପାତି ପାଇଁ ସରକାରଙ୍କୁ ବାରମ୍ବାର ତାଲିକା ଦିଆଯାଉଥିବା ବେଳେ ତାହା ଓଡ଼ିଶା ଷ୍ଟେଟ୍ ମେଡିକାଲ କର୍ପୋରେଶନ ଲିମିଟେଡ (ଓଏସ୍ଏମ୍‌ସିଏଲ୍)ରେ ପଡ଼ି ରହିଥିବା ଶିଶୁଭବନର ଜଣେ ବରିଷ୍ଠ ଡାକ୍ତର କହିଛନ୍ତି। ଏଭଳି ସ୍ଥିତିରେ କଳଙ୍କି ଲଗା ପୁରୁଣା ଯନ୍ତ୍ରପାତିରେ ଅପରେଶନ କରାଯାଉଥିବା ସମ୍ପୃକ୍ତ ଡାକ୍ତର ଜଣକ କହିଛନ୍ତି। ମୁଖ୍ୟତଃ ଜରୁରିକାଳୀନ ଓଟି ବନ୍ଦ ରହିଥିବାରୁ ଗୋଟିଏ ଓଟି ଉପରେ ସମସ୍ତ ରୋଗୀଙ୍କୁ ନିର୍ଭର କରିବାକୁ ପଡୁଛି। ଫଳରେ ଅପରେଶନ ପାଇଁ ରୋଗୀଙ୍କୁ ଅପେକ୍ଷା କରିବାକୁ କୁହାଯାଇ ଆସନ୍ତା ଡିସେମ୍ବର ପର୍ଯ୍ୟନ୍ତ ସମୟ ଦିଆଯାଇଥିବା ଜଣାପଡ଼ିଛି।

ଶିଶୁଭବନ ଭିତ୍ତିଭୂମିକୁ ନେଇ ଏଭଳି ସମସ୍ୟା ଲାଗି ରହିଥିବା ବେଳେ ଏଠାରେ ଶିଶୁ ମୃତ୍ୟୁହାରରେ ମଧ୍ୟ ସାମାନ୍ୟ ପରିବର୍ତ୍ତନ ଆସିନାହିଁ। ୨୦୧୭ରେ ଶିଶୁଭବନରେ ୨୦୫୪ଜଣ ଶିଶୁଙ୍କ ମୃତ୍ୟୁ ଘଟିଥିବା ବେଳେ ୨୦୧୮ରେ ୨୧୩୧ ଓ ୨୦୧୯ ମେ ସୁଦ୍ଧା ୮୬୬ଜଣଙ୍କ ପ୍ରାଣହାନି ହୋଇଛି। ଏହି ହାରରେ ଦେଖିଲେ ମାସକୁ ୧୭୭ରୁ ଅଧିକ ଶିଶୁଙ୍କ ମୃତ୍ୟୁ ଘଟୁଥିବାବେଳେ ଦିନକୁ ମୃତ୍ୟୁହାର ୫ରୁ ଅଧିକ ରହୁଛି। ୨୦୧୫ ଅଗଷ୍ଟ ୨୯ରେ ଶିଶୁଭବନରେ ୨୪ଘଣ୍ଟାରେ ୧୦ଜଣ ଶିଶୁଙ୍କ ମୃତ୍ୟୁକୁ ନେଇ ତୁମ୍ବିତୋଫାନ ଆରମ୍ଭ ହୋଇଥିଲା। କିନ୍ତୁ ଏବେ ବି ଗୋଟିଏ ଦିନରେ ୧୦ଜଣ ଶିଶୁଙ୍କ ମୃତ୍ୟୁ ଘଟୁଥିବା ଦେଖାଯାଇଛି। ଉଦାହରଣ ଭାବେ ଗତ ଜୁନ ୩ରେ ଶିଶୁଭବନରେ ୧୦ଜଣ ଶିଶୁଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ବିଭିନ୍ନ ସଂକ୍ରାମକ ରୋଗ ଯୋଗୁ ବର୍ଷର ଜୁଲାଇରୁ ଅକ୍ଟୋବର ପର୍ଯ୍ୟନ୍ତ ଶିଶୁ ମୃତ୍ୟୁହାର ଅଧିକ ରହେ। ୨୦୧୭ ଜୁଲାଇରେ ଶିଶୁଭବନରେ ୧୯୬ ରୋଗୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅଗଷ୍ଟରେ ୧୯୫, ସେପ୍ଟେମ୍ବରରେ ୧୯୬, ଅକ୍ଟୋବରରେ ୧୯୦ଜଣଙ୍କ ପ୍ରାଣହାନି ହୋଇଥିଲା। ସେହିପରି ୨୦୧୮ ଜୁଲାଇରେ ୧୭୯, ଅଗଷ୍ଟରେ ୨୨୫, ସେପ୍ଟେମ୍ବରରେ ୨୨୪ ଓ ଅକ୍ଟୋବରରେ ୧୯୮ ଶିଶୁଙ୍କ ମୃତ୍ୟୁ ଘଟିଥିଲା। ଏହି ଦୁଇବର୍ଷକୁ ତୁଳନା କଲେ ଶିଶୁମୃତ୍ୟୁ ବୃଦ୍ଧି ପାଉଛି। ଚଳିତବର୍ଷ ଏହି ସଂକ୍ରାମକ ସମୟ ଆରମ୍ଭ ହୋଇଯାଇଥିବାବେଳେ ଶିଶୁଭବନର ଦୁର୍ବଳ ସ୍ଥିତିକୁ ନେଇ ଚିନ୍ତା ଘାରିଛି।

ଭିତ୍ତିଭୂମି ଓ ଶିଶୁ ମୃତ୍ୟୁହାର ସମ୍ପର୍କରେ ପଚରାଯିବାରୁ ଶିଶୁଭବନ ଅଧୀକ୍ଷକ ପ୍ରଫେସର ଡା. ସରୋଜ ଶତପଥୀ କୁହନ୍ତି, ୧୧୭ କୋଟି ଟଙ୍କା ବ୍ୟୟରେ ଶିଶୁଭବନ ପରିସରରେ ୭ମହଲା କୋଠା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଉକ୍ତ କାର୍ଯ୍ୟ ଶେଷ ହେବା ପରେ ଅନେକ ସମସ୍ୟାର ସମାଧାନ ହୋଇଯିବ। ଏହାବାଦ୍ ନିଶ୍ଚେତକ ଡାକ୍ତର ଅଭାବ ଯୋଗୁ ଜରୁରିକାଳୀନ ଓଟି ବନ୍ଦ ରହୁଥିବା ଡାକ୍ତର ଶତପଥୀ ସ୍ୱୀକାର କରିଥିଲେ।

■ ଶିଶୁଙ୍କୁ ବିଷ ଦେଇ ମା'ଙ୍କ ଆତ୍ମହତ୍ୟା ଘଟଣା

# ବାଚସ୍ପତିଙ୍କ ତଦନ୍ତ ନିର୍ଦ୍ଦେଶ

ଭୁବନେଶ୍ୱର,୧।୭(ବ୍ୟୁରୋ)

**ଭୋକର ଭୂଗୋଳ ମାଲକାନଗିରି**
- ବିଧାନସଭାରେ ସରକାରଙ୍କୁ ଘେରିଲେ ବିରୋଧୀ

ରାଜ୍ୟରେ କେହି ଗରିବ ରହିବେ ନାହିଁ। ଭୋକ ଉପାସରେ କାହାରିକୁ ମରିବାକୁ ଦିଆଯିବନାହିଁ। ଏମିତି ଅନେକ ପ୍ରତିଶ୍ରୁତି ଦିଆଯାଉଛି। ଯୋଜନା ପରେ ଯୋଜନା କରାଯାଉଛି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଖାଦ୍ୟ ନିରାପତ୍ତା ଯୋଜନା ମଧ୍ୟ କାର୍ଯ୍ୟକାରୀ କରୁଛନ୍ତି। ଏହାସତ୍ତ୍ୱେ ମାଲକାନଗିରି ଜିଲା ପାଲଟିଛି ଭୋକର ଭୂଗୋଳ। ଏବେ ବି ଏହି ଜିଲାର ଅନେକେ ଅଖାଦ୍ୟ ଖାଇ ମୃତ୍ୟୁମୁଖରେ ପଡୁଛନ୍ତି। ଏପରି କି ଦାରିଦ୍ର୍ୟର କଷାଘାତରେ ଗରିବ ଆଦିବାସୀ ମା' ନିଜ ଶିଶୁକୁ ବିଷ ଦେଇ ହତ୍ୟା କରିବାକୁ ପଛାଉନାହାନ୍ତି। ଏଭଳି ଏକ ସ୍ପର୍ଶକାତର ଘଟଣା ଘଟିଛି ମାଲକାନଗିରି ଜିଲାର ଗୌଡ଼ଗୁଡ଼ା ଗ୍ରାମରେ। ଜଣେ ଆଦିବାସୀ ମହିଳା ନିଜ ପିଲାଙ୍କ ମୁହଁରେ ମୁଠେ ଆହାର ଦେଇ ନ ପାରି ରବିବାର ବିଷ ପିଆଇ ଦେଇଥିଲେ। ଏହା ପରେ ନିଜେ ବିଷ ପାଇ ଆତ୍ମହତ୍ୟା କରିଥିଲେ। ସୌଭାଗ୍ୟବଶତଃ ୨ ଶିଶୁ ବଞ୍ଚି ଯାଇଛନ୍ତି। ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ଉଭୟେ ଚିକିତ୍ସାଧୀନ ଅଛନ୍ତି ଓ ସେମାନେ ବିପଦମୁକ୍ତ ଥିବା ଡାକ୍ତର କହିଛନ୍ତି। ତେବେ ଭୋକରେ ଆଉଟୁପାଉଟୁ ହେଉଥିବା ପରିବାରଙ୍କ କରୁଣ କାହାଣୀ ରାଜ୍ୟ ପାଇଁ ଲଜ୍ଜା ଆଣିଦେଇଛି। ଏହାକୁ ନେଇ ସୋମବାର ବିଧାନସଭାରେ ସରକାରଙ୍କୁ ଘେରିଥିଲେ ବିରୋଧୀ। ପରିସ୍ଥିତିକୁ ଦେଖି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର। ମାଲକାନଗିରି ଜିଲାପାଳଙ୍କ ସହ କଥା ହୋଇ ତଦନ୍ତ ପାଇଁ ବାଚସ୍ପତି ରାଜସ୍ୱ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୋମବାର ବିଧାନସଭାରେ ଏଭଳି ସ୍ପର୍ଶକାତର ବିଷୟ ଉଠାଇଥିଲେ ମାଲକାନଗିରି ଭାଜପା ବିଧାୟକ ଆଦିତ୍ୟ ମାଡ଼ୀ। ଶୂନ୍ୟକାଳରେ ସେ ମାଲକାନଗିରି ଜିଲାର ଗୌଡ଼ଗୁଡ଼ା ଗ୍ରାମରେ ଜଣେ ଆଦିବାସୀ ମହିଳା ନିଜର ୨ ଛୁଆଙ୍କୁ ବିଷ ଦେବା ଓ ନିଜେ ଆତ୍ମହତ୍ୟା କରିବା ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ଯକ୍ଷ୍ମାରେ ସ୍ୱାମୀଙ୍କ ମୃତ୍ୟୁ ପରେ ସେ ତାଙ୍କ ଦୁଇ ପିଲାଙ୍କୁ ଦିନକୁ ମୁଠାଏ ଖାଇବାକୁ ଦେଇପାରୁ ନ ଥିଲେ। ପଞ୍ଚାୟତ ଅଫିସଠାରୁ ଦେଢ଼ କି.ମି. ମଧ୍ୟରେ ତାଙ୍କର ଏକ ଭଙ୍ଗାଦଦରା ପଲିଥିନ ଘର ଥିଲେ ମଧ୍ୟ କୌଣସି ସରକାରୀ ବାବୁଙ୍କର ସେଠାରେ ଆଖି ପଡି ନ ଥିଲା। ସମ୍ପୃକ୍ତ ମହିଳାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କିମ୍ବା ବିଜୁ ପକ୍କାଘର ମିଳିପାରିଲା ନାହିଁ। ଯକ୍ଷ୍ମାରେ ଛଟପଟ ହେଉଥିଲେ ବି ତାଙ୍କୁ ସ୍ୱାସ୍ଥ୍ୟସେବା ଟିକେ ମିଳିଲା ନାହିଁ। ରାଜ୍ୟ ସରକାର ସମସ୍ତଙ୍କ ପାଇଁ ଉତ୍ତମ ସ୍ୱାସ୍ଥ୍ୟ କଥା କହୁଛନ୍ତି। ବାସ୍ତବରେ ତାହା ଗରିବ ଆଦିବାସୀଙ୍କ ନିକଟରେ ଅପହଞ୍ଚ ହୋଇ ରହିଛି। ସେହି ଗରିବ ମହିଳାଙ୍କୁ ରାଶନ କାର୍ଡ ମିଳିଥିଲେ ମଧ୍ୟ ୪ ବଦଳରେ ୨ ଜଣଙ୍କ ପାଇଁ ୧୦ କେଜି ଚାଉଳ ମିଳୁଥିଲା। ଏଥିରେ ସେ କିପରି ବଞ୍ଚିଥାଆନ୍ତେ। ଏହି ଘଟଣାର ତଦନ୍ତ ହେଉ ବୋଲି ମାଡ଼ୀ ଦାବି କରିଥିଲେ। ଭାଜପା ସଦସ୍ୟ ଜୟନାରାୟଣ ମିଶ୍ର ଏହି ପ୍ରସଙ୍ଗକୁ ଅତି ସମ୍ବେଦନଶୀଳ କହିବା ସହ ସରକାରଙ୍କୁ କଡ଼ାଭାଷାରେ ସମାଲୋଚନା କରିଥିଲେ। କଂଗ୍ରେସ ସଦସ୍ୟ ସୁରେଶ କୁମାର ରାଉତରାୟ ଉକ୍ତ ପ୍ରସଙ୍ଗରେ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ସେ କହିଥିଲେ, ଗରିବ ଲୋକେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଥିବା ବେଳେ ଆଦିବାସୀମାନେ ପେଟକୁ ମୁଠେ ଖାଇବାକୁ ପାଉନାହାନ୍ତି। ମାଲକାନଗିରି ଘଟଣା ଭଳି ଦୁର୍ଭାଗ୍ୟ କ'ଣ ହୋଇପାରେ ବୋଲି ସେ ପ୍ରଶ୍ନ କରିଥିଲେ। ସରକାରଙ୍କୁ କଟାକ୍ଷ କରି କହିଥିଲେ, ନବୀନବାବୁଙ୍କ ବେଳା ଭଲ ପଡ଼ିଛି। ସ୍କୁଲ୍ ଘର ଖଣ୍ଡେ କରି ନ ଥିବା ନବୀନବାବୁ ୫ଥର ମୁଖ୍ୟମନ୍ତ୍ରୀ ହେଲେଣି। ଯେତେଥର ମୁଖ୍ୟମନ୍ତ୍ରୀ ହୁଅନ୍ତୁ ପଛେ ଗରିବଙ୍କ ପାଇଁ କାମ କରନ୍ତୁ ବୋଲି ରାଉତରାୟ କହିଥିଲେ।

# ଖାତରେ ବସ୍ ଖସି ୩୫ ମୃତ



**ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୫ ଲକ୍ଷ ସହାୟତା**

ଦୁର୍ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ କରାଯାଉଛି।

ଶ୍ରୀନଗର,୧।୭

ଜମ୍ମୁ-କଶ୍ମୀରର କିସ୍ତୱାର ଜିଲା ସିର୍ଗୱାରି ଅଞ୍ଚଳରେ ଏକ ମିନିବସ୍ ଖାତ ଭିତରେ ଖସିପଡ଼ିବାରୁ ସେଥିରେ ଥିବା ଯାତ୍ରୀଙ୍କ ମଧ୍ୟରୁ ୩୫ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ୧୭ ଜଣ ଆହତ ହୋଇଥିବାବେଳେ ସେମାନଙ୍କୁ ଚିକିତ୍ସା ଲାଗି ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୩ ଗୁରୁତରଙ୍କୁ ବିମାନ ଯୋଗେ ଜମ୍ମୁ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏହି ମର୍ମନ୍ତୁଦ ଦୁର୍ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ, ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତି ଏବଂ ଓମାର ଅବଦୁଲ୍ଲା ପ୍ରମୁଖ ଗଭୀର ଦୁଃଖ ପ୍ରକାଶ କରିଛନ୍ତି।

ସୋମବାର ସକାଳ ପ୍ରାୟ ୭ଟା ୩୦ରେ ମିନିବସ୍‌ଟି କେଶୱାନ୍‌ରୁ କିସ୍ତୱାର ଅଭିମୁଖେ ଯାଉଥିଲାବେଳେ ଏହି ଦୁର୍ଘଟଣା ଘଟିଥିଲା। କିସ୍ତୱାର ଡେପୁଟି କମିଶନର ଅଙ୍ଗ୍ରେଜ ସିଂ ରାଣାଙ୍କ କହିବାନୁଯାୟୀ ଦୁର୍ଘଟଣାବେଳେ ୨୮ ସିଟର ମିନିବସ୍‌ରେ ୫୨ଜଣ ଯାତ୍ରୀ ଥିଲେ। ଅଧିକ ଯାତ୍ରୀ ପରିବହନ, ଜୋର୍‌ରେ ଗାଡ଼ି ଯିବା ଓ ଖରାପ ପାଗ ଯୋଗୁ ସମସ୍ୟା ଦେଖାଦେଇ ଥାଇପାରେ ବୋଲି ସେ ପ୍ରକାଶ କରିଛନ୍ତି। ଏହି ଦୁର୍ଘଟଣାରେ ରାଜ୍ୟପାଳ ସତ୍ୟପାଲ ମଲିକ ଗଭୀର ଶୋକ ବ୍ୟକ୍ତ କରିଥିବାବେଳେ ମୃତ ବ୍ୟକ୍ତିଙ୍କ ନିକଟ ସମ୍ପର୍କୀୟଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି। ଏଥିସହ ଆହତଙ୍କୁ ସର୍ବୋତ୍ତମ ଚିକିତ୍ସା ସୁବିଧା ଯୋଗାଇ ଦେବାଲାଗି ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଦୁର୍ଘଟଣାର ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟପାଳ କହିଛନ୍ତି। ଏଥିସହ ଅନୁପଯୁକ୍ତ ଗାଡ଼ି ଓ ଅଣତାଲିମପ୍ରାପ୍ତ ଡ୍ରାଇଭରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟପାଳ ପରିବହନ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶଥାଉ କି, ଗତ ଜୁନ୍ ୨୭ରେ ମୋଗଲ ରୋଡ୍ ନିକଟରେ ଏକ ମିନିବସ୍ ଖାତରେ ଖସିପଡ଼ିବାରୁ ଏକ ଘରୋଇ କମ୍ପ୍ୟୁଟର ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍‌ର ୧୧ ଛାତ୍ରୀଛାତ୍ର ପ୍ରାଣ ହରାଇଥିଲେ।

# ଶ୍ରେଣୀଗୃହରେ ଶିକ୍ଷୟିତ୍ରୀଙ୍କୁ କଟୁରିରେ ଆକ୍ରମଣ

ନିଆଳି, ୧।୭(ଡି.ଏନ୍.ଏ.)

**ଛାତ୍ରୀଛାତ୍ର ଆତଙ୍କିତ**



ଅଭିଯୁକ୍ତ ବିଭୂତି ମହାନ୍ତି

ନିଆଳି ଥାନା ଅନ୍ତର୍ଗତ ବିନିଶିପୁର ପଞ୍ଚାୟତ ଆମ୍ବାପଡ଼ା ପ୍ରାଥମିକ ବିଦ୍ୟାଳୟରେ ସୋମବାର ପୂର୍ବାହ୍ନରେ ପାଠପଢ଼ା ଚାଲିଥିବାବେଳେ ଆତଙ୍କ ଖେଳିଯାଇଥିଲା। କାରଣ ବିଭୂତି ମହାନ୍ତି(୪୩) ନାମକ ଜଣେ ଯୁବକ କଟୁରି ଧରି ଶ୍ରେଣୀ ଗୃହରେ ପଶି ଶିକ୍ଷୟିତ୍ରୀ ଶୁଚିସ୍ମିତା ମୁଦୁଲିଙ୍କୁ ହାଣି ପକାଇଥିଲେ। ଏଥିରେ ଶୁଚିସ୍ମିତାଙ୍କ ଦୁଇହାତ, ମୁଣ୍ଡ, ବେକ ଓ ପିଠିରେ ଗଭୀର ଆଘାତ ଲାଗିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ଏ ନେଇ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଓ ଆହତ ଶିକ୍ଷୟିତ୍ରୀଙ୍କ ଖୁଡୀ ନିଆଳି ଥାନାରେ ପୃଥକ୍ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା(ନଂ. ୧୫୩/୧୯) ରୁଜୁ କରି ଆକ୍ରମଣକାରୀ ବିଭୂତିଙ୍କୁ ଥାନାରେ ଅଟକ ରଖିଛି।

ସୂଚନା ଅନୁଯାୟୀ, ପୂର୍ବାହ୍ନ ପ୍ରାୟ ୧୧ଟା ୪୦ ମିନିଟ୍‌ରେ ଏହି ଘଟଣା ଘଟିଥିଲା। ଆକ୍ରମଣ ପରେ ଶୁଚିସ୍ମିତା ରକ୍ତ ଜୁଡୁବୁଡୁ ଅବସ୍ଥାରେ ଶ୍ରେଣୀଗୃହରେ ଅଚେତ ହୋଇପଡିଥିଲେ। ଛାତ୍ରୀଛାତ୍ରମାନେ ଆତଙ୍କିତ ହୋଇ ଚିତ୍କାର କରିବାରୁ ଘଟଣାସ୍ଥଳରେ ପ୍ରଧାନଶିକ୍ଷୟିତ୍ରୀ ଓ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକମାନେ ପହଞ୍ଚି ଯାଇଥିଲେ। ଏମାନଙ୍କୁ ଦେଖି ବିଭୂତି ଦୌଡି ପଳାଇଯାଇଥିଲେ। ଶୁଚିସ୍ମିତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଚାରିଛକ ଡାକ୍ତରଖାନା ପଠାଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏହାପରେ ଚାରିଛକ ବଜାରରେ ବିଭୂତିଙ୍କୁ ଲୋକମାନେ କାବୁ କରିବା ସହ ନିର୍ଘୂମ ପିଟିଥିଲେ। ପୋଲିସ ପହଞ୍ଚି ବିଭୂତିଙ୍କୁ ଥାନାକୁ ଆଣି ପଚରାଉଚରା ଚଳାଇଛି। ନିଆଳି ଥାନା ଆଇଆଇସି ବିଜୟ କୁମାର ମଲ୍ଲିକ କହିଛନ୍ତି, ବିଭୂତି କାହିଁକି ଆକ୍ରମଣ କଲେ ସେ ସମ୍ପର୍କରେ ଜଣାପଡିନାହିଁ। ତାଙ୍କୁ ପଚରାଉଚରା କରାଯାଉଛି।


ଆଜି ନବଯୌବନ ଦର୍ଶନ | ଢେଙ୍କାନାଳରେ ଯୋଡ଼ାଶିଶୁ ଜନ୍ମ ୩


**ଆଜିର ସମ୍ପାଦକୀୟ**

ସାଙ୍ଗ ନ ହେଲେ ଶତ୍ରୁ

**ଆଜିର ମନ୍ତବ୍ୟ**

“ ସ୍ୱାଧୀନତା ପରଠାରୁ ଜମ୍ମୁ-କଶ୍ମୀରକୁ କଂଗ୍ରେସ ଅଣଦେଖା କରିଆସୁଥିଲା। ଆମେ ଏହାକୁ ଶକ୍ତି ଦେଇଛୁ।

-ଅମିତ ଶାହ, କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ

**କିଛି ତଥ୍ୟ**

୨୦୧୮-୧୯ ଆର୍ଥିକ ବର୍ଷର ଜାନୁୟାରୀ-ମାର୍ଚ୍ଚ ତ୍ରୈମାସରେ ଗୃହ ମୂଲ୍ୟ ଅଭିବୃଦ୍ଧି ୩.୬%ରେ ପହଞ୍ଚିଛି।

-ଭାରତୀୟ ରିଜର୍ଭ ବ୍ୟାଙ୍କ


NECC NATIONAL EGG CO-ORDINATION COMMITTEE | 01.07.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 104 | 163 | 173 |
| CTC | 104 | 163 | 173 |
| DKL | 101 | 159 | 169 |
| BDK | 100 | 158 | 168 |
| BLS | 100 | 158 | 168 |
| ANG | 102 | 161 | 171 |

*Conditions Apply

Eggs Retail Price- 52/-Dozen
Issued in the Interest of Consumers








ଧରିତ୍ରୀ
DHARITRI
ମଙ୍ଗଳବାର, ୨ ଜୁଲାଇ, ୨୦୧୯



ବିହାରରେ ଏନ୍‌ସେଫାଲାଇଟିସ୍ ଜନିତ ଶିଶୁମୃତ୍ୟୁକୁ ନେଇ ରାଜନୀତି କରାଯିବା ଅନୁଚିତ। ସରକାର ଏଥିରେ କୌଣସି ଅବହେଳା ପ୍ରଦର୍ଶନ କରିନାହାନ୍ତି।
- ନୀତୀଶ କୁମାର, ବିହାର ମୁଖ୍ୟମନ୍ତ୍ରୀ



## ସଂକ୍ଷେପରେ

### ଫିଲ୍ମ ନିର୍ଦ୍ଦେଶକଙ୍କୁ ଗୁଳିକରି ହତ୍ୟା

**ବାଘ୍‌ପତ୍,୧୭(ପି.ଟି.):** ଉତ୍ତରପ୍ରଦେଶର ବାଘ୍‌ପତ୍ ଜିଲାସ୍ଥିତ ଜିମାନା ଗ୍ରାମରେ ସୋମବାର ଜଣେ ଆଞ୍ଚଳିକ ଚଳଚ୍ଚିତ୍ର ଅଭିନେତା, ପ୍ରଯୋଜକ ତଥା ନିର୍ଦ୍ଦେଶକଙ୍କୁ ଗୁଳିକରି ହତ୍ୟା କରାଯାଇଛି। ତାଙ୍କ ନାମ ସଂସାର ସିଂ (୭୦) ବୋଲି ପୋଲିସ କହିଛି। ଅଭିଯୁକ୍ତ ଜୀବନଙ୍କୁ ପୋଲିସ ଗିରଫ କରିଥିବା ଏସ୍‌ପି ଶୈଳେଶ କୁମାର ପାଣ୍ଡେ କହିଛନ୍ତି। ପାରିବାରିକ କଳହକୁ ନେଇ ଏଭଳି ହତ୍ୟାକାଣ୍ଡ ଘଟିଥିବା ପୋଲିସ ସନ୍ଦେହ କରୁଛି। ସଂସାରଙ୍କ ପୁତୁରା ୨୦ ବର୍ଷ ତଳେ ଜୀବନଙ୍କ ବାପାଙ୍କୁ ହତ୍ୟା କରିଥିଲେ। ଏହାକୁ ନେଇ ବିବାଦ ଉଗ୍ରରୂପ ନେଇଥିଲା। ଏବେ ଏହି ଘଟଣାର ପୋଲିସ ତଦନ୍ତ ଆରମ୍ଭ ହୋଇଛି। ପ୍ରକାଶଥାଉ କି, ସଂସାର ସିଂ ପଶ୍ଚିମ ଉତ୍ତର ପ୍ରଦେଶର ଜଣେ କଳା ପ୍ରେମୀ। ଚଳଚ୍ଚିତ୍ର 'ଧକଡ଼ ଛୋରା', 'କିଷାନ୍', 'ଭଗୱାନ୍' ଓ ଅନ୍ୟ କେତେକ ଫିଲ୍ମରେ ତାଙ୍କର ଅତୁଳନୀୟ ଅବଦାନ ରହିଛି।

### ଦୁର୍ନୀତି ମାମଲାରେ ଜର୍ଦ୍ଦାରି ଗିରଫ



**ଲାହୋର,୧୭ (ପି.ଟି.):** ଏକ ଦୁର୍ନୀତି ମାମଲାରେ ପାକିସ୍ତାନର ପୂର୍ବତନ ରାଷ୍ଟ୍ରପତି ଆସିଫ ଅଲ୍ଲୀ ଜର୍ଦ୍ଦାରିଙ୍କୁ ଦୁର୍ନୀତି ବିରୋଧୀ ଶାଖା ପକ୍ଷରୁ ସୋମବାର ଗିରଫ କରାଯାଇଛି। ଜର୍ଦ୍ଦାରି ବହୁ କୋଟି ଟଙ୍କା ମନି ଲଣ୍ଡରିଂ ମାମଲାରେ ଏବେ ନ୍ୟାସନାଲ ଆକାଉଣ୍ଟିବିଲିଟି ବ୍ୟୁରୋ (ଏନ୍‌ଏବି) ହେପାଜତ୍‌ରେ ଅଛନ୍ତି। ଇସ୍‌ଲାମାବାଦ୍ ହାଇକୋର୍ଟରେ ସେ କରିଥିବା ମଧ୍ୟବର୍ତ୍ତିକାଳୀନ ଜାମିନ୍ ଆବେଦନ ପ୍ରତ୍ୟାହାର କରିନେବା ପରେ ତାଙ୍କୁ ଗିରଫ କରାଯାଇଛି। ପାର୍କ ଲେନ୍ ମାମଲାରେ ଏନ୍‌ଏବି ତାଙ୍କୁ ରିମାଣ୍ଡରେ ନେବାର ସମ୍ଭାବନା ରହିଛି। ଦୁର୍ନୀତି ଯୋଗୁ ଜର୍ଦ୍ଦାରିଙ୍କ ରାଜନୈତିକ କ୍ୟାରିୟର ଶେଷ ହୋଇଥିବା କୁହାଯାଉଛି।

### ଇତିହାସର ଆଇନାରେ
#### ଜୁଲାଇ ୨ର ପ୍ରମୁଖ ଘଟଣା

୧୯୪୦ ଜୁଲାଇ ୨ରେ ଭାରତର ସ୍ୱାଧୀନତା ସଂଗ୍ରାମୀ ସୁଭାଷ ଚନ୍ଦ୍ର ବୋଷଙ୍କୁ କୋଲକାତାରେ ଗିରଫ କରାଯାଇଥିଲା। ୧୮୯୭ ଜାନୁୟାରୀ ୨୩ରେ ଜନ୍ମିତ ସୁଭାଷ ଭାରତର ଜଣେ ଜାତୀୟତାବାଦୀ ନେତା ଥିଲେ। ତାଙ୍କର ପ୍ରଗାଢ଼ ଦେଶପ୍ରେମ ତାଙ୍କୁ ଭାରତର ବୀର ନାୟକର ପରିଚୟ ଦେଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ତାଙ୍କର ବିୟୋଗ ଏବେ ବି ରହସ୍ୟଜନକ ହୋଇ ରହିଛି।

୨୦୧୩ ଜୁଲାଇ ୨ରେ ଇଣ୍ଡୋନେସିଆରେ ଭୂକମ୍ପ ଯୋଗୁ ୪୨ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୪୨୦ ଆହତ ହୋଇଛନ୍ତି। ଇଣ୍ଡୋନେସିଆର ସୁମାତ୍ରା ଦ୍ୱୀପରେ ହୋଇଥିବା ଏହି ଭୂକମ୍ପର ତୀବ୍ରତା ଥିଲା ୬.୧। ସୁମାତ୍ରାର ଉତ୍ତରଭାଗରେ ହୋଇଥିବା ଭୂକମ୍ପରେ ପାଖାପାଖି ୪,୩୦୦ ବାସଗୃହ ଭାଙ୍ଗିରୁଜି ଯାଇଥିଲା।

## ■ ମୁମ୍ବାଇରେ ପ୍ରବଳ ବର୍ଷା: ଜନଜୀବନ ଅସ୍ତବ୍ୟସ୍ତ
# ଟ୍ରେନ୍ ଓ ଗାଡ଼ି ଚଳାଚଳ ବ୍ୟାହତ

**ମୁମ୍ବାଇ,୧୭(ପି.ଟି.)**





ମୁମ୍ବାଇରେ ପ୍ରବଳ ବର୍ଷା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବିଭିନ୍ନ ସ୍ଥାନରେ ପାଣି ଜମି ରହିବା ଫଳରେ ଟ୍ରେନ୍ ଓ ଗାଡ଼ି ଚଳାଚଳ ବ୍ୟାହତ ହୋଇଛି। ମୁମ୍ବାଇ ସମେତ ଥାନେ, ପାଲଘର ଓ ଏହାର ଆଖପାଖ ଅଞ୍ଚଳରେ ଆଉ ୩ ଦିନ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିବାରୁ ଲୋକଙ୍କ ଚିନ୍ତା ଆହୁରି ବଢ଼ିଯାଇଛି। ଚେମ୍ବୁର ସମେତ ଅନ୍ୟ କେତେକ ଅଞ୍ଚଳରେ ଲୋକଙ୍କ ଘରେ ପାଣି ପଶିଯାଇଛି। ସେହିପରି ହିନ୍ଦମାତା, ପାରେଲ, ଲାଲବାଗ୍, ସେନାପତି ବାପଟ ରୋଡରେ ପାଣି ଜମି ରହିଛି। ୧୨ଟି ସ୍ଥାନରେ କାନ୍ଥ ଭୁଶୁଡ଼ିଥିବା ଜଣାପଡ଼ିଛି। ମୁମ୍ବାଇରେ ଦୁଇଦିନରେ ୫୪୦ ମିଲିମିଟର ବର୍ଷା ହୋଇଥିବା ମ୍ୟୁନିସିପାଲ କମିଶନର ପ୍ରବୀଣ ପରଦେଶୀ କହିଛନ୍ତି। ସହରରେ ବର୍ଷାଜନିତ ଦୁର୍ବିପାକ ପାଇଁ ସେ ଜଳବାୟୁ ପରିବର୍ତ୍ତନ ଓ ଭୌଗୋଳିକ ସ୍ଥିତିକୁ ଦାୟୀ କରିଛନ୍ତି।

ସିଓନ ଏବଂ ମାଟୁଙ୍ଗା ଷ୍ଟେଶନ ମଧ୍ୟରେ ରେଳଧାରଣା ବୁଡ଼ିଯାଇଥିବାରୁ ଟ୍ରେନ ଚଳାଚଳ ବନ୍ଦ ରହିଛି। ଦାଦରର ହିନ୍ଦମାତା ଅଞ୍ଚଳରେ ରାସ୍ତା ଉପରେ ଆଣ୍ଠୁଏ ପାଣି ଚାଲୁଥିବାରୁ ସେଥିରେ ପିଲାମାନେ ସନ୍ତରଣ କରୁଥିବା ଦେଖିବାକୁ ମିଳିଛି। ପାଣି ନ କମିବା ପର୍ଯ୍ୟନ୍ତ ରାସ୍ତାରେ ଗାଡ଼ି ନ ଚଳାଇବାକୁ ବିଏମ୍‌ସି ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ଟ୍ରେନ ଚଳାଚଳରେ ବିଳମ୍ବ ଯୋଗୁ ବିଭିନ୍ନ ଷ୍ଟେଶନରେ ପ୍ରବଳ ଗହଳି ଦେଖାଯାଇଛି। ପାଲଘର ଜିଲାରେ ପ୍ରବଳ ବର୍ଷା ସାଙ୍ଗକୁ ପୁନେର ଲୋନାଭାଲା ହିଲ୍‌ଷ୍ଟେଶନରେ ରେଳଲାଇନ କ୍ଷତିଗ୍ରସ୍ତ ହୋଇଥିବାରୁ ସକାଳେ ୨୭ଟି ଦୂରଗାମୀ ଟ୍ରେନ୍ ଚଳାଚଳକୁ ବାତିଲ କରିଦିଆଯାଇଥିଲା। ସେହିପରି କେତେକ ସ୍ଥାନରେ ରେଳଲାଇନ ପାଣିରେ ବୁଡ଼ି ରହିଥିବାରୁ ଅନ୍ୟ କେତେକ ଟ୍ରେନ୍‌ର ଚଳାଚଳକୁ ସଂକ୍ଷିପ୍ତ କରାଯାଇଥିଲା। ସେହିପରି କରଜାଟ ଏବଂ ଲୋନାଭାଲା ମଧ୍ୟବର୍ତ୍ତୀ ପଶ୍ଚିମଘାଟ ସେକ୍ସନ୍‌ରେ ଏକ ମାଲବାହୀ ଟ୍ରେନ ଲାଇନଚ୍ୟୁତ ହେବାରୁ ଉକ୍ତ ଲାଇନରେ ଟ୍ରେନ ଚଳାଚଳ ବ୍ୟାହତ ହୋଇଥିଲା। ମୁମ୍ବାଇ ଓ ପୁନେ ମଧ୍ୟରେ ଯାତାୟାତ କରୁଥିବା ସଟଲ୍ ଟ୍ରେନଗୁଡ଼ିକର ଚଳାଚଳ ମଧ୍ୟ ବ୍ୟାହତ ହୋଇଥିଲା। ସୋମବାର ହଜାର ହଜାର ସରକାରୀ ଓ ଘରୋଇ କର୍ମଚାରୀ ବର୍ଷା ଯୋଗୁ କାର୍ଯ୍ୟରେ ଯୋଗ ଦେଇପାରି ନାହାନ୍ତି। ରାସ୍ତାରେ ପଟ୍‌ହୋଲ୍ ଲୋକମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି ବୋଲି ଦୈନନ୍ଦିନ ୱେଷ୍ଟର୍ନ ଏକ୍ସପ୍ରେସ୍ ହାଇୱେରେ ଯାତାୟାତ କରୁଥିବା ଜଣେ ବ୍ୟକ୍ତି କହିଛନ୍ତି।

## କାବୁଲରେ ତାଲିବାନର ଆକ୍ରମଣ ବିସ୍ଫୋରଣରେ ୩୪ ମୃତ

**କାବୁଲ,୧୭(ଆଇଏଏନ୍‌ଏସ୍)**

ଆଫଗାନିସ୍ତାନ ରାଜଧାନୀ କାବୁଲରେ ସୋମବାର ସକାଳେ ଶକ୍ତିଶାଳୀ ବିସ୍ଫୋରଣରେ ୩୪ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୬୮ ଆହତ ହୋଇଛନ୍ତି। ଏଥିପାଇଁ ତାଲିବାନ୍ ନିଜକୁ ଦାୟୀ କରିଛି। ଆଫଗାନିସ୍ତାନରେ ଶାନ୍ତି ପ୍ରତିଷ୍ଠା ପାଇଁ କାତାରଠାରେ ଆମେରିକା ଏବଂ ତାଲିବାନ୍ ପ୍ରତିନିଧି ଦଳ ମଧ୍ୟରେ ସପ୍ତମ ପର୍ଯ୍ୟାୟ ଆଲୋଚନା ଜାରି ରହିଥିବା ସମୟରେ ଏହି ଆକ୍ରମଣ କରାଯାଇଛି। ତାଲିବାନ୍ ଉଗ୍ରପନ୍ଥୀମାନେ ପ୍ରଥମେ ବିସ୍ଫୋରକ ଭର୍ତ୍ତି ଏକ କାର୍‌କୁ ଉଡାଇଦେବା ସହିତ ନିରାପତ୍ତାରକ୍ଷୀଙ୍କ ଉପରକୁ ଗୁଳି ଚଳାଇଥିଲେ। ଆକ୍ରମଣସ୍ଥଳ ନିକଟରେ ପ୍ରତିରକ୍ଷା ମନ୍ତ୍ରଣାଳୟର ଏକ ଶାଖା କାର୍ଯ୍ୟାଳୟ, ସ୍ପୋର୍ଟସ ଷ୍ଟାଡିୟମ୍, ସୂଚନା ଓ ସଂସ୍କୃତି ମନ୍ତ୍ରଣାଳୟର ଶାଖା ଏବଂ ଅନ୍ୟାନ୍ୟ ଅଟ୍ଟାଳିକା ରହିଛି। ଏକ ନିର୍ମାଣାଧୀନ କୋଠାର ପ୍ରବେଶ ପଥରେ ପ୍ରଥମେ ବିସ୍ଫୋରଣ କରାଯିବାପରେ ଆତଙ୍କବାଦୀମାନେ ଏହା ଭିତରେ ପ୍ରବେଶ କରିଥିଲେ ଏବଂ ଏଥିରେ ଥିବା ଲୋକଙ୍କ ଉପରକୁ ଗୁଳି ଚଳାଇଥିଲେ। ଆକ୍ରମଣରେ ପ୍ରତିରକ୍ଷା ମନ୍ତ୍ରଣାଳୟର କେତେକ ଅଫିସର ଏବଂ ନିରାପତ୍ତା କର୍ମଚାରୀ ନିହତ ହୋଇଛନ୍ତି। ବିସ୍ଫୋରଣର ଶବ୍ଦ କିଛି କିଲୋମିଟର ପର୍ଯ୍ୟନ୍ତ ଶୁଭାଯାଇଥିଲା।

## ■ ଜମ୍ମୁ-କଶ୍ମୀରରେ ରାଷ୍ଟ୍ରପତି ଶାସନ ଅବଧି ବଢ଼ିଲା
# ପ୍ରସ୍ତାବ ରାଜ୍ୟ ସଭାରେ ଗୃହୀତ

**ନୂଆଦିଲ୍ଲୀ,୧୭(ପି.ଟି.)**



■ ବିଜେଡି, ଏସ୍‌ପିର ସମର୍ଥନ
■ ସଂରକ୍ଷଣ (ସଂଶୋଧନ) ବିଲ୍‌କୁ ମଞ୍ଜୁରୀ

ଜମ୍ମୁ-କଶ୍ମୀରରେ ରାଷ୍ଟ୍ରପତି ଶାସନ କାର୍ଯ୍ୟକାଳ ଆଉ ୬ ମାସ ବଢ଼ାଇବା ପ୍ରସ୍ତାବ ସୋମବାର ରାଜ୍ୟସଭାରେ ଗୃହୀତ ହୋଇଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ଉକ୍ତ ପ୍ରସ୍ତାବ ଆଗତ କରିଥିଲେ। ଚଳିତ ବର୍ଷ ଶେଷ ସୁଦ୍ଧା ଜମ୍ମୁ-କଶ୍ମୀରରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବାରୁ ରାଷ୍ଟ୍ରପତି ଶାସନ ମିଆଦ ବଢ଼ାଇବା ଆବଶ୍ୟକ ପଡୁଛି ବୋଲି ସେ କହିଥିଲେ। ପ୍ରସ୍ତାବକୁ ବିଜେଡି ଏବଂ ସମାଜବାଦୀ ପାର୍ଟି (ଏସ୍‌ପି) ସମର୍ଥନ ଜଣାଇଥିଲେ। ଜୁଲାଇ ୩ରୁ ଆଉ ୬ ମାସ ପାଇଁ ଲାଗୁ ହେବାକୁ ଥିବା ରାଷ୍ଟ୍ରପତି ଶାସନ ପ୍ରସ୍ତାବ ଗତ ଶୁକ୍ରବାର ଲୋକ ସଭାର ଅନୁମୋଦନ ଲାଭ କରିଥିଲା।

ବିଧାନସଭା ନିର୍ବାଚନ ବିଳମ୍ବକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇବାରୁ ଶାହ କହିଥିଲେ, ପୂର୍ବରୁ କେବେ ରମଜାନ ମାସରେ ଜମ୍ମୁ-କଶ୍ମୀରରେ ନିର୍ବାଚନ ହୋଇ ନଥିଲା। ଜୁନ୍ ୩୦ରୁ ଅଗଷ୍ଟ ୧୫ ପର୍ଯ୍ୟନ୍ତ ଅମରନାଥ ଯାତ୍ରା ଏବଂ ଅକ୍ଟୋବର ପର୍ଯ୍ୟନ୍ତ ବକରୱାଲ ସମ୍ପ୍ରଦାୟ ପର୍ବତାରୋହଣରେ ଯାଉଥିବାରୁ ଏହା ପରେ ନିର୍ବାଚନ କରିବାକୁ ନିର୍ବାଚନ କମିଶନ ନିଷ୍ପତ୍ତି ନେଇଛନ୍ତି।

ସେହିପରି ରାଜ୍ୟ ସଭାରେ ଶାହ ଆଣିଥିବା ଜମ୍ମୁ-କଶ୍ମୀର ସଂରକ୍ଷଣ (ସଂଶୋଧନ) ବିଲ୍, ୨୦୧୯ ମଧ୍ୟ ବାଚନିକ ଭୋଟରେ ଗୃହୀତ ହୋଇଯାଇଛି। ଏହି ବିଲ୍ ମଧ୍ୟ ପୂର୍ବରୁ ଲୋକ ସଭାରେ ଗୃହୀତ ହୋଇଥିଲା।

## ପାକିସ୍ତାନ ଜେଲ୍‌ରେ ୨୬୧ ଭାରତୀୟ ବନ୍ଦୀ

**ଇସ୍‌ଲାମାବାଦ୍,୧୭(ପି.ଟି.):** ପାକିସ୍ତାନ ଜେଲ୍‌ରେ ଏବେ ୨୬୧ ଭାରତୀୟ ବନ୍ଦୀ ଅଛନ୍ତି। ସୋମବାର ପାକିସ୍ତାନ ପକ୍ଷରୁ ସେଠାରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତଙ୍କୁ ତାଲିକା ହସ୍ତାନ୍ତର କରାଯାଇଛି। ପାକିସ୍ତାନର ବୈଦେଶିକ କାର୍ଯ୍ୟାଳୟ କହିଛି, ୨୦୦୮ ମେ ୨୧ ରାଜିନାମା ଅନୁଯାୟୀ ଏଭଳି ତଥ୍ୟ ପ୍ରଦାନ କରାଯାଇଛି। ୨୬୧ ଜଣଙ୍କ ମଧ୍ୟରେ ୨୦୯ ମତ୍ସ୍ୟଜୀବୀ ଅଛନ୍ତି। ଅନୁରୂପଭାବେ ନୂଆଦିଲ୍ଲୀରେ ଅବସ୍ଥାପିତ ପାକିସ୍ତାନ ଉଚ୍ଚାୟୁକ୍ତଙ୍କୁ ସେଠାରେ ବନ୍ଦୀଥିବା ପାକିସ୍ତାନ ନାଗରିକଙ୍କ ତାଲିକା ପ୍ରଦାନ କରିବ ବୋଲି ପାକିସ୍ତାନର ବୈଦେଶିକ କାର୍ଯ୍ୟାଳୟ କହିଛି। ଚୁକ୍ତିରେ ଜାନୁୟାରୀ ପହିଲାରୁ ଜୁଲାଇ ପହିଲା ମଧ୍ୟରେ ପ୍ରତି ଦୁଇବର୍ଷରେ ଥରେ ଉଭୟ ଦେଶ ପରସ୍ପରକୁ ବନ୍ଦୀ ତାଲିକା ପ୍ରଦାନ କରିବେ।

## ୧୨ ଜେୟୁଡ଼ି ଓ ଜେଇଏମ୍ ସଦସ୍ୟଙ୍କୁ ଜେଲ ଦଣ୍ଡାଦେଶ

**ଲାହୋର,୧୭ (ପି.ଟି.)**

ପାକିସ୍ତାନର ପଞ୍ଜାବ ପ୍ରଦେଶରେ ଥିବା ଆତଙ୍କବିରୋଧୀ ଅଦାଲତ (ଏଟିସି) ନିଷିଦ୍ଧ ଜାମାତ୍ ଉଦ୍ ଦାୱା (ଜେୟୁଡ଼ି) ଓ ଜୈଶ-ଇ-ମହମ୍ମଦ ଆତଙ୍କବାଦୀ ସଙ୍ଗଠନର ୧୨ ସଦସ୍ୟଙ୍କୁ ସୋମବାର ୫ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ଆତଙ୍କବାଦୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରୁଥିବା ଅଭିଯୋଗ ଏମାନଙ୍କ ବିରୋଧରେ ରହିଥିଲା। ପଞ୍ଜାବ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଆତଙ୍କବିରୋଧୀ ଅଦାଲତରେ ହାଜର କରିବା ପରେ ଶୁଣାଣି ହୋଇଥିଲା। ଜେୟୁଡ଼ିର ୪ ସଦସ୍ୟ ଘର ଅଲି, ଜୁନୈଦ୍ ଇର୍ଶାଦ, ଇଜାଜ୍ ଅହମଦ ଓ ଅବଦୁଲ ଖଲିକ୍‌ଙ୍କୁ ୨ ବର୍ଷ ଲେଖାଏ ଜେଲ ଦଣ୍ଡ ସହ ଜରିମାନାଦେଶ ଦିଆଯାଇଛି। ସେହିଭଳି ୮ ସ୍ଥାନୀୟ ଜେଇଏମ୍ ସଦସ୍ୟଙ୍କୁ ଏଟିସି ଦୋଷୀ ସାବ୍ୟସ୍ତ କରି ୫ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ସେମାନେ ହେଲେ ଇଫ୍‌ତିକାର ଅହମଦ, ମୋହମ୍ମଦ ଅଜମଲ, ବିଲାଲ ମକ୍କି, ଅବରାର୍ ଅହମଦ ଓ ଇର୍ଫାନ୍ ଅହମଦ, ହାଫିଜୁଲ୍ଲାହ, ମଜହର ନୱାଜ ଓ ଅବଦୁଲ ଲତିଫ୍। ଅନ୍ତର୍ଜାତୀୟ ଚାପ ବଢ଼ିବାରୁ ପାକିସ୍ତାନ ଏଭଳି ଆତଙ୍କନିରୋଧୀ ଅଭିଯାନ ଚଳାଇଥିବା ଜଣାପଡ଼ିଛି। ଏପର୍ଯ୍ୟନ୍ତ ଇମ୍ରାନ୍ ଖାନ୍ ସରକାର ୧୦୦ରୁ ଅଧିକ ଆତଙ୍କବାଦୀଙ୍କୁ ଗିରଫ କରିଥିବା ପ୍ରକାଶ। ଏମାନଙ୍କ ମଧ୍ୟରେ ଜେଇଏମ୍ ମୁଖ୍ୟ ମାସୁଦ ଆଝାରଙ୍କ ପୁଅ, ଭାଇ ମଧ୍ୟ ସାମିଲ ଅଛନ୍ତି।

## ବୈବାହିକ ବଳାତ୍କାରକୁ ଛାଡ଼ପତ୍ରର କାରଣ ଭାବେ ନେବାକୁ ଆବେଦନ
# ହସ୍ତକ୍ଷେପ ଲାଗି ସୁପ୍ରିମକୋର୍ଟ ମନାକଲେ

**ନୂଆଦିଲ୍ଲୀ,୧୭**

ସ୍ତ୍ରୀଙ୍କ ଇଚ୍ଛା ବିରୋଧରେ ଯୌନସମ୍ପର୍କ ରଖିବା (ବୈବାହିକ ବଳାତ୍କାର)କୁ ଛାଡ଼ପତ୍ରର କାରଣ ଭାବେ ଗ୍ରହଣ କରିବା ଲାଗି ଆଇନ ଆଣିବା ଏବଂ ଏଭଳି ଘଟଣାରେ ଏତଲା ଦାଏର ଲାଗି ଗାଇଡଲାଇନ୍ସ ସ୍ପଷ୍ଟ କରିବା ଲାଗି କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ହୋଇଥିବା ଆବେଦନରେ ହସ୍ତକ୍ଷେପ କରିବାକୁ ସୁପ୍ରିମକୋର୍ଟ ସୋମବାର ମନା କରିଦେଇଛନ୍ତି। ଅନୁରୂପ ମାମଲା ଦିଲ୍ଲୀ ହାଇକୋର୍ଟରେ ବିଚାରାଧୀନ ଥିବାରୁ ସେଠାରେ ଆବେଦନ କରିବା ନିମନ୍ତେ ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଆବେଦନକାରୀ ଆଇନଜୀବୀ ଅନୁଜା କପୁରଙ୍କୁ କହିଛନ୍ତି।

ବୈବାହିକ ବଳାତ୍କାର ଓ ବୈବାହିକ ଅପରାଧକରଣ ରୋକିବା ପାଇଁ କୌଣସି ଆଇନ ନାହିଁ। ଏହା ସତ୍ତ୍ୱେ ବିବାହରେ ମହିଳାମାନଙ୍କ ମର୍ଯ୍ୟାଦା ରକ୍ଷା ଲାଗି ସୁପ୍ରିମକୋର୍ଟ ସମସ୍ତଙ୍କ କଲ୍ୟାଣ ଓ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରତିପକ୍ଷଙ୍କୁ ଉପଯୁକ୍ତ ନିର୍ଦ୍ଦେଶ ଦେବା ଉଚିତ। ତେଣୁ ସର୍ବୋଚ୍ଚ ଅଦାଲତ ଆବେଦନର ଶୁଣାଣି କରି ସରକାରଙ୍କୁ ନିର୍ଦ୍ଦେଶ ଦେବା ଲାଗି ପିଟିଶନର ଯୁକ୍ତି ବାଢ଼ିଥିଲେ। ବୈବାହିକ ଜୀବନରେ ବଳାତ୍କାର ରୋକିବା ସମୟର ଆବଶ୍ୟକତା ବୋଲି ସେ କହିଥିଲେ। କାରଣ ଏହା ମଧ୍ୟ ମହିଳାଙ୍କ ମୌଳିକ ତଥା ଆଇନଗତ ଅଧିକାରର ଉଲ୍ଲଂଘନ ବୋଲି ଭାବିବା ଲଗି ମହିଳାମାନଙ୍କ ପାଇଁ ସମୟ ଆସିଛି ବୋଲି ଆବେଦନକାରୀ କହିଛନ୍ତି।

## ■ ଅଧ୍ୟକ୍ଷ ପଦ ଛାଡ଼ିବା ନିଷ୍ପତ୍ତିରେ ରାହୁଲ ଅଟଳ
# ମନାଇବାରେ ୫ ମୁଖ୍ୟମନ୍ତ୍ରୀ ବିଫଳ

**ନୂଆଦିଲ୍ଲୀ,୧୭(ଆଇଏଏନ୍‌ଏସ୍)**

ଲୋକ ସଭା ନିର୍ବାଚନରେ କଂଗ୍ରେସର ପରାଜୟ ପରେ ଅଧ୍ୟକ୍ଷ ପଦ ଛାଡିବା ନିଷ୍ପତ୍ତିରେ ରାହୁଲ ଗାନ୍ଧୀ ଅଟଳ ରହିଛନ୍ତି। ସୋମବାର ତାଙ୍କୁ ମନାଇବାକୁ ଉଦ୍ୟମ କରି ୫ କଂଗ୍ରେସ ମୁଖ୍ୟମନ୍ତ୍ରୀ ୯୦ ମିନିଟ ଧରି ଆଲୋଚନା କରିବା ସହ ବିଫଳ ହୋଇଛନ୍ତି। ନିର୍ବାଚନରେ ପରାଜୟ ନୂଆ କଥା ନୁହେଁ ବୋଲି ସେମାନେ ରାହୁଲଙ୍କୁ ବୁଝାଇଥିଲେ। ରାହୁଲ ଆମ କଥା ଶୁଣିଛନ୍ତି ଏବଂ ଠିକ୍ ସମୟରେ ନିଷ୍ପତ୍ତି ନେବେ ବୋଲି ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଗଣମାଧ୍ୟମକୁ କହିଛନ୍ତି। ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ଦିନ ସେ ଏବଂ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଳନାଥ ସେମାନଙ୍କ ପଦରୁ ଇସ୍ତଫା ଦେବା ଲାଗି ପ୍ରସ୍ତାବ ଦେଇଥିଲେ ବୋଲି ଗେହଲଟ ଖବରଦାତାଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି। ତେବେ ଦଳ ନେତୃତ୍ୱ ନିଷ୍ପତ୍ତି ହାଇକମାଣ୍ଡ ନେବେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ, ଛତିଶଗଡ ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲ ଏବଂ ପୁଡୁଚେରୀ ମୁଖ୍ୟମନ୍ତ୍ରୀ ଭି. ନାରାୟଣସ୍ୱାମୀ ରାହୁଲଙ୍କୁ ଭେଟିଥିଲେ। ରାହୁଲ ତାଙ୍କ ନିଷ୍ପତ୍ତି ସ୍ପଷ୍ଟ କରିଦେଇଥିବା ପାର୍ଲାମେଣ୍ଟରେ ଖବରଦାତାମାନଙ୍କୁ କହିଛନ୍ତି।



ରାହୁଲ ଗାନ୍ଧୀଙ୍କୁ ଭେଟିବା ପରେ ପୁଡୁଚେରୀ ମୁଖ୍ୟମନ୍ତ୍ରୀ ଭି. ନାରାୟଣସ୍ୱାମୀ, ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ, ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଳନାଥ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲ ଫେରୁଛନ୍ତି।

## ଜାପାନୀ ଏନ୍‌ସେଫାଲାଇଟିସ ମୃତ୍ୟୁ ସଂଖ୍ୟା ୨୧କୁ ବୃଦ୍ଧି

**ଗୁଆହାଟୀ,୧୭(ଆଇଏଏନ୍‌ଏସ୍)**

ଆସାମରେ ଜାପାନୀ ଏନ୍‌ସେଫାଲାଇଟିସରେ ୨୧ ଜଣଙ୍କର ମୃତ୍ୟୁ ଘଟିଲାଣି। ପରିସ୍ଥିତି ଅନୁଧ୍ୟାନ ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅତିରିକ୍ତ ସଚିବ ସଞ୍ଜୀବ କୁମାରଙ୍କ ନେତୃତ୍ୱରେ ସେଠାକୁ ଏକ ଟିମ୍ ପଠାଇଛି। ଏହି ଟିମ୍‌ରେ ଜୀବାଣୁ ଓ ଭୂତାଣୁ ଜନିତ ରୋଗ ନିୟନ୍ତ୍ରଣ ଜାତୀୟ କାର୍ଯ୍ୟକ୍ରମର ବରିଷ୍ଠ ଅଧିକାରୀମାନେ ରହିଛନ୍ତି। ଗତ ତିନି ମାସରେ ଆସାମରେ ମୋଟ ୬୯ ଜାପାନୀ ଏନ୍‌ସେଫାଲାଇଟିସ୍ ରୋଗୀ ପଞ୍ଜୀକୃତ ହୋଇଥିବାବେଳେ ସେଥିରୁ ୨୧ ଜଣଙ୍କ ମୃତ୍ୟୁ ଘଟିଛି। ପରିସ୍ଥିତି ଏବେ ନିୟନ୍ତ୍ରଣାଧୀନ ରହିଛି। ଶିଶୁମାନଙ୍କୁ ଟିକାକରଣ କାର୍ଯ୍ୟକ୍ରମରେ ସାମିଲ କରାଯାଇଥିବାବେଳେ ବୟସ୍କଙ୍କ ଲାଗି ଏଭଳି କାର୍ଯ୍ୟକ୍ରମର ଆବଶ୍ୟକତା ରହିଥିବା ସଞ୍ଜୀବ କୁମାର କହିଛନ୍ତି।

## ■ ସଙ୍କଟ ଆଡ଼କୁ ମୁହାଁଉଛି କୁମାରସ୍ୱାମୀ ସରକାର
# ଦୁଇ କଂଗ୍ରେସ ବିଧାୟକଙ୍କ ଇସ୍ତଫା

**ବେଙ୍ଗାଲୁରୁ,୧୭(ଆଇଏଏନ୍‌ଏସ୍)**

କର୍ଣ୍ଣାଟକ ବିଧାନସଭାରୁ ୨ ଜଣ କଂଗ୍ରେସ ବିଧାୟକ ଇସ୍ତଫା ଦେବା ଫଳରେ ଏଚ୍.ଡି. କୁମାରସ୍ୱାମୀ ସରକାର ସଙ୍କଟ ଆଡ଼କୁ ମୁହାଁଉଛି। ବିଦ୍ରୋହୀ ବିଧାୟକ ରମେଶ ଜରକିହୋଲି ଏବଂ ଆନନ୍ଦ ସିଂ ସୋମବାର ସେମାନଙ୍କ ଇସ୍ତଫାପତ୍ର ବାଚସ୍ପତିଙ୍କ ନିକଟକୁ ପଠାଇ ଦେଇଛନ୍ତି। ତାଙ୍କୁ କ୍ୟାବିନେଟରୁ ବାଦ୍ ଦେଇ କଂଗ୍ରେସ ଦଳ ତାଙ୍କ ବରିଷ୍ଠତାକୁ ଅଣଦେଖା କରିଥିବା ଜରକିହୋଲି ଇସ୍ତଫାପତ୍ରରେ ଦର୍ଶାଇଛନ୍ତି। ଜରକିହୋଲି ଗୋକକ୍ ଆସନରୁ ବିଧାୟକ ଅଛନ୍ତି।

ସେହିପରି ବିଜୟନଗରର କଂଗ୍ରେସ ବିଧାୟକ ଆନନ୍ଦ ସିଂ ସୋମବାର ତାଙ୍କ ଇସ୍ତଫାପତ୍ର ବାଚସ୍ପତିଙ୍କ ପାଖକୁ ପଠାଇଥିଲେ। ଅନ୍ୟପକ୍ଷରେ କୌଣସି ଇସ୍ତଫାପତ୍ର ପାଇ ନ ଥିବା ବାଚସ୍ପତି କହିଛନ୍ତି। ରାଜ୍ୟପାଳ ବଜୁଭାଇ ଭାଲାଙ୍କୁ ଭେଟିବା ପରେ ଗଣମାଧ୍ୟମକୁ ତାଙ୍କ ଇସ୍ତଫାର କାରଣ ସମ୍ପର୍କରେ ଜଣାଇବେ ବୋଲି ଆନନ୍ଦ କହିଛନ୍ତି। ବେଲାରୀରେ ୩୬୬୭ ଏକର ଜମି ଜେଏସ୍‌ଡବ୍ଲୁ ଷ୍ଟିଲ୍ କମ୍ପାନୀକୁ ବିକ୍ରି ଲାଗି ମେଣ୍ଟ ସରକାରଙ୍କ ଯୋଜନାକୁ ବିରୋଧ କରି ଆନନ୍ଦ ଇସ୍ତଫା ଦେଇଥିବା କୁହାଯାଉଛି। କିଛିଦିନ ପୂର୍ବରୁ ଏକ ଖବରଦାତା ସମ୍ମିଳନୀରେ ସେ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍‌କୁ ଜମି ବିକ୍ରିର ପ୍ରତିବାଦ କରିଥିଲେ। ଦଳ ଅପେକ୍ଷା ଜିଲା ସ୍ୱାର୍ଥର ସୁରକ୍ଷା ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ଆନନ୍ଦ ଭାଜପାରେ ଯୋଗଦେଇପାରନ୍ତି ବୋଲି ଅନୁମାନ କରାଯାଉଛି। ଗତବର୍ଷ କଂଗ୍ରେସ ଦଳରେ ମତଭେଦ ଚରମ ସୀମାରେ ପହଞ୍ଚିଥିବାବେଳେ ଆନନ୍ଦ କୁଆଡେ ଅନ୍ତର୍ଦ୍ଧାନ ହୋଇଯାଇଥିଲେ। ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ନଥିଲା। ଗତ ଜାନୁୟାରୀରେ ବେଙ୍ଗାଲୁରୁ ଉପକଣ୍ଠର ଏକ ରିସୋର୍ଟରେ ତାଙ୍କର ଅନ୍ୟତମ କଂଗ୍ରେସ ବିଧାୟକ ଜେ.ଏନ୍. ଗଣେଶଙ୍କ ସହ ଧସ୍ତାଧସ୍ତି ହୋଇଥିଲା ଏବଂ ସେ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। କଂଗ୍ରେସର ଆଉ ୬ ବିଧାୟକ ଦଳ ବିରୋଧରେ ବିଦ୍ରୋହ ଯୋଜନା କରୁଥିବା ଖବର ପ୍ରକାଶ ପାଇଛି।

ଅନ୍ୟପକ୍ଷରେ ନ୍ୟୁଜର୍ସିରେ କାଳଭୈରବେଶ୍ୱର ମନ୍ଦିରର ଶିଳାନ୍ୟାସ ପାଇଁ ଆମେରିକା ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ କୁମାରସ୍ୱାମୀ ଟୁଇଟ୍ କରି ଏଥିଲାଗି ଭାଜପାକୁ ଦାୟୀ କରିଛନ୍ତି। ସରକାରରେ ଅସ୍ଥିରତା ସୃଷ୍ଟି ଲାଗି ଗୈରିକ ଦଳ ଦିବାସ୍ୱପ୍ନ ଦେଖୁଥିବା ସେ କହିଛନ୍ତି। ତେବେ ମେଣ୍ଟ ସରକାରରେ ଅସ୍ଥିରତା ସୃଷ୍ଟି ଅଭିଯୋଗକୁ ପୂର୍ବରୁ ଅସ୍ୱୀକାର କରିଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ଭାଜପା ସଭାପତି ବି.ଏସ୍.ୟେଦ୍ୟୁରପ୍ପା କଂଗ୍ରେସରୁ ଅଧିକ ବିଧାୟକ ଇସ୍ତଫା ଦେବେ ବୋଲି ପୂର୍ବାନୁମାନ କରିଛନ୍ତି। ମେଣ୍ଟକୁ ନେଇ ୨୦ ବିଧାୟକ ଅସନ୍ତୁଷ୍ଟ ରହିଛନ୍ତି। ଆଗକୁ କ'ଣ ହେଉଛି ଦେଖିବାକୁ ଅପେକ୍ଷା କରିବୁ ବୋଲି ସେ କହିଛନ୍ତି। ଦୁଇ ବିଧାୟକଙ୍କ ଇସ୍ତଫା ପରେ ରାଜ୍ୟ ବିଧାନସଭାରେ ଭାଜପାର ୧୦୪ ବିଧାୟକ ଥିବାବେଳେ କଂଗ୍ରେସର ୭୮ ଓ ଜେଡିଏସ୍‌ର ୩୭ ବିଧାୟକ ରହିଛନ୍ତି। ଜଣେ ବିଏସ୍‌ପି ଏବଂ ଜଣେ ସ୍ୱାଧୀନ ବିଧାୟକ ମେଣ୍ଟ ସରକାରକୁ ସମର୍ଥନ ଦେଉଛନ୍ତି।

## 'ସୂର୍ଯ୍ୟବଂଶୀ'ରେ ଅକ୍ଷୟଙ୍କ ଷ୍ଟଣ୍ଟ୍

**ମୁମ୍ବାଇ:** ଆକ୍ସନ ପାଇଁ ବଲିଉଡରେ ପ୍ରସିଦ୍ଧି ଅର୍ଜନ କରିବା ସହିତ ଦୀର୍ଘ ୩ ଦଶନ୍ଧି ଧରି ଦର୍ଶକଙ୍କ ପ୍ରଶଂସାଭାଜନ ହୋଇପାରିଛି ବୋଲି ବଲିଉଡ ଅଭିନେତା ଅକ୍ଷୟ କୁମାର ପ୍ରକାଶ କରିଛନ୍ତି। ୫୧ ବର୍ଷୀୟ ଏହି କଳାକାର ୧୯୯୧ରେ 'ସୌଗନ୍ଧ'ରୁ କ୍ୟାରିୟର ଆରମ୍ଭ କରିଥିଲେ। ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ଆକ୍ସନ୍ ଷ୍ଟାରଙ୍କ ମଧ୍ୟରୁ ଅକ୍ଷୟ କୁମାର ଅନ୍ୟତମ। 'ଖିଲାଡି' ସିରିଜ୍‌ରେ ତାଙ୍କ ଭିନ୍ନ ରୁଚିର କଳାର ପରିଚୟ ମିଳିଥାଏ। 'ଖିଲାଡି', 'ମେଁ ଖିଲାଡି ତୁ ଅନାଡି', 'ସବ୍‌ସେ ବଡା ଖିଲାଡି', 'ଖିଲାଡିଓଁ କା ଖିଲାଡି', 'ଇଣ୍ଟରନ୍ୟାଶନାଲ ଖିଲାଡି', 'ଖିଲାଡି ୪୨୦' ଏବଂ 'ଖିଲାଡି ୭୮୬' ଆଦି ସିରିଜରେ ଅକ୍ଷୟଙ୍କ କଳାତ୍ମକ ପ୍ରଦର୍ଶନର ପରିଚୟ ଦେଖିବାକୁ ମିଳେ।



ଅକ୍ଷୟ ବର୍ତ୍ତମାନ ରୋହିତ ଶେଟ୍ଟୀଙ୍କ ନିର୍ଦ୍ଦେଶିତ 'ସୂର୍ଯ୍ୟବଂଶୀ'ରେ ଅଭିନୟ କରୁଛନ୍ତି। ଅଭିନୟ ଆରମ୍ଭରୁ ଆକ୍ସନ ତାଙ୍କର ଜୀବନ ରେଖା ବୋଲି ସେ କହିଛନ୍ତି। 'ସୂର୍ଯ୍ୟବଂଶୀ'ରେ କିଛି ଷ୍ଟଣ୍ଟ କରିଥିବାର ଭିଡିଓ ସେ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି।

ଦୀର୍ଘ ୯ ବର୍ଷର ବ୍ୟବଧାନ ପରେ ଅକ୍ଷୟ ତାଙ୍କର ଦୀର୍ଘ ଦିନର ସହଯୋଗୀ କାଟ୍ରିନା କୈଫ୍‌ଙ୍କ ସହିତ 'ସୂର୍ଯ୍ୟବଂଶୀ'ରେ ଏକତ୍ର ହେବାର ସୁଯୋଗ ପାଇଛନ୍ତି। ଏହି ଫିଲ୍ମ ୨୦୨୦ ମାର୍ଚ୍ଚ ୨୭ରେ ରିଲିଜ ହେବାର ଅଛି।




# ଢେଙ୍କାନାଳରେ ଯୋଡ଼ାଶିଶୁ ଜନ୍ମ

ଢେଙ୍କାନାଳ ଅଫିସ/ କଟକ ଅଫିସ,୧୭

ଚିକିତ୍ସା ବିଜ୍ଞାନର ଚମତ୍କାରିତା ଯୋଗୁ ଅସ୍ତ୍ରୋପଚାର ପରେ ଆରୋଗ୍ୟ ଲାଭ କରିଛନ୍ତି କନ୍ଧମାଳର ଯୋଡ଼ାମୁଣ୍ଡ ଶିଶୁ ଜଗା-କାଳିଆ। ଏହାକୁ ନେଇ ଚର୍ଚ୍ଚାର ଅବସାନ ହୋଇ ନ ଥିବାବେଳେ ଏବେ ଢେଙ୍କାନାଳରେ ଜନ୍ମ ନେଇଛନ୍ତି ଶରୀର ଯୋଡ଼ି ହୋଇ ରହିଥିବା ଯାଆଁଳା ଶିଶୁକନ୍ୟା। ଅବସ୍ଥା ଗୁରୁତର ଥିବାରୁ ନବଜାତକଙ୍କୁ କଟକ ଶିଶୁଭବନ ଏସ୍ଏନ୍ସିୟୁରେ ଭର୍ତ୍ତି କରାଯାଇଛି। ପ୍ରାଥମିକ ପରୀକ୍ଷାରୁ ଉଭୟଙ୍କ ଗୋଟିଏ ହୃତ୍‌ପିଣ୍ଡ ଥିବା ଜଣାପଡ଼ିବା ପରେ ଚିନ୍ତାରେ ପଡ଼ିଛନ୍ତି ପରିବାର ଏବଂ ଡାକ୍ତର।

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ସୋମବାର ପୂର୍ବାହ୍ନ ସାଢ଼େ ୧୦ଟାରେ ପ୍ରସବ ଲାଗି ଭର୍ତ୍ତି ହୋଇଥିଲେ ପରଜଙ୍ଗ ଥାନା ଖାଲପାଳ ଗ୍ରାମର ପ୍ରଦୀପ ବେହେରା (୩୧)ଙ୍କ ସ୍ତ୍ରୀ ରେଣୁବାଳା (୨୫)। ତାଙ୍କର ୬ବର୍ଷର ଏକ ପୁତ୍ର ସନ୍ତାନ ରହିଥିବାବେଳେ ଏହା ଥିଲା ତାଙ୍କର ଦ୍ୱିତୀୟ ଗର୍ଭ। ମଧ୍ୟାହ୍ନ ୧୨ଟା ୫୫ରେ ସେ ଉକ୍ତ ଯୋଡ଼ା ଶିଶୁଙ୍କୁ ଜନ୍ମ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ପ୍ରସନ୍ନଜିତ କର ଅସ୍ତ୍ରୋପଚାର ମାଧ୍ୟମରେ ପ୍ରସବ କରାଇଥିଲେ। ଉଭୟଙ୍କ ଅସ୍ୱାଭାବିକ ଶାରୀରିକ ଗଠନକୁ ନେଇ ଚିନ୍ତାରେ ପଡ଼ିଥିଲେ ଡାକ୍ତର। କାରଣ ଯୋଡ଼ା ଶିଶୁଙ୍କ ଛାତିରୁ ନାଭି ଯାଏ ଯୋଡ଼ି ହୋଇରହିଛି। ଉଭୟଙ୍କ ଓଜନ ୪ କେଜି ୩୦୦ ଗ୍ରାମ ରହିଛି। ସେମାନଙ୍କୁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରର ଏସ୍ଏନ୍ସିୟୁ ପ୍ରକୋଷ୍ଠରେ ରଖାଯାଇଥିଲା। ସେଠାରେ ଆବଶ୍ୟକ ଚିକିତ୍ସା ସୁବିଧା ଉପଲବ୍ଧ ନ ଥିବାରୁ ଉଭୟଙ୍କୁ କଟକ ଶିଶୁ ଭବନକୁ ସ୍ଥାନାନ୍ତର କରାଯାଇଛି।

ଏ ସଂକ୍ରାନ୍ତରେ ଜିଲା ଶିଶୁ ବିଭାଗ ବିଶେଷଜ୍ଞ ଡା. ସନ୍ତୋଷ ସାହୁ କୁହନ୍ତି, ନବଜାତ ଶିଶୁ କନ୍ୟା ଦୁହିଁଙ୍କ ଛାତିରୁ ପେଟ ଯାଏ ଯୋଡ଼ି ହୋଇରହିଛି। ସାଲାଇନ ଓ ଅକ୍ସିଜେନ ଦିଆଯିବା ପରେ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ୱାଭାବିକ ହୋଇଥିଲା। ସର୍ଜରି ଆବଶ୍ୟକ ଥିବାରୁ ସେମାନଙ୍କୁ କଟକ ଶିଶୁ ଭବନକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନିରଞ୍ଜନ ମିଶ୍ର କୁହନ୍ତି, କଟକ ଶିଶୁ ଭବନ ବିଶେଷଜ୍ଞଙ୍କ ସହ ଆଲୋଚନା କରାଯିବା ପରେ ହିଁ ପରବର୍ତ୍ତୀ ପଦକ୍ଷେପ ନିଆଯାଇପାରିବ। ଏ ନେଇ କଟକ ଶିଶୁ ଭବନ ଅଧୀକ୍ଷକ ପ୍ରଫେସର ସରୋଜ ଶତପଥୀ କୁହନ୍ତି, ଯୋଡ଼ାଶିଶୁଙ୍କ ଶାରୀରିକ ଗଠନ ଅତ୍ୟନ୍ତ ଜଟିଳ। ଗୋଟିଏ ହୃତ୍‌ପିଣ୍ଡ ଥିବାରୁ ସର୍ଜରି କରିବା ମଧ୍ୟ ସହଜ ହେବନାହିଁ। ଯଦି ବା ସର୍ଜରି କରାଯାଏ, ତେବେ ଏଥିରେ ଆରୋଗ୍ୟ ଲାଭ କରିବା ସମ୍ଭାବନା କମ୍। ପ୍ରାଥମିକ ପର୍ଯ୍ୟାୟରେ ମେଡିସିନ ଏବଂ ସର୍ଜରି ବିଭାଗ ଡାକ୍ତରଙ୍କ ମିଳିତ ତତ୍ତ୍ୱାବଧାନରେ ନବଜାତକଙ୍କ ଚିକିତ୍ସା ଚାଲିଛି। ମଙ୍ଗଳବାର ଏଥିପାଇଁ ଉଚ୍ଚସ୍ତରୀୟ ଡାକ୍ତରୀ ଦଳ ଗଠନ କରାଯିବ। ଆବଶ୍ୟକ ଅନୁଯାୟୀ ଚିକିତ୍ସାରେ ସମସ୍ତ ସହଯୋଗ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

କନ୍ଧମାଳର ଯୋଡ଼ାମୁଣ୍ଡ ଶିଶୁ ଜଗା-କାଳିଆଙ୍କ ଅସ୍ତ୍ରୋପଚାର ସଫଳତାର ସହ ଦିଲ୍ଲୀ ଏମ୍ସରେ କରାଯାଇଛି। ପ୍ରଦୀପ ଜଣେ ଜେସିବି ଚାଳକ। ପରିବାରର ଆର୍ଥିକ ସ୍ଥିତି ମଧ୍ୟ ସେତେଟା ସ୍ୱଚ୍ଛଳ ନୁହେଁ। ଏପରି ସ୍ଥିତିରେ ଝିଅଙ୍କ ଚିକିତ୍ସା ଲାଗି ସହାୟତାର ହାତ ବଢ଼ାଇବାକୁ ସେ ସରକାରଙ୍କୁ ନିବେଦନ କରିଛନ୍ତି।

**ଶରୀର ଦୁଇ, ହୃଦୟ ଏକ**



- ପେଟରୁ ଛାତି ଯାଏ ଯୋଡ଼ି ହୋଇରହିଛି
- ବିରଳ ଶାରୀରିକ ଗଠନ, ସ୍ୱାସ୍ଥ୍ୟାବସ୍ଥା ଗୁରୁତର
- କଟକ ଶିଶୁ ଭବନରେ ଭର୍ତ୍ତି କରାଗଲା
- ଚିକିତ୍ସା ତଦାରଖ କରିବେ ଉଚ୍ଚସ୍ତରୀୟ ଡାକ୍ତରୀ ଦଳ

# ଆଜି ନବଯୌବନ ଦର୍ଶନ

ପୁରୀ ଅଫିସ, ୧୭

ଶେଷ ହୋଇଛି ମହାପ୍ରଭୁଙ୍କ ୧୪ ଦିନର ଅଣସର। ଅଗଣିତ ଭକ୍ତଙ୍କୁ ଦର୍ଶନ ଦେବା ଲାଗି ପ୍ରସ୍ତୁତ ହୋଇସାରିଛନ୍ତି ଚତୁର୍ଦ୍ଧାବିଗ୍ରହ। ମଙ୍ଗଳବାର ମଧ୍ୟାହ୍ନରେ ଦଇତାପତିମାନେ ଚକା ଅପସାରଣ କରିବା ପରେ ଫିଟିବ ଅଣସର ତାଟି। ଏହାପରେ ଦାରୁବିଗ୍ରହଙ୍କ ନବଯୌବନ ଦର୍ଶନ ମିଳିବ। ଅନ୍ୟପଟେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ରଥ ନିର୍ମାଣ କାର୍ଯ୍ୟ। ବୁଧବାର ମହାପ୍ରଭୁଙ୍କ ଆଜ୍ଞାମାଳ ମିଳିବା ପରେ ରଥଖଳାରୁ ସିଂହଦ୍ୱାର ଅଭିମୁଖେ ଗଡ଼ିବ ତିନିରଥ। ଗୁରୁବାର ରଥଯାତ୍ରା। ଚତୁର୍ଦ୍ଧାବିଗ୍ରହ ରଥରେ ବିଜେ ହୋଇ ନବଦିନାତ୍ମକ ଯାତ୍ରାରେ ଯିବେ ଜନ୍ମବେଦୀ।

ମଙ୍ଗଳବାର ଅପରାହ୍ନ ସାଢେ ୨ଟାରେ ମହାପ୍ରଭୁଙ୍କ ନବଯୌବନ ଦର୍ଶନ ଆରମ୍ଭ ହେବ। ପରିମାଣିକ ଦର୍ଶନ ପରେ ଭକ୍ତଙ୍କ ସାହାଣମେଲା ତଥା ସର୍ବସାଧାରଣ ଦର୍ଶନ ହେବ। ଅପରାହ୍ନ ସାଢେ ୨ଟାରୁ ସାଢେ ୩ଟା ପର୍ଯ୍ୟନ୍ତ ପରିମାଣିକ ଦର୍ଶନ ଚାଲିବ। ପରିମାଣିକ ଟିକେଟ ମୂଲ୍ୟ ୧୦୦ ଟଙ୍କା ରଖାଯାଇଛି। ଗତବର୍ଷ ଅପେକ୍ଷା ଏଥର ୫୦ ଟଙ୍କା ବୃଦ୍ଧି କରାଯାଇଛି। ସୋମବାର ଶ୍ରୀମନ୍ଦିର ସୂଚନା କେନ୍ଦ୍ରରେ ପରିମାଣିକ ଟିକେଟ ବିକ୍ରି ଆରମ୍ଭ ହୋଇଛି। ପ୍ରାୟ ୫ହଜାର ଟିକେଟ ବିକ୍ରି ଲାଗି ସ୍ଥିର ହୋଇଛି। ପରିମାଣିକ ଟିକେଟଧାରୀ ଦକ୍ଷିଣ ଦ୍ୱାର ଦେଇ ପ୍ରବେଶ କରିବେ। ଭିତରକାଠ ନିକଟରେ ଟିକେଟଧାରୀ ଦର୍ଶନ କରିବେ। ସାଢେ ୩ଟାରୁ ସାଢେ ୪ଟା ପର୍ଯ୍ୟନ୍ତ ଭିତରକାଠ ନିକଟରୁ ସର୍ବସାଧାରଣ ବା ସାହାଣମେଲା ଦର୍ଶନ ହେବ। ଏହି ସମୟରେ ଶ୍ରଦ୍ଧାଳୁ ସିଂହଦ୍ୱାର ଦେଇ ଶ୍ରୀମନ୍ଦିରକୁ ଯିବେ ଏବଂ ଅନ୍ୟ ତିନିଦ୍ୱାର ଦେଇ ବାହାରକୁ ବାହାରିବେ।

- ଅପରାହ୍ନ ୨ଟାରେ ଫିଟିବ ଅଣସର ତାଟି
- ସାଢେ ୨ଟାରେ ପରିମାଣିକ ଦର୍ଶନ
- ସାଢେ ୩ଟାରେ ସାହାଣମେଲା ଦର୍ଶନ

## ଖଳି ଲାଗିହେଲେ ମହାପ୍ରଭୁ

ଶ୍ରୀମନ୍ଦିରରେ ସୋମବାର ମହାପ୍ରଭୁଙ୍କ ଖଳିଲାଗି ହୋଇଛି। ସୁଭଦ୍ରାଙ୍କ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାସମହାପାତ୍ରଙ୍କ ସୂଚନା ମୁତାବକ, ରବିବାର ରାତିରେ ମହାପ୍ରଭୁଙ୍କ ଘଣା କଟାଯାଇଥିଲା। ଏହାପରେ ପ୍ରଧାପନ ବୁଣାଟ ହୋଇ ଘଣାଲାଗି କରାଯାଇଥିଲା। ପାଟରା ସେବକଙ୍କଠାରୁ ଆସିଥିବା ନାଗନାଗୁଣୀ ଘଣା ଦାରୁବିଗ୍ରହଙ୍କ ଶରୀର (ପେଟ ଓ ଶ୍ରୀପୟର)ରେ ଲାଗି କରାଯାଇଥିଲା। ଗଡ଼ାବସ୍ତ୍ର ଦିଆଯାଇ ସିଲ୍ କରାଯାଇଥିଲା। ଏହି ନୀତି ବଢିବା ପରେ ଅଣସର ଶୁଦ୍ଧ ସୁଆରଙ୍କ ଘରୁ ଖଳି ହାଣ୍ଡି ଅଣାଯାଇ ଠାକୁରଙ୍କ ଶ୍ରୀଅଙ୍ଗରେ ଲାଗି କରାଯାଇଥିଲା। ଏହାପରେ ଶ୍ରୀମୁଖ ଓଡା କପଡ଼ା ପକାଯାଇଥିଲା। ଏହି ନୀତି ସମ୍ପନ୍ନ ପରେ ଦତ୍ତମହାପାତ୍ରଙ୍କ ଘରୁ ଅଣାଯାଇଥିବା ଖଡ଼ି ଲାଗି କରାଯାଇଥିଲା।

**ADMISSION GUIDANCE 2019-20**

**NIIS INSTITUTE OF INFORMATION SCIENCE & MANAGEMENT**
SARADA VIHAR, MADANPUR, BHUBANESWAR-752054
Permitted by Govt. of Odisha & Affiliated to Utkal University

+3 SCIENCE (Hons.) (Physics, Chemistry, Mathematics, Zoology, Botany)
+3 COMMERCE (Hons.) (Accounting & Management)
+3 ARTS (Hons.) (Economics, English, Political Sc., Psychology & Sociology)

SPECIAL FEATURES
- Expert & Experienced Facultymembers
- E-Library with DELNET
- Doubt Clearing Classes
- Scholarship for SC & ST Students
- Transport Facilities
- Spoken English
- Separate Furnished Hostel both Boys & Girls

Apply to SAMS Contact: 9778899990 / 9778899991 / 9438767679
Visit us: www.niisinst.com | Email: niisadmission2019@gmail.com



Honda Motorcycle and Scooter India Pvt. Ltd., Registered Office: Commercial Complex II, Sector - 49 - 50, Golf Course Extension Road, Gurugram - 122018 (Haryana), India; Website: www.honda2wheelersindia.com; Customer Care: customercare@honda2wheelersindia.com

Honda Exclusive Authorized Dealerships: BERHAMPUR: Om Honda - 9937229933, 0680-2229933; Swyam Honda - 0680-2271555, 7608008385; BHANJNAGAR: Omkar Honda - 9437382104, 06821-240140; BUGUDA: Ayam Honda - 06818-251775, 9668022339; ASKA: Dev Honda - 06822-273522, 8280114044; Purushottampur: ABS Honda - 06811-275800, 9937375589; PHULBANI: Manas Honda - 06842253452, 9437063452.
For Bulk/Institutional enquiries, please write us at: institutionalsales@honda2wheelersindia.com

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ପୁଟି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଆହୁରି ଦୁଇଦିନ ବର୍ଷିବ

**ଭୁବନେଶ୍ୱର, ୧୭(ବ୍ୟୁରୋ)**

- ୧୨ ଜିଲାକୁ ଏଲୋ ୱାର୍ନିଂ
- ଚାନ୍ଦବାଲିରେ ସର୍ବାଧିକ ୬୭ ମିମି ବର୍ଷା
- ଜୁନ୍‌ରେ ବର୍ଷା ପରିମାଣ ୩୧ ପ୍ରତିଶତ କମ୍


ରାଜଧାନୀରେ ବର୍ଷାର ଦୃଶ୍ୟ।

ଲଘୁଚାପ ପ୍ରଭାବରେ ସାରା ରାଜ୍ୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଜାରି ରହିଛି। ରବିବାରଠାରୁ ଆରମ୍ଭ ହୋଇଥିବା ବର୍ଷା କେତେବେଳେ ଛେରୁଛି ତ' ଆଉ କେତେବେଳେ ଝିପିଝିପି ହେଉଛି। ସୋମବାର ସୁଦ୍ଧା ଓଡ଼ିଶାର ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ଓ ଆଭ୍ୟନ୍ତରୀଣ ଅଞ୍ଚଳ ସବୁଠି ବର୍ଷା ଲାଗି ରହିଛି। ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଇତିମଧ୍ୟରେ ୱେଲ୍‌ମାର୍କ ଲୋ ପ୍ରେସରର ରୂପ ନେଇସାରିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଅବପାତର ରୂପ ନେବ। ଫଳରେ ୩ ତାରିଖ ଯାଏ ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷା ହେବ। ତେବେ ଉତ୍ତର ଦକ୍ଷିଣ ଓଡ଼ିଶାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ମଙ୍ଗଳବାର ପାଇଁ ଭାରତୀୟ ପାଣିପାଗ ବିଭାଗ ୧୨ ଜିଲାକୁ ଏଲୋ ୱାର୍ନିଂ ଜାରି କରିଛି। ଉକ୍ତ ଜିଲାଗୁଡ଼ିକ ହେଲା ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ନବରଙ୍ଗପୁର, ବରଗଡ଼, ନୂଆପଡ଼ା, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ। ବର୍ଷା ସମୟରେ ୪୦ ରୁ ୫୦ କିଲୋମିଟର ବେଗରେ ପବନ ବୋହିବ। ସମୁଦ୍ରକୁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ସତର୍କ କରାଯାଇଛି। ଅନ୍ୟପକ୍ଷରେ ଉପରମୁଣ୍ଡ ଓ ତଳମୁଣ୍ଡରେ ବର୍ଷା ହେବା ଯୋଗୁ ନଦୀର ଜଳସ୍ତର ବଢ଼ିବାର ସମ୍ଭାବନା ରହିଛି। ସମ୍ଭାବ୍ୟ ବନ୍ୟା ଓ ଜଳବନ୍ଦୀ ସ୍ଥିତିର ମୁକାବିଲା ଲାଗି ରାଜ୍ୟ ସରକାର ସମସ୍ତ ଜିଲାପାଳଙ୍କୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଅନ୍ୟପକ୍ଷରେ ସୋମବାର ସନ୍ଧ୍ୟା ସାଢ଼େ ୫ଟା ସୁଦ୍ଧା ଚାନ୍ଦବାଲିରେ ସର୍ବାଧିକ ୬୭ ମିଲି ମିଟର (ମିମି) ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ସେହିଭଳି ବାଲେଶ୍ୱରରେ ୪୫ମିମି, ପାରାଦୀପରେ ୨୨ମିମି, କଟକରେ ୨୧.୨ମିମି, ସୁନ୍ଦରଗଡ଼ ଓ ମାଲକାନଗିରିରେ ୧୪ମିମି, କେନ୍ଦୁଝରରେ ୧୨ମିମି, ଭୁବନେଶ୍ୱର ୧୦.୩ମିମି, ଅନୁଗୋଳ ଓ ବାରିପଦାରେ ୧୦ମିମି, ଝାରସୁଗୁଡ଼ା ୯ମିମି, ସମ୍ବଲପୁର ୭ମିମି, ତାଳଚେରରେ ୬ମିମି, ଫୁଲବାଣୀରେ ୨.୨ମିମି, ଗୋପାଳପୁର ଓ ସୋନପୁରରେ ୨ମିମି ଓ ପୁରୀରେ ୦.୧ମିମି ବର୍ଷା ହୋଇଛି। ଚଳିତ ବର୍ଷ ଜୁନ୍ ମାସରେ ଯେତିକି ବର୍ଷା ହେବା କଥା ସେତିକି ହୋଇନାହିଁ। ୩୧ ପ୍ରତିଶତ କମ୍ ବର୍ଷା ହୋଇଥିବା ପାଣିପାଗ ବିଭାଗ ସୂତ୍ରରୁ ଜଣାପଡିଛି। ବିଳମ୍ବରେ ମୌସୁମୀ ଆସିବା ଓ ଆରମ୍ଭରୁ ବର୍ଷା ନ ହେବା ଯୋଗୁ ଲୋକେ ଗରମ ଓ ଗୁଳୁଗୁଳିରେ ଛଟପଟ ହେଉଥିଲେ। ଏବେ ବର୍ଷା ଯୋଗୁ ସେଥିରୁ ଆଶ୍ୱସ୍ତି ମିଳିଥିଲେ ମଧ୍ୟ ବର୍ଷା ଲାଗି ରହିବା ଫଳରେ ସାଧାରଣ ଜନଜୀବନ ପ୍ରଭାବିତ ହୋଇଛି। ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

### ୮ରୁ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା

# ଆଜିଠୁ ମିଳିବ ଆଡମିଟ୍ କାର୍ଡ

**କଟକ ଅଫିସ,୧୭**

ଆସନ୍ତା ୮ତାରିଖରୁ ଆରମ୍ଭ ହେବାକୁ ଯାଉଛି ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା। ଏଥିପାଇଁ ଆଡମିଟ୍ କାର୍ଡ ମଙ୍ଗଳବାରଠାରୁ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ର ୱେବସାଇଟ www.bseodisha.ac.inରେ ଉପଲବ୍ଧ ହେବ। ଏହାକୁ ପରୀକ୍ଷାର୍ଥୀ ଡାଉନଲୋଡ କରିପାରିବେ ବୋଲି ପରୀକ୍ଷା ନିୟନ୍ତ୍ରକ ଡ. ନୀହାର ରଞ୍ଜନ ମହାନ୍ତି କହିଛନ୍ତି। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଦ୍ୱିତୀୟ ପର୍ଯ୍ୟାୟ ମଧ୍ୟ ସମାନ ଦିନରେ ଆରମ୍ଭ ହେବ। ଏହି ପରୀକ୍ଷାର୍ଥୀମାନଙ୍କ ଆଡମିଟ କାର୍ଡ ଜୁଲାଇ ୩ରେ ୱେବସାଇଟରେ ଉପଲବ୍ଧ ହେବ ବୋଲି ଡ. ମହାନ୍ତି କହିଥିଲେ। ସୂଚନାଥାଉ କି, ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଜୁଲାଇ ୮ରୁ ୧୪ ତାରିଖ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଦ୍ୱିତୀୟ ପର୍ଯ୍ୟାୟ ଜୁଲାଇ ୮ରୁ ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଚଳିତବର୍ଷ ୧୨୨ଟି ପରୀକ୍ଷା କେନ୍ଦ୍ରରେ ୨୭,୬୧୬ଜଣ ସପ୍ଲିମେଣ୍ଟାରୀ ପରୀକ୍ଷାର୍ଥୀ ଓ ୫୫ଟି ପରୀକ୍ଷା କେନ୍ଦ୍ରରେ ୯୦୩୩ଜଣ ପରୀକ୍ଷାର୍ଥୀ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ଦେବେ। ପରୀକ୍ଷାର୍ଥୀମାନେ ବୋର୍ଡର ୱେବସାଇଟ୍‌ରେ ନିଜ ପରୀକ୍ଷା କେନ୍ଦ୍ର ସମ୍ପର୍କରେ ମଧ୍ୟ ସୂଚନା ପାଇପାରିବେ।

# ଦୂରଦର୍ଶନରେ ରଥଯାତ୍ରାର ସିଧା ପ୍ରସାରଣ



ରଥଯାତ୍ରା ପ୍ରସାରଣ ସମ୍ପର୍କରେ ଅଧିକାରୀମାନେ ସୂଚନା ଦେଉଛନ୍ତି।

**ଭୁବନେଶ୍ୱର, ୧୭(ବ୍ୟୁରୋ)**

ଦୂରଦର୍ଶନରେ ଆସନ୍ତା ୪ତାରିଖ ଦିନ ବିଶ୍ୱ ପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ଯାତ୍ରାର ସିଧା ପ୍ରସାରଣ ହେବ। ଡିଡି ଓଡ଼ିଆରେ ସକାଳ ୮ଟା ୩୦ରୁ ରଥଟଣା ଶେଷ ପର୍ଯ୍ୟନ୍ତ, ଡିଡି ନ୍ୟାଶନାଲରେ ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଏବଂ ଡିଡି ଭାରତୀ, ଡିଡି ଇଣ୍ଡିଆ ଓ ଡିଡି ବଙ୍ଗଳାରେ ସକାଳ ସାଢ଼େ ୮ଟାରୁ ରଥଟଣା ଶେଷ ପର୍ଯ୍ୟନ୍ତ ପ୍ରସାରଣ ହେବ। ଓଡ଼ିଆ, ହିନ୍ଦୀ, ଇଂଲିଶ, ସଂସ୍କୃତ ତଥା ବଙ୍ଗଳା ଭାଷାରେ ଧାରା ବିବରଣୀ ସହ ପ୍ରସାରଣ କରାଯିବ। ନ୍ୟାଶନାଲ ଇନ୍‌ଫରମେଟିକ୍ସ ସେଣ୍ଟର ଦ୍ୱାରା ଶ୍ରୀଗୁଣ୍ଡିଚା ଯାତ୍ରାର ୱେବ୍‌କାଷ୍ଟ http://rathajatra.nic.in/rathjatra.htmlରେ ପ୍ରସାରିତ ହେବ। ସେହିପରି www.youtube.com/c/ddodisha ମାଧ୍ୟମରେ ରଥଯାତ୍ରାର ଲାଇଭ୍ ଷ୍ଟ୍ରିମିଙ୍ଗ କରାଯିବ। ହ୍ୱାଟ୍‌ସଆପ୍ ମାଧ୍ୟମରେ ଦର୍ଶକଙ୍କ ରଥଯାତ୍ରା ସମ୍ବନ୍ଧୀୟ ଜିଜ୍ଞାସା ତଥା ପ୍ରଶ୍ନର ଉତ୍ତର ବିଶେଷଜ୍ଞଙ୍କ ଦ୍ୱାରା ସିଧା ପ୍ରସାରଣ ସହ ସଂଯୋଗ କରାଯିବ। ଦର୍ଶକଙ୍କ ସକ୍ରିୟ ଅଂଶଗ୍ରହଣ ପାଇଁ ପ୍ରଶ୍ନୋତ୍ତରୀ ବ୍ୟବସ୍ଥା ହେବ। ୨ ତାରିଖ ପୂର୍ବାହ୍ନ ୧୧ଟା ୩୦ରେ ଏବଂ ସନ୍ଧ୍ୟା ୬ଟାରେ ଡିଡି ନ୍ୟାଶନାଲରେ ହିନ୍ଦୀରେ ରଥଯାତ୍ରା ପ୍ରସ୍ତୁତି ପର୍ବର ପ୍ରସାରଣ ହେବ। ସେହିପରି ଓଡ଼ିଆରେ ୩ ତାରିଖ ସକାଳ ସାଢ଼େ ୮ଟା ଓ ରାତି ୧୦ଟାରେ ପ୍ରସାରଣ ହେବ।

ସେହିପରି ୧୨ତାରିଖ ଦିନ ସକାଳ ୯ଟାରୁ ରଥଟଣା ଶେଷ ପର୍ଯ୍ୟନ୍ତ ବାହୁଡ଼ା ଯାତ୍ରାର ସିଧା ପ୍ରସାରଣ ହେବ। ୧୩ ତାରିଖ ଅପରାହ୍ନ ୪ଟାରୁ ସନ୍ଧ୍ୟା ୮ଟା ପର୍ଯ୍ୟନ୍ତ ସୁନାବେଶ, ୧୪ ତାରିଖ ସନ୍ଧ୍ୟା ୬ଟାରୁ ଅଧରପଣା, ୧୫ ତାରିଖ ଅପରାହ୍ନ ୪ରୁ ନୀଳାଦ୍ରିବିଜେର ସିଧା ପ୍ରସାରଣ ହେବ। ଡିଡି ଓଡ଼ିଆରେ ୨ତାରିଖ ଦିନ ସକାଳ ସାଢ଼େ ୮ଟା ଓ ରାତି ସାଢ଼େ ୮ଟାରେ ଗଜପତି ମହାରାଜଙ୍କ ସହିତ ଏକ ଅନ୍ତରଙ୍ଗ ଆଳାପର ପ୍ରସାରଣ ହେବ ବୋଲି ସୋମବାର ଦୂରଦର୍ଶନ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଏନେଇ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରୋଗ୍ରାମ ହେଡ୍ ନିଳାଦ୍ରୀ ମୋହନ ଶତପଥୀ, ଡେପୁଟି ଡାଇରେକ୍ଟର ଜେନେରାଲ(ଇଞ୍ଜିନିୟର) ଧ୍ରୁବ ନନ୍ଦ, ଭିଡିଓ ଏକ୍‌ଜିକ୍ୟୁଟିଭ୍ ପାର୍ଥସାରଥୀ ମିଶ୍ର, ପ୍ରୋଗ୍ରାମ ଏକ୍‌ଜିକ୍ୟୁଟିଭ୍ ଦିପ୍ତୀ ମିଶ୍ର ଓ ପ୍ରବୋଧ କୁମାର ପଟ୍ଟନାୟକ, ସିନିୟର ଆଡ଼ମିନିଷ୍ଟ୍ରେଟିଭ ଅଫିସର ନୃପଲାଲ ଚାନ୍ଦ, ଡାଇରେକ୍ଟର ଇଞ୍ଜିନିୟରିଂ ନିରଞ୍ଜନ ଜେଠୀ ପ୍ରମୁଖ ଉପସ୍ଥିତ ଥିଲେ।

### କନିଷ୍ଠ ଯନ୍ତ୍ରୀଙ୍କୁ ବସ୍‌ଉଠ୍ କରାଇବା ମାମଲା

# ଝାରପଡ଼ା ଜେଲ୍‌ରେ ରହିଲେ ପାଟଣାଗଡ଼ ବିଧାୟକ

**ଭୁବନେଶ୍ୱର,୧୭ (ବ୍ୟୁରୋ)**

ନିମ୍ନମାନର ରାସ୍ତା କାମକୁ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ (ଜେଇ)ଙ୍କୁ ରାସ୍ତା ଉପରେ ବସ୍‌ଉଠ୍ କରାଇବା ମାମଲାରେ ପାଟଣାଗଡ଼ ବିଧାୟକ ସରୋଜ କୁମାର ମେହେରଙ୍କ ଜାମିନ ଆବେଦନର ଶୁଣାଣି ସୋମବାର ଭୁବନେଶ୍ୱର ସ୍ୱତନ୍ତ୍ର କୋର୍ଟରେ ହୋଇଥିଲା। ଓକିଲମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଥିବାରୁ ବିଧାୟକ ମେହେର ଓ ଅଭିଯୋଗକାରୀମାନେ ନିଜ ପକ୍ଷ ରଖିଥିଲେ। ଅତିରିକ୍ତ ଜିଲା ଦୌରାଜଜ୍ ଅରୁଣ ମଲ୍ଲିକ ଉଭୟ ପକ୍ଷରୁ ଶୁଣିବା ପରେ ମାମଲାର ବିଚାର କରି ପରବର୍ତ୍ତୀ ଶୁଣାଣି ଆସନ୍ତା ୫ ତାରିଖକୁ ଧାର୍ଯ୍ୟ କରିଛନ୍ତି। ସେପର୍ଯ୍ୟନ୍ତ ବିଧାୟକ ଝାରପଡ଼ା ଜେଲ୍‌ରେ ରହିବେ ବୋଲି କୋର୍ଟ ନିର୍ଦ୍ଦେଶ ଦେବା ପରେ ତାଙ୍କୁ ସେଠାକୁ ପଠାଇ ଦିଆଯାଇଛି। ସ୍ୱାସ୍ଥ୍ୟଗତ ସମସ୍ୟା ଉପୁଜିଲେ ଜେଲ୍ କର୍ତ୍ତୃପକ୍ଷ ଓ ଡାକ୍ତରଙ୍କ ପରାମର୍ଶ ନେବାକୁ ଆଦେଶ ଦିଆଯାଇଛି।

ବିଧାୟକ ମେହେର ଦର୍ଶାଇଥିଲେ ଯେ, ଯେଉଁ ଦଫା ବଳରେ ତାଙ୍କୁ ଗିରଫ କରାଯାଇଛି, ସେଥିମଧ୍ୟରୁ କେବଳ ୫୩୫ ଦଫାକୁ ଛାଡିଦେଲେ ଅନ୍ୟସବୁ ଜାମିନ ଯୋଗ୍ୟ। ସେ ଜଣେ ଲୋକ ପ୍ରତିନିଧି ହୋଇଥିବାରୁ ପଳାତକ କାର୍ଯ୍ୟ କରିବେ ନାହିଁ। ବିଧାନସଭା ଚାଲିଥିବାରୁ ସେଠାରେ ଲୋକଙ୍କ ସମସ୍ୟା ପହଞ୍ଚାଇବା ନେଇ ଉପସ୍ଥିତ ରହିବା ଆବଶ୍ୟକତା ରହିଛି। ସେ କୋର୍ଟର ସମସ୍ତ ସର୍ତ୍ତକୁ କଡ଼ାକଡ଼ି ପାଳନ କରିବେ। ତେଣୁ ତାଙ୍କୁ ଜାମିନ ଦିଆଯାଉ ବୋଲିସେ ଆବେଦନରେ ଉଲ୍ଲେଖ କରିଛନ୍ତି। ଅପରପକ୍ଷରେ ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ ଜୟକାନ୍ତ ଶବର ଓ ତାଙ୍କ ସ୍ତ୍ରୀ ତଥା ମାମଲାର ଅଭିଯୋଗକାରୀ ମଧ୍ୟ କୋର୍ଟରେ ହାଜର ହୋଇ ପକ୍ଷ ରଖିଥିଲେ। ସେମାନଙ୍କୁ ଅନେକ ଅଜଣା ମୋବାଇଲ୍ ନମ୍ବରରୁ ଧମକପୂର୍ଣ୍ଣ କଲ୍ ଆସୁଛି। ବିଧାୟକଙ୍କୁ ଜାମିନ ମିଳିଲେ ତାଙ୍କ ଜୀବନ ପ୍ରତି ବିପଦ ରହିଛି ବୋଲି ସେମାନେ କହିଥିଲେ।

ଗତ ମାସରେ ପାଟଣାଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗମ୍ଭାରୀ ଗ୍ରାମରେ ପୂର୍ତ୍ତ ବିଭାଗ ପକ୍ଷରୁ ଚାଲିଥିବା ଏକ ରାସ୍ତା କାମ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଥିଲା। ବିଧାୟକ ମେହେର ଲୋକଙ୍କ ସହ ସେଠାରେ ପହଞ୍ଚି କନିଷ୍ଠ ଯନ୍ତ୍ରୀ ଜୟକାନ୍ତଙ୍କୁ ରାସ୍ତା ଉପରେ ବସ୍‌ଉଠ୍ କରିଥିଲେ। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଜୟକାନ୍ତଙ୍କ ସ୍ତ୍ରୀ ପାଟଣାଗଡ ଥାନାରେ ଏ ନେଇ ଅଭିଯୋଗ କରିଥିଲେ। ଯନ୍ତ୍ରୀ ଜଣକ ଆଦିବାସୀ ସମ୍ପ୍ରଦାୟର ହୋଇଥିବାରୁ ବିଭିନ୍ନ ସଂଗଠନ ପକ୍ଷରୁ ବିଧାୟକଙ୍କୁ ଗିରଫ ଦାବି ଜୋର୍ ଧରିଥିଲା। ଗତ ୨୪ ତାରିଖରେ ନୂଆପଡାରୁ ପୋଲିସ ତାଙ୍କୁ ଗିରଫ କରିଥିଲା। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିରେ ଓକିଲଙ୍କ ଅନ୍ଦୋଳନ ଚାଲିଥିବାରୁ ପାଟଣାଗଡ ଏଡିଜେ ତାଙ୍କ ଜାମିନ ଉପରେ ଶୁଣାଣି ନ କରି ଜୁଲାଇ ୧ ତାରିଖରେ ଭୁବନେଶ୍ୱର ହେବାକୁ ଧାର୍ଯ୍ୟ କରିଥିଲେ। ଜେଲରେ ବିଧାୟକ ଅସୁସ୍ଥ ହେବାପରେ ୨୫ ତାରିଖଠାରୁ ପାଟଣାଗଡ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ତେବେ ରବିବାର ଅପରାହ୍ନରେ ତାଙ୍କୁ ଡିସ୍‌ଚାର୍ଜ କରାଯାଇ ପାଟଣାଗଡ଼ ଜେଲ୍‌କୁ ପଠାଇ ଦିଆଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଭାଗ୍ୟ ସ୍ଥାନକୁ ଛଅଟି ଗ୍ରହ ପ୍ରଭାବିତ କରୁଥିବାରୁ ଯେଉଁ କାମରେ ହାତ ଦେବେ ସେଥିରେ ସଫଳତା ପାଇବା ନିଶ୍ଚିତ। ଅର୍ଥ ସମ୍ପର୍କିତ ସମସ୍ୟା ସୁଧାରିନେବାର ପ୍ରଯତ୍ନ କରିବା ଦିଗରେ ସଫଳତା ପାଇପାରିବେ। ମଙ୍ଗଳଙ୍କ ବଳହୀନତା କାରଣରୁ ଶାରୀରିକ କ୍ଳାନ୍ତି ଓ ଅବସାଦ ସ୍ୱାସ୍ଥ୍ୟ ପ୍ରତି ପ୍ରତିକୂଳ ପ୍ରଭାବ ସୃଷ୍ଟିକରିବା ଆଶଙ୍କା ରହିଛି।

**ବୃଷ** ମୁଖଭାବରେ ଚତୁଃଗ୍ରହଯୋଗ ଆପଣଙ୍କ ପ୍ରଭାବଶାଳୀ ପ୍ରକାଶଭଙ୍ଗୀ, ପରିଚାଳନା ଦକ୍ଷତାକୁ ବୃଦ୍ଧି କରିବା ସହ ପରିବାରରେ, କର୍ମକ୍ଷେତ୍ରରେ, ସଭାସମିତିରେ ଆପଣ ବହୁଚର୍ଚ୍ଚିତ ହୋଇପାରନ୍ତି। ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଦୌଡ଼ କରିବାକୁ ପଡ଼ିପାରେ। ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହୋଇପାରେ।

**ମିଥୁନ** ରାଶିରେ ଏକାଧିକ ଗ୍ରହ ଶାରୀରିକ ଓ ମାନସିକ ସ୍ଥିତିକୁ ବିକ୍ଷିପ୍ତ କରାଇପାରନ୍ତି। କିନ୍ତୁ ବିବାଦୀୟ ସ୍ଥିତି, ମାଲିମକଦ୍ଦମା, ସଙ୍ଗଠନ, ପରିଜନ ସହ ଯାତ୍ରା କ୍ଷେତ୍ରରେ ସଫଳତା ନିଶ୍ଚିତ। ଜମିଜମା କିମ୍ବା ଗୃହ ସମ୍ପର୍କିତ ସମସ୍ୟାର ସମାଧାନ ଦିଗରେ ସାହାଯ୍ୟ,ସହଯୋଗର ଅଭାବ ରହିବନାହିଁ। ଶିଳ୍ପ, ବ୍ୟବସାୟ ଓ ପରିବହନରୁ ସନ୍ତୋଷ ଲାଭ କରିପାରନ୍ତି।

**କର୍କଟ** ଦ୍ୱାଦଶସ୍ଥ ଗ୍ରହମାନେ ଆପଣଙ୍କୁ କର୍ମମୁଖର କରାଇ ଅବସର ଦେଇ ନ ପାରନ୍ତି। କାର୍ଯ୍ୟବ୍ୟସ୍ତତା କାରଣରୁ ଆପଣଙ୍କ ବ୍ୟବହାରରେ ରୁକ୍ଷତା ବନ୍ଧୁଙ୍କ ମନଦୁଃଖର କାରଣ ହୋଇପାରେ। ସହକର୍ମୀଙ୍କ ସହାୟତାରେ ଅର୍ଥ ସମ୍ପର୍କିତ କୌଣସି ଦୁଶ୍ଚିନ୍ତା ସାୟାହ୍ନେ ଦୂରହେବ। କୌଣସି ମୂଲ୍ୟବାନ୍ ଦ୍ରବ୍ୟ ଲାଭ ହେବା ସୂଚନା ରହିଛି।

**ସିଂହ** ଆଜିର ଅନୁକୂଳ ଗ୍ରହ ସ୍ଥିତି ଆପଣଙ୍କ ପାଇଁ ସୁସ୍ଥ ବାତାବରଣ ସୃଷ୍ଟିକରି ବନ୍ଧୁପ୍ରିୟ କରାଇବ। ଆବଶ୍ୟକତା ପୂରଣ ସକାଶେ ଟଙ୍କା ପଇସା ଯୋଗାଡ଼କରିବା ସକାଶେ ବିଭିନ୍ନ ପ୍ରକାର ଫନ୍ଦି ଫିକର କରି ସଫଳତା ପାଇବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ପ୍ରକାଶନ,ପ୍ରଶାସନ ଏଜେନ୍ସି ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା** ଦଶମ ସ୍ଥାନରେ ଏକାଧିକ ଗ୍ରହ ଆପଣଙ୍କ କର୍ମକ୍ଷେତ୍ରକୁ ଚଳଚଞ୍ଚଳ କରାଇବେ। ବୃହସ୍ପତିଙ୍କ ଭାଗ୍ୟସ୍ଥାନକୁ ଦୃଷ୍ଟିଫଳରେ ପରିବାର,ବନ୍ଧୁମିଳନ, ସଭାସମିତି, ଆନୁଷ୍ଠାନିକ କାମ ସମ୍ପନ୍ନ କରିବାରେ ସମର୍ଥ ହୋଇପାରନ୍ତି। କିନ୍ତୁ ଚିତ୍ରା ନକ୍ଷତ୍ର କୌଣସି କଥାକୁ ଭଲ ରୂପେ ବିଚାର ନ କରି କାମକଲେ ସମସ୍ୟା ଭିତରକୁ ଟାଣିହୋଇଯିବେ।

**ତୁଳା** ପକ୍ଷୀର ଡେଣା ପରି ଦୁଇ, ତିନି ଓ ନଅ, ଦଶମ ସ୍ଥାନରେ ଗ୍ରହମାନେ ଆପଣଙ୍କୁ ଧନ, ସମ୍ମାନ, ଉଚ୍ଚ ପଦବୀ ଓ ବିଶିଷ୍ଟ ବନ୍ଧୁମାନଙ୍କ ସଙ୍ଗଲାଭ କରାଇପାରନ୍ତି। କୌଣସି ଜିନିଷ କ୍ରୟ କରିବା ସକାଶେ ଅର୍ଥର ଆବଶ୍ୟକତା ପାଇଁ ଚିନ୍ତା କରିବାକୁ ପଡ଼ିବନାହିଁ। ଅବଶ୍ୟ ପରିବାରରେ ଅଟକି ରହିଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବା ଆଶା ରହିଛି।

**ବିଛା** ଆଜିର ଗ୍ରହ ସ୍ଥିତି ଆପଣଙ୍କୁ ଭଲମନ୍ଦର ମିଶ୍ରିତଫଳ ପ୍ରଦାନ କରିବ। ଅଷ୍ଟମଭାବସ୍ଥ ଗ୍ରହ ପ୍ରଭାବରେ ଅତୀତ ଘଟଣା ମନକୁ ବାରମ୍ବାର ଆଲୋଡ଼ିତ କରିବା ଫଳରେ ମନଟା ଭଲ ଲାଗିବ ନାହିଁ। ପାରିବାରିକ ପ୍ରତିରୋଧ ଆପଣଙ୍କ କାମକୁ ଦୀର୍ଘସମୟଧରି ବିଶେଷ ବିଶୃଙ୍ଖଳିତ କରି ରଖିବନାହିଁ। ପ୍ରତ୍ୟେକ କ୍ଷେତ୍ରରେ ଛୋଟ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ।

**ଧନୁ** ସପ୍ତମ କେନ୍ଦ୍ରରେ ଏକାଧିକ ଗ୍ରହ ଯାତ୍ରାରେ ଦ୍ୱନ୍ଦ୍ୱ, ବିବାଦରେ ପରାଜୟ, ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି ଜନିତ ଚିନ୍ତା ସୃଷ୍ଟିକରେ। କର୍ମାଧିପ ଅଷ୍ଟମସ୍ଥାନରେ ଥିବାରୁ ଅପମାନଜନକ ବ୍ୟବହାର ମନରେ ଆଘାତ ସୃଷ୍ଟି କରିବ । କଳା, କ୍ରୀଡ଼ା, ସାହିତ୍ୟ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ସମସ୍ୟା ସମାଧାନ କରିପାରିବେ।

**ମକର** ଷଷ୍ଠ ଓ ଦ୍ୱାଦଶସ୍ଥ ଗ୍ରହ ପ୍ରଭାବରୁ ପରୋକ୍ଷ ଶତ୍ରୁତା,ସ୍ୱାସ୍ଥ୍ୟହାନି ଓ ଅର୍ଥସଙ୍କଟ ମାନସିକ ସ୍ଥିତିକୁ ବିପନ୍ନ କରିବ। କିନ୍ତୁ ତୃତୀୟାଧିପତିଙ୍କ ଶୁଭଦୃଷ୍ଟିରୁ ଜଣେ ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହୋଇଯିବ। ପାଖ ପଡ଼ୋଶୀଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି।

**କୁମ୍ଭ** ଆଜିର ଗ୍ରହ ପ୍ରଭାବରେ ଆପଣ ଯେକୌଣସି କ୍ଷେତ୍ରରେ ଠିକ୍ ନିଷ୍ପତ୍ତି ନେବା କଷ୍ଟକର ହୋଇପାରେ। କର୍ମକ୍ଷେତ୍ରରେ ନିଜର ସ୍ଥିତି ସୁଦୃଢ଼ କରିବାରେ ସମର୍ଥ ହେବେ। ନିଜ ଲୋକମାନେ ଯେତେ ପ୍ରକାର ସମସ୍ୟା ସୃଷ୍ଟିକଲେ ମଧ୍ୟ ଆପଣଙ୍କର କୌଣସି ଅସୁବିଧା ହେବ ନାହିଁ। ଆଜି ଏକ ଭିନ୍ନ ପରିସ୍ଥିତିରେ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ।

**ମୀନ** ଶାରୀରିକ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିଲେ ମଧ୍ୟ ଚନ୍ଦ୍ରଙ୍କ ଅଶୁଭତ୍ୱ ଯୋଗୁ ମାନସିକ ସୁସ୍ଥତା ରହି ନ ପାରେ। ପରିବାରରେ ସନ୍ତାନମାନଙ୍କ ବିଶୃଙ୍ଖଳିତ ଆଚରଣ ସମସ୍ୟାର କାରଣ ହୋଇପାରେ। ବନ୍ଧୁମାନଙ୍କ ହସ୍ତକ୍ଷେପ ଫଳରେ ପ୍ରତ୍ୟେକ ଅସୁବିଧାଜନକ ପରିସ୍ଥିତିକୁ ସୁଧାରିନେବାରେ ସମର୍ଥ ହେବେ।

ଆଜି ଶ୍ରୀମନ୍ଦିରରେ ନେତ୍ରୋତ୍ସବ ଓ ଶ୍ରୀଜୀଉଙ୍କର ନବଯୌବନ ଦର୍ଶନ, ରଥଯାତ୍ରାର ଅଧିବାସ କର୍ମ, ଆଷାଢ଼ ଅମାବାସ୍ୟା ମଙ୍ଗଳବାର, ଜୁଲାଇ ୨ ତାରିଖ, ଅନ୍ତର୍ଜାତୀୟ କ୍ରୀଡ଼ା ସାମ୍ବାଦିକତା ଦିବସ, କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ଜୟନ୍ତୀ, ହୋମିଓପ୍ୟାଥିକର ଜନକ ହାନିମ୍ୟାନ୍‌ଙ୍କ ତିରୋଧାନ ଦିବସ, ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧୋତ୍ସବ, ରାଶିନକ୍ଷତ୍ର-ମୃଗଶିରା/ମିଥୁନ, ଦିବା ଘ୯ ।୦୭ମି. ପରେ ଆର୍ଦ୍ରା ନକ୍ଷତ୍ର ହେବ, ଅମାବାସ୍ୟାର ଶ୍ରାଦ୍ଧ,କନ୍ୟାରାଶିର ଘାତଚନ୍ଦ୍ର,ମକର ରାଶିର ଘାତବାର , ଅମାବାସ୍ୟାର ନିଶା ପାଳନ। ଦିବା ଘ୮ ।୨୮ମି. ମଧ୍ୟେ ଘ୧୦ ।୦୭ମି. ଗତେ, ଘ୧୧ ।୪୬ ମଧ୍ୟେ ଅମୃତବେଳା।

**classifieds Everyday 0674-2580101, 2549302**

**real estate**

**SALE**

2BHK flat near Garage Chhak, Bhubaneswar NH-side buyer. 8763449127. D-65659

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931 D-66705

ଖୋର୍ଦ୍ଧା townରୁ 7k.m ନବୋଦୟ school ପାଖରେ Govt. ପିଚୁରୋଡ଼କୁ ଲାଗି ଘରବାରି boundary commercial/ residential plot sqft 850/-ରେ ନେଇ ଘରକରନ୍ତୁ। 8480281029. D-66709

ଭୁବନେଶ୍ୱର ସୁଧାନନ୍ଦ କଲେଜ ପାଖରେ ପିଚୁରୋଡକୁ ଲାଗି ଘରବାରି ପ୍ଲଟ ବିକ୍ରି ହେବ। **9583725970.** D-66721

Ready 2BHK/3BHK flats sales at Chandrasekharpur, Patia. 7008346486, 9937009250. D-66583

Residential plot- Boundary covered residential plot adjoined to PMGSY road at Hanspal (Balianta) for immediate construction @ 750.00 per sqft. 7008978497. D-66914

ଭୁବନେଶ୍ୱର Tamando Kendriya vihar କଲୋନୀଠାରେ Yellowzone 30' ରାସ୍ତାଥାଇ plot କିଣନ୍ତୁ। 9348767829. D-66708

Gharabari yellowzone stitiban plot available at Malipada mainroad 500 meters from SUM Hospital, DAV School, Bhubaneswar 1600/- sqft. 9777063609. D-66156

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ Sqft.150/-, ନଖରା ତ୍ରିନାଥ ବଜାର sc plot Sqft.320/- ଧାକୁଲେଇପିଠାରେ 250/-, plot ବିକ୍ରିହେବ (outright) 8144706560, 9348817649. D-66710

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନବନିର୍ମିତ **Grandbazar** ସମ୍ମୁଖରେ ଘରବାରି **plot** କିଣନ୍ତୁ ଏବଂ ଗୃହନିର୍ମାଣ କରନ୍ତୁ। **9438525948.** D-66717

ପିତାପଲ୍ଲୀ ଛକ NH ପାଖରେ sqft-399/ ରେ ସ୍ଥିତିବାନ ପ୍ଲଟ ମିଳୁଅଛି। 9090963952. D-66712

**BDAର Southcityରେ** ନିର୍ମିତ ବୃହତ୍ତମ **IIT Arugulଠାରେ** ପିଚୁରାସ୍ତା ଏବଂ **Electric** ସୁବିଧାଥାଇ ଘରବାରି **plot** ଶସ୍ତାରେ କିଣନ୍ତୁ। **7978773097.** D-66719

Morning sun residency simplex near Hanspal 33,00,000/- (Handover 1month). 8908015464, 9853347909. D-66713

**Schedule caste** ଘରବାରି ପାଚେରି ପ୍ଲଟ ପିଚୁରୋଡ **side**ରେ ଅରଗୁଳ **Railway Station and Spintonic college 4400sqft. 8,80,000/-. 9439006524.** D-66720

ଭୁବନେଶ୍ୱର ଉତ୍ତରା/ Kru-pajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-66584

ଘରବାରୀ **demarcation plot sale** ନଖରାରୁ ୬କିଲୋମିଟର ବ୍ରାହ୍ମଣଝରିଲୋ ପିଚୁରାସ୍ତାକଡ଼ରେ **2400sqft. 13,20,000/-9437306208.** D-66722

ଭୁବନେଶ୍ୱର CV Raman College front ରେ developed plot 10,00,000/- ରେ ପାଚେରି ସହିତ ବିକ୍ରିହେବ। 9178217222. D-66723

ଫୁଲନଖରାସ୍ଥିତ **Delhi Public School**କୁ ଲାଗି ଘରବାରି **plot** ସୁଲଭ ମୂଲ୍ୟରେ କିଣନ୍ତୁ ଏବଂ ସଙ୍ଗେ ସଙ୍ଗେ ଗୃହନିର୍ମାଣ କରନ୍ତୁ। **9438432164.** D-66718

**healthcare**

Fully refreshed/ relaxed body massage by expert therapist, Shastri Nagar. 7377984773. D-66588

Rejuvenate and ayurvedic full body massage by smart therapist: 9114402304. D-66587

Experience full body massage with us (expert). Call: 7377048581, 0674-2597822. D-66589

Full body massage with refreshment, expert therapist. 7381239385, 0674-2540855. D-66591

Herbal full body massage by smart/expert therapist. Contact: 8338067247. D-66590

Kajal ayurvedic massage club fully relaxed by smart lady, home service available. 9937637219. D-66916

Monalisa Massage Club: Monsoon Dhamaka/ Full body massage with hiprofile smart lady therapist hurryup! 9708545108. D-13217

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୨୧୦/- (ଫଟୋ ସହ)। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



## ଜିଲ୍ଲା ଚିଠି
## କେନ୍ଦ୍ରାପଡ଼ା

# କାଳ ସାଜିଛି ଚିଙ୍ଗୁଡ଼ି ଘେରି

କୃଷିଭିତ୍ତିକ ଅର୍ଥନୀତିରେ ସମୃଦ୍ଧ କେନ୍ଦ୍ରାପଡ଼ା ଜିଲାରେ ଚାଷ ଜମି କମିବାରେ ଲାଗିଛି। ଚାଷ ଜମି ସହ ଭିତରକନିକା ଜାତୀୟ ଉଦ୍ୟାନ ଅନ୍ତର୍ଗତ ବିଭିନ୍ନ ନାଳ ଓ ଯୋର ଆଦି ଚିଙ୍ଗୁଡି ବ୍ୟବସାୟୀଙ୍କ ହାତକୁ ଚାଲିଯାଉଛି। ଏଥିଯୋଗୁ ଦୁର୍ଦ୍ଦିନରେ ଥିବା ଧାନ ଓ ପରିବା ଚାଷୀ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ଏନେଇ ଅଞ୍ଚଳବାସୀ ବିରୋଧ କରୁଛନ୍ତି। ମାତ୍ର ଚିଙ୍ଗୁଡି ଘେରିକୁ ମୁଖ୍ୟ ବ୍ୟବସାୟ କରି ମାଲାମାଲ ହେଉଥିବା ବ୍ୟବସାୟୀଙ୍କ ଉପରେ ଏହାର ପ୍ରଭାବ ପଡୁନାହିଁ। ସେମାନେ ବେଆଇନ ଭାବେ ଚିଙ୍ଗୁଡ଼ି ଘେରି କରି ଦେଶ ବିଦେଶକୁ ପ୍ରାୟ ୧୧ ପ୍ରକାର ଚିଙ୍ଗୁଡି ରପ୍ତାନି କରୁଛନ୍ତି। ସେହି ଲାଭ ଟଙ୍କାରୁ ସ୍ଥାନୀୟ ପ୍ରଶାସକ, ରାଜନେତା ଓ ବନବିଭାଗ କର୍ମଚାରୀଙ୍କ ହାତ ଚିକ୍କଣ ହେଉଛି। କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକ ଅନ୍ତର୍ଗତ ୪ ରାଜସ୍ୱ ସର୍କଲର ମୋଟ ୩୭୮ ଏକର ଜମିରେ ବେଆଇନ ଭାବେ ୭୦୩ ଚିଙ୍ଗୁଡ଼ି ଘେରି ରହିଛି। ରଙ୍ଗଣୀ ରାଜସ୍ୱ ସର୍କଲର ୬ଗ୍ରାମର ୨୫୧ ଏକର ଜମିରେ ୨୪୧, ତାଳଚୁଆର ୫ଟି ହାମଲେଟ ଗ୍ରାମର ୩୯ ଏକର ଜମିରେ ୩୮୫ ବେଆଇନ ଚିଙ୍ଗୁଡ଼ି ଘେରି ରହିଛି। ସେହିପରି ରିଘାଗଡ଼ ରାଜସ୍ୱ ସର୍କଲର ୬ ଗ୍ରାମର ୭୪ ଏକର ଜମିରେ ୬୯, ଗୁପ୍ତି ରାଜସ୍ୱ ସର୍କଲର ୨ଟି ଗ୍ରାମର ୧୪ ଏକର ଜମିରେ ୮ଘେରି ରହିଛି। ତେବେ ବାସ୍ତବ ତଥ୍ୟ ଭିନ୍ନ। କେବଳ ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ୫୦ ବର୍ଗ କିଲୋମିଟରରୁ ଊର୍ଦ୍ଧ୍ୱ ଜମି ଚିଙ୍ଗୁଡି ଘେରି ମାଲିକଙ୍କ ହାତକୁ ଚାଲିଯାଇଥିବା ବେଳେ ରାଜନଗର, ମହାକାଳପଡା ଓ ରାଜକନିକା ବ୍ଲକର ବିଭିନ୍ନ ସ୍ଥାନରେ ଚିଙ୍ଗୁଡି ଘେରି ବୃଦ୍ଧି ପାଇବାରେ ଲାଗିଛି। ଏହି ଚାଷ ଏବେ କେବଳ କେନ୍ଦ୍ରାପଡ଼ା ଜିଲାବାସୀଙ୍କର ହୋଇ ରହିନାହିଁ। ବହୁ ବାଂଲା ଅନୁପ୍ରବେଶକାରୀ ସ୍ଥାନୀୟ ଅଞ୍ଚଳରେ ରହି ଚିଙ୍ଗୁଡି ଘେରି ନିର୍ମାଣ କରି ଲୋକଙ୍କୁ ନାକେଦମ କରୁଛନ୍ତି। ପ୍ରଶାସନ ପକ୍ଷରୁ ଏସବୁ ଘେରି ଉଚ୍ଛେଦ ନେଇ ସ୍ଥାଣୁତା ପ୍ରକାଶ ପାଇବା ପରେ ଏହି ସମସ୍ୟା ଉଚ୍ଚ ନ୍ୟାୟାଳୟରେ ପହଞ୍ଚିଛି। ହାଇକୋର୍ଟ ଏଥିରେ କ୍ଷୋଭ ପ୍ରକାଶ କରି ନିଜ ଆଡୁ ମାମଲା ରୁଜୁ କରିଛନ୍ତି। ଏଥିସହ ଜିଲାର ବିଭିନ୍ନ ଅଞ୍ଚଳରେ ବଢି ଚାଲିଥିବା ଘେରିଗୁଡିକୁ ଉଚ୍ଛେଦ କରିବା ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ଜିଲା ପ୍ରଶାସନ ନାମକୁ ମାତ୍ର ଘେରି ଉଚ୍ଛେଦ କରୁଥିବା ଅଭିଯୋଗ ହୋଇଛି। ଏସବୁ ଘେରିର ଗୋଟିଏ ପାର୍ଶ୍ୱ ବନ୍ଧରୁ ପ୍ରାୟ ୫ରୁ ୧୦ ଫୁଟ ଚଉଡା ଘେରି ଭାଙ୍ଗି ଦିଆଯାଇଛି ବୋଲି କାଗଜପତ୍ରରେ ଦର୍ଶାଯାଉଛି। ଏହା ଘେରି ମାଲିକଙ୍କ ଉପରେ କୌଣସି ଫରକ ପକାଉନାହିଁ। ଭଙ୍ଗାଯିବାର ଗୋଟିଏ ଦିନ ପରେ ପୁନର୍ବାର ଘେରି ବନ୍ଧ ନିର୍ମାଣ କରି ପୂର୍ବପରି ଚିଙ୍ଗୁଡି ଚାଷ କରାଯାଉଛି। ବ୍ରାହ୍ମଣୀ, ବୈତରଣୀ ଓ ଧାମରା ନଦୀ ମୁହାଣରେ ଥିବା ବିସ୍ତୃତ ଲୁଣା ଜଙ୍ଗଲ ଚିଙ୍ଗୁଡ଼ି ଚାଷ ପାଇଁ ଉପଯୁକ୍ତ। ସମୁଦ୍ରର ଲୁଣି ପାଣି ଏହି ଅଞ୍ଚଳକୁ ମାଡ଼ି ଆସି ପୁଣି ଫେରିଯାଏ। ଏହି ପାଣିକୁ ଘେରି ମାଧ୍ୟମରେ ଅଟକାଯାଇ ଅଥବା ନାଳ ଖୋଳି ଘେରି ନିକଟକୁ ଅଣାଯାଇ ସେଥିରେ ଚିଙ୍ଗୁଡ଼ି ଚାଷ କରାଯାଏ। ଏହି ଚାଷ ପାଇଁ ଚିଙ୍ଗୁଡ଼ି ବ୍ୟବସାୟୀମାନେ ଭିତରକନିକା ଜାତୀୟ ଉଦ୍ୟାନର ନିଷିଦ୍ଧାଞ୍ଚଳକୁ ସୁରକ୍ଷିତ ମନେକରି ସେଠାରେ ଚାଷ କରି ଆସୁଥିଲେ। ଏବେ ସେହି ନିଷିଦ୍ଧାଞ୍ଚଳରେ ଧାନ ଓ ଅନ୍ୟାନ୍ୟ ପରିବା ଚାଷ କରାଯାଉଛି। ମାତ୍ର ଚିଙ୍ଗୁଡି ଚାଷ ଯୋଗୁ ଜମିରେ ନାଳ, ଯୋର, ମାହାରା ଆଦିର ଲୁଣି ପାଣି ମାଡି ଯାଉଛି। ଫଳରେ ଧାନ ଚାଷ ନଷ୍ଟ ହେଉଛି। ଚିଙ୍ଗୁଡ଼ି ଚାଷରେ ବ୍ୟବହୃତ ରାସାୟନିକ ଦ୍ରବ୍ୟର ପ୍ରଭାବ ଭିତରକନିକାର ହେନ୍ତାଳ ବଣ, ସାମୁଦ୍ରିକ ଜୀବ ଓ ବନ୍ୟ ପ୍ରାଣୀ ଉପରେ ପଡୁଛି। ଏଥିଯୋଗୁ ଆଗାମୀ ଦିନରେ ଭିତରକନିକାର ଜୈବବିବିଧତା ନଷ୍ଟ ହେବ। ସେଥିପାଇଁ ଭିତରକନିକା ଜାତୀୟ ଉଦ୍ୟାନର ମାନ୍ୟତା ହରାଇବାର ଆଶଙ୍କା ରହିଛି।

– ଜଗନ୍ନାଥ ଧଳ

# ପୋଲିସ ସାଜିଲା ଲୁଟେରା

**ପଦ୍ମପୁର,୧୭(ଡି.ଏନ.ଏ.)**

- ପୋଲିସ ସ୍ପେଶାଲ ସ୍କ୍ୱାଡ୍ ନାଁରେ ଲୁଟ୍‌ପାଟ
- ହାବିଲଦାରଙ୍କ ସମେତ ୩ ଗିରଫ



ବୁଢ଼େନ ଥାନା

ବରଗଡ଼ ଜିଲା ପୋଲିସର ଖାକିରେ ପୁଣି କଳାଦାଗ। ଏଥର ବୁଢ଼େନ ଥାନାର ପୋଲିସ ହାବିଲଦାର ଶ୍ୟାମସୁନ୍ଦର ଦୀପଙ୍କ ଅପକର୍ମ ପଦାକୁ ଆସିଛି। ହାବିଲଦାର ଦୀପ ଓ ଅନ୍ୟ ୪ଜଣ ପୋଲିସ ସ୍ପେଶାଲ ସ୍କ୍ୱାଡ୍ ନାଁରେ ବିରିପାଲି ଗ୍ରାମର ଲକ୍ଷ୍ମଣ ବେହେରାଙ୍କ ଘରକୁ ଯାଇ ଲୁଟ୍‌ପାଟ୍ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ବୁଢ଼େନ ପୋଲିସ ହାବିଲଦାର ଦୀପଙ୍କ ସମେତ ବୁଢେନ ଥାନା ଦର୍ଲିଗୁଡ଼ା ଗ୍ରାମର ଆଡ଼ଭୋକେଟ୍ ମାଣିକ ଦାଶ, ସୁଦାମ ବରିହାଙ୍କୁ ଗିରଫ କରିଛି। ସୋମବାର ସନ୍ଧ୍ୟାରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଲକ୍ଷ୍ମଣଙ୍କ ଏତଲା କ୍ରମେ ସେମାନଙ୍କ ବିରୋଧରେ ବୁଢ଼େନ ଥାନାରେ ଏକ ମାମଲା(ନଂ.୫୨/୧୯) ରୁଜୁ କରି ପୋଲିସ ଅଧିକ ତଦନ୍ତ ଚଳାଇଛି। ଏହି ମାମଲାରେ ଅନ୍ୟ ୨ଜଣ ସମ୍ପୃକ୍ତ ଥିବାରୁ ପୋଲିସ ତନାଘନା ଚଳାଇବା ସହିତ ବ୍ୟବହୃତ ଜାଇଲୋ ଗାଡ଼ିକୁ ଜବତ କରିବା ପାଇଁ ଉଦ୍ୟମ ଜାରି ରଖିଛି।

ପୋଲିସ ସୂଚନା ଅନୁସାରେ, ଗତ ୨୪ତାରିଖ ରାତିରେ ଉପରୋକ୍ତ ଅଭିଯୁକ୍ତମାନେ ଏକ ଜାଇଲୋ ଗାଡ଼ିରେ ବିରିପାଲି ଗ୍ରାମର ଲକ୍ଷ୍ମଣଙ୍କ ଘରକୁ ଯାଇ ନିଜକୁ ସ୍ୱତନ୍ତ୍ର ପୋଲିସ ସ୍କ୍ୱାଡ୍ ବୋଲି ପରିଚୟ ଦେଇଥିଲେ। ହାବିଲଦାର ଦୀପ ପୋଲିସ ପୋଷାକରେ ଥିବାରୁ ଲକ୍ଷ୍ମଣ ସେମାନଙ୍କୁ ପୋଲିସ ସ୍କ୍ୱାଡ୍ ବୋଲି ଭାବି ନେଇଥିଲେ। ଅଭିଯୁକ୍ତମାନେ ଘର ଯାଞ୍ଚ କରିବା ଆଳରେ ଲକ୍ଷ୍ମଣଙ୍କ ଘରେ ଥିବା ନଗଦ ୨୦ହଜାର ଟଙ୍କା, ସୁନା ଗହଣା ଓ ଅନ୍ୟ ମୂଲ୍ୟବାନ ସାମଗ୍ରୀ ଲୁଟି ନେଇ ପଳାଇଥିଲେ। ଘଟଣାଟି ପଦାକୁ ଆସି ନ ଥିଲା ଏବଂ ପୋଲିସ ଭୟରେ ଲକ୍ଷ୍ମଣ ମଧ୍ୟ ଚୁପ୍ ଥିଲେ। ମାତ୍ର ଏକଥା ପ୍ରଘଟ ହେବା ପରେ ସେ ଏ ନେଇ ଏତଲା ଦେଇଥିଲେ। ଏତେଦିନ ଧରି ଲକ୍ଷ୍ମଣ କାହିଁକି ଏତଲା ଦେବାକୁ ଭୟ କରୁଥିଲେ, ତାହା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଏହା ପଛରେ କଫ୍ ସିରପ ତଥା ନିଶା କାରବାରର ଲିଙ୍କ୍ ରହିଛି। ଅନ୍ୟପକ୍ଷେ ଏତଲା ନ ଦେବା ପାଇଁ ପୋଲିସ ପକ୍ଷରୁ ଚାପ ପଡିଥିଲା ବୋଲି ସାଧାରଣରେ ଆଲୋଚନା ହେଉଛି।

ସୂଚନାଯୋଗ୍ୟ, ବିଗତ ଦିନରେ ବରଗଡ଼ ଟାଉନ ଥାନା, ସଦର ଥାନା ଏବଂ ଗାଇସିଲେଟ୍ ଥାନାର କେତେକ ପୋଲିସ କର୍ମଚାରୀ ସ୍ପେଶାଲ ସ୍କ୍ୱାଡ୍ ନାମରେ ଲୁଟ୍‌ପାଟ୍ କରିଥିଲେ । ଏପରି ଅଭିଯୋଗରେ ସେମାନେ ଗିରଫ ହୋଇ ଏବେ ଜେଲରେ ଅଛନ୍ତି। ଅନ୍ୟପକ୍ଷେ ଭେଡ଼େନ ଥାନାରେ ମାଖନୁ ବାଗ ହତ୍ୟା ଘଟଣା ରାଜ୍ୟବ୍ୟାପୀ ଜିଲା ପୋଲିସକୁ ବଦନାମ କରିସାରିଛି।

# ସ୍ତ୍ରୀଙ୍କୁ ପିଟି ହତ୍ୟା, ସ୍ୱାମୀ ଗିରଫ

**ଜୟପାଟଣା,୧୭(ଡି.ଏନ.ଏ.)**

ରବିବାର କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ୍ ଅନ୍ତର୍ଗତ କୁହୁରୀଗୁମା ଗ୍ରାମରେ ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଥିଲା। ଏହାର ୨୪ ଘଣ୍ଟା ନ ପୁରୁଣୁ ପୁଣି ଏକ ହତ୍ୟାକାଣ୍ଡ ଘଟିଛି। ଜୟପାଟଣା ବ୍ଲକ୍ ବାଣ୍ଡିଗାଁ ପଞ୍ଚାୟତ ଅନ୍ତର୍ଗତ ନାଇକାଣିଗୁମା ଗ୍ରାମରେ ସ୍ତ୍ରୀଙ୍କୁ ତାଙ୍କ ସ୍ୱାମୀ ହତ୍ୟା କରିଥିବା ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ହତ୍ୟାର ଶିକାର ହୋଇଥିବା ମହିଳା ହେଲେ ଶାନ୍ତି ଶବର (୨୫)। ଶାନ୍ତିଙ୍କୁ ତାଙ୍କ ସ୍ୱାମୀ ପିଟି ପିଟି ହତ୍ୟା କରିଥିବା ଜୟପାଟଣା ଥାନାରେ ତାଙ୍କ ମା' ଅଭିଯୋଗ କରିଛନ୍ତି। ଏ ନେଇ ଭାରତୀୟ ଦଣ୍ଡବିଧି ଆଇନର ୩୦୨ରେ ଏକ ମାମଲା (ନଂ. ୧୭୪/୧୯) ରୁଜୁ ହୋଇଛି। ମଙ୍ଗଳବାର ଅଭିଯୁକ୍ତ ଦୁର୍ବଳ ଶବର (୩୦)ଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ସୁଶାନ୍ତ ସାହୁ କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଜୟପାଟଣା ବ୍ଲକ୍ ଅନ୍ତର୍ଗତ ବାଣ୍ଡିଗାଁ ପଞ୍ଚାୟତର ନାଇକାଣିଗୁମା ଗ୍ରାମରେ ଦୁର୍ବଳ ଏବଂ ତାଙ୍କ ସ୍ତ୍ରୀ ଶାନ୍ତି ରହୁଥିଲେ। ରବିବାର ରାତି ପ୍ରାୟ ୨ଟା ବେଳେ ଶାନ୍ତି ଫୋନ୍ ଯୋଗେ ତାଙ୍କ ସ୍ୱାମୀ ତାଙ୍କୁ ମାଡ଼ ମାରୁଥିବା ନେଇ ମା' ମଥୁରାଙ୍କୁ ଜଣାଇଥିଲେ। ସୋମବାର ସକାଳେ ଶାନ୍ତିଙ୍କ ମୃତଦେହ ଘରେ ପଡ଼ିଥିଲା। ପଡ଼ୋଶୀ ଲୋକଙ୍କଠାରୁ ଖବର ପାଇ ଶାନ୍ତିଙ୍କ ପରିବାରବର୍ଗ ପହଞ୍ଚି ପୋଲିସକୁ ଜଣାଇଥିଲେ। ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ଜୟପାଟଣା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ବଳାତ୍କାର ଉଦ୍ୟମକୁ ବିରୋଧ କରିବାରୁ ସମ୍ପର୍କୀୟ ପିଉସୀଙ୍କୁ ହତ୍ୟା

**କନ୍ଧମାଳ,୧୭ (ଡି.ଏନ.ଏ.)**

ବଳାତ୍କାର ଉଦ୍ୟମକୁ ବିରୋଧ କରିବାରୁ ଜଣେ ନାବାଳିକାଙ୍କୁ ହତ୍ୟା କରାଯାଇଛି। ଏଭଳି ଏକ ଘଟଣା ବୌଦ୍ଧ ଜିଲା କନ୍ଧମାଳ ଥାନା ଅଞ୍ଚଳରେ ଘଟିଛି । ଅଭିଯୁକ୍ତ ଫେରାର ଅଛନ୍ତି ।

ପୋଲିସ ସୂଚନା ଅନୁସାରେ, ରବିବାର ଅପରାହ୍ଣ ୫ଟାରେ ଅଭିଯୁକ୍ତ ଘରେ ଥିବାବେଳେ ତାଙ୍କ ସ୍ତ୍ରୀ ନିଜ ବାପଘରକୁ ଯାଇଥିଲେ। ଏହି ସମୟରେ ଅଭିଯୁକ୍ତଙ୍କ ଦୂର ସମ୍ପର୍କୀୟ ପିଉସୀ ତାଙ୍କ ଘରକୁ ଟିଭି ଦେଖିବାକୁ ଆସିଥିଲେ। ସେଠାରେ ଅଭିଯୁକ୍ତ ତାଙ୍କୁ ଅଶାଳୀନ ବ୍ୟବହାର କରିଥିଲେ । ହେଲେ ନାବାଳିକା ସେଠୁ ଖସି ଆସି ପରିବାର ଲୋକଙ୍କୁ କିଛି କହି ନ ଥିଲେ । ରାତି ୨ଟା ସମୟରେ ନାବାଳିକା ଜଣକ ତାଙ୍କ ଆଈଙ୍କ ପାଖରେ ଶୋଇଥିବା ବେଳେ ଅଭିଯୁକ୍ତ ସେଠାକୁ ଯାଇ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ । ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତ ଛୁରିରେ ତାଙ୍କ ବେକକୁ କାଟି ଦେଇ ଫେରାର ହୋଇ ଯାଇଥିଲେ। ନାବାଳିକଙ୍କ ଚିତ୍କାର ଶୁଣି ପରିବାର ଲୋକେ ଉଠି ତାଙ୍କୁ ଗୁରୁତର ଅବସ୍ଥାରେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ସୋମବାର ଅପରାହ୍ଣରେ ହସ୍ତାନ୍ତର କରିଛି । ଏ ନେଇ କନ୍ଧମାଳ ଥାନାରେ ଦଫା ୩୦୨ରେ ଏକ ମାମଲା (ନଂ.୧୧୫/୧୯) ରୁଜୁ ହୋଇଛି । ତଦନ୍ତ ଜାରି ରହିଛି ବୋଲି ଆଇଆଇସି ସୁଶାନ୍ତ କୁମାର ସେଠୀ କହିଛନ୍ତି।

- ଭଡ଼ା ବୃଦ୍ଧି ଦାବିରେ ଟ୍ରକ୍ ମାଲିକ ସଂଘର ଆନ୍ଦୋଳନ

# ସଡ଼କ ପଥରେ କୋଇଲା ପରିବହନ ବନ୍ଦ

**ତାଳଚେର,୧୭(ନି.ପ୍ର.)**

ଭଡ଼ା ବୃଦ୍ଧି ଦାବିରେ ତାଳଚେର ଟ୍ରକ୍ ମାଲିକମାନେ ରବିବାର ମଧ୍ୟରାତ୍ରିରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଫଳରେ ତାଳଚେର କୋଲ୍‌ଫିଲଡ୍‌ସରୁ ଟ୍ରକ୍ ଯୋଗେ କୋଇଲା ପରିବହନ ସମ୍ପୂର୍ଣ୍ଣ ବନ୍ଦ ରହିଛି। ସମସ୍ତ କ୍ଷେତ୍ରରେ ଦରବୃଦ୍ଧି ଘଟିଥିବା ବେଳେ ଭଡ଼ା ବୃଦ୍ଧି କରାଯାଉ ନ ଥିବାରୁ ଟ୍ରକ୍ ମାଲିକମାନଙ୍କ ମଧ୍ୟରେ ପୂର୍ବରୁ ଅସନ୍ତୋଷ ଲାଗି ରହିଥିଲା। ସେମାନେ ୩ ବର୍ଷ ହେଲା ଭଡା ବୃଦ୍ଧି ପାଇଁ ଦାବି କରୁଥିଲେ ମଧ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବାରୁ ଟ୍ରକ୍ ମାଲିକ ସଂଘ ପୂର୍ବ ନିଷ୍ପତ୍ତି ଅନୁଯାୟୀ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଏହି ଆନ୍ଦୋଳନରେ ୩ରୁ ୪ ହଜାର ଟ୍ରକ୍ ମାଲିକ ସାମିଲ ହୋଇଛନ୍ତି। ଆରଟିଓ ରିପୋର୍ଟ ଅନୁସାରେ ଗାଡ଼ି ପରମିଟ୍, ଫିଟନେସ, ଟ୍ୟାକ୍ସ, ଇନସ୍ୟୁରାନ୍ସ ଖର୍ଚ୍ଚ ଆଦିକୁ ଦୃଷ୍ଟିରେ ରଖି ସରକାର କି.ମି. ପିଛା ନୂତନ ଭଡ଼ା ଧାର୍ଯ୍ୟ କରନ୍ତୁ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି। ଏହା ନ ହେଲେ ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

NIMAPARA AUTONOMOUS COLLEGE
ADMISSION TO POST GRADUATE COURSE IN GEOLOGY, COMMERCE AND ODIA
Notice No.68 Date: 29.06.2019
Online applications are invited from the candidates for admission to Post Graduate course in Geology, Commerce & Odia for the session 2019.
The details of forms prospects are available in the college website www.nimaparacollege.org.in. The last date for submission of forms is 15.07.2019. Applicant can collect the form from the college office by depositing of Rs.500/- in the college counter during office hour.
LECTURER WANTED IN GEOLOGY & MATHEMATICS.
Candidate having 56% mark and above mark in PG Level may attend walk in interview on 08.07.2019 in the office of the undersigned at 11.00 A.M.
Sd./- PRINCIPAL

SALE
DAMAGED STRUCTURAL MATERIALS, STOCK OF VARIOUS NATURE AVAILABLE FOR SALE AT BHUBANESWAR /CUTTACK. OFFER INVITED WITH 10% EMD IN SEALED COVER TO BE SENT WITHIN 7 DAYS TO
SNM CONSULTANTS
1/1A, VANSITTART ROW
B.B.D.BAG
KOLKATA – 700001
MOB: 9830871642

**ଦମ୍ପତିଙ୍କୁ ଖୁଣ୍ଟରେ ବାନ୍ଧି ବିଷ୍ଠା ଖୁଆଇବା ଘଟଣା**

# ଉଭୟ ପକ୍ଷରୁ ୭ ଜେଲ୍ ଗଲେ

**ପୁରୁଷୋତ୍ତମପୁର,୧୭(ଡି.ଏନ୍.ଏ.)**

- ଲାଗି ରହିଛି ଚାପା ଉତ୍ତେଜନା
- ଗାଁରେ ପୋଲିସ ପଇଁତରା

ପୁରୁଷୋତ୍ତମପୁର ଥାନା ରାଣୀଗାଁରେ ରବିବାର ଗୁଣି ଗାରେଡି ସନ୍ଦେହରେ କେତେଜଣ ବ୍ୟକ୍ତି ଏକ ଦମ୍ପତିଙ୍କୁ ଖୁଣ୍ଟରେ ବାନ୍ଧି ମାଡ଼ ମାରିବା ସହ ଦାନ୍ତ ଭାଙ୍ଗି ବିଷ୍ଠା ଖୁଆଇଥିବା ଅଭିଯୋଗ ହୋଇଥିଲା । ଏହି ଘଟଣା ଜଣାପଡିବା ପରେ ଚାପା ଉତ୍ତେଜନା ଲାଗି ରହିଛି। ଗାଁରେ ପୋଲିସ ପଇଁତରା ମାରିବା ସହ ପରିସ୍ଥିତି ଉପରେ କଡ଼ା ନଜର ରଖିଛି। ଉକ୍ତ ଘଟଣାକୁ ନେଇ ଦମ୍ପତିଙ୍କ ପରିବାର ପକ୍ଷରୁ ଲିଖିତ ଅଭିଯୋଗ ହୋଇଥିବା ବେଳେ ସାହି ବାସିନ୍ଦାଙ୍କ ପକ୍ଷରୁ ଜଣେ ମହିଳା ଥାନାରେ ଅଭିଯୋଗ କରିଥିଲେ। ସେହି ଅଭିଯୋଗକୁ ଭିତ୍ତିକରି ୨ ମାମଲା ରୁଜୁ ହୋଇଛି । ଉଭୟ ପକ୍ଷରୁ ୭ ଜଣଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଥିଲା । ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି ବୋଲି ଆଇଆଇସି ଜଗନ୍ନାଥ ମଲ୍ଲିକ କହିଛନ୍ତି।

ତାଙ୍କ ଗ୍ରାମର ୧୦ଜଣ ବ୍ୟକ୍ତି ମାରଣାସ୍ତ୍ର ଧରି ବଳପୂର୍ବକ ଘରେ ପଶି ତାଙ୍କୁ ଓ ପରିବାର ଲୋକଙ୍କୁ ଆକ୍ରମଣ କରିଥିବା ନିର୍ଯାତନାର ଶିକାର ହୋଇଥିବା ଦମ୍ପତିଙ୍କ ପୁଅ ଅରୁଣ ଦାସ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ରୁଜୁ ହୋଇଥିବା ମାମଲା (ନଂ.୧୪୯/୧୯)ରେ ନୀଳା ଦାସ, କଂଗ୍ରେସ ଦାସ, ପପୁନ ଦାସ, ଉପେନ୍ଦ୍ର ଦାସ, ବଳରାମ ଦାସଙ୍କୁ ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ଅନ୍ୟ ଜଣେ ଫେରାର ଅଛନ୍ତି। ଅନ୍ୟପକ୍ଷରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସ୍ୱାମୀ, ଦାଦା ଶ୍ୱଶୁର ଓ ପୁଅଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା କଂଗ୍ରେସ ଦାସଙ୍କ ସ୍ତ୍ରୀ ମାମିଙ୍କ ପାଲଟା ଅଭିଯୋଗକୁ ଭିତ୍ତି କରି ପୋଲିସ ଅନ୍ୟ ଏକ ମାମଲା(ନଂ.୧୫୦/୧୯) ରୁଜୁ କରିଛି। ଉକ୍ତ ମାମଲାରେ ଅରୁଣ ଓ ତାଙ୍କ ବାପା ତଥା ନିର୍ଯାତିତ ବଂଶୀଙ୍କୁ କୋର୍ଟ ଚାଲାଣ କରାଯାଇଛି। ବଂଶୀଙ୍କ ସ୍ତ୍ରୀ, ଝିଅ ଓ ଭଉଣୀଙ୍କୁ ସିଆରପିସିର ଧାରା ୪୧ ଅନୁଯାୟୀ ନୋଟିସ ଦେଇ ଥାନାରୁ ଛାଡି ଦିଆଯାଇଥିବା ମାମଲାର ତଦନ୍ତ କରୁଥିବା ଏଏସ୍‌ଆଇ ପଦ୍ମନାଭ ଗୌଡ କହିଛନ୍ତି।

- ଆୟ ବହିର୍ଭୂତ ସମ୍ପତ୍ତି ଜବତ ଘଟଣା

# ଜେଲ ଗଲେ ପୌର ନିର୍ବାହୀ ଅଧିକାରୀ

**ଫୁଲବାଣୀ ଅଫିସ/ବ୍ରହ୍ମପୁର ଅଫିସ, ୧୭**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଘଟଣାରେ ଛନ୍ଦି ହୋଇ ପଡିଥିବା ଫୁଲବାଣୀ ପୌର ପରିଷଦ ନିର୍ବାହୀ ଅଧିକାରୀ ରାଧାମୋହନ ବେହେରାଙ୍କୁ ସୋମବାର ଭିଜିଲାନ୍ସ ବିଭାଗ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗ ହାଜତକୁ ୧୪ ଦିନ ପାଇଁ ପଠାଇ ଦିଆଯାଇଛି। ରବିବାର ଭିଜିଲାନ୍ସ ବିଭାଗ ବେହେରାଙ୍କୁ ଗିରଫ କରିଥିଲା। ବିଚାରପତି ଭଗବାନ ପ୍ରଧାନ ବେହେରାଙ୍କ ଜାମିନ ଆବେଦନ ଖାରଜ କରିଛନ୍ତି।

ପୌର ନିର୍ବାହୀ ଅଧିକାରୀ ବେହେରା ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ବ୍ରହ୍ମପୁର ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇବା ପରେ ସର୍ଚ୍ଚ ୱାରେଣ୍ଟ ଅଣାଯାଇ ଗତ ୨୮ ତାରିଖରେ ବେହେରାଙ୍କ ଅଫିସ ଚାମ୍ବର, ସରକାରୀ ବାସଭବନ, ତାଙ୍କ ଅଫିସିର ଜଣେ ସହକର୍ମୀଙ୍କ ଘର, ବ୍ରହ୍ମପୁରସ୍ଥିତ ବାସଭବନ ଓ ଜରଡାସ୍ଥିତ ଶ୍ୱଶୁରଙ୍କ ବାସଭବନ ଉପରେ ଏକ ସଙ୍ଗେ ଚଢାଉ କରାଯାଇଥିଲା। ଚଢାଉ ବେଳେ ବେହେରାଙ୍କର ୧ କୋଟି ୩୨ ଲକ୍ଷ ୮ ହଜାର ୨୫୫ ଟଙ୍କାର ସମ୍ପତ୍ତି ଥିବା ଆକଳନ କରାଯାଇଥିଲା। ବେହେରାଙ୍କ ଚାକିରି କାଳ ମଧ୍ୟରେ ହୋଇଥିବା ଆୟ ଓ ବ୍ୟୟର ହିସାବ କରିବାରେ ସେ ମାତ୍ର ୧୧ ଲକ୍ଷ ୭୭ ହଜାର ୩୧୦ ଟଙ୍କା ସଞ୍ଚୟ କରିଥିଲେ । ବାକି ୧ କୋଟି ୨୦ ଲକ୍ଷ ୩୦ ହଜାର ୯୪୫ ଟଙ୍କାର ହିସାବ ସେ ଦେଇ ପାରି ନ ଥିଲେ। ଫଳରେ ଭିଜିଲାନ୍ସ ବିଭାଗ ବେଆଇନ ଭାବେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କୁ ଗିରଫ କରିଥିଲା। ବ୍ରହ୍ମପୁର ଭିଜିଲାନ୍ସ ଥାନାରେ ନଂ.୧୫/୧୯ ମାମଲା ରୁଜୁ ହୋଇଛି।

ଜନ୍ମଦିନ ଶୁଭେଚ୍ଛା

Happy Birthday to "PUTY"
ଆଜି ୯ମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ଈଶ୍ୱର ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ।
Best Wishes From:
Papin, Mama, Unguda, Oh My God, Jeja, Maa, Chini & Swain Family
ଧ-୧୩୨୧୬

JOINTLY DEVELOPED BY
GOVT. OF INDIA & GOVT. OF ODISHA
SIHM NCHMCT
STATE INSTITUTE OF HOTEL MANAGEMENT, BALANGIR
Titilagarh Road, Balangir - 767001 (Odisha)
Ph. No. 06652 - 230730/31, 9437030720, 9437140772, 6370180040
website - www.sihmbalangir.org, e-mail: principal@sihmbalangir.org
ADMISSIONS OPEN

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years | 10+2 pass or equivalent with English as one of the subjects (Minimum 50% marks) | 25 Years as on 1st July 2019 for General/ OBC candidates & 28 Years for SC/ST candidates |
| 2. Diploma In Front Office Operation | 1½ Year | 10+2 pass or equivalent | |
| 3. Diploma In Food & Beverage Service | 1½ Year | 10+2 pass or equivalent | |
| 4. Diploma In Food Production | 1½ Year | 10+2 pass or equivalent | |
| 5. Diploma In Housekeeping Operation | 1½ Year | 10+2 pass or equivalent | |
| 6. Craftsmanship Certificate Course In Food & Beverage Service | 06 Months | 10th pass | |
| 7. Craftsmanship Certificate Course In Food Production | 1½ Year | 10th pass | |

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ

ସ୍ୱର୍ଗତ ମେଘନାଦ ବରାଳ
ବାଟଗାଁ, କାମାକ୍ଷାନଗର
ଆବିର୍ଭାବ: ୦୧।୦୯।୧୯୫୭
ତିରୋଧାନ: ୨୨।୦୬।୨୦୧୯
ଆପଣଙ୍କ ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ନିଷ୍ଠା ଆମର ପାଥେୟ ହେଉ। ଆପଣଙ୍କ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ବନ୍ଧୁ ଓ ପରିବାରବର୍ଗ।
ଧ-୬୬୮୦୮

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ ଲକ୍ଷ୍ମୀ ସାଇଁ
ଆବିର୍ଭାବ - ୨୧.୦୪.୧୯୨୦
ତିରୋଧାନ- ୨୩.୦୬.୨୦୧୯
ତିନିଘରିଆ, କଟକ-୪
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ- ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ ଓ ପରିବାରବର୍ଗ।
ଧ-୬୬୫୯୨

CLASSIFIED DISPLAY

ADMISSION OPEN
INDUSTRIAL SAFETY ENGINEERING
DURATION - ONE YEAR
10TH/10+2/+3, ITI, DIPLOMA/DEGREE
Approved by Bharat Sevak Samaj, Govt. of India
Job opportunities in India & Abroad on Petrochemical Industries, Oil Refinery, Construction Textiles, Shipping Sectors, Industrial Sectors, etc.
EEURO MARITIME ACADEMY
Estd.2000
(ISO 9001 : 2015 CERTIFIED)
166, Soubhagya Nagar, Siripur, Unit-8, Bhubaneswar
logon : www.eeuromaritime.org
Ph.0674-2385773, M:9437114882, 9090366575

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ

ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଜ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9810599425 9971793786


ଏପରି ଜୋଶ୍ ଭରା ଆବେଗ ଯାହା ଆପଣଙ୍କ ସାଥୀଙ୍କୁ ଅଧିକ ଉତ୍ତେଜିତ କରେ...
ପ୍ରଥମ ଦିନରୁ ହିଁ ପ୍ରଭାବ ଆରମ୍ଭ
ସୌଖୀନ ବ୍ୟକ୍ତି ଥରେ ନିଶ୍ଚୟ ଆପଣାନ୍ତୁ
କେବଳ ପ୍ରଭାବ
୧ କ୍ୟାପ୍‌ସୁଲ ସକାଳେ ଓ ୧ କ୍ୟାପ୍‌ସୁଲ ରାତିରେ ସେବନ କରନ୍ତୁ
ପ୍ଲେ-ୱିନ୍ କ୍ୟାପ୍‌ସୁଲ

Play Win Capsule
Play Win Oil
ତେଲ କ୍ୟାପ୍‌ସୁଲ
A Quality Product by Rajnish Wellness Limited
ଏକ୍ସଟ୍ରା ଟାଇମିଂ ପାଇଁ
ଗୁପ୍ତରୋଗ ଏବଂ ଶୀଘ୍ରପତନକୁ ଦୂର କରିବା, ପିଲାବେଳର ଭୁଲ୍ କାରଣରୁ ଯଦି ଆପଣ ଗୁପ୍ତରୋଗରେ ପୀଡ଼ିତ, ଯେପରିକି ଇନ୍ଦ୍ରିୟର ସମସ୍ୟା, ନପୁଂସକତା ଭଳି ସମସ୍ତ ସମସ୍ୟାକୁ ଦୂର କରିବା ପାଇଁ ପ୍ଲେ-ୱିନ୍ କ୍ୟାପ୍‌ସୁଲ ୨୧ ଦିନ ପର୍ଯ୍ୟନ୍ତ ସକାଳେ ଓ ସନ୍ଧ୍ୟାବେଳେ ନିୟମିତ ସେବନ କରନ୍ତୁ। ଉତ୍ତମ ଓ ପ୍ରଭାବୀ ପରିଣାମ ପାଇଁ ପ୍ଲେ-ୱିନ୍ ତେଲର କେତୋଟି ବୁନ୍ଦାକୁ ଦୁର୍ବଳ ଇନ୍ଦ୍ରିୟରେ ମାଲିସ୍ କରିବା ପାଇଁ ବ୍ୟବହାର କରନ୍ତୁ ଏବଂ ଉପରୋକ୍ତ ସମସ୍ତ ସମସ୍ୟାରୁ ମୁକ୍ତି ପାଇ ବୈବାହିକ ଜୀବନର ଭରପୂର ଆନନ୍ଦ ନିଅନ୍ତୁ।
ଜୋଶ୍, ଶକ୍ତି ଓ ଏକ୍ସଟ୍ରା ଟାଇମିଂ ପାଇଁ ପ୍ଲେ-ୱିନ୍ ତେଲ ମଧ୍ୟ ବ୍ୟବହାର କରନ୍ତୁ
ସବୁ ମେଡିକାଲ/ଆୟୁର୍ବେଦିକ ଷ୍ଟୋରରେ ଉପଲବ୍ଧ
www.playwincapsule.com
SS : Mahendra Pharma / ODD
Trade Enquiry : 8291288119 / 8657520093

# ସାଙ୍ଗ ନ ହେଲେ ଶତ୍ରୁ

ଉତ୍ତର କୋରିଆରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୩୦ ଜୁନ୍, ୨୦୧୯ରେ ପାଦ ଦେବା ପରେ ସମଗ୍ର ବିଶ୍ୱରେ ଚହଳ ପଡ଼ିଯାଇଛି। ଉତ୍ତର କୋରିଆ ଓ ଦକ୍ଷିଣ କୋରିଆ ସୀମା ବା ଅଣସାମରିକ ମଣ୍ଡଳ (ଡିଏମ୍‌ଜେଡ୍) ଅତିକ୍ରମ କରି ପ୍ୟୋଙ୍ଗ୍‌ୟାଙ୍ଗ୍ ଶାସକ କିମ୍ ଜଙ୍ଗ୍ ଉନ୍‌ଙ୍କୁ ସାକ୍ଷାତ୍ କରିବାରେ ଟ୍ରମ୍ପ୍ ହେଉଛନ୍ତି ଦାୟିତ୍ୱରେ ଥିବା ପ୍ରଥମ ଆମେରିକା ରାଷ୍ଟ୍ରପତି। ଉଲ୍ଲେଖଯୋଗ୍ୟ ଯେ, ଡିଏମ୍‌ଜେଡ୍ ହେଉଛି କୋରିଆ ଉପଦ୍ୱୀପକୁ ଦୁଇ ଭାଗରେ ବିଭକ୍ତ କରୁଥିବା ସୀମା, ଯାହା ଅସ୍ତ୍ରବିରତି ଅଞ୍ଚଳ ଭାବେ ଜଣାଶୁଣା। ସିଓଲରେ ଦକ୍ଷିଣ କୋରିଆ ରାଷ୍ଟ୍ରପତି ମୁନ୍ ଜାଏ-ଇନ୍‌ଙ୍କ ସହ ଭେଟଘାଟ ପରେ ଟ୍ରମ୍ପ୍ ଯେତେବେଳେ ଉତ୍ତର କୋରିଆରେ ପାଦ ଥାପି କିମ୍‌ଙ୍କ ସହ କରମର୍ଦ୍ଦନ କଲେ, ଏହା ବିଶ୍ୱ କୂଟନୈତିକ ଦୁନିଆକୁ ଦୋହଲାଇ ଦେଇଛି। ୧୯୫୦ରେ ଉତ୍ତର କୋରିଆ ଓ ଦକ୍ଷିଣ କୋରିଆ ମଧ୍ୟରେ ଭୟଙ୍କର ଯୁଦ୍ଧ ଆରମ୍ଭ ହୋଇ ୧୯୫୩ରେ ଶେଷ ହୋଇଥିଲା। ଆର୍ମିଷ୍ଟାଇସ୍ ବଳରେ କୋରିଆ ଯୁଦ୍ଧର ଅବସାନ ଘଟିବା ପରଠାରୁ ଉତ୍ତର କୋରିଆ ଓ ଆମେରିକାର କୌଣସି ନେତା ଡିଏମ୍‌ଜେଡ୍‌ରେ ଏକାଠି ହୋଇ ନ ଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ୨୦୧୭ରେ ଉତ୍ତର କୋରିଆ ବାରମ୍ବାର ଆଣବିକ କ୍ଷେପଣାସ୍ତ୍ର ପରୀକ୍ଷଣ କରିବା ପରେ ୱାଶିଂଟନ ସହ ପ୍ୟୋଙ୍ଗ୍‌ୟାଙ୍ଗ୍‌ର ତିକ୍ତତା ବୃଦ୍ଧି ପାଇଥିଲା। ହେଲେ ୨୦୧୮ ଜୁନ୍‌ରେ ଦୁଇ ନେତା ସିଙ୍ଗାପୁରରେ ପ୍ରଥମ ଥର ପାଇଁ ପରସ୍ପରକୁ ଭେଟିଥିଲେ। ଅନୁରୂପ ଭାବେ ଫେବୃୟାରୀ ୨୦୧୯ରେ ଭିଏତ୍‌ନାମ ରାଜଧାନୀ ହାନୋଇଠାରେ ଉଭୟଙ୍କ ମଧ୍ୟରେ ଦେଖାସାକ୍ଷାତ୍ ହୋଇଥିଲା। ଏହା ସତ୍ତ୍ୱେ ଦୁଇ ରାଷ୍ଟ୍ର ମଧ୍ୟରେ ସମ୍ପର୍କ ବୃଦ୍ଧି ପାଇପାରି ନାହିଁ। ବିଶେଷଜ୍ଞଙ୍କ ମତରେ ଟ୍ରମ୍ପ୍ ଯେଭଳି ଭାବେ ନିଜ ଆଡ଼ୁ ସମ୍ପର୍କ ବୃଦ୍ଧି ସକାଶେ ସୂତ୍ରପାତ କଲେ, ତାହା ଦୁଇ ଦେଶ ମଧ୍ୟରେ ଉତ୍ତେଜନା ହ୍ରାସ ଦିଗରେ ନୂଆ ଦିଗ ଉନ୍ମୋଚନର ସମ୍ଭାବନା ସୃଷ୍ଟି କରିଛି।

ଏକଜିଦିଆ ଓ ଆକ୍ରମଣାତ୍ମକ ଚରିତ୍ରର ବ୍ୟକ୍ତିଦ୍ୱୟ ହେଉଛନ୍ତି ଡୋନାଲ୍ଡ ଟ୍ରମ୍ପ୍ ଓ କିମ୍ ଜଙ୍ଗ୍ ଉନ୍। ସେମାନଙ୍କ କାର୍ଯ୍ୟକଳାପକୁ ନିଜ ଦେଶ ସମେତ ବିଶ୍ୱସ୍ତରରେ ନିନ୍ଦା କରାଯାଇଆସୁଛି। ଅନ୍ତର୍ଜାତୀୟ ସ୍ତରରେ ଟ୍ରମ୍ପ୍‌ଙ୍କୁ ଯେତେ ନାପସନ୍ଦ କରାଯାଉଥିଲେ ମଧ୍ୟ କିମ୍‌ଙ୍କୁ ଭେଟି ସେ ଶାନ୍ତିର ଯେଉଁ ବୀଜବପନ କଲେ, ତାହା ଅନ୍ୟ ବିବାଦଗ୍ରସ୍ତ ରାଷ୍ଟ୍ର ପ୍ରତି ନୂଆ ସନ୍ଦେଶ ଦେବ ବୋଲି କୁହାଯାଇପାରିବ। ପ୍ରତ୍ୟେକେ ସାମାନ୍ୟ ସ୍ୱାର୍ଥକୁ ଜଳାଞ୍ଜଳି ଦେଇପାରିଲେ ବୃହତ୍ ଓ ସାମୂହିକ ମଙ୍ଗଳ ପାଇଁ ପଥ ଉନ୍ମୁକ୍ତ ହୋଇଯିବା ସ୍ୱାଭାବିକ।

ଏଭଳି ପ୍ରଚ୍ଛଦପଟରେ ଭାରତର କୂଟନୈତିକ ଯାତ୍ରା ଉପରେ ଦୃଷ୍ଟି ଦିଆଯାଇପାରେ। ନୂଆଦିଲ୍ଲୀ ଏବେ ବି ୧୯୫୦ ଦଶକର କୂଟନୀତି ଆପଣାଇ ଅନ୍ୟ ଉପରେ ବିଜୟ ଲାଭ କରିବାକୁ ପ୍ରୟାସ ଚଳାଇଲା ଭଳି ମନେହେଉଛି। କିନ୍ତୁ ବାସ୍ତବତା ହେଉଛି, ଭାରତର ଅର୍ଥନୈତିକ ପରିସ୍ଥିତିକୁ ଦେଖିଲେ ତାହା ଯୁଦ୍ଧ ସକାଶେ ପ୍ରସ୍ତୁତ ଥିବା ଭଳି ମନେହେଉ ନାହିଁ। ଆଧୁନିକ ଯୁଗରେ ଯୁଦ୍ଧ କେବେହେଲେ ସ୍ୱଳ୍ପ ସମୟରେ ମୀମାଂସିତ ହେବ ନାହିଁ। ଭାରତର ସବୁଠାରୁ ବଡ଼ କୂଟନୈତିକ ବିଫଳତା ତା'ର ପଡ଼ୋଶୀ ଦେଶମାନଙ୍କ ସହିତ ଅପଡ଼ ହେବାରେ ପରିଲକ୍ଷିତ ହେଉଛି। ଏବେ ମଧ୍ୟ ନୂଆଦିଲ୍ଲୀର କୂଟନୀତି-ଆମ ସହ ବନ୍ଧୁତ୍ୱ ସ୍ଥାପନ କର, ନ ହେଲେ ତୁମେ ଶତ୍ରୁ-ରେ ଅଟକିଯାଇଛି। ଫଳରେ ଭାରତ କଳା ଧଳା ସ୍ତରରେ ରହିଯାଉଛି। ପଡ଼ୋଶୀ ଦେଶ ସହ ଉତ୍ତମ ସମ୍ପର୍କ ରହିପାରୁ ନ ଥିବାରୁ ସବୁ ସୀମାରୁ ବିପଦ ଲାଗି ରହିଛି। ସୀମାନ୍ତରେ ପ୍ରତିଦିନ ଭାରତୀୟ ଯବାନଙ୍କ ପ୍ରାଣହାନି ଘଟୁଥିବା ବେଳେ ଜମ୍ମୁ ଓ କଶ୍ମୀରଠାରୁ ଅରୁଣାଚଳ ପ୍ରଦେଶ ଯାଏ ଥିବା ଭାରତୀୟ ଭୂଖଣ୍ଡର କିଛି କିଛି ଅଞ୍ଚଳକୁ ଚାଇନା ପ୍ରାୟ ମାଡ଼ି ଚାଲିଛି। ସେଥିପାଇଁ ଆମ ଦେଶର କୂଟନୀତିକୁ ପୁନର୍ବିଚାର କରାଯିବା ଆବଶ୍ୟକ।

## ଚିରନ୍ତନୀ

ମାସେ ହେଲେ କାହୁଁ ଦେବ
ଦେଖାଯିବ ଏହିନାଗେ
ଧନୀ ସାଉ ଦୋକାନରୁ
ସେଥିଲାଗି ଫୁସୁଲାଏ

ନାହିଁ ତାର ଭାବନା ତ
ଚକେ ଗଲେ ବାରହାତ।
ଦି'ଅଣା ହୋଇଛି ବାକି
ଦେବା ପାଇଁ ମିଛ ସାକ୍ଷୀ।
(ଚାଷୀର ଭାଗ୍ୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

**୨ ଜୁଲାଇ ୧୯୯୪**

- ମରିଟାନିଆ ଏୟାର ୱେଜର ଏକ ଫେବର-୨୮ ବିମାନ ଆଜି ତିଜ୍‌କମା ବିମାନ ବନ୍ଦରରେ ଅବତରଣ କରୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୭୦ ଯାତ୍ରୀ ମୃତ।
- ବାଣିଜ୍ୟ ସଂକ୍ରାନ୍ତ ବିବାଦର ସମାଧାନ ପାଇଁ ଭାରତ ଉଦ୍ୟମଶୀଳ ଥିବା ଦୃଷ୍ଟିରୁ ଆମେରିକା ସରକାର ନୂଆଦିଲ୍ଲୀ ବିରୋଧରେ ସ୍ୱତନ୍ତ୍ର-୩୦୧ ଆଇନ ବଳରେ ବାଣିଜ୍ୟ କଟକଣାକୁ ଏକବର୍ଷ ପାଇଁ ସ୍ଥଗିତ କରିଛି।
- ଡ୍ରଗ୍‌ସ ସେବନ ଅଭିଯୋଗରେ ଆର୍ଜେଣ୍ଟିନା ଫୁଟବଲ ଦଳ କ୍ୟାପଟେନ ଡିଏଗୋ ମାରାଡୋନା ଚଳିତ ବିଶ୍ୱକପର ଅବଶିଷ୍ଟ ମ୍ୟାଚରୁ ବାଦ ପଡିଛନ୍ତି।

## su | do | ku ସୁ-ଡୋ-କୁ

| | | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|---|
| A | B | 1 | | | | | 3 | | | 5 | 6 | 2 | | | 4 |
| | | E | 3 | 6 | | | | 7 | | | 8 | | 9 | | |
| 7 | | | | | | 8 | 9 | 5 | | | | | | | |
| 2 | | | | | | 3 | | | 8 | | | E | | 7 | A |
| 0 | D | | A | | | | | 4 | 6 | | | | | | |
| | | C | D | | 2 | | | | | | 0 | 5 | | | 1 |
| | | | | | | 6 | | | C | 4 | | | | | |
| 4 | A | | | | | E | 3 | | | | 2 | | | C | B |
| 3 | 2 | | | | | 1 | | D | | C | | | | | |
| | 6 | | | | D | 0 | A | | 5 | | | | | E | |
| | | | E | | C | D | A | | | | | | | 4 | |
| E | | B | 8 | 3 | | C | 9 | 6 | | | | | | | |
| | 0 | | 1 | 9 | | 2 | 4 | 7 | | | C | | A | E | |
| | | | | | 4 | 8 | | | | | D | | | | 3 |
| | | | | A | 2 | | | | | | 9 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁକୁ ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ AରୁE ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

[illegible]

ଗତକାଲିର ଉତ୍ତର


# ନିଖିଳର କବି କାଳିନ୍ଦୀଚରଣ

**ଡ. ହୃଷୀକେଶ ମଲ୍ଲିକ**

ଗତ ଶତାବ୍ଦୀର ଓଡ଼ିଆ ଗଦ୍ୟ ଓ କବିତାରେ କାଳିନ୍ଦୀଚରଣ ହେଉଛନ୍ତି ଏକ ସଶକ୍ତ ଉଚ୍ଚାରଣ। ୧୯୨୦ ମସିହା ପରେ, ଅର୍ଥାତ୍ ସତ୍ୟବାଦୀ ଯୁଗର ଜାତୀୟତାବାଦୀ ସୋପାନଟି ଅତିକ୍ରମ କଲାପରେ ଓଡ଼ିଆ କବିତାରେ ଯେଉଁ ନୂଆ ଯୁଗଟି ଆସେ, ସେହି ଯୁଗର ଅତ୍ୟତମ ପ୍ରମୁଖ ବିନ୍ଧାଣି ସେ। 'ମାଟିର ମଣିଷ' ଉପନ୍ୟାସ ରଚନା କରି ଓଡ଼ିଆ ଉପନ୍ୟାସ ସାହିତ୍ୟରେ ସେ ଯେପରି ଏକ ଦିଗବାରେଣୀ, 'ମନେ ନାହିଁ', 'କ୍ଷଣିକ ସତ୍ୟ' ଓ 'ମହାଦୀପ' ଭଳି କବିତାଗ୍ରନ୍ଥ ରଚନା କରି ଓଡ଼ିଆ କବିତାରେ ସେହିପରି ଭିନ୍ନ ଏକ ବୁନିଆଦିର ନିର୍ମାତା। ତାଙ୍କ ତାରୁଣ୍ୟ ଭାରତୀୟ ରାଜନୀତିର ଏପରି ସମୟଖଣ୍ଡରେ ଉଦ୍ଦୀପିତ, ଯେତେବେଳେ କି 'କଂଗ୍ରେସ'ରେ ପ୍ରବେଶ କରୁଛି 'ସମାଜବାଦ'। ଏହି ସମୟକୁ ପୁଣି ଓଡ଼ିଶାରେ ଅଭ୍ୟୁଦୟ ଘଟୁଛି କମ୍ୟୁନିଷ୍ଟ ଚିନ୍ତନର। ରାଜାରାଜୁଡ଼ାଙ୍କ ଏକଚ୍ଛତ୍ର ସ୍ଥିତି ବିପକ୍ଷରେ ଦାନା ବାନ୍ଧୁଛି ମେହନତି ମଣିଷର ପ୍ରତିବାଦୀ ସ୍ୱର। ଯଦିଓ କାଳିନ୍ଦୀଙ୍କ ପ୍ରାଥମିକ କବିତା ଥିଲା 'ସ୍ୱପ୍ନ' ଓ 'ଯୌବନ'ର ନିରାଜନା; କିନ୍ତୁ ତା'ର ସମାନ୍ତରାଳରେ ଉଧାଉଥିଲା ଓଡ଼ିଆ କବିତାରେ ଏକ ସାମ୍ୟବାଦୀ ଚେତନାର ଅଭୀକତା। ଈଶ୍ୱର ନୁହେଁ, ଈଶ୍ୱରଙ୍କଠୁଁ ନିରାଶ ହୋଇ ମୁହଁ ଫେରାଉଥିବା ନିରାଶ୍ରୟୀ ମଣିଷର ଅଭିଷେକ ଓଡ଼ିଆ କବିତାରେ ରଚିଥିଲା ମାନବବାଦର ଏକ ନୂଆ ଯୁଗ। ଏପରି ଏକ ସନ୍ଧିକ୍ଷଣରେ କାଳିନ୍ଦୀ ଓଡ଼ିଆ କବିତାରେ ଆବିର୍ଭୂତ ହୋଇ, ଓଡ଼ିଆ କବିତାର ଯେଉଁ ବିନୀତ ଓ କାନ୍ଦୁରା ଯୁଗଟିକୁ ବାଟ ବଢ଼େଇ ଆଣିଥିଲେ ସତ୍ୟବାଦୀର ସାହିତ୍ୟସାଧକମାନେ, ତାକୁ ପ୍ରଦାନ କରିଥିଲେ ପ୍ରତିବଦ୍ଧତାର ନିଶଙ୍କ ବଜ୍ର-କବଚ।

କାଳିନ୍ଦୀ ଐତିହ୍ୟ ସୂତ୍ରରୁ ପାଇଥିଲେ ଓଡ଼ିଆ କାବ୍ୟଭାଷାର ଯେଉଁ ଖାନ୍ଦାନି, ତାକୁ ଆଧାର କରି ଗଢ଼ିଥିଲେ ନିଜସ୍ୱ ଏକ କାବ୍ୟଧାରା, ଯହିଁରେ 'ମଣିଷ' ଥିଲା କେନ୍ଦ୍ରରେ। ଅଙ୍ଗେନିଭା ଅନୁଭୂତିକୁ ସେ ଦେଇଥିଲେ କାବ୍ୟଭାଷାର ଗୌରବ। 'ଗାନ୍ଧାରୀର ଆଶୀର୍ବାଦ' ଓ 'ପାସୋରି ଦେଲିରେ ଶିମୁଳିପାଳ' କବିଙ୍କର ଦୁଇ ଅମର କାବ୍ୟକୃତି। ଏଥିରେ ଅଛି 'ଆଦର୍ଶ' ଓ 'ଜୀବନର ତାଜାପଣ'। ଦେହକୁ କସ୍ମିନ୍‌କାଳେ ଅସ୍ୱୀକାର ନ କରି ମଧ୍ୟ ଜୀବନକୁ ଛୁଇଁଛନ୍ତି ମହାକାଶୀ ଉଚ୍ଚତାରେ। 'ଯୌବନ' ତାଙ୍କ କବିତାର ଯଦିଓ ପାଦପ୍ରଦୀପ, କିନ୍ତୁ ସେହି ପ୍ରଦୀପରେ ଆଲୋକିତ ନିଖିଳବିଶ୍ୱର ସାମଗ୍ରିକତା। ମଣିଷ ଆଖିର ଏପରି ବୁନ୍ଦାଏ ଲୁହ ନାହିଁ, ଯାହା ତାଙ୍କ କବିତାର ଶବ୍ଦ ଦେଇ ଝରିଯାଇନାହିଁ। ଦୀନଦୁଃଖୀର ଏପରି ଟୋପାଏ ସ୍ୱେଦ ନାହିଁ, ଯାହା ତାଙ୍କ କବିତାର ଅତି ସୁକୁମାର ଶବ୍ଦଙ୍କୁ ବି ଝାଳେଇ ଦେଇନାହିଁ। ତାଙ୍କର ପ୍ରତ୍ୟେକଟି ପରିଣତ କବିତାରେ ରାତିଶେଷର ଦୂର ଆଡ଼ବଂଶୀ ପରି ଶୁଭିଛି ଖଟିଖିଆର ନିରୁପାୟ ଦୀର୍ଘଶ୍ୱାସ। ଗାଁ ମହାଜନର ଅତ୍ୟାଚାରରେ ନିପୀଡ଼ିତ ସର୍ବହରାର

### ଜୟନ୍ତୀ ଉପଲକ୍ଷେ



ଦୁର୍ଦ୍ଦଶାକୁ ରୂପ ଦେବାକୁ ଯାଇ କାଳିନ୍ଦୀ ତାଙ୍କର 'ଚାଷୀର ଭାଗ୍ୟ' (ମହାଦୀପ) କବିତାରେ ଲେଖିଛନ୍ତି:

''କିଣିଥିଲା ଛଡ଼ାଟିଏ, ପିଲାଏ ଖାଇବେ ଦୁଧ
ମହାଜନ ଦେଖି ତାହା, ତାଗିଦା କରିଛି ସୁଧ !
ଜମିଦାରି ପିଆଦାକୁ, ଆଠଣା ଦେଇଛି କାଲି
ଏ ବରଷ ଖଜଣାଟା, ସତାରିବ ମାସେ ଖାଲି।''

ରାଜନୀତିରେ ଭୋଟ୍ ବେଳ ଆସିଲେ ଗାଁ ଗାଁରେ କେତେ ସଭା ହୁଏ, କେତେ ମିଠା ମିଠା ବୋଧନା ଦିଆଯାଏ; ଅଥଚ ଭୋଟ୍ ସରିଲେ କାଣିଆ କିଏ ନା କପିଳା କିଏ? ଗରିବର ଭାଗ୍ୟ ଯେଉଁ ତିମିରେକୁ ସେଇ ତିମିରେ। ରାଜନୀତିର ଏଇ ଚିରାଚରିତ ପ୍ରବଞ୍ଚନାକୁ କାଳିନ୍ଦୀ ରୂପ ଦିଅନ୍ତି ଏହିପରି ତାଙ୍କ କବିତାରେ-''ଆପଣା ବରାଦ ଆପେ, କରିବାକୁ ହେବ ଆଜି/ଗଲାଣି ସେ ବେଳକାଳ, କରିବାକୁ ହାଁ ଜୀ ହାଁ ଜୀ!/କରିବାକୁ ହେବ ରଡ଼ି, ନାହିଁ ନାହିଁ ନାହିଁ ଯାହା/କରାମତି ଦେଖାଇବ, କେଡ଼େ ଘାସକଟା ଦାଆ!'' (ଚାଷୀର ଭାଗ୍ୟ, ମହାଦୀପ)। ପ୍ରବଞ୍ଚକଙ୍କ ବିରୋଧରେ ଉତ୍ତୋଳିତ ହୋଇଥିଲା କି ଆଗରୁ ଚାଷୀର ଏ ତୃଷାର୍ତ୍ତ ଘାସକଟା ଦାଆ କାଳିନ୍ଦୀଙ୍କ ପୂର୍ବରୁ, ଏତେ ଅ'ଣ ଉପ୍ରୋଧ?

'ଚାଳଘର', 'ବ୍ୟଥାର ସାଧନ' ଓ 'ଯାଦୁଘର' ଭଳି କବିତା ରଚନା କରି କାଳିନ୍ଦୀ ଓଡ଼ିଆ କବିତାରେ ସାଧାରଣ ଜନତାର ସ୍ୱରକୁ ଏପରି ଶାଣିତ କରିଯାଇଛନ୍ତି ଯେ, ତାହା ଆଜି ସୁଦୂର ଅନ୍ତରୀକ୍ଷରେ ବି ପ୍ରତିଧ୍ୱନିତ ହେଉଛି ରହି ରହି। ସମକାଳର 'କଟକ'ର ରାଜନୈତିକ ବିରୂପତାକୁ କାଳିନ୍ଦୀ ଯେପରି ପ୍ରତ୍ୟକ୍ଷ କରି ଆଙ୍କିଛନ୍ତି ତାଙ୍କ କବିତାରେ, ତା'ର ବିକଳ୍ପ ଖୋଜିଲେ ତାଙ୍କ ସମଧର୍ମା ସହକବିଙ୍କ କବିତାରେ କ୍ୱଚିତ୍ ମିଳେ। ଯଥା: ''ସୁବିଧାବାଦର ଫିଟାଇ ନୂତନ ରାହା/କାମଠାରୁ ବଡ଼ ହୋଇଅଛି କରତାଳି/ ସବୁଠାରୁ ବଳି ଖବରକାଗଜ-ମାୟା/କଟକେ କେବଳ ରାଜନୀତି ଆଜିକାଲି।'' (କଟକ-ରାଜନୀତି)। ୧୯୪୦ରେ ଲେଖୁଛନ୍ତି କବି ତାଙ୍କର ଏ କବିତା, ଯେତେବେଳେ ସେ ନିଜେ ବି ଉଣା ଅଧିକେ ରାଜାଶ୍ରିତ ବା ଶାସନର ଅଂଶୀଦାର, ବେତନଭୁକ୍।

ଦଳିତ, ଲାଞ୍ଛିତ ଓ ସର୍ବହରାଙ୍କୁ ନେଇ ଓଡ଼ିଆରେ ୧୯୪୦ ପରବର୍ତ୍ତୀ ପର୍ଯ୍ୟାୟରେ ହୁଏତ ଅନେକ କବିତା ଲେଖାଯାଇଛି, କିନ୍ତୁ ଖୁବ୍ କମ୍ କବି ତାଙ୍କ କବିତାରେ ଗୋଟିପଣେ ଦଳିତ, ଲାଞ୍ଛିତ ଓ ସର୍ବହରାର ହାହାକାର ଭିତରେ ନିଜକୁ ମିଳାଇ ଦେଇଛନ୍ତି, ଯେପରି କରିଛନ୍ତି କାଳିନ୍ଦୀଚରଣ। ଖୁବ୍ କମ୍ କବିତାରୁ ଶୁଭୁଛି 'ବ୍ୟକ୍ତିସତ୍ତା'ର 'ସମଗ୍ର'ରେ ବିସର୍ଜନର ଏ ଅଶ୍ରୁଧ୍ୱନି- ''ଦଳିତ ପୀଡ଼ିତ ମୋ' ତହୁଁ ଅଧିକ କିଏ?/ମୋ ତହୁଁ ଉଷ୍ମ ନିଃଶ୍ୱାସ ଢାଳିଦିଏ/ ବୁହାଏ ମୋ' ତହୁଁ ଅଧିକ କିଏ ବା ଝାଳ/ ରୁଧିର କାହାର ମୋ' ତହୁଁ ତୀବ୍ର ଲାଲ?/ମଣିଷ ପାଖରେ ବନ୍ଧୁତା କଲେ ଯାଇ/ ସେହି ଛୁରି ଲୋଡ଼ା ନିଜକୁ ରଖିବା ପାଇଁ। ('ମୋ ବାଣୀ', 'ଛୁରିଟିଏ ଲୋଡ଼ା')। ୧୯୩୯ରେ କାଳିନ୍ଦୀ ଲେଖୁଛନ୍ତି ଏ କବିତା, ଯେତେବେଳେ ସାରା ଦେଶ ମାତିଛି ଏକ ବିବର୍ତ୍ତନର ସନ୍ଧାନରେ। ଲକ୍ଷ୍ୟ କରିବାର କଥା ଯେ, କାଳିନ୍ଦୀଙ୍କ କବିତାରେ 'ଛୁରି' ଏଠି 'ଲୁହା'ର ଶାଣଦିଆ ଛୁରି ନୁହେଁ, ଏ 'ଛୁରି' ବନ୍ଧୁତାର, ସମନ୍ୱୟର ଓ ପରକୁ ଆପଣେଇ ନେବାର ଉତ୍ସବମୟତା। ଦେବତାର ଦୁଆରେ ଦରିଦ୍ରର ଡାକବାଜି ଫେରି ଆସୁଛି, ଅଥଚ କବି କହୁଛନ୍ତି, ଏ ପ୍ରତ୍ୟାଖ୍ୟାନରେ ଦେବତାର ଟେକ ରଖିବାକୁ କାଟିଦେବାକୁ ହେବ ନିଜର ବେକ।

କାଳିନ୍ଦୀଙ୍କ କବିତାରେ ଆଉ ଏକ ଲକ୍ଷ୍ୟ କରିବାର କଥା ଯେ, ସେ ତାଙ୍କ କବିତାରେ 'ଶଳା' ଓ 'ଶାଳୀ' ପରି ଇତରୋଚିତ ଶବ୍ଦର ପ୍ରୟୋଗ କରିଥିଲେ ବି କଦାପି ଏ ଶବ୍ଦସବୁକୁ ପ୍ରତିପକ୍ଷ ବିରୋଧରେ ମର୍ଯ୍ୟାଦାହୀନ ଭାବେ ନିୟୋଜିତ କରିନାହାନ୍ତି। 'କିଏ ଶଳା ସଇତାନ'(୧୯୪୪) ଶୀର୍ଷକ ତାଙ୍କର ଏକ ଚର୍ଚ୍ଚିତ କବିତାର ଏଇ ପଙ୍‌କ୍ତିଟିକୁ ଲକ୍ଷ୍ୟ କରନ୍ତୁ- ''ଜନ୍ମ ଆମର ମଣିଷ କୁଳରେ/ନାହିଁ ଇଜ୍ଜତ ମାନ/ଆମ ଝିଅବୋହୂ ସବୁରି ଶାଳୀ ହେ/ଆମେ ଶଳା ସଇତାନ।'' 'ଶଳା' ଓ 'ଶାଳୀ' ଶବ୍ଦ ଏଠି ନିଜ ପ୍ରତି 'ଆତ୍ମଧିକ୍କାର', ଯଦିଓ କବିତାର ଶେଷ ପର୍ଯ୍ୟାୟରେ ସେ କହନ୍ତି 'ବଳେ ଜଣାଯିବ କିଏ ଶଳା ସଇତାନ' ବୋଲି। ପ୍ରତି ଯୁଗର ପ୍ରତ୍ୟେକ ପ୍ରତିଭାବାନ କବି ସ୍ଥିତ ଭାଷାର ନବନିର୍ମାଣ କରିଥାନ୍ତି। କାଳିନ୍ଦୀ ତାହା ତ କରିଛନ୍ତି, କିନ୍ତୁ ଏଥି ସହିତ ନିଜର ସକଳ ନିଷ୍ଠା ଦେଇ ସେ ଉତ୍କ୍ର ବାଗ୍‌ଦେବୀଙ୍କର ଯେଉଁ ଚାମର ସେବା କରିଯାଇଛନ୍ତି, ତାହା ଓଡ଼ିଆ କବିତାରେ ଅବଶ୍ୟ ଦୁର୍ଲଭ।

ଓଡ଼ିଆ ଭାଷାର ଅପାଠୁଆ, ଅପାଠୋଇଙ୍କ ତୁଣ୍ଡରୁ ଶବ୍ଦ ଛଡ଼େଇଆଣି ନିଜ କବିତାକୁ ଯେପରି ନିକ କରି ଗଢ଼ିଯାଇଛନ୍ତି କାଳିନ୍ଦୀଚରଣ, ତା'ର ପଟାନ୍ତର କେବଳ ଓଡ଼ିଆ ଭାଷାରେ ନୁହେଁ, ତାଙ୍କ ସମକାଳୀନ ଭାରତର ଅନ୍ୟ କବିତାରେ ମଧ୍ୟ ବିରଳ। କବିଙ୍କର ଆଜି ପବିତ୍ର ଜନ୍ମତିଥି। ଏ ଅବକାଶରେ ମହାର୍ଘ ଏହି କବିଙ୍କର ଗୋଟିଏ କବିତାଂଶ ଉଦ୍ଧାର କରି ତାଙ୍କୁ 'ଧରିତ୍ରୀ' ଓ ସମଗ୍ର ଓଡ଼ିଆ ଜାତିର ଶ୍ରଦ୍ଧାଞ୍ଜଳି ବାଢ଼ିଦେବା ହିଁ ହେବ ତାଙ୍କ ପ୍ରତି ଓଡ଼ିଆ ଭାଷାର କାମ୍ୟ କୃତଜ୍ଞତା- ''ମୃତ୍ୟୁ ପରେ କି ସୁଖ ଅଛି/କି ଅବା ବିଭୀଷିକା/ କଳ୍ପନାର ରାଇଜେ ବୁଲ କାହିଁ?/ନିଭିଲେ ଥରେ ନ ଜଳେ ଆଉ/ ଜୀବନ-ଦୀପଶିଖା/ଜୀବନ ପରେ ନାହିଁରେ କିଛି ନାହିଁ!'' ('ଅମର ଆଶା', 'ମନେ ନାହିଁ')

ମୋ-୯୮୫୩୨୮୭୭୫୫

# ମୁଁ କ'ଣ ସତରେ ବୋକା



**ସୁଧାକର ଦାସ**

ମତେ ପିଲାଦିନେ ସମସ୍ତେ କହୁଥିଲେ ବୋକା। ଅରୁଆ ଧାନ ଗୋଟେ ବିଲରେ ଆଉ ଉଷୁନା ଧାନ ଆଉ ଗୋଟେ ବିଲରେ ଫଳେ ବୋଲି ମୁଁ ବି.ଏ. ପଢିବା ପର୍ଯ୍ୟନ୍ତ ଜାଣିଥିଲି। ଗାଁ ସାର୍‌ଙ୍କ ପାଖରୁ ଟ୍ୟୁଶନ ସାରି ଫେରିବା ବାଟରେ ମୋ ସାଙ୍ଗ ଅଭୟ ଘରକୁ ଯାଇ ତାଙ୍କ ପିଣ୍ଡାରେ ଜଳୁଥିବା ଲଣ୍ଠନ ପାଖରେ ମୋ ଲଣ୍ଠନଟା ରଖିଦେଇ ପଚାରୁଥିଲି ଆରେ ଏତେ ଲଣ୍ଠନ କାହିଁକି ଜଳେଇଛୁ ବଡ଼ବୋଉ ?

ମତେ ଅଧିକାଂଶ ଦିନ ଘିଅଭାତ ଖାଇବାକୁ ଭଲ ଲାଗେ। ବୋଉ ବି ଏକଥା ଜାଣେ। ଦିନେ ଦିନେ ଘିଅ ନ ଥିବା ବେଳେ, ବୋଉ ମୋ ଭାତରେ ମରା ନଡିଆ ତେଲ ପକେଇଦେଇ କହେ ଏଇଟା ମଇଁଷି ଘିଅ। ମୁଁ ପରମ ସନ୍ତୋଷରେ ଖାଇଦିଏ। ଏ କଥାଟା ମୁଁ ବଡ଼ ହେଲା ପରେ ଜାଣିଲି।

ମାଟ୍ରିକ ପରୀକ୍ଷା ଦେବାବେଳେ ମୋ ସିଟ୍ ଥିଲା ଠିକ୍ ଡୋର୍ ପାଖାପାଖି। ସ୍କ୍ୱାଡ୍ ଆସିଲା ବୋଲି ହଲ୍ଲା ହେଇଯିବା ପରେ ପଛରେ ବସି କପି କରୁଥିବା ପିଲା ସବୁ କପିଗୁଡା ଡୋର୍ ଆଡକୁ ପକେଇଦେଲେ ଆଉ ମତେ କାଳେ ସ୍କ୍ୱାଡ୍ ବାଲା ଧରିବେ ବୋଲି ମୁଁ ମୋ ସିଟରୁ ଉଠିପଡି ସବୁଗୁଡା କପି ବାରଣ୍ଡା ଆଡକୁ ପାଦରେ ଠେଲୁଥିବା ବେଳେ ସ୍କ୍ୱାଡ୍ ବାଲା ମତେ ଆସି ଧରି ମୋ ଆଡ୍‌ମିଟ କାର୍ଡ ନେଇଗଲେ। ବେଳ ଭଲ ସେମାନେ ମୋ ଖାତା ଚେକ୍ କରି କ'ଣ ବୁଝିଲେ କେଜାଣି ମତେ ମାଲ୍‌ପ୍ରାକ୍ଟିସରେ ବୁକ୍ କଲେନି। ମୁଁ ବଞ୍ଚିଗଲି।

କଲେଜରେ ପଢ଼ିବା ବେଳେ, ଯୋଗମାୟା ମତେ ହିଁ କଣେଇ କଣେଇ ଚାହେଁ ଓ ହସେ ବୋଲି ବିଶ୍ୱାସ ଦେଇ ମୋ ସାଙ୍ଗମାନେ ମୋ'ଠୁ ଆଲୁଦମ୍ ଦହିବରା ଖା'ନ୍ତି ଆଉ ସିଗାରେଟ୍ ଟାଣନ୍ତି। ୟୁ ଆର୍ ଏ ଜୁଏଲ କହି ବର୍ଷ ସାରା ପାଠ ନ ପଢି ମଉଜମସ୍ତିରେ ଟାଇମ୍ ବିତେଇଥିବା ସାଙ୍ଗମାନେ ମୋ ନୋଟ୍‌ବୁକ୍ ନେଇ ଘୋଷି ପକାନ୍ତି କି କପି କରିଦିଅନ୍ତି ଆଉ ରେଜଲ୍ଟ ବାହାରିଲା ବେଳକୁ ମୋ ମାର୍କ ଆଉ ସେମାନଙ୍କର ମାର୍କ ପ୍ରାୟ ପାଖାପାଖି ଥାଏ।

ବହୁତ ଚେଷ୍ଟା, ଅନେକ ପରୀକ୍ଷା ଦେବା ପରେ ଚାକିରିଟେ ନ ମିଳିବାରୁ ମୋ ସାଙ୍ଗର ବଡ଼ଭାଇ, ଯାହାଙ୍କର ଅନେକ ରାଜନୈତିକ ପତିଆରା, ତାଙ୍କ ମାଧ୍ୟମରେ ସରକାରୀ ଚାକିରିଟେ ପାଇବି ବୋଲି ଭରସାରେ ତାଙ୍କ ହାତକୁ ତିନି ଲକ୍ଷ ଟଙ୍କା ଟେକି ଦିଏ, ଯାହା ଆଜି ଯାଏ ଅନାଦେୟ ହେଇ ରହିଯାଇଛି। ମୁଁ ତୁମକୁ ସାରା ଜୀବନ ଅପେକ୍ଷା କରିବି ବୋଲି ବାରମ୍ବାର ମତେ କହିଥିବା ଅର୍ପିତା ତା' ଶେଷ ଚିଠିରେ ମତେ ଲେଖିଥିଲା ମୁଁ ସିନା ଅନ୍ୟତ୍ର ବାହା ହେଇ ଯାଉଛି, ହେଲେ ତୁମ ପରି ହୃଦୟଟେ ମୁଁ ସାରା ସଂସାରରେ ପାଇବିନି। ସାରା ଜୀବନ ତମେ ହିଁ ମୋ' ପ୍ରିୟତମ ହୋଇ ରହିବ, ତୁମକୁ ନେଇ ପ୍ରେମ କରିହୁଏ, ସଂସାର ନୁହେଁ। ବାହାଘର ପରେ ମୁଁ ମୋ ସ୍ତ୍ରୀ ହାତକୁ ଦରମା ଗଣ୍ଡାକ ଟେକି ଦେଉଥିଲି। ଗାଁରେ କେବେ ଭୋଜିଭାତ ପଡିଲେ ପତ୍ନୀ କହୁଥିଲା ତା' ହାତ ପୂରା ଖାଲି। ଅଗତ୍ୟା ଜିପିଏଫ୍‌ରୁ ଟଙ୍କା କାଢୁଥିଲି, ନ ହେଲେ ଧାରକରଜ। ହେଲେ ମୋ ପତ୍ନୀ ବର୍ଷକୁ ବେଶ୍ ପଇସା ସୁନାହୀରା କିଣିବାରେ ଖର୍ଚ୍ଚ କରୁଥିଲା ଆଉ ତା' ବଡ଼ଭିଣୋଇ ରୋଗଗ୍ରସ୍ତ ହୋଇ ଶଯ୍ୟାଶାୟୀ ହେଇଥିବାରୁ ତାଙ୍କ ପିଲାମାନଙ୍କର ସମସ୍ତ ଖର୍ଚ୍ଚ ଉଠଉଥିଲା।

ମୋ ପିଲାମାନେ ବଡ଼ ହେଉଥିଲେ। ତାଙ୍କ ହାତରେ କେବେ ବହି ଧରିବା ଦେଖେନି। ମୋବାଇଲ ନ ହେଲେ କମ୍ପ୍ୟୁଟର୍। ପଚାରିଲେ କୁହନ୍ତି, ଏବେ ପାଠ ସବୁ ଇଣ୍ଟର୍‌ନେଟ୍‌ରେ। କିଛି ଭିତରି କଥା ପଚାରିଲେ, ପତ୍ନୀ ଗର୍ଜନ କରି ମାଡିଆସେ- ବହିପତ୍ର ନ କିଣି ସେମାନେ କେତେ ପଇସା ତମର ସେଭ୍ କରୁଛନ୍ତି ? ତମେ କିଛି ବୁଝିନ ସେ ସବୁ। ପାଠପଢାର ଧାରା ବଦଳିଗଲାଣି। ତମେ ଗଲ, ତମ ଚା' ଥଣ୍ଡା ହେଉଛି।

ମୋ ପତ୍ନୀ ଏବେ ସବୁବେଳେ କୁହେ ତମେ ଏତେ ବୋକା ଲୋକ! ଫଳ, ପନିପରିବା ଯିଏ ଯାହା ଧରେଇଦେଲା, କମ୍ ପଇସାରେ ମିଳୁଛି ବୋଲି ଧରି ଘରକୁ ପଳେଇ ଆସିଲ ? ପୁଅଝିଅ କୁହନ୍ତି- ବାପା, ତମେ ସତରେ ବଡ଼ ବୋକା। ପ୍ରତି ମାସରେ ଅନାଥାଶ୍ରମ, ବାଳାଶ୍ରମ, ମନ୍ଦିର ଏସବୁକୁ ପଇସା ପଠେଇବା କ'ଣ ଦରକାର ? ସେତିକି ପଇସା ତମେ ସେୟାର୍ ମାର୍କେଟରେ ଲଗଉନ, କେତେ ଲାଭ ମିଳିବ ଦେଖିବ। ମତେ ବୋକା ବୋଲି କହୁଥିବା ଓ ଭାବୁଥିବା ସମସ୍ତଙ୍କୁ ମୁଁ ବେଳେବେଳେ ମନେ ପକାଏ। ମୋ' ବୋଉ, ମୋ କଲେଜ ସାଙ୍ଗ, ଅର୍ପିତା ଦାସ, ମୋ ପତ୍ନୀ ଓ ମୋ ପିଲାମାନେ, ଯୋଉମାନେ ମତେ ନିହାତି ବୋକା ବୋଲି ଆଜି ଯାଏ ଭାବି ଆସିଛନ୍ତି। ମୋ ସରଳପଣରେ ମୁଁ ଯଦି ବୋଉର ସ୍ନେହକୁ ସତ ମାନିନେଲି, ମୋ ନିଛନ୍ଦ ମନରେ ଯଦି ସାଙ୍ଗମାନଙ୍କୁ ବିଶ୍ୱାସ କରିଗଲି, ହତାଶାର ଶିକାର ହୋଇ ଭରସା କରି ଚାକିରି ପାଇଁ ଯଦି ସାଙ୍ଗର ଭାଇ ହାତକୁ ୩ ଲକ୍ଷ ଟଙ୍କା ଟେକିଦେଲି, ଉଚ୍ଛୁଳା ଭାବାବେଗ ଆଉ ପ୍ରଗାଢ଼ ପ୍ରେମରେ ଯଦି ଅର୍ପିତାକୁ ଭଲପାଇଲି, ସାଂସାରିକ ମୋହରେ ମୋ ପତ୍ନୀ ଓ ପିଲାମାନଙ୍କୁ ବିଶ୍ୱାସ କରିଗଲି, ମଲ୍‌କୁ ନ ଯାଇ ରାସ୍ତାକଡ ପରିବାବିକାଳିଠୁ କିଛି ପନିପରିବା କିଣି ଆଣିଲି, ସଂସାରରେ ଅନାଥ ଓ ଅସହାୟଙ୍କ ପାଇଁ ମୋ ନିଜ ଆୟର କିଛି ଅଂଶ ଦାନ କରିଦେଲି ତେବେ ଏହା କ'ଣ ମୋର ସତରେ ବୋକାମି ? ଆଉ ପ୍ରତିଥର ଏମାନଙ୍କ ଭାବନା ବିଷୟରେ ଭାବିବାବେଳେ ଉପସଂହାରରେ ଗୋଟିଏ ପ୍ରଶ୍ନ ମୋ ମନକୁ ଆସେ, ମୁଁ କ'ଣ ସତରେ ବୋକା ?

ମୋ- ୯୪୩୭୨୭୪୮୫୭

## ଏଇ ଭାରତରେ

ଆସାମ ତିନସୁକିଆର ୪୦ବର୍ଷୀୟ ଡି. କ୍ରିଷ୍ଣ କୁମାର ସ୍କୁଟରରେ ମା'ଙ୍କୁ ୧୭ଟି ତୀର୍ଥସ୍ଥଳ ଭ୍ରମଣ କରାଇବାକୁ ବାହାରି ପଡିଛନ୍ତି। ପାଖାପାଖି ୪୦,୩୮୦ କିଲୋମିଟର ଭ୍ରମଣ କରିବାର ଲକ୍ଷ୍ୟ ରଖିଛନ୍ତି କ୍ରିଷ୍ଣ କୁମାର। ଏଥିସହ ସେ ନେପାଳ ଓ ଭୁଟାନର କିଛି ତୀର୍ଥସ୍ଥଳ ମଧ୍ୟ ଭ୍ରମଣ କରିବେ। ଏଥିପାଇଁ ତାଙ୍କୁ ଦେଢ ବର୍ଷ ସମୟ ଲାଗିବ ବୋଲି ଅନୁମାନ କରାଯାଉଛି। ଆଧୁନିକ ଯୁଗର ଏହି ଶ୍ରବଣକୁମାର ତାଙ୍କର ୭୦ ବର୍ଷୀୟା ମା' ଚୁଡ଼ରତ୍ନାଙ୍କୁ ବିଭିନ୍ନ ତୀର୍ଥସ୍ଥାନ ବୁଲାଇବାକୁ ବାହାରିଥିବା ବେଳେ ମା' ତାଙ୍କର ଏଭଳି ପୁଅ ପାଇ ବେଶ୍ ଗର୍ବିତ ବୋଲି କହିଛନ୍ତି। ୨୦୧୮ ଜାନୁୟାରୀ ୧୬ରୁ ଏମାନେ ଯାତ୍ରା ଆରମ୍ଭ କରିଥିବା ବେଳେ ଇତିମଧ୍ୟରେ ତାମିଲନାଡୁ, ପଣ୍ଡିଚେରୀ, କର୍ନାଟକ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ମହାରାଷ୍ଟ୍ର, ଗୋଆ, ଛତିଶଗଡ଼, ଓଡ଼ିଶା, ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ, ସିକିମ, ନେପାଳ ଓ ଭୁଟାନ ଭ୍ରମଣ କରିସାରି ଏବେ ଆସାମରେ ପହଞ୍ଚିଛନ୍ତି। ଏହାପରେ ସେ ଅରୁଣାଚଳ ପ୍ରଦେଶର ପର୍ଶୁରାମ କୁଣ୍ଡ ଗସ୍ତ କରିବେ।

# ଅମୃତର ନାଭି

**ଡ. ଲାବଣ୍ୟଚନ୍ଦ୍ର ସାହୁ**

ଗାଈ ବା ଗାଭୀକୁ ବେଦରେ ଅମୃତର ନାଭି କୁହାଯାଇଛି- ''ମାତା ରୁଦ୍ରାଣାଂ ଦୁହିତା ବସୂନାଂ ସ୍ୱସାଦିତ୍ୟାନାମମୃତସ୍ୟ ନାଭିଃ।'' ଅର୍ଥାତ୍ ଗାଈ ହେଉଛି ରୁଦ୍ରଗଣଙ୍କ ମାତା, ବସୁମାନଙ୍କର ପୁତ୍ରୀ, ଆଦିତ୍ୟମାନଙ୍କର ଭଗ୍ନୀ ଏବଂ ଦୁଗ୍ଧ, ଦଧି ଓ ଘୃତ ରୂପକ ଅମୃତର ସୃଜନସ୍ଥଳୀ। ଭାରତୀୟ ସଂସ୍କୃତିରେ ଗୋସେବାକୁ ଆର୍ଥିକ ଓ ପରମାର୍ଥିକ ଦୃଷ୍ଟିରୁ ବିଚାର କରାଯାଉଥିଲା। ବୈଦିକ ଅଗ୍ନିହୋତ୍ର ବା ହୋମ ପାଇଁ ଘୃତ ଅନିବାର୍ଯ୍ୟ ଥିଲା। ସମସ୍ତ ମାଙ୍ଗଳିକ କାର୍ଯ୍ୟରେ ପଞ୍ଚାମୃତ ଏବଂ ପ୍ରାୟଶ୍ଚିତ୍ତ କ୍ରିୟାରେ ପଞ୍ଚଗବ୍ୟର ଆବଶ୍ୟକତା ପଡ଼ିଥାଏ। ପୁରାଣ, ସଂହିତାରେ ଗୋମାତାକୁ ସର୍ବଦେବମୟୀ କୁହାଯାଇ ଗାଈର ଗୋବର ଓ ମୂତ୍ରକୁ ମଧ୍ୟ ପବିତ୍ର ମନେ କରାଯାଉଥିଲା। ପ୍ରାଚୀନ ରାଜାମାନଙ୍କ ସମ୍ପଦ କହିଲେ ଗୋସମ୍ପଦକୁ ବୁଝାଉଥିଲା। ଏଣୁ ଦୁର୍ଯ୍ୟୋଧନଙ୍କ ଭଳି ଅଭିମାନୀ କ୍ଷତ୍ରିୟ ବୀର ପାଣ୍ଡବଙ୍କ ଅଜ୍ଞାତବାସ କାଳରେ ଧେନୁ ହରଣ ପାଇଁ ବିରାଟ ରାଜ୍ୟ ଆକ୍ରମଣ କରିଥିଲେ। ଜମଦଗ୍ନି ଆଶ୍ରମରୁ କାମଧେନୁ ହରଣ କଥା ପୁରାଣରେ ରହିଛି।

ମହାଭାରତରେ ଭୀଷ୍ମ, ଯୁଧିଷ୍ଠିରଙ୍କୁ ବୁଝାଇଛନ୍ତି ଯେ, ଗାଈ, ଭୂମି, ବିଦ୍ୟା- ଏହି ୩ଟି ଦାନର ଫଳ ଅମାପ। ଭୂମିର ଉର୍ବରତା ଓ ବାତାବରଣ ଶୁଦ୍ଧି ନିମିତ୍ତ ଗାଈ ବଞ୍ଚିଥିବା ବେଳେ ଉପକାରୀ ଓ ମୃତ୍ୟୁ ପରେ ମଧ୍ୟ ତାହାର ସର୍ବାଙ୍ଗ ଉପଯୋଗ ହୋଇଥାଏ। ପ୍ରାଚୀନ ପୁରାଣରେ ଦୂରତାକୁ 'ଧେନ୍ୱନ୍ତର'ରେ ମପାଯାଉଥିଲା, ଯଥା-ଲିଙ୍ଗରାଜ ମନ୍ଦିରଠାରୁ ମେଘେଶ୍ୱର ୧୭୦୦ ଧେନ୍ୱନ୍ତରରେ ଅବସ୍ଥିତ। ଗୋଟିକ ପରେ ଗୋଟିଏ ଗାଈକୁ ଠିଆକରି ଦୂରତା ମପାଯାଉଥିଲା। ହଜିଯାଇଥିବା ଗୋରୁକୁ ଖୋଜିବା ଲାଗି ବ୍ୟବହୃତ ହେଉଥିବା ଗବେଷଣା (ଗୋ+ଏଷଣା) ଶବ୍ଦଟି ଆଜି ରିସର୍ଚ୍ଚ ଅର୍ଥରେ ବ୍ୟବହୃତ ହେଉଛି। ଆଜି ବୁଢୀ ଓ ରୋଗଣା ଗୋରୁ ପ୍ରତି ଅବହେଳା ଓ ମାଂସାର୍ଥେ ଚାଲାଣକୁ ନେଇ ବିବାଦ ଦେଖାଦେଉଛି। ହିନ୍ଦୁ ସଂସ୍କୃତିରେ 'ଗାଈ' ଆର୍ଥିକ ଓ ପରମାର୍ଥିକ ଦୃଷ୍ଟିରୁ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ବହନ କରେ।

ଶ୍ରାବସ୍ତୀ, ୩୫, ବସନ୍ତ ବିହାର, ଭୁବନେଶ୍ୱର

## ପାଠକ ଶ୍ରେଷ୍ଠ ବିଚାରକ

### ହ୍ରାସ ପାଉଛି ଶିକ୍ଷାର ମାନ

ମହାଶୟ,

ଶିକ୍ଷା ମନୁଷ୍ୟର ମୌଳିକ ଅଧିକାର- ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଶିଶୁ ପାଠ ପଢିବା ଏବଂ ବିଦ୍ୟାଳୟକୁ ଯିବାକୁ ବାଧ୍ୟତାମୂଳକ କରାଯାଇଛି। ୨୦୦୯ ଶିକ୍ଷା ଅଧିନିୟମରେ ମଧ୍ୟ ସମସ୍ତ ବର୍ଗର ଶିଶୁମାନଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିବା ପାଇଁ ଯୋଜନା ହେଉଛି। ମଧ୍ୟାହ୍ନଭୋଜନ, ପାଠ୍ୟପୁସ୍ତକ ଓ ପୋଷାକପତ୍ର ସବୁ ସରକାର ଯୋଗାଇବା ସତ୍ତ୍ୱେ ସରକାରୀ ସ୍କୁଲରେ ବେଶି ପିଲା ପଢୁନାହାନ୍ତି। ଘରୋଇ ବିଦ୍ୟାଳୟ ପ୍ରତି ଆଗ୍ରହ ଦେଖାଯାଉଛି। ସର୍ବଶିକ୍ଷା ଅଭିଯାନ ଦ୍ୱାରା ଶିକ୍ଷାର ମୂଲ୍ୟ ବୃଦ୍ଧି ହେଉନାହିଁ। ସରକାର ଏଥିପ୍ରତି ଦୃଷ୍ଟି ନ ଦେଇ ପିଲାମାନଙ୍କୁ ଲାଞ୍ଚଖୋର କରୁଛନ୍ତି। ଉପସ୍ଥାନ ବଢିବା ପାଇଁ ପ୍ରୋତ୍ସାହନ ଦିଆଯିବ, ୧ କି.ମି. ଦୂରରୁ ଆସିଲେ ଗସ୍ତଖର୍ଚ୍ଚ ମିଳିବ। କିନ୍ତୁ ଶିକ୍ଷାର ମାନ କେତେ ବଢୁଛି ତାହା ଦେଖିବାର କଥା।

ବାଳକୃଷ୍ଣ ଷଡ଼ଙ୍ଗୀ, ରାମଚନ୍ଦ୍ରପୁର, ରଣପୁର, ନୟାଗଡ଼

### ପଲିଥିନ କଟକଣା

ଧରିତ୍ରୀ(୧୬।୬)ର ଫଟୋ ଖବରରୁ ବରଗଡ଼ରେ ପଲିଥିନ ନିଷିଦ୍ଧ ଘୋଷଣା ପରେ ଜଣେ ବାଳିକା ଟିଫିନ ବକ୍ସ ଓ ବ୍ୟାଗ୍ ଧରି ଜଳଖିଆ ନେବା ପାଇଁ ହୋଟେଲକୁ ଆସିଛନ୍ତି ଦେଖି ଖୁସି ଲାଗିଲା। ପଲିଥିନ ନିଷିଦ୍ଧ ବହୁ ପୂର୍ବରୁ କରାଯିବା କଥା। କାରଣ ଯେପରି ଭାବେ ଗାଁ ସହର ସବୁ ପଲିଥିନ ଆବର୍ଜନାରେ ପୂର୍ଣ୍ଣ ହୋଇଯାଉଛି ଅବସ୍ଥା ଅସମ୍ଭାଳ ହୋଇପଡିବ। ଏଣିକି ଘରୁ କନା ବ୍ୟାଗ୍ ନେଇ ଲୋକେ ବାହାରନ୍ତୁ।

କୁବେର ଚନ୍ଦ୍ର ଜୋଷୀ, ଡୁଙ୍ଗୁରିପାଲି, ସୋନପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଘରୋଇ ହସ୍ପିଟାଲରେ ରୋଗୀ ସେବାକୁ ନେଇ ଉଦ୍‌ବେଗ

ଭୁବନେଶ୍ୱର, ୧।୭(ବ୍ୟୁରୋ)



■ତଦନ୍ତ ପାଇଁ କମିଟି ଗଠନ କରିବାକୁ ଦାବି
■କଳିଙ୍ଗ ହସ୍ପିଟାଲରେ ମୋତେ ଅପମାନିତ କରାଯାଇଛି: ମୋହନ ମାଝି

ଭୁବନେଶ୍ୱରରେ ଥିବା ଘରୋଇ ହସ୍ପିଟାଲଗୁଡ଼ିକ ଗରିବ ରୋଗୀଙ୍କୁ ଶୋଷଣ କରୁଛନ୍ତି। ସରକାରଙ୍କଠାରୁ ବିନା ମୂଲ୍ୟରେ ଜମି ନେଇ ହସ୍ପିଟାଲ କରିଥିବା ସଂସ୍ଥାଗୁଡ଼ିକ ଜଣେହେଲେ ଗରିବ ରୋଗୀଙ୍କୁ ମାଗଣାରେ ଚିକିତ୍ସା ସେବା ଦେଉନାହାନ୍ତି। ଚୁକ୍ତି ଅନୁଯାୟୀ ୨୫ ପ୍ରତିଶତ ଗରିବ ଲୋକଙ୍କୁ ଚିକିତ୍ସା ସୁବିଧା ଯୋଗାଇଦେବାକୁ ବ୍ୟବସ୍ଥା ରହିଥିବା ବେଳେ କୌଣସି ଗରିବ ରୋଗୀ ଏହି ସୁବିଧା ପାଉନାହାନ୍ତି। ଘରୋଇ ହସ୍ପିଟାଲଗୁଡ଼ିକ ରୋଗୀସେବା ନାଁରେ ଲୋକଙ୍କୁ ଶୋଷଣ କରିଚାଲିଛନ୍ତି। ସରକାରଙ୍କର ସେମାନଙ୍କ ଉପରେ କୌଣସି ନିୟନ୍ତ୍ରଣ ରହୁନାହିଁ। ଏ ନେଇ ସୋମବାର ବିଧାନସଭାରେ ଉଭୟ ଶାସକ ଓ ବିରୋଧୀ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। କଳିଙ୍ଗ, ଆପୋଲୋ, ସମ୍ ଭଳି ଘରୋଇ ହସ୍ପିଟାଲରେ ରୋଗୀମାନେ ନିର୍ଯାତନାର ଶିକାର ହେଉଛନ୍ତି। ତୁରନ୍ତ ଏଥିପାଇଁ ଏକ କମିଟି ଗଠନ କରାଯାଇ ହସ୍ପିଟାଲଗୁଡ଼ିକର ତଦନ୍ତ କରାଯାଉ। ସ୍ୱାସ୍ଥ୍ୟମନ୍ତ୍ରୀ ଏ ନେଇ ଗୃହରେ ଏକ ବିବୃତି ରଖନ୍ତୁ ବୋଲି ବିରୋଧୀ ସଦସ୍ୟମାନେ ଦାବି କରିଛନ୍ତି।

ଶୂନ୍ୟକାଳରେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କଳିଙ୍ଗ ହସ୍ପିଟାଲ ପ୍ରସଙ୍ଗ ଉଠାଇ କହିଥିଲେ ଯେ, ଶୁକ୍ରବାର ଆପୋଲୋ ହସ୍ପିଟାଲରେ ମୃତଦେହ ଛାଡ଼ିବା ପାଇଁ କିପରି ଟଙ୍କା ଦାବି କରାଯାଇଥିଲା, ସେ ବିଷୟରେ ବିରୋଧୀ ଦଳ ନେତା ବିଧାନସଭାରେ ଉଠାଇଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ରୋଗୀଙ୍କ ମୃତ୍ୟୁ ଘଟିବା ପରେ କୌଣସି ପରିସ୍ଥିତିରେ ମୃତଦେହ ଅଟକ ରଖାଯାଇ ପାରିବନାହିଁ। ଏହାସତ୍ତ୍ୱେ ରାଜଧାନୀର ବିଭିନ୍ନ ଘରୋଇ ହସ୍ପିଟାଲରେ ଟଙ୍କା ନ ଦେବା ଯାଏ ମୃତଦେହକୁ ଦୀର୍ଘସମୟ ଧରି ଛଡ଼ାଯାଉନାହିଁ। ଶନିବାର କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକର ବାସୁଦେବ ବାରିକଙ୍କ ପୁଅ ସଚିନ ୨୨ ବର୍ଷରେ ପ୍ରାଣ ହରାଇଥିଲେ ମଧ୍ୟ ଦୀର୍ଘସମୟ ଧରି ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇ ନ ଥିଲା। ବକେୟା ଟଙ୍କା ଡିପୋଜିଟ୍ କରି ନ ଥିବାରୁ ମୃତଦେହକୁ ଦୀର୍ଘସମୟ ଧରି ଛାଡ଼ି ନ ଥିଲେ। ଏ ବିଷୟରେ ସେହି ବ୍ୟକ୍ତି ମୋତେ ଜଣାଇବା ପରେ ମୁଁ କଳିଙ୍ଗ ହସ୍ପିଟାଲ ଡିଜିଏମ୍‌ଙ୍କୁ ଫୋନ୍ କରି ମୃତଦେହ ଛାଡ଼ିବା ପାଇଁ ଅନୁରୋଧ କରିଥିଲି। ମାତ୍ର ସେ ମୋତେ ଦୁର୍ବ୍ୟବହାର କରିଥିଲେ। ପଇସା ଦାଖଲ ନ କଲେ ମୃତଦେହ ଛଡ଼ାଯିବନାହିଁ। ଏହା ବିଧାନସଭା ନୁହେଁ ବୋଲି ପାଲଟା ଧମକ ଦେଇଥିବା ମୋହନ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ସମ୍ପର୍କରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସଙ୍କୁ ଜଣାଇବା ପରେ ତଦନ୍ତ କରିବା ପାଇଁ ଏକ ୪ଜଣିଆ କମିଟି ଗଠନ କରାଯାଇଛି ବୋଲି କହିଥିଲେ।

ବାସୁଦେବ ତାଙ୍କ ପୁଅକୁ ଗତ ମେ' ୨୯ରେ କଳିଙ୍ଗ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏହାର ଠିକ୍ ମାସକ ପରେ ଅର୍ଥାତ୍ ଜୁନ୍ ୨୯ ତାରିଖରେ ତାଙ୍କ ପୁଅର ମୃତ୍ୟୁ ଘଟିଥିଲା। ଚିକିତ୍ସା ବାବଦରେ ସେ ଧାରକରଜ ଓ ଜମିବାଡ଼ି ବିକ୍ରିକରି ୭ ଲକ୍ଷ ୬୦ ହଜାର ଟଙ୍କା ଜମା ଦେଇଥିଲେ। ଏହା ସତ୍ତ୍ୱେ ସେ ତାଙ୍କ ପୁଅକୁ ହରାଇଥିଲେ। ଏହା ପରେ ଆହୁରି ଅଧିକ ଟଙ୍କା ଜମା ନ କଲେ ହସ୍ପିଟାଲ କର୍ତ୍ତୃପକ୍ଷ ମୃତଦେହ ଛାଡିବେ ନାହିଁ ବୋଲି କହିଥିଲେ। ଯଦି ଏଭଳି ଘଟଣା ଘରୋଇ ହସ୍ପିଟାଲଗୁଡ଼ିକରେ ଘଟି ଚାଲିବ, ତେବେ ଆମକୁ କେହି କ୍ଷମା ଦେବେନାହିଁ। ଘରୋଇ ହସ୍ପିଟାଲଗୁଡିକରେ ଗରିବ ଲୋକଙ୍କୁ କିଭଳି ସେବା ମିଳିପାରିବ, ସେନେଇ ରାଜ୍ୟ ସରକାର ଏକ ସଂସ୍କାରମୂଳକ ପଦକ୍ଷେପ ନିଅନ୍ତୁ। ଅଫିସରସ୍ତରରେ ଏକ କମିଟି ଗଠନ କରାଯାଉ। ବାଚସ୍ପତି ଏ ନେଇ ଏକ ରୁଲିଂ ଦିଅନ୍ତୁ ବୋଲି ସେ ଦାବି କରିଥିଲେ। ବିଜେଡି ସଭ୍ୟ ଅମର ଶତପଥୀ ଘରୋଇ ହସ୍ପିଟାଲର ସ୍ୱାସ୍ଥ୍ୟସେବାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ସେ କହିଥିଲେ ଯେ, ବିପିଏଲ କାର୍ଡ ଥାଇ ମଧ୍ୟ ଲୋକେ ସେବା ପାଇପାରୁନାହାନ୍ତି। ସରକାର ଏଥିପ୍ରତି ଦୃଷ୍ଟି ଦିଅନ୍ତୁ ବୋଲି ସେ କହିଥିଲେ। କଂଗ୍ରେସ ସଦସ୍ୟ ସୁରେଶ କୁମାର ରାଉତରାୟ କଳିଙ୍ଗ ହସ୍ପିଟାଲରେ ରୋଗୀସେବାକୁ ନେଇ ପ୍ରଶ୍ନ ଉଠାଇଥିଲେ। ସେ କହିଥିଲେ ଯେ, ସରକାର ରୋଗୀସେବା ଉଦ୍ଦେଶ୍ୟରେ ଘରୋଇ ହସ୍ପିଟାଲକୁ ୧ ଟଙ୍କାରେ ଜମି ଯୋଗାଇ ଦେଇଥିଲେ। ଭରସା ଥିଲା, ସେମାନେ ୩୦ ପ୍ରତିଶତ ଗରିବ ରୋଗୀଙ୍କୁ ମାଗଣା ଚିକିତ୍ସା ସୁବିଧା ଯୋଗାଇଦେବେ। ମାତ୍ର ଏବେ ତାହାର ବିପରୀତ ଦେଖିବାକୁ ମିଳୁଛି। ଶୁଣିବାକୁ ମିଳୁଛି ଯେ, ଗତ ୩ ମାସ ତଳେ ଏହି ହସ୍ପିଟାଲକୁ ତାମିଲନାଡୁର ଜଣେ ବ୍ୟକ୍ତିଙ୍କୁ ୨ଶହ କୋଟି ଟଙ୍କାରେ ବିକ୍ରି କରିଦିଆଯାଇଛି। କାହା ଅନୁମତି ନେଇ ଏ ହସ୍ପିଟାଲକୁ ହସ୍ତାନ୍ତର କରାଯାଇଛି, କିଏ ପଇସା ନେଇଛନ୍ତି, ସେ ବିଷୟରେ ସରକାର ଜବାବ ଦେବା ଦରକାର। ଆହୁରି ମଧ୍ୟ ରୋଗୀଙ୍କୁ ଭେଣ୍ଟିଲେଟରରେ ରଖି ହସ୍ପିଟାଲ କର୍ତ୍ତୃପକ୍ଷ ପଇସା ଲୁଟୁଛନ୍ତି ବୋଲି ସେ ଅଭିଯୋଗ କରିଥିଲେ।

## ରାଜ୍ୟରେ ମୁଣ୍ଡ ପିଛା ଋଣ ୧୭ ହଜାର

ଭୁବନେଶ୍ୱର, ୧।୭(ବ୍ୟୁରୋ)

ରାଜ୍ୟବାସୀ ବର୍ତ୍ତମାନ ଋଣଭାରରେ ବୁଡି ରହିଛନ୍ତି। ଏପରିକି ଛୁଆଟିଏ ଜନ୍ମ ହେଉ ହେଉ ମୁଣ୍ଡଭାର ତାକୁ ମୁଣ୍ଡାଇବାକୁ ପଡୁଛି। ରାଜ୍ୟ ସରକାର ଏମିତି ତଥ୍ୟ ରଖି ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ୨୦୧୮-୧୯ ଆର୍ଥିକ ବର୍ଷ ଶେଷସୁଦ୍ଧା ରାଜ୍ୟର ଋଣଭାର ଥିଲା ୭୯,୮୬୬.୦୮ କୋଟି ଟଙ୍କା। ଅର୍ଥାତ୍ ସରକାରଙ୍କ ହିସାବ ଅନୁଯାୟୀ ଏହା ମୁଣ୍ଡ ପିଛା ୧୭ ହଜାର ଟଙ୍କାରୁ ଅଧିକ ବୋଲି ଜଣାପଡିଛି। ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ସରକାର ୨୩,୫୮୪ କୋଟି ଟଙ୍କାର ଋଣ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଅନ୍ୟପଟେ ୪,୭୦୭ କୋଟି ଟଙ୍କା ଶୁଝିବାକୁ ଲକ୍ଷ୍ୟ ରଖିଥିବା ଜଣାପଡିଛି। ସେହି ଅନୁଯାୟୀ ଚଳିତ ଆର୍ଥିକ ବର୍ଷ ସୁଦ୍ଧା ପୂର୍ବ ଋଣ ସହ ୧୮,୮୭୭ କୋଟି ଟଙ୍କା ଯୋଡ଼ି ହୋଇଯିବ। ସୋମବାର କେନ୍ଦୁଝରର ବିଧାୟକ ମୋହନ ମାଝୀ ପଚାରିଥିବା ଏକ ଅଣତାରକା ପ୍ରଶ୍ନରେ ଲିଖିତ ଉତ୍ତର ଦେଇ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର ଋଣ ଆହରଣ ସୀମା ରାଜ୍ୟ ସାମଗ୍ରିକ ଘରୋଇ ଉତ୍ପାଦର ୩ ପ୍ରତିଶତ ହେବ। ଏନେଇ ଚତୁର୍ଦ୍ଦଶ ଅର୍ଥ କମିଶନ ସୁପାରିସ କରିଛନ୍ତି। ମନ୍ତ୍ରୀ ତାଙ୍କ ଉତ୍ତରରେ ଆହୁରି ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟ ସରକାର ୨୦୦୫-୦୬ଠାରୁ କ୍ରମାଗତଭାବେ ପ୍ରତ୍ୟେକ ବର୍ଷ ରାଜସ୍ୱ ବଳକା ସୃଷ୍ଟି କରିଆସୁଛନ୍ତି। ତେଣୁ ଆହରଣ କରାଯାଉଥିବା ଋଣ ସମ୍ପୂର୍ଣ୍ଣଭାବେ ପୁଞ୍ଜି ଖର୍ଚ୍ଚ ପାଇଁ ବିନିଯୋଗ କରାଯାଉଛି। ୨୦୧୭-୧୮ରେ ସରକାର ୧୪,୪୧୯. ୪୧ କୋଟି ଟଙ୍କା ଋଣ କରିଥିବା ବେଳେ ୨୫,୬୭୪.୧୮ ପୁଞ୍ଜି ଖର୍ଚ୍ଚ କରିଥିଲେ। ସେହିପରି ୨୦୧୮-୧୯ ଆର୍ଥିକ ବର୍ଷରେ ୯,୯୩୬.୩୦ ହଜାର କୋଟି ଟଙ୍କା ଋଣ କରିଥିବା ବେଳେ ୨୮,୭୮୯.୧୩ ପୁଞ୍ଜି ଖର୍ଚ୍ଚ କରିଛନ୍ତି।

ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଏକ ପ୍ରଶ୍ନରେ ଲିଖିତ ଉତ୍ତର ଦେଇ ଅର୍ଥମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ୩୧ ମାର୍ଚ୍ଚ ୨୦୧୯ ଶେଷସୁଦ୍ଧା କେନ୍ଦ୍ର ସରକାରଙ୍କ ଠାରୁ ୭୮୩୬.୫୪ କୋଟି ଟଙ୍କା, ଜାତୀୟ ସ୍ୱଳ୍ପ ସଞ୍ଚୟ ପାଣ୍ଠିରୁ ୯୧୭୨.୯୯ କୋଟି ଟଙ୍କା, ଖୋଲା ବଜାରରୁ ୨୮,୦୩୦.୯୦ କୋଟି, ଭାରତୀୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କରୁ ୧୩୦୯୨.୨୯ କୋଟି, ଜୀବନ ବୀମା ନିଗମରୁ ୦.୪୭ କୋଟି, ସାଧାରଣ ବୀମା ନିଗମରୁ ୬.୩୬ କୋଟି, ଜାତୀୟ ସମବାୟ ଉନ୍ନୟନ ନିଗମରୁ ୭.୩୦ କୋଟି, ଗ୍ରାମ୍ୟ ବିଦ୍ୟୁତ୍‌କରଣ ନିଗମ ଓ ଅନ୍ୟାନ୍ୟରୁ ୧୧୦.୭୧ କୋଟି, ଭବିଷ୍ୟନିଧି ପାଣ୍ଠିରୁ ୨୧,୬୦୮.୫୨ କୋଟି ଟଙ୍କା ଋଣ କରିଛନ୍ତି।

## ବିଧାନସଭା ସ୍ଥାୟୀ କମିଟି ଅଧ୍ୟକ୍ଷ, ସଦସ୍ୟଙ୍କ ନାଁ ଘୋଷିତ

ଭୁବନେଶ୍ୱର, ୧।୭(ବ୍ୟୁରୋ)

■ବାଚସ୍ପତି କଲେ ଘୋଷଣା
■କିଶୋର, ପ୍ରଦୀପ, ସୁବ୍ରତ, ଅଶ୍ୱିନୀ ପ୍ରମୁଖ ଅଧ୍ୟକ୍ଷ

ବିଧାନସଭାର ୧୦ ସ୍ଥାୟୀ କମିଟି ଅଧ୍ୟକ୍ଷ ଏବଂ ସଦସ୍ୟଙ୍କ ନାମ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ସୋମବାର ଗୃହରେ ଘୋଷଣା କରିଛନ୍ତି। ଏହି ଅଧ୍ୟକ୍ଷମାନେ ହେଉଛନ୍ତି- କିଶୋର ମହାନ୍ତି, ନୃସିଂହ ସାହୁ, ପ୍ରଫୁଲ୍ଲ ସାମଲ, ଭୂପିନ୍ଦର ସିଂ, ଅଶ୍ୱିନୀ ପାତ୍ର, ନରସିଂହ ମିଶ୍ର, ପ୍ରଦୀପ ଅମାତ, ମୋହନ ମାଝି, ଦେବୀ ପ୍ରସାଦ ମିଶ୍ର ଏବଂ ସୁବ୍ରତ ତରାଇ। ପ୍ରତି କମିଟିରେ ଅଧ୍ୟକ୍ଷଙ୍କ ସମେତ ୧୨ ଜଣ ସଦସ୍ୟ ରହିଛନ୍ତି। ବିଧାନସଭା ସ୍ଥାୟୀ କମିଟି ନଂ-୧ ସ୍ୱରାଷ୍ଟ୍ର, (ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ) ଏବଂ ଆଇନ ବିଭାଗ ପାଇଁ କାର୍ଯ୍ୟ କରିବ। ସେହିଭଳି କମିଟି ନଂ-୨ ଜଳସମ୍ପଦ, କୃଷି(କୃଷକ ସଶକ୍ତୀକରଣ) ମତ୍ସ୍ୟ ଏବଂ ପଶୁସମ୍ପଦ ଉନ୍ନୟନ ବିଭାଗ ପାଇଁ କାର୍ଯ୍ୟ କରିବ। କମିଟି ନଂ-୩ ପୂର୍ତ୍ତ, ପର୍ଯ୍ୟଟନ(ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି), ଗୃହ ଏବଂ ନଗର ଉନ୍ନୟନ, ସୂଚନା ଓ ଲୋକସମ୍ପର୍କ ବିଭାଗ ପାଇଁ କାର୍ଯ୍ୟ କରିବ। କମିଟି ନଂ-୪ ସ୍କୁଲ ଓ ଗଣଶିକ୍ଷା, ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବ ବ୍ୟାପାର, ବିଜ୍ଞାନ ଓ କାରିଗରି(ଇଲେକଟ୍ରୋନିକ୍ସ , ସୂଚନା ଓ ପ୍ରଯୁକ୍ତିବିଦ୍ୟା) ବିଭାଗ ପାଇଁ କାର୍ଯ୍ୟ କରିବ। କମିଟି ନଂ-୫ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି) (ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ) ବିଭାଗ ପାଇଁ କାର୍ଯ୍ୟ କରିବ।

କମିଟି ନଂ-୬ ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଏବଂ ହସ୍ତଶିଳ୍ପ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପାଇଁ କାର୍ଯ୍ୟ କରିବ। କମିଟି ନଂ-୭ ଶିଳ୍ପ, ଇସ୍ପାତ ଓ ଖଣି, ବାଣିଜ୍ୟ, ପରିବହନ, ଜଙ୍ଗଲ ଓ ପରିବେଶ ଏବଂ (ଯୋଜନା ଓ ସଂଯୋଜନା) ଏବଂ (ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା)ଙ୍କ ପାଇଁ କାର୍ଯ୍ୟ କରିବ। ଅନୁରୂପଭାବେ କମିଟି ନଂ-୮ ଏସ୍‌ଟି, ଏସ୍‌ସି ଉନ୍ନୟନ ଏବଂ ସଂଖ୍ୟାଲଘୁ ଓ ପଛୁଆବର୍ଗ ବିକାଶ, ଶ୍ରମ ଏବଂ ସରକାରୀ କର୍ମଚାରୀଙ୍କ ରାଜ୍ୟ ବୀମା, ସାଧାରଣ ଉଦ୍ୟୋଗ ଏବଂ ଏମ୍‌ଏସ୍‌ଏମ୍‌ଇ ବିଭାଗ ପାଇଁ କାର୍ଯ୍ୟ କରିବ। ୯ ନଂ କମିଟି(ପଞ୍ଚାୟତିରାଜ ଓ ପାନୀୟଜଳ) ଏବଂ ଗ୍ରାମ ଉନ୍ନୟନ ପାଇଁ କାର୍ଯ୍ୟ କରିବ। ସେହିଭଳି କମିଟି ନଂ-୧୦ ଶକ୍ତି, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା(ଏବଂ ଅବକାରୀ) ବିଭାଗ ପାଇଁ କାର୍ଯ୍ୟ କରିବ। ବାଚସ୍ପତି ପାତ୍ର ପ୍ରତ୍ୟେକ କମିଟି ଅଧ୍ୟକ୍ଷ ଓ ସଦସ୍ୟମାନଙ୍କ ନାଁ ମଧ୍ୟ ଘୋଷଣା କରିଥିଲେ।

# ମୁଲତବୀ ପ୍ରସ୍ତାବକୁ ନେଇ ହଟ୍ଟଗୋଳ, ଗୃହ ମୁଲତବୀ

ଭୁବନେଶ୍ୱର,୧।୭(ବ୍ୟୁରୋ)

କୃଷି ଓ କୃଷକଙ୍କ ମୁଲତବୀ ପ୍ରସ୍ତାବ କାହିଁକି ଗ୍ରହଣ କରାଗଲାନାହିଁ, ଏହାର ଜବାବ ଦିଆଯାଉ ତା'ପରେ ଗୃହ ଚାଲିବ। ସୋମବାର ପ୍ରଶ୍ନୋତ୍ତର ଆରମ୍ଭରୁ କଂଗ୍ରେସ ସଭ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ଫଳରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅଚଳ ହୋଇଯାଇଥିଲା।

ସୋମବାର ପୂର୍ବାହ୍ନ ୧୦ଟା ୩୦ ମିନିଟରେ ସଭାକାର୍ଯ୍ୟ ଚଳାଇବାକୁ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଗୃହକୁ ପ୍ରବେଶ କରିଥିଲେ। ବାଚସ୍ପତି ପ୍ରଶ୍ନୋତ୍ତର ଆରମ୍ଭ କରିବା ମାତ୍ରେ କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି ନିଜ ଆସନ ନିକଟରେ ଛିଡ଼ାହୋଇ କୃଷି ଓ କୃଷକଙ୍କ ସମସ୍ୟା ନେଇ ମୁଲତବୀ ପ୍ରସ୍ତାବ ଦିଆଯାଇଥିଲା, କାହିଁକି ତାହା ଗ୍ରହଣ କରାଗଲାନାହିଁ କହି ଗୃହର ମଧ୍ୟଭାଗକୁ ମାଡ଼ିଆସିଲେ। ତାଙ୍କ ସହିତ ରମେଶ ଜେନା, ମହମ୍ମଦ ମୋକିମଙ୍କ ସମେତ କଂଗ୍ରେସର ଅନ୍ୟ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ବାଚସ୍ପତି କଂଗ୍ରେସ ସଦସ୍ୟଙ୍କୁ ଅନୁରୋଧ କରିଥିଲେ। ଏହାର କୌଣସି ପ୍ରଭାବ କଂଗ୍ରେସ ସଦସ୍ୟଙ୍କ ଉପରେ ପଡ଼ି ନ ଥିଲା। ବାଚସ୍ପତି ବିଜେଡି ସଭ୍ୟ ସୌଭିକ ବିଶ୍ୱାଳ ପଚାରିଥିବା ପ୍ରଶ୍ନ ନଂ.୧୨୧ର ଉତ୍ତର ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ବଦଳରେ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ଡାକିଥିଲେ। ମନ୍ତ୍ରୀ ହଟ୍ଟଗୋଳ ମଧ୍ୟରେ ଉତ୍ତର ଦେଇଥିଲେ। ପାଟିତୁଣ୍ଡ ନ କମିବାରୁ ବାଚସ୍ପତି ଗୃହକୁ ୧୦ଟା ୩୪ରୁ ପୂର୍ବାହ୍ନ ୧୧ଟା ୩୦ ମିନିଟ୍ ଯାଏ ମୁଲତବୀ ଘୋଷଣା କରି ସର୍ବଦଳୀୟ ବୈଠକ ଡାକିଥିଲେ। ୧୧ଟା ୪୬ରେ ଗୃହକାର୍ଯ୍ୟ ସ୍ୱାଭାବିକ ହୋଇଥିଲା।



କୃଷି ଓ କୃଷକ ମୁଲତବୀ ପ୍ରସ୍ତାବ ଅଗ୍ରାହ୍ୟକୁ ନେଇ ବିଧାନସଭାରେ କଂଗ୍ରେସ ସଦସ୍ୟଙ୍କ ହଟ୍ଟଗୋଳ।

### ବାଚସ୍ପତି ଡାକିଲେ ସର୍ବଦଳୀୟ ବୈଠକ

## ରାଜ୍ୟର ଅଧା ଜିଲା ମାଓବାଦୀ ପ୍ରଭାବିତ

ଭୁବନେଶ୍ୱର, ୧।୭(ବ୍ୟୁରୋ)

ରାଜ୍ୟର ଅଧା ଜିଲା ମାଓବାଦୀ କାର୍ଯ୍ୟକଳାପ ଦ୍ୱାରା ପ୍ରଭାବିତ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଶ୍ରେଣୀ ବିଭାଗ ଅନୁଯାୟୀ କୋରାପୁଟ ଏବଂ ମାଲକାନଗିରି ଅତ୍ୟନ୍ତ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଜିଲା। ସ୍ୱରାଷ୍ଟ୍ର ବିଭାଗ ପକ୍ଷରୁ ବିଧାନସଭାରେ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଏହି ଉତ୍ତର ରଖିଛନ୍ତି। କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତିଙ୍କ ଅଣତାରକା ପ୍ରଶ୍ନ ନଂ-୨୫୫ର ଉତ୍ତର ଦେଇ ସୋମବାର ରାଷ୍ଟ୍ରମନ୍ତ୍ରୀ ମିଶ୍ର ଏହି କଥା କହିଛନ୍ତି। ଗତ ୬ ବର୍ଷ ଅର୍ଥାତ ୨୦୧୪ରୁ ୨୦୧୯ ମଧ୍ୟରେ ମାଓବାଦୀମାନେ ମୋଟ ୧୦୫ ସାଧାରଣ ବ୍ୟକ୍ତିଙ୍କୁ ହତ୍ୟା କରିଛନ୍ତି। ଅନ୍ୟପକ୍ଷେ ସୁରକ୍ଷା ବାହିନୀ ସହିତ ଗୁଳି ବିନିମୟ ଏବଂ ଅନ୍ୟାନ୍ୟ ଘଟଣାରେ ୮୬ ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ମନ୍ତ୍ରୀଙ୍କ ଉତ୍ତରରେ ଉଲ୍ଲେଖ କରାଯାଇଛି।

ରାଜ୍ୟରେ ଡକାୟତି, ଲୁଣ୍ଠନ ଏବଂ ବଳାତ୍କାର ପରି ମାମଲା ଦିନକୁ ଦିନ ବୃଦ୍ଧି ପାଉଥିବା ଜଣାପଡିଛି। ରାଜ୍ୟ ସରକାର ବିଧାନସଭାରେ ରଖିଥିବା ତଥ୍ୟରୁ ଏହା ସ୍ପଷ୍ଟ ହୋଇଛି। ୨୦୧୮ରେ ୫୫୮ଟି ଡକାୟତି ମାମଲା ହୋଇଛି। ଏହା ପୂର୍ବ ବର୍ଷ ଅର୍ଥାତ ୨୦୧୭ରେ ଡକାୟତି ସଂଖ୍ୟା ୫୩୪ ରହିଥିଲା। ସେହିପରି ଗତବର୍ଷ ୨୧୨୫ଟି ଲୁଣ୍ଠନ ମାମଲା ହୋଇଥିବା ଜଣାପଡିଛି। ୨୦୧୭ରେ ୨୦୪୮ଟି ଲୁଣ୍ଠନ ମାମଲା ସଙ୍ଗଠିତ ହୋଇଥିଲା। ରାଜ୍ୟରେ ମହିଳାଙ୍କ ପ୍ରତି ନିର୍ଯାତନା ମଧ୍ୟ ବୃଦ୍ଧି ପାଇଛି। ୨୦୧୮ରେ ରାଜ୍ୟରେ ୨୫୦୨ ବଳାତ୍କାର ମାମଲା ହୋଇଥିବା ସ୍ୱରାଷ୍ଟ୍ର ବିଭାଗ ସ୍ୱୀକାର କରିଛି। ଏହା ପୂର୍ବ ବର୍ଷ ରାଜ୍ୟରେ ୨୨୨୧ଟି ବଳାତ୍କାର ମାମଲା ହୋଇଥିବା ଗୃହରେ ତଥ୍ୟ ରଖାଯାଇଛି। କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟଙ୍କ ଅଣତାରକା ପ୍ରଶ୍ନ ସଂଖ୍ୟା-୨୫୯ର ଉତ୍ତର ଦେଇ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ଏହା କହିଛନ୍ତି।

■ ବିଧାନସଭାରେ ଉଠିଲା ପଶ୍ଚିମ ଓଡ଼ିଶା ହାଇକୋର୍ଟ ବେଞ୍ଚ୍ ପ୍ରସଙ୍ଗ

# ସରକାର ଆଇନ ଅନୁଯାୟୀ ପ୍ରସ୍ତାବ ଦେଉନାହାନ୍ତି

ଭୁବନେଶ୍ୱର, ୧।୭(ବ୍ୟୁରୋ)

### ହାଇକୋର୍ଟରେ ଅଚଳାବସ୍ଥା ଦୂର କରିବାକୁ ଦାବି

ପଶ୍ଚିମ ଓଡ଼ିଶାରେ ସ୍ଥାୟୀ ବେଞ୍ଚ୍ ସ୍ଥାପନ ଏବଂ ହାଇକୋର୍ଟରେ ଚାଲିଥିବା ଓକିଲମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ନେଇ ବିଧାନସଭାରେ ଉଦ୍‌ବେଗ ପ୍ରକାଶ ପାଇଛି। ଓକିଲମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ଲୋକମାନେ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ଦୀର୍ଘ ୮ ମାସ ହେବ ପଶ୍ଚିମ ଓଡ଼ିଶାରେ ଏସ୍‌ଡିଜେଏମ୍ କୋର୍ଟରୁ ଆରମ୍ଭକରି ଜିଲା କୋର୍ଟ ପର୍ଯ୍ୟନ୍ତ ସବୁଠି ଅଚଳାବସ୍ଥା ସୃଷ୍ଟି ହୋଇଛି। ତୁରନ୍ତ ସରକାର ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ଲାଗି ପଦକ୍ଷେପ ନିଅନ୍ତୁ ଏବଂ ଲୋକଙ୍କୁ ନ୍ୟାୟ ପ୍ରଦାନ କରନ୍ତୁ ବୋଲି ଉଭୟ ଶାସକ ଏବଂ ବିରୋଧୀ ଦଳର ସଦସ୍ୟମାନେ ଶୂନ୍ୟକାଳରେ ଦାବି ଉଠାଇଥିଲେ। କଂଗ୍ରେସ ଦଳ ନେତା ନରସିଂହ ମିଶ୍ର ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ, ରାଜ୍ୟରେ ଆଇନର ଶାସନ ନାହିଁ କି ଲୋକଙ୍କୁ ନ୍ୟାୟ ପ୍ରଦାନ କରାଯାଉନାହିଁ। ରାଜ୍ୟରେ ଅରାଜକତା ବ୍ୟାପିଲାଣି। ବର୍ଷ ବର୍ଷ ଧରି ମକଦ୍ଦମା ତଳକୋର୍ଟରୁ ଆରମ୍ଭକରି ହାଇକୋର୍ଟ ଯାଏ ପଡ଼ିରହିଛି। ପିଢ଼ି ପରେ ପିଢ଼ି ମାମଲା ଗଡ଼ିଚାଲିଛି। ଓକିଲମାନେ ଷ୍ଟ୍ରାଇକ୍ କରୁଛନ୍ତି। ରାଜ୍ୟରେ ଏକ ସାମ୍ବିଧାନିକ ସଙ୍କଟ ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ ଏହା ଉପରେ ବିବୃତି ଦିଅନ୍ତୁ ଏବଂ ପଶ୍ଚିମ ଓଡ଼ିଶାରେ ସ୍ଥାୟୀ ବେଞ୍ଚ୍ ସ୍ଥାପନ ପାଇଁ କି ପଦକ୍ଷେପ ନେଇଛନ୍ତି, ତାହା ସ୍ପଷ୍ଟ କରନ୍ତୁ । ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ୍ ସ୍ଥାପନ ପାଇଁ ରାଜ୍ୟ ସରକାରଙ୍କର କୌଣସି ଆପତ୍ତି ନାହିଁ ବୋଲି କହୁଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ସରକାର କହୁଛନ୍ତି ଯେ, ରାଜ୍ୟ ସରକାର ଆଇନ ଅନୁଯାୟୀ କେନ୍ଦ୍ରକୁ ଚିଠି ଲେଖୁନାହାନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଓ ଯଶୋବନ୍ତ ସିଂହଙ୍କ ରିପୋର୍ଟ ଆଧାରରେ ରାଜ୍ୟ ସରକାର କାହିଁକି ଚିଠି ଲେଖୁନାହାନ୍ତି ବୋଲି ନରସିଂହ ପ୍ରଶ୍ନ କରିଛନ୍ତି। ଲୋକଦେଖାଣିଆ ଭାବେ କେବଳ ଚିଠି ଲେଖି ସରକାର ବସିଯାଉଛନ୍ତି। ମୁଖ୍ୟମନ୍ତ୍ରୀ ଏ ବିଷୟରେ ଉକ୍ତ ଅଧିବେଶନ କାଳରେ ଯେକୌଣସି ଦିନ ଗୃହରେ ବିବୃତି ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି।

କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତି ନରସିଂହ ଉଠାଇଥିବା ପ୍ରସଙ୍ଗକୁ ସମର୍ଥନ କରି କହିଥିଲେ ଯେ, ଦୀର୍ଘ ୮ ମାସ ହେଲା ତଳ କୋର୍ଟରୁ ଜିଲା କୋର୍ଟ ପର୍ଯ୍ୟନ୍ତ ବନ୍ଦ ରହିଛି। ଲୋକେ ନ୍ୟାୟ ପାଇପାରୁନାହାନ୍ତି। ଶନିବାର ରାଜ୍ୟ ସରକାର ଏ ନେଇ ଏକ କମିଟି ଗଠନ କରିଛନ୍ତି। ଆମେ ଗୃହ ବିଭାଗର ଅତିରିକ୍ତ ସଚିବଙ୍କୁ ଦେଖାକରିଥିଲୁ। ପଶ୍ଚିମ ଓଡ଼ିଶାର ଯେକୌଣସି ସ୍ଥାନରେ ହାଇକୋର୍ଟର ଏକ ସ୍ଥାୟୀ ବେଞ୍ଚ୍ ସ୍ଥାପନ କରିବାରେ ଆମର କିଛି ଆପତ୍ତି ନାହିଁ । ତେବେ ଦକ୍ଷିଣ ଓଡ଼ିଶାର ଜୟପୁରଠାରେ ସ୍ଥାୟୀ ବେଞ୍ଚ୍ ସ୍ଥାପନ କରିବାକୁ ସେ ଦାବି କରିଥିଲେ। ବିଜେଡି ସଭ୍ୟ ଅମର ପ୍ରସାଦ ଶତପଥୀ ହାଇକୋର୍ଟ ବାର ଆସୋସିଏସନ ପକ୍ଷରୁ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ସମେତ ୩ଟି କୋର୍ଟକୁ ବର୍ଜନ କରାଯାଇଥିବା ପ୍ରସଙ୍ଗ ଉଠାଇଥିଲେ। ସେ କହିଥିଲେ ଯେ, କଲେଜିୟମ ଅନୁଯାୟୀ ଅନ୍ୟ ରାଜ୍ୟ ଭଳି ଓଡ଼ିଶାରେ ବିଚାରପତିଙ୍କୁ ନିଯୁକ୍ତି ଦିଆଯାଉନାହିଁ। ଆମ ରାଜ୍ୟରୁ କାହାରିଙ୍କୁ ବିଚାରପତି ଭାବେ ନିଯୁକ୍ତ କରାଯାଉନାହିଁ। ଓଡ଼ିଶାରେ ଏହାର ବ୍ୟତିକ୍ରମ ଦେଖାଦେଉଛି ବୋଲି ଓକିଲମାନେ ଦାବି କରୁଛନ୍ତି। ଏଥିଯୋଗୁ ଏକପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଛି। ତୁରନ୍ତ ଆଇନ ମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି ଅଚଳାବସ୍ଥା ଦୂର କରିବାକୁ ବାଚସ୍ପତି ନିର୍ଦ୍ଦେଶ ଦିଅନ୍ତୁ ବୋଲି ସେ ଦାବି କରିଥିଲେ।

## ବିଧାୟକଙ୍କୁ ମିଳିବ ରଥଯାତ୍ରା ପାଇଁ କର୍ଡନ ପାସ୍

ବିଧାନସଭାରେ ଘୋଷଣା କଲେ ବାଚସ୍ପତି

ଭୁବନେଶ୍ୱର,୧।୭(ବ୍ୟୁରୋ)

ଆସନ୍ତା ୪ ତାରିଖରେ ଶ୍ରୀଜୀଉଙ୍କ ରଥଯାତ୍ରା ପାଳନ ହେବ। ଏହି ରଥଯାତ୍ରାରେ ଯୋଗଦେବାକୁ ଚାହୁଁଥିବା ବିଧାୟକମାନଙ୍କୁ କାର ଓ କର୍ଡନ ପାସ୍ ଦିଆଯିବ। ସେମାନେ ବିଧାନସଭା ସଚିବଙ୍କ ନିକଟରୁ ପାସ୍ ସଂଗ୍ରହ କରିପାରିବେ। ସୋମବାର ଏହା ଘୋଷଣା କରିଛନ୍ତି ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର। ବିଧାୟକମାନଙ୍କୁ ରଥଯାତ୍ରା ସମୟରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଯେପରି କୌଣସି ସମସ୍ୟା ନ ହେବ, ସେଥିଲାଗି ଏଭଳି ବ୍ୟବସ୍ଥା କରାଯାଇଛି।

## ପ୍ରଶ୍ନକାଳରେ ବିରୋଧୀ ଦଳ ନେତା, ଉପନେତା, ମୁଖ୍ୟ ସଚେତକ ଅନୁପସ୍ଥିତ

ଭୁବନେଶ୍ୱର, ୧।୭(ବ୍ୟୁରୋ)

ଗୃହରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମାଧ୍ୟମରେ ଆଲୋଚନା ହୋଇଥାଏ। ଏହି ସମୟରେ ବିରୋଧୀ ଦଳର ମୁଖ୍ୟ ଭୂମିକା ରହିଥାଏ। ତେବେ ଦୁଇଦିନ ଧରି ଗୃହ ବନ୍ଦ ହେବା ପରେ ସୋମବାର ଖୋଲିଥିଲା। ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ଗୃହକାର୍ଯ୍ୟ ଆରମ୍ଭ ହୋଇଥିଲା। ଗୃହ ଚାଲିବାବେଳକୁ ବିରୋଧୀ ଦଳ ନେତା, ଉପନେତା କିମ୍ବା ମୁଖ୍ୟ ସଚେତକଙ୍କର ଦେଖା ନ ଥିଲା। ପ୍ରଶ୍ନୋତ୍ତର ଶେଷହେବା ପରେ ବିରୋଧୀ ଦଳ ଉପନେତା ବିଷ୍ଣୁଚରଣ ସେଠୀ ଏବଂ ମୁଖ୍ୟ ସଚେତକ ମୋହନ ମାଝି ବିଧାନସଭାକୁ ଆସିଥିଲେ। ପରେ ଶୂନ୍ୟକାଳ ଓ ମୁଲତବୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ପୋଲାଭରମ୍ କାର୍ଯ୍ୟ ବନ୍ଦ ରଖିବାକୁ ପ୍ରଧାନମନ୍ତ୍ରୀଙ୍କୁ ନବୀନଙ୍କ ଚିଠି

ଭୁବନେଶ୍ୱର, ୧।୭(ବ୍ୟୁରୋ)

ପୋଲାଭରମ ପ୍ରକଳ୍ପର କାର୍ଯ୍ୟ ବନ୍ଦ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ମୁଖ୍ୟମନ୍ତ୍ରୀ ପୋଲାଭରମ୍ ନିର୍ମାଣ ପୂର୍ବରୁ ଏହାକୁ ନେଇ ଚାଲିଥିବା ବିବାଦ ସମାଧାନ ପାଇଁ ଅନୁରୋଧ କରିଛନ୍ତି। ଚିଠିରେ ସେ ଉଲ୍ଲେଖ କରିଛନ୍ତି, ଯଦି ପ୍ରକଳ୍ପକୁ ନେଇ ରହିଥିବା ସମସ୍ୟାର ସମାଧାନ ନ ହୁଏ, ତେବେ ଏହା ଓଡ଼ିଶା ଏବଂ ଓଡିଆ ଲୋକଙ୍କ ସ୍ଥାୟୀ କ୍ଷତିର କାରଣ ପାଲଟିବ। ଏହି ପ୍ରକଳ୍ପ ଯଦି କାର୍ଯ୍ୟକାରୀ ହୁଏ, ରାଜ୍ୟର ଆଦିବାସୀ ଅଧ୍ୟୁଷିତ ଜମି ଜଳମଗ୍ନ ହେବ। ସର୍ବୋପରି ପ୍ରକଳ୍ପ ହେଲେ ବହୁ ଗ୍ରାମବାସୀ ବିସ୍ଥାପିତ ହେବାକୁ ବାଧ୍ୟ ହେବେ। ଏହି ପ୍ରକଳ୍ପ ଦ୍ୱାରା ଦକ୍ଷିଣ ଓଡିଶାର ମାଲକାନଗିରି ଜିଲା ବିଶେଷକରି ଆଦିମ ଅଧିବାସୀମାନେ ବହୁଳ ଭାବେ ପ୍ରଭାବିତ ହେବେ। ତେଣୁ ସୁପ୍ରିମକୋର୍ଟରେ ପଡି ରହିଥିବା ମାମଲା ଗୁଡିକର ସମାଧାନ ନ ହେବା ଯାଏ ପ୍ରକଳ୍ପ କାର୍ଯ୍ୟ ବନ୍ଦ ରହୁ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ସେହିପରି ଏ ସଂକ୍ରାନ୍ତୀୟ ବିଧିବଦ୍ଧ ସଂକଳ୍ପ ନ ଆସିବା ପୂର୍ବରୁ ଯଦି ପ୍ରକଳ୍ପକୁ ଅନୁମତି ଦିଆଯାଏ ତା'ହେଲେ ଏହା ରାଜ୍ୟ ଓ ରାଜ୍ୟବାସୀଙ୍କ ସ୍ୱାର୍ଥ ଉପରେ ସ୍ଥାୟୀ ଆଘାତ ପହଞ୍ଚାଇବ ବୋଲି ନବୀନ ଚିଠିରେ ଜଣାଇଛନ୍ତି। ଓଡିଶା, ତେଲେଙ୍ଗାନା ଏବଂ ଛତିଶଗଡର ଜମି, ଜଙ୍ଗଲ ଏବଂ ଅଧିବାସୀଙ୍କ କ୍ଷତି ନ ହେବାଭଳି ପ୍ରକଳ୍ପର ମଡେଲ ବଦଳାଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଚିଠିରେ ଦର୍ଶାଇଛନ୍ତି।

ମୁଖ୍ୟମନ୍ତ୍ରୀ ଏ ସଂକ୍ରାନ୍ତରେ ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ରକୁ ପୂର୍ବରୁ ଦେଇଥିବା ଚିଠି ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ଓଡିଶା ବାରମ୍ବାର ପ୍ରକଳ୍ପ କାର୍ଯ୍ୟ ବନ୍ଦ ପାଇଁ ଅନୁରୋଧ କରିଥିଲେ ମଧ୍ୟ କେନ୍ଦ୍ର କେବେହେଲେ ଏ ଦିଗରେ କର୍ଣ୍ଣପାତ କରିନାହିଁ। ନବୀନ ଆହୁରି କହିଛନ୍ତି ଯେ, ପ୍ରଭାବିତ ଥିବା ଅଞ୍ଚଳରେ ଜନଶୁଣାଣି କରିବା ପରିବର୍ତ୍ତେ ଆନ୍ଧ୍ର ପ୍ରଦେଶ ସରକାର ଦ୍ରୁତଗତିରେ କାର୍ଯ୍ୟ କରିଚାଲିଛନ୍ତି। ଅନ୍ୟପଟେ ମାଲକାନଗିରିରେ ବିନା ଜନଶୁଣାଣିରେ ପୋଲାଭରମ୍ ପ୍ରକଳ୍ପକୁ ୨୫ ଅକ୍ଟୋବର ୨୦୦୫ରେ ପରିବେଶ ମଞ୍ଜୁରୀ ପ୍ରଦାନ କରାଯାଇଥିଲା ବୋଲି ନବୀନ କହିଛନ୍ତି। ଯଦି ଥରେ ଏହି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯାଏ ତେବେ ପରବର୍ତ୍ତୀ ସମୟରେ ଏହାର ରୂପରେଖ ପରିବର୍ତ୍ତନ କରାଯାଇପାରିବ ନାହିଁ। ଅନ୍ୟପଟେ ଏଯାବତ୍ ଓଡିଶାରେ ଜନଶୁଣାଣି ହୋଇ ନ ଥିବା ସେ କହିଛନ୍ତି। ଏ ସମ୍ପର୍କରେ ପୂର୍ବତନ ପରିବେଶ ଓ ଜଙ୍ଗଲ କେନ୍ଦ୍ରମନ୍ତ୍ରୀ ହର୍ଷ ବର୍ଦ୍ଧନଙ୍କୁ ଚିଠି ଲେଖିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି ଯେ, ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ବନ୍ଦ କରିବା ପାଇଁ ସେ ହର୍ଷ ବର୍ଦ୍ଧନଙ୍କୁ ଅନୁରୋଧ କରିଥିଲେ। ଏହାପରେ ଓଡିଶାର ସ୍ୱାର୍ଥ ଦୃଷ୍ଟିରୁ କୌଣସି ଅଗ୍ରଗତି ଘଟି ନ ଥିବାରୁ ମୁଖ୍ୟମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। ନିକଟରେ ପରିବେଶ ମନ୍ତ୍ରଣାଳୟ ପୋଲାଭରମ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ବନ୍ଦ ନିର୍ଦ୍ଦେଶ ଉପରେ ସ୍ଥଗିତାଦେଶକୁ ଆଉ ଦୁଇବର୍ଷ ବୃଦ୍ଧି କରିବା ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ଏନେଇ କେନ୍ଦ୍ର ସରକାର ତୁରନ୍ତ ହସ୍ତକ୍ଷେପ କରିବାକୁ ଚିଠିରେ ଉଲ୍ଲେଖ କରିଛନ୍ତି।

## ସଂକ୍ଷେପରେ

### ଘୁମୁସର ତାଲୁକା ଗୋପାଳ ସମାଜ କର୍ମକର୍ତ୍ତା ନିର୍ବାଚନ

**ଭଞ୍ଜନଗର,୧।୭(ଡି.ଏନ.ଏ):** ଘୁମୁସର ତାଲୁକା ଷୋହଳ ଖଣ୍ଡ ଗୋପାଳ ସମାଜର ଷଷ୍ଠ ମହାସଭା ସ୍ଥାନୀୟ କୁଲାଡ଼ ରୋଡ଼ସ୍ଥିତ ଗୋପାଳ ସମାଜ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ସଭାପତି ଭାବେ ବୀରେନ୍ଦ୍ର ଗୌଡ଼ କଡ଼ା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି । ସେହିପରି ଉପ ସଭାପତି ଭାବେ ପ୍ରଫୁଲ୍ଲ ପ୍ରଧାନ, ସମ୍ପାଦକ ଧୋବା ଗୌଡ଼, ସହ ସମ୍ପାଦକ ବିଦ୍ୟାଧର ଗୌଡ଼, କୋଷାଧକ୍ଷ ଭାବେ ସୁରେନ୍ଦ୍ର ଗୌଡ଼ ନିର୍ବାଚିତ ହୋଇଛନ୍ତି । ଅଭିମନ୍ୟୁ ଗୌଡ଼, ଅଶୋକ ଗୌଡ଼ ନିର୍ବାଚନ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଶିବ ଶଙ୍କର ପ୍ରଧାନ, ହାଡ଼ିବନ୍ଧୁ ଗୌଡ଼, ସତ୍ୟବାଦୀ ଗୌଡ଼, ବିପ୍ରଚରଣ ଗୌଡ଼, ବଳରାମ ଗୌଡ଼, ମହେଶ୍ୱର ଗୌଡ଼ ପ୍ରମୁଖ ସହଯୋଗ କରିଥିଲେ । ନିର୍ବାଚନ ପୂର୍ବରୁ କୃଷ୍ଣ ଚନ୍ଦ୍ର ଗୌଡ଼ଙ୍କ ଅଧକ୍ଷତାରେ ଏକ ସଭା ହୋଇଥିଲା। ଏଥିରେ ସମାଜର ମାଟ୍ରିକ ଟପ୍ପର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଦୂରଦର୍ଶନ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ସାନ୍ତନୁ କୁମାର ରଥ ମୁଖ୍ୟ ଅତିଥି, ଡ଼ଃ.ପ୍ରଫୁଲ୍ଲ କୁମାର ଗୌଡ଼, ଡ଼.ବୃନ୍ଦାବନ ଗୌଡ, ସୁଦର୍ଶନ ଗୌଡ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। କାଳୀଚରଣ ଗୌଡ଼ ବିବରଣୀ ପାଠ କରିଥିଲେ। ସଭା ପୂର୍ବରୁ ସହରରେ ଏକ ଶୋଭାଯାତ୍ରା ହୋଇଥିଲା ।

### କଲେଜ ଡେମନଷ୍ଟ୍ରେର ହତ୍ୟା ଘଟଣା
### ୪୮ ଘଣ୍ଟା ବିତିଲା, ପୋଲିସର ହାତ ଖାଲି

**ଗଞ୍ଜାମ,୧।୭(ଡି.ଏନ.ଏ.):** ଗଞ୍ଜାମ ଜିଲା ରମ୍ଭା ଥାନା ଇଲାକାରେ ରବିବାର କଲେଜ ଡେମନଷ୍ଟ୍ରେଟର ଅଶ୍ୱିନ କୁମାର ମିଶ୍ର ହତ୍ୟା ଘଟଣାକୁ ୪୮ ଘଣ୍ଟା ବିତି ଯାଇଥିଲେ ମଧ ପୋଲିସର ହାତ ଖାଲି ରହିଛି। ସୋମବାର ଏହି ଘଟଣାର ତଦନ୍ତ ପାଇଁ ଛତ୍ରପୁର ଏସ୍‌ଡିପିଓ ଉତ୍କଳ କେଶରୀ ଦାସ ଓ ତଦନ୍ତ ଦାୟିତ୍ୱରେ ଥିବା ଛତ୍ରପୁର ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାଏ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। କିନ୍ତୁ କୌଣସି ସୁରାକ୍ ମିଳି ନ ଥିବା ଏସ୍‌ଡିପିଓ ଦାସ ଯୋଗାଯୋଗ ବେଳେ କହିଛନ୍ତି। ବର୍ତ୍ତମାନ ସମସ୍ତ ଦିଗକୁ ତର୍ଜମା କରାଯାଉଛି । ଶୀଘ୍ର ଏହି ହତ୍ୟା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି । ଏହି ଘଟଣାରେ ସମ୍ପୃକ୍ତି ସନ୍ଦେହରେ ରମ୍ଭା ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ଥାନାକୁ ନେଇ ପଚରା ଉଚରା କଲା ସମୟରେ ସେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ପ୍ରଥମେ ଛତ୍ରପୁର ଓ ପରେ ବ୍ରହ୍ମପୁର ଏମ୍‌କେସିଜିରେ ଭର୍ତ୍ତି କରାଯାଇଥିଲା। ସେ ଏବେ ମଧ ଚିକିତ୍ସିତ ହେଉଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି । ପ୍ରକାଶ ଯେ, ରମ୍ଭା ଜଗନ୍ନାଥ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ଡେମନଷ୍ଟ୍ରେଟର ଅଶ୍ୱିନଙ୍କୁ ଗତ ଶନିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ହତ୍ୟା କରି ବିରୁଳିଗଡ଼ ରାସ୍ତା ପଣସଡ଼ିଅ ସାଉକାର ପୋଖରୀ ନିକଟ ରାସ୍ତା ପାର୍ଶ୍ୱରେ ଫୋପାଡ଼ି ଦେଇଥିଲେ। ମୃତକଙ୍କ ଭାଇଙ୍କ ଏତଲା କ୍ରମେ ପୋଲିସ ନଂ. ୧୨୭/୧୯ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୂର୍ବ ଶତ୍ରୁତାକୁ ନେଇ ଏହି ହତ୍ୟା ହୋଇଥିବା ପୂର୍ବରୁ ଏସ୍‌ଡିପିଓ ଦାସ ସ୍ପଷ୍ଟ କରି ସାରିଛନ୍ତି।

### ଅନ୍‌ଲାଇନରେ ୩ ଲକ୍ଷ ଟଙ୍କା ଗାଏବ

**ପାତ୍ରପୁର,୧।୭(ଡ଼ି.ଏନ୍.ଏ.):** ଜରଡ଼ା ଥାନା ଗୁଣ୍ଡ୍ରା ଗ୍ରାମର ଜଣେ ବ୍ୟକ୍ତି ବ୍ୟାଙ୍କ ଆକାଉଣ୍ଟରୁ ଅନ୍ ଲାଇନ୍‌ରେ ୩ ଲକ୍ଷ ଟଙ୍କା ଗାଏବ ହୋଇଥିବା ଅଭିଯୋଗ ହୋଇଛି। ଗୁଣ୍ଡ୍ରା ଗ୍ରାମର ନାଗରାମପଲ୍ଲୀ ଧର୍ମା ଦୁଇବର୍ଷ ତଳେ ଛତିଶଗଡ଼ଠାରେ ଦିନ ମଜୁରିଆ ଭାବେ କାମ କରିବା ସମୟରେ ସେଠାର ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ ଶାଖାରେ ଖାତା ଖୋଲି ମଜୁରୀ ଅର୍ଥକୁ ରଖିଥିଲେ । ଗତ ବର୍ଷେ ହେଲା ସେ ଗ୍ରାମକୁ ଆସିଥିଲେ। ୨୫ ତାରିଖରେ ତାଙ୍କ ମୋବାଇଲ ଫୋନ୍‌କୁ କେହି ଜଣେ ଦୁର୍ବୃତ୍ତ କଲ୍ କରିଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କ କଥାରେ ବିଶ୍ୱାସ କରି ଧର୍ମା ମୋବାଇଲ୍ ଫୋନକୁ ଆସିଥିବା ଓଟିପି ନମ୍ବର କହି ଦେଇଥିଲେ । ଯାହାଫଳରେ ୨୫ରୁ ୨୯ ତାରିଖ ମଧରେ ତାଙ୍କ ଆକାଉଣ୍ଟରେ ଥିବା ପ୍ରାୟ ୩ ଲକ୍ଷ ଟଙ୍କା ପର୍ଯ୍ୟାୟକ୍ରମେ ସମ୍ପୃକ୍ତ ବ୍ୟକ୍ତି ଜଣକ ଠକି ନେଇଥିଲେ । ଟଙ୍କା ଉଠାଯାଇଥିବା ନେଇ ମୋବାଇଲ୍ ଫୋନକୁ ଆସିଥିବା ମେସେଜ୍ ସମ୍ପର୍କରେ ସୋମବାର ଧର୍ମା ବ୍ରହ୍ମପୁରସ୍ଥିତ ସାଇବର ଥାନାରେ ଅଭିଯୋଗ କରିଛନ୍ତି।

## ■ ଆଜି ଘରୋଇ ଶିକ୍ଷାନୁଷ୍ଠାନ କର୍ମକର୍ତ୍ତାଙ୍କ ବୈଠକ
# କୋହଳ ହେଲା ଓଟିଇଟି ପାସ୍ ବାଧତାମୂଳକ ନୀତି

**ଭଞ୍ଜନଗର,୧।୭(ଡି.ଏନ.ଏ)**

ଶିକ୍ଷା ଅଧିକାର ଆଇନକୁ ନେଇ ଘରୋଇ ଶିକ୍ଷାନୁଷ୍ଠାନ କର୍ମକର୍ତ୍ତା ଓ ସେଠାରେ ପଢୁଥିବା ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ଦ୍ୱନ୍ଦ୍ୱରେ ଅଛନ୍ତି। କାଗଜପତ୍ର ଦାଖଲ ପାଇଁ ପ୍ରଶାସନ ଧାର୍ଯ୍ୟ କରିଥିବା ତାରିଖ ରବିବାରଠାରୁ ସରିଛି। ସୋମବାର ଭଞ୍ଜନଗର ଅଞ୍ଚଳରେ କୌଣସି ଘରୋଇ ଶିକ୍ଷାନୁଷ୍ଠାନ ଉପରେ ପଦକ୍ଷେପ ନିଆଯାଇ ନ ଥିଲେ ମଧ ଆଗକୁ କ'ଣ କରାଯିବ ସେ ନେଇ ଠିକ୍ ସୂଚନା ମିଳୁନାହିଁ । ସରକାରଙ୍କ ପରବର୍ତ୍ତୀ ନିର୍ଦ୍ଦେଶନାମାକୁ ପ୍ରଶାସନିକ ଅଧିକାରୀମାନେ ଅପେକ୍ଷା କରିଛନ୍ତି। ଅପରପକ୍ଷେ ସୋମବାର ସନ୍ଧ୍ୟାରେ ସରକାର ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକ ପ୍ରତି ନିୟମରେ ସାମାନ୍ୟ କୋହଳ କରିଛନ୍ତି। ଯେଉଁ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ ଶିକ୍ଷକ ସିଟି, ବିଇଡ଼ି ପାସ୍ କରିଛନ୍ତି ସେମାନେ ଓଟିଇଟି ପାଶ୍ କରିବା ବାଧତାମୂଳକ ହେବନାହିଁ। ଏହାଦ୍ୱାରା ଭଞ୍ଜନଗରର କେତୋଟି ଘରୋଇ ଶିକ୍ଷାନୁଷ୍ଠାନ ଶିକ୍ଷା ଅଧିକାର ଆଇନ ଅନୁସାରେ ଚାଲିବାକୁ ଯୋଗ୍ୟ ହୋଇପାରିବ। ସେପଟେ ମଙ୍ଗଳବାର ଭଞ୍ଜନଗର ଉପଖଣ୍ଡର ବିଭିନ୍ନ ଘରୋଇ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା, କର୍ମଚାରୀମାନେ ଭଞ୍ଜନଗରଠାରେ ଏକ ବୈଠକରେ ଏକାଠି ହେବେ ବୋଲି ସୂଚନା ମିଳିଛି। ଏଥିରେ ଶିକ୍ଷାନୁଷ୍ଠାନ, ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉପରେ ଆଲୋଚନା ହେବ। ସରକାର ଆଗାମୀ ଦିନରେ ଯଦି କଡ଼ା ପଦକ୍ଷେପ ନିଅନ୍ତି ତେବେ କ'ଣ ପଦକ୍ଷେପ ନିଆଯିବ ସେ ଉପରେ ମଧ୍ୟ ଆଲୋଚନା ହେବ।

୨ବର୍ଷ ପୂର୍ବେ ରାଜ୍ୟ ସରକାର ସମସ୍ତ ଘରୋଇ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସିଟି ତାଲିମ ଦେଇଥିଲେ। ଉକ୍ତ ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ଅଧିକାଂଶ ଶିକ୍ଷୟିତ୍ରୀ ଶିକ୍ଷକ କୃତକାର୍ଯ୍ୟ ହୋଇଛନ୍ତି। ଏହାପରେ ସେମାନେ ଓଟିଇଟି ପରୀକ୍ଷା ଦେବାପାଇଁ ସରକାର ବ୍ୟବସ୍ଥା କରିଥିଲେ। ପରୀକ୍ଷା ହେଲା। କିନ୍ତୁ ପ୍ରଶ୍ନପତ୍ର ପ୍ରଘଟ ଯୋଗୁ ଓଟିଇଟି ପରୀକ୍ଷା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବାତିଲ ହୋଇଯାଇଥିଲା। ଏହାପରେ ସରକାର ଘରୋଇ ଶିକ୍ଷାନୁଷ୍ଠାନ ପ୍ରତି ଓଟିଇଟି ପାସ୍ ନୀତି ଲାଗୁ କରି ବିଦ୍ୟାଳୟଗୁଡ଼ିକୁ ସିଲ୍ କରିବା ଯୋଜନା କରିଥିଲେ। ଏହାଦ୍ୱାରା ଅନେକ ଶିକ୍ଷାନୁଷ୍ଠାନ ବନ୍ଦ ହେବା ଆଶଙ୍କା ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ତେଣୁ ସରକାର ଓଟିଇଟି ପାସ୍ ନୀତିରେ କୋହଳ କରିଛନ୍ତି।

# ଭାଜପା ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର

**ଭଞ୍ଜନଗର,୧।୭(ଡି.ଏନ.ଏ)**

ଭାଜପା ଭଞ୍ଜନଗର ନିର୍ବାଚନମଣ୍ଡଳୀ ପକ୍ଷରୁ ସୋମବାର ୮ଦଫା ଦାବୀନେଇ ଉପଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଭଞ୍ଜନଗର ଉପଖଣ୍ଡ ହସ୍ପିଟାଲର ଅନେକ ଡାକ୍ତର ସରକାରୀ ସେବା ଛାଡ଼ି ଅଧିକାଶଂ ସମୟ ଘରୋଇ ଚିକିତ୍ସାରେ ବ୍ୟସ୍ତ ରହୁଛନ୍ତି। ଫଳରେ ଗ୍ରାମାଞ୍ଚଳର ଗରିବ ରୋଗୀ ଆର୍ଥୀକ ଅଭାବ ଯୋଗୁ ଠିକ୍ ଭାବେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ପାରୁନାହାନ୍ତି। ତେଣୁ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉ, ଭଞ୍ଜନଗର ଉପଖଣ୍ଡକୁ ଘୁମୁସର ଜିଲା ଘୋଷଣା କରାଯାଉ, ଏନ୍‌ଏସିକୁ ପୌରାଚଞ୍ଚ, ସହରର ପରିମେଳ ସେବାରେ ସୁଧାର ଅଣାଯାଉ,ବର୍ତ୍ତମାନ ସରକାରଙ୍କ ପକ୍ଷରୁ କିଛି ଘରୋଇ ଶିକ୍ଷାନୁଷ୍ଠାନ ଗୁଡ଼ିକୁ ଶିକ୍ଷା ନିତୀ ପାଳନ କରୁ ନ ଥିବା ଦର୍ଶାଇ ବନ୍ଦ କରିଦେବା ଯୋଜନା କରିଛନ୍ତି, ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଦେଖି ଉକ୍ତ ନିତୀରେ କୋହଳ କରାଯାଉ ଏବଂ ଏନ୍‌ଏସିର ନୁତନ ଦୋକାନ ଗୃହ ଗୁଡ଼ିକୁ ଉଠାଦୋକାନୀଙ୍କୁ ବଣ୍ଟନ କରିବା ପାଇଁ ଭାଜପା ପକ୍ଷରୁ ଦାବି ହୋଇଛି। ନଚେତ ଆଗାମୀ ଦିନରେ ଭାଜପା ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ପ୍ରଶାସନକୁ ସୂଚାଇ ଦିଆଯାଇଛି । ଦାବିପତ୍ର ପ୍ରଦାନରେ ଭାଜପା ବିଧାୟକ ପ୍ରାର୍ଥୀ ପ୍ରଦ୍ୟୁମ୍ନ ନାୟକ, ଭାଜପା ଭଞ୍ଜନଗର ସାଙ୍ଗଠନିକ ଜିଲା ଉପସଭାପତି ସନ୍ତୋଷ ତିଆଡ଼ି, ସନ୍ତୋଷ ପାଳ, ନଗର ସଭାପତି ଅଭିମନ୍ୟୁ ଭୂୟାଁ, ଯୁବ ନେତା ସମିର ନାୟକ, ପ୍ରକାଶ ଭୂୟାଁ, ପ୍ରଭାକର ପାତ୍ର, ଅଶ୍ୱିନୀ ପାଣିଗ୍ରାହୀ,ଲକ୍ଷ୍ମି ନାରାୟଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଭାଜପା ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## କଲେଜ ଅଧକ୍ଷଙ୍କୁ ସମ୍ବର୍ଦ୍ଧନା

**ଭଞ୍ଜନଗର,୧।୭(ଡି.ଏନ.ଏ)**

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜ ଅଧକ୍ଷ ଡ. ନୀଳାଞ୍ଚଳ ମୁନି ଅଧକ୍ଷ ଦାୟିତ୍ୱ ନେବା ୩ବର୍ଷ ପୂରିଛି । ଏହି ପରିପ୍ରେକ୍ଷୀରେ ଯୁକ୍ତ୨ ବୈଷୟିକ ଶିକ୍ଷାନୁଷ୍ଠାନର ପ୍ରାଧାପକ ଡ଼.ବିନୋଦ କୁମାର ଦାସଙ୍କ ଆବାହକତ୍ୱ ଏବଂ ଷ୍ଟାଫ୍ କାଉନସିଲ ସମ୍ପାଦକ ପ୍ରାଧାପକ ଏସ୍.କେ. ମିଶ୍ରଙ୍କ ସଂଯୋଜନାରେ ଅଧକ୍ଷଙ୍କ ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା ସଭା ହୋଇଥିଲା । ଏକତା ମନୋଭାବ ନେଇ କିଭଳି ଶିକ୍ଷାନୁଷ୍ଠାନକୁ ଆଗକୁ ନେଇହେବ ତାହା ଉପରେ ସମସ୍ତେ ମତ ରଖିଥିଲେ। ପ୍ରଶାସନିକ ଅଧିକାରୀ ପ୍ରାଧାପକ ଡ଼.ସୁବାସ ଚନ୍ଦ୍ର ପ୍ରଧାନ, ଡ଼.ଆର.ଏନ.ପାଳ, ଡ଼.ପୀତବାସ ପାଳ, ବିଭୂତି ପାଣିଗ୍ରାହୀ, ସୁନାମ ପାତ୍ର, ଅଧାପିକା ସୁନିତାରାଣୀ ଖଣ୍ଡୁଆଳ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ସହ ସମ୍ପାଦକ ଡ଼.ରବୀନ୍ଦ୍ର କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୁରୁ ଘର ଖାଇ**
**ପାଣ୍ଡବ ଘର ଚିନ୍ତା କରଇ ।**

ସ୍ୱାର୍ଥୀ ବ୍ୟକ୍ତି ନିଜ ସ୍ୱାର୍ଥ ପୂରଣ ପାଇଁ ଯେକୌଣସି ସ୍ତରକୁ ଖସିଯାଇପାରନ୍ତି, ଦରକାର ପଡ଼ିଲେ ନିଜ ଲୋକଙ୍କୁ ମଧ ପର କରି ଦେଇପାରନ୍ତି। ନିଜର ଲାଭ ବା ଉନ୍ନତି ପାଇଁ ଉପକାରୀ ବ୍ୟକ୍ତି ପ୍ରତି ଛଳ କରିବାକୁ କେବେ ପଶ୍ଚାତପଦ୍ ହୋଇ ନ ଥାନ୍ତି। ଜଣଙ୍କର ଖାଇ ଅନ୍ୟ ଜଣଙ୍କର ଗୁଣଗାନ କରିବା ତଥା ତାଙ୍କ ଭଲମନ୍ଦ ପାଇଁ ଚିନ୍ତାପ୍ରକଟ କରିବା ବେଇମାନି ଅର୍ଥରେଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କିଣିଲି ଯେତେ ବିକିଲି ସେତେ**
**ଘରକୁ ଫେରିଲି ଶୁଖିଲା ହାତେ ।**

ଜୀବନର ଏହା ହିଁ ଏକ ଧାରା। ଲାଭ ବା କ୍ଷତି କାହାକୁ ନ ଛୁଇଁ ଜୀବନ ତା' ବାଟରେ ଗଡ଼ିଚାଲେ। ଜୀବନ ଏକ ହାଟ ସଉଦା। ହାଟ ସରିଗଲେ ଯେଝା ବାଟରେ ଯିଏ ଚାଲିଗଲା ପରି ଶେଷରେ କିଛି ନ ନେଇ ଜୀବନ ପରପାରିକୁ ଚାଲିଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ମୁଜାଗଡ଼ରେ ବନମହୋତ୍ସବ ସପ୍ତାହ

**ଭଞ୍ଜନଗର,୧।୭(ଡି.ଏନ.ଏ)**

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ମୁଜାଗଡ଼ ହାଇସ୍କୁଲରେ ସୋମବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ଏସିଏଫ୍ ସୁଦର୍ଶନ ବାଦୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଙ୍ଗଲର ଆବଶ୍ୟକତା ସମ୍ପର୍କରେ କହିଥିଲେ। ରେଞ୍ଜର ପ୍ରଶାନ୍ତ ସାହୁ, ଡ଼େପୁଟି ରେଞ୍ଜର ସୁଦର୍ଶନ ବରାଡ଼, ସୁରେଶ ସ୍ୱାଇଁ, ଶୁଳପାଣି ଶତପଥୀ, ସୁରଭି ପାଠୀ, ସଙ୍ଗୀତା ମିଶ୍ର, ସୁନୀଲ ପଣ୍ଡା, ଆଶୁତୋଷ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବୈଜୟନ୍ତୀମାଳା ପ୍ରିୟଦର୍ଶିନୀ ଉତ୍ସବରେ ଅଧକ୍ଷତା କରିଥିଲେ। ଶିକ୍ଷୟିତ୍ରୀଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



ଏସିଏଫ୍ ସୁଦର୍ଶନ ବାଦୀ ଚାରାରୋପଣ କରୁଛନ୍ତି ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଲୋନ୍! ଲୋନ୍! ଲୋନ୍
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ୍
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

DHANLAXMI FINANCE COMPANY
ଏବେ କରିବ ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ 50,000-25 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
HELPLINE
09485832476
PETUMALI, JHARMUNDA, PETUPALI, BARGARH, ODISHA - 768034

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :- 201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

BASUDHA FINANCE
BASUDHA FINANCE ଦ୍ୱାରା ମାର୍କସିଟ୍, ପର୍ସନାଲ ବିଜ୍‌ନେସ୍, ଗୃହ, କୃଷି, ବ୍ୟବସାୟ, ସମ୍ପତ୍ତି ଓ କୁକୁଡା ପାଳନ ସମସ୍ତ ପ୍ରକାର LOAN 1% ସୁଧରେ ମିଳେ।
Mo- 8114631815
7749967517
Jain Market South Part-4, Vigyan Nagar, Delhi-110051, Mundagohira, Gohira Dyam site, Raimal, Debagarh-768121

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

ASHIRWAD FINANCE
ଆଶୀର୍ବାଦ ଫାଇନାନ୍ସ(Regd.) ଦ୍ୱାରା ଅନ୍‌ଲାଇନରେ ମାର୍କସିଟ, ଆଧାରକାର୍ଡ, ରାସନକାର୍ଡ, କୃଷି, ସମ୍ପତି, ଗୃହ, ବ୍ୟବସାୟ ଓ ବ୍ୟକ୍ତିଗତ ଋଣ ମାତ୍ର ୧ ଦିନ ରେ ଘରେବସି ପାଆନ୍ତୁ।
ବାର୍ଷିକ 1% ସୁଧ 40% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
7669001525

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

BUSINESS

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

Bhartiya Infotech Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 70 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
9078839971

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ କଂପାନୀ କିଣ୍ଡଲ୍ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 50,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍ ୨୦ ବର୍ଷର କୋର୍ଟ ଅଗ୍ରୀମେଣ୍ଟ ।
Plot No - 14/271, Devaraja Mohalla, Bangalore, Karnataka 570001
8929313996
7042350747

BUSINESS
ନୋ ଫାଇଲଚାର୍ଜ, ପଞ୍ଜୀକୃତ କମ୍ପାନୀ ଦ୍ୱାରା ସର୍ଭେ କରାଇ 72 ଘଣ୍ଟାରେ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଯାନ୍ତ୍ରିକ ଉପକରଣ ଲଗାନ୍ତୁ । ଅଗ୍ରିମ ୫୦ ଲକ୍ଷ, ଭଡ଼ା ୫୦,୦୦୦ + ବାଇକ୍ + ଆହୁରି ଅନେକ ସୁବିଧା।
ରାହୁଲ କୁମାର
7376170075
7376985124
ଠିକଣା: ଟି-51, ଗଳି ନଂ.୫, ଗୌତମ ପୁରୀ, ଦିଲ୍ଲୀ

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 452, Necklace Road Near Hussain Sagar Lake, Hyderabad 500003 India.
Call / SMS Now
7895985440

BUSINESS
ଖାଲିଥିବା ଜମି ଓ ଛାତ ଉପରେ ୨୫ ବର୍ଷରୁ ଆପଣଙ୍କ ସେବାରେ ଆଦିତ୍ୟ ଡିଜିଟାଲ କଂପାନୀର ଉପକରଣ ବସାଇ ଅଗ୍ରୀମ 90,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍
ଧୋକା ଖାଇଥିବା ବ୍ୟକ୍ତି ଫୋନ କରନ୍ତୁ
Plot No - 14/271, Devaraja Mohalla, Bangalore, Karnataka 570001
9584226773
9468038873

See Color Display Classified on every Tuesday & Friday

ASTROLOGY

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
8860596444
8860599820

ଖୋଲା ଚାଲେଞ୍ଜ
ବିଶ୍ୱପ୍ରସିଦ୍ଧ
3 ଘଣ୍ଟାରେ 101% ସମାଧାନ
ବାବା ଗୁଲାବ ଖାନ୍
ଆୟତିକରଣ, ସ୍ପେଶାଲିଷ୍ଟ, ମନ ଚାହୁଁଥିବା ପ୍ରେମ, ବ୍ୟବସାୟ, ଗୃହକ୍ଲେଶ, ସାମୀ- ସ୍ତ୍ରୀ ଝଗଡା, କୋର୍ଟ କେସ୍, ଛାଡପତ୍ର ।
9719339390

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

## ସଂକ୍ଷେପରେ

### ଚୋରି ଘଟଣା: ନାବାଳକଙ୍କ ସମେତ ୩ ଜଣଙ୍କୁ ଧରିଲା ପୋଲିସ

**ବ୍ରହ୍ମପୁର ଅଫିସ,୧।୭:** ଟାଉନ ଥାନା ପୋଲିସ ଏକ ଚୋରି ଘଟଣାରେ ଜଣେ ନାବାଳକଙ୍କ ସମେତ ୩ ଜଣଙ୍କୁ ଧରିଛି । ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ମୋଚି ସାହିର ୱାଇ. ନରେଶ ଓ ଡି. ରମେଶ । ମାମଲା ନଂ.୧୩୦/୧୯ରେ ନରେଶ ଓ ରମେଶଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କଠାରୁ ୭ ହଜାର ଟଙ୍କା ଜବତ ହୋଇଥିବା ପୋଲିସ ସୂଚନା ଦେଇଛି। ଅନ୍ୟପଟେ ନାବାଳକ ଜଣଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡ଼କୁ ପଠାଇ ଦିଆଯାଇଥିବା ପୋଲିସ କହିଛି। ଗତ ୨୨ ତାରିଖ ବିଳମ୍ବିତ ରାତିରେ ବିଜୁ ପଟ୍ଟନାୟକ ପାର୍କ ନିକଟରେ ଥିବା ଏକ ସ୍ପେୟାର ପାର୍ଟସ ଦୋକାନ ସଟର ଭାଙ୍ଗି ଦୋକାନରୁ ୧୬ ହଜାର ଟଙ୍କା ଚୋରି ହୋଇଥିଲା। ଏନେଇ ମାଲିକ ସହବୀର ଅଲ୍ଲୀ ଟାଉନ ଥାନାରେ ଅଭିଯୋଗ କରିଥିଲେ।

### ଦିଗପହଣ୍ଡି କଲେଜରୁ ଚୋରି, ୪ କର୍ମଚାରୀ ଅଟକ

**ଦିଗପହଣ୍ଡି,୧।୭(ଡି.ଏନ.ଏ.):** ଦିଗପହଣ୍ଡିସ୍ଥିତ ଖେମୁଣ୍ଡି କଲେଜରୁ କମ୍ପ୍ୟୁଟର ସିପିୟୁ, ବ୍ୟାଟେରୀ, ସିସିଟିଭି ହାର୍ଡଡିସ୍କ ସମେତ ବହୁ ମୂଲ୍ୟବାନ ଉପକରଣ ଚୋରି ହୋଇଛି । ଏ ନେଇ ସୋମବାର ଅଧକ୍ଷା ପ୍ରଣତୀ ପାତ୍ର ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ପୋଲିସ ୪ଜଣ ଚତୁର୍ଥଶ୍ରେଣୀ କର୍ମଚାରୀଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। କମ୍ପ୍ୟୁଟର କୋଠରୀର ତାଲା ଭଙ୍ଗା ନ ଯାଇ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିବାରୁ ଘଟଣା ରହସ୍ୟଜନକ ବୋଲି ଚର୍ଚ୍ଚା ହେଉଛି। ଆଇଆଇସି ମଧୁସ୍ମିତା ପ୍ରଧାନଙ୍କୁ ପଚାରିବାରୁ ତଦନ୍ତରେ ବ୍ୟାଘାତ ସୃଷ୍ଟି ହେବା ଆଶଙ୍କା ଥିବାରୁ ସବିଶେଷ ସୂଚନା ଦେବାକୁ ମନା କରିଛନ୍ତି। ପ୍ରକାଶ ଯେ, ବୁଧବାର ଜାତୀୟ ଅଧିସ୍ୱୀକତୀ ନିର୍ଦ୍ଧାରଣ ପରିଷଦ (ନାକ୍)ର ସ୍ୱତନ୍ତ୍ର ଟିମ୍ କଲେଜ ପରିଦର୍ଶନ ପାଇଁ ଆସୁଥିବା ବେଳେ କମ୍ପ୍ୟୁଟରରେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଡାଟା ରଖାଯାଇଥିଲା। କୌଣସି କର୍ମଚାରୀ ନିଜ ସ୍ୱାର୍ଥ ପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀକୁ ଚୋରି କରିବାରେ ସଂଶ୍ଳିଷ୍ଟ ଥିବା ପୋଲିସର ପ୍ରାରମ୍ଭିକ ଅନୁସନ୍ଧାନରୁ ସୂଚନା ମିଳିଛି ।

### ଯୌତୁକ ପାଇଁ ସ୍ତ୍ରୀଙ୍କୁ ପୋଡି ମାରିବା ଅଭିଯୋଗ: ସ୍ୱାମୀ କୋର୍ଟଚାଲାଣ

**ପୁରୁଷୋତ୍ତମପୁର,୧।୭(ଡି.ଏନ.ଏ.):** ପୁରୁଷୋତ୍ତମପୁର ଥାନା ପୁଟିଆପଦର ଗ୍ରାମରେ ଯୌତୁକ ପାଇଁ ସ୍ତ୍ରୀଙ୍କୁ କିରୋସିନ ଢାଳି ନିଆଁ ଲଗାଇ ପୋଡି ମାରିବା ଅଭିଯୋଗରେ ଅଭିଯୁକ୍ତ ସ୍ୱାମୀଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଉକ୍ତ ଗ୍ରାମର ସମ୍ପାରିଆ ଦାସ। ମାମଲା ନଂ. ୧୪୭/୧୯ ରେ ତାଙ୍କୁ ସୋମବାର କୋର୍ଟ ଚଲାଣ କରାଯାଇଛି। କବିସୂର୍ଯ୍ୟନଗର ଥାନା ଝାଡବନ୍ଧ ଗ୍ରାମର ପଞ୍ଚୁ ନାହାକଙ୍କ ଝିଅ ସନ୍ତୋଷୀ ଗତ ଏକ ବର୍ଷ ତଳେ ସମ୍ପାରିଆଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଯୌତୁକ ଦିଆଯାଇଥିଲେ ମଧ ଅଧିକା ୧୦ ହଜାର ଟଙ୍କା ଦାବି କରି ସନ୍ତୋଷୀଙ୍କୁ ତାଙ୍କ ସ୍ୱାମୀ ନିର୍ଯାତନା ଦେଇ ଆସୁଥିଲେ। ଗତ ୨୩ ତାରିଖରେ ସନ୍ତୋଷୀଙ୍କ ଉପରେ କିରୋସିନ ଢାଳି ସ୍ୱାମୀ ନିଆଁ ଲଗାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ନିଆଯାଇଥିଲା । ସେଠାରୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲେ ମଧ ଚିକିତ୍ସାଧୀନ ଅବସ୍ଥାରେ ୨୭ ତାରିଖରେ ମୃତ୍ୟୁ ଘଟିଥିଲା।

### କଲେଜ ଛାତ୍ରୀଙ୍କୁ ଅପହରଣ ମାମଲା, ଅଭିଯୁକ୍ତ ଗଲେ ଜେଲ

**ଦିଗପହଣ୍ଡି,୧।୭(ଡି.ଏନ.ଏ.):** ଦିଗପହଣ୍ଡି ଥାନା ଇଲାକାର ଏକ କଲେଜରେ ଯୁକ୍ତ ୨ରେ ପଢୁଥିବା ଜଣେ ନାବାଳିକା ଛାତ୍ରୀଙ୍କୁ ଅପହରଣ ମାମଲାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଟିମ୍ ଗିରଫ କରିଛି । ସୋମବାର ବ୍ରହ୍ମପୁର ଜିଲା ଜଜ୍ କୋର୍ଟକୁ ଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ମୁନ୍ନା ସେଠୀଙ୍କୁ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି । ଛାତ୍ରୀ ଜଣକ ଗତ ଏପ୍ରିଲ ୨୫ ତାରିଖ ଅପରାହ୍ନରେ ତାଙ୍କ ଗାଁ ନିକଟ ଏକ ବଜାରକୁ ଗିଫ୍ଟ କିଣିବା ପାଇଁ ଫେରି ନ ଥିଲେ । ନିଖୋଜ ଘଟଣାର ୪ ଦିନ ପରେ ଛାତ୍ରୀଙ୍କ ବାପା ଏପ୍ରିଲ ୨୮ ତାରିଖରେ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ । ନଂ. ୮୭/୧୯ ଅନୁଯାୟୀ ମକଦ୍ଦମା ରୁଜୁ କରାଯାଇଥିଲା। ଅଭିଯୁକ୍ତ ଜଣକ ଛାତ୍ରୀଙ୍କୁ ତାମିଲନାଡୁ ନେଇ ଯାଇଥିଲେ। ରବିବାର ସନ୍ଧ୍ୟାରେ ଗାଁକୁ ଫେରୁଥିବା ଖବର ପାଇ ପୋଲିସ ତାଙ୍କୁ ସ୍ଥାନୀୟ ବସ୍‌ଷ୍ଟାଣ୍ଡରୁ ଗିରଫ କରିଥିଲା ।

# ବଢୁଛନ୍ତି ରୋଗୀ, ନାହିଁ ଡାଏଲିସିସ୍ ମେଶିନ୍

**ବ୍ରହ୍ମପୁର ଅଫିସ୍,୧।୭**



ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ଗଞ୍ଜାମ ଏବଂ ଏହାର ଆଖାପାଖ ଜିଲାଗୁଡ଼ିକରେ ବିଗତ କିଛି ବର୍ଷ ହେଲା କିଡ୍‌ନୀ ରୋଗୀଙ୍କ ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଇଛି। ଦକ୍ଷିଣ ଓଡ଼ିଶାର ଏକ ମାତ୍ର ରେଫରାଲ୍ ହସ୍‌ପିଟାଲ୍ ବା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟକୁ ରୋଗୀମାନେ ଚିକିତ୍ସା ପାଇଁ ଆସିଥାନ୍ତି । ଦୈନିକ ରୋଗୀଙ୍କ ସଂଖ୍ୟା ବଢୁଥିବା ବେଳେ ଏଠାରେ ଆବଶ୍ୟକ ସଂଖ୍ୟକ ଡାଏଲିସିସ୍ ମେଶିନ୍ ନାହିଁ। ଫଳରେ ରୋଗୀଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇପଡୁଛି । ରୋଗୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି । ଏହି ସମସ୍ୟାକୁ ନେଇ ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ନିୟମିତ ଆନ୍ଦୋଳନ ହେଉଥିଲେ ମଧ୍ୟ ରାଜ୍ୟ ସରକାର ଏ ଦିଗରେ କୌଣସି ପଦକ୍ଷେପ ନେଉନାହାନ୍ତି । ଅନ୍ୟପଟେ ମେଶିନ୍ ଅଭାବରୁ ରୋଗୀମାନେ ମୃତ୍ୟୁମୁଖରେ ପଡୁଛନ୍ତି । ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ଏଭଳି ଅପାରଗତା ପ୍ରତିବାଦରେ ଆନ୍ଦୋଳନ ତୀବ୍ରତର ହେବାରେ ଲାଗିଛି। ସୋମବାର ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ତଥା ସ୍ୱାସ୍ଥ୍ୟ ବିକାଶ ସମିତିର ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ।

ସଂଗଠନ ପକ୍ଷରୁ କୁହାଯାଇଛି, ଏମ୍‌କେସିଜି ନେଫ୍ରୋଲୋଜି ବିଭାଗରେ ମାତ୍ର ଦୁଇଟି ଡାଏଲିସିସ୍ ମଶିନ୍ ରହିଛି। ଜଣେ ରୋଗୀଙ୍କ ଡାଏଲିସିସ୍ ପାଇଁ ୪ଘଣ୍ଟା ଆବଶ୍ୟକ। ହେଲେ ମାତ୍ର ଦୁଇଟି ମେଶିନ୍ ଥିବା ଯୋଗୁ ବହୁ ରୋଗୀ ଅପେକ୍ଷାକରି ରହୁଛନ୍ତି। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨ଟା ସୁଦ୍ଧା ଡାଏଲିସିସ୍ ବ୍ୟବସ୍ଥା ରହିଥିବା ଯୋଗୁ ଦିନକୁ ମାତ୍ର ୨ କିମ୍ବା ୩ଜଣ ରୋଗୀଙ୍କ ଡାଏଲିସିସ୍ ହୋଇପାରୁଛି। ବହୁ ସଂଖ୍ୟାରେ ରୋଗୀ ଅପେକ୍ଷା କରୁଛନ୍ତି । ଆବଶ୍ୟକ ସଂଖ୍ୟକ ଡାକ୍ତର କିମ୍ବା ଅନ୍ୟ କର୍ମଚାରୀମାନେ ମଧ୍ୟ ନାହାନ୍ତି। ଏଣୁ ଅନ୍ୟୂନ ୧୦ଟି ମେଶିନ୍ ସହ ଆବଶ୍ୟକ ଡାକ୍ତର ଏବଂ କର୍ମଚାରୀଙ୍କୁ ରାଜ୍ୟ ସରକାର ତୁରନ୍ତ ନିଯୁକ୍ତି ଦିଅନ୍ତୁ ବୋଲି ସଂଗଠନ ପକ୍ଷରୁ ଦାବି ହୋଇଛି। ସେହିଭଳି ବ୍ରହ୍ମପୁର ସିଟି ହସ୍‌ପିଟାଲ୍ ଜିଲାର ଏକ ଗୁରୁତ୍ୱପୂର୍ଣ୍ଣ ମେଡ଼ିକାଲ୍ ହୋଇଥିବା ଯୋଗୁ ସେଠାରେ ମଧ୍ୟ ଡାଏଲିସିସ୍ ବ୍ୟବସ୍ଥା କରାଯାଉ ବୋଲି ସଂଗଠନ ଦାବି ରଖିଛି । ଏହା ଦ୍ୱାରା ଏମ୍‌କେସିଜି ଉପରେ ଚାପ କମିବା ସହ ରୋଗୀମାନେ ମଧ୍ୟ ଉପକୃତ ହୋଇପାରିବେ ବୋଲି କୁହାଯାଇଛି। ପରେ ଏ ସମ୍ପର୍କିତ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସଂଗଠନ ସଂଯୋଜକ ଅବନୀ କୁମାର ଗୟା, ଲକ୍ଷ୍ମୀନାରାୟଣ ରାଉତ, ମହେଶ୍ୱର ବାଡ଼ତ୍ୟା, ମାଗୁଣି ନାହାକ, ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ଏସ୍. ସୂର୍ଯ୍ୟନାରାୟଣ, ପୂର୍ଣ୍ଣଚନ୍ଦ୍ର ମହାରଣା, ଏସ୍.ଶାମ୍ଭଶିବ ରାଓ, ଗୌରୀଶଙ୍କର ମହାନ୍ତି ଏବଂ ଶଙ୍କର ସାହୁ ପ୍ରମୁଖ ଏଥିରେ ଭାଗ ନେଇଥିଲେ ।

## ବ୍ରହ୍ମପୁରକୁ ଅଧିକ ଟ୍ରେନ୍ ଚଳାଚଳ, ସମ୍ପ୍ରସାରଣ

# ରହଣି ଦାବିରେ ଜନସ୍ୱାର୍ଥ ମାମଲା

**ବ୍ରହ୍ମପୁର ଅଫିସ୍,୧।୭**

ଦକ୍ଷିଣ ଓଡ଼ିଶାର ପ୍ରାଣକେନ୍ଦ୍ର ବ୍ରହ୍ମପୁର ସହର । କେବଳ ଗଞ୍ଜାମ ନୁହଁ, ଆଖପାଖ ଅନେକ ଜିଲା ଏହି ସହର ଉପରେ ନିର୍ଭର କରୁଛନ୍ତି। କିନ୍ତୁ ବ୍ରହ୍ମପୁରକୁ ଟ୍ରେନ୍ ସେବା ଆବଶ୍ୟକତା ଅନୁଯାୟୀ ନାହିଁ । ଏହାକୁ ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି । ଭାରତ ବିକାଶ ପରିଷଦ ପକ୍ଷରୁ ସଭାପତି ସୁରେନ୍ଦ୍ର କୁମାର ପାଣିଗ୍ରାହୀ ଏହି ଜନସ୍ୱାର୍ଥ ମାମଲା ଦାଏର କରିଛନ୍ତି। ସେ ଉଲ୍ଲେଖ କରିଛନ୍ତି, ବ୍ରହ୍ମପୁରରୁ ମୁମ୍ବାଇ ଯାତ୍ରା କରିବାକୁ କେବଳ କୋଣାର୍କ ଏକ୍ସପ୍ରେସ୍ ହିଁ ଉପଲବ୍ଧ ରହିଛି। ଦୀର୍ଘ ୪୦ବର୍ଷ ହେଲା ଏହି ଟ୍ରେନ୍ ଚଳାଚଳ କରୁଥିବା ବେଳେ ଦ୍ୱିତୀୟ ଟ୍ରେନ୍ ନାହିଁ। ଲୋକମାନ୍ୟ ତିଳକ ଏକ୍ସପ୍ରେସ୍ ମୁମ୍ବାଇରୁ ବିଶାଖାପାଟଣା ମଧ୍ୟରେ ଚଳାଚଳ କରୁଛି। ଏହାକୁ ବ୍ରହ୍ମପୁର ଯାଏ ସମ୍ପ୍ରସାରଣ କରାଯାଉ। ଏଥି ସହ ରାଜଧାନୀ ଏକ୍ସପ୍ରେସ୍‌ର ମଧ୍ୟ ବ୍ରହ୍ମପୁର ଯାଏ ସମ୍ପ୍ରସାରଣ ହେଉ। ହାୱଡ଼ା-ପଣ୍ଡିଚେରୀ ଟ୍ରେନ୍ ବ୍ରହ୍ମପୁର ଦେଇ ଚଳାଚଳ କରୁଛି। ଅଥଚ ବ୍ରହ୍ମପୁରରେ ଏହାର ରହଣୀ ନାହିଁ, ବ୍ରହ୍ମପୁରରେ ରହଣୀ ବ୍ୟବସ୍ଥା ହେଉ। ବ୍ରହ୍ମପୁରରୁ ଦୈନିକ ବହୁ ଲୋକ ପୁରୀ ଯାତ୍ରା କରୁଛନ୍ତି। ହେଲେ ଏହି ଦୁଇ ସହର ଭିତରେ କୌଣସି ସ୍ୱତନ୍ତ୍ର ପାସେଞ୍ଜର୍ ଟ୍ରେନ୍ ନାହିଁ । ଦୈନିକ ପୁରୀ-ବ୍ରହ୍ମପୁର ମଧ୍ୟରେ ଟ୍ରେନ୍ ଚଳାଚଳ କରାଯାଉ। ପୁରୀ-ଅହମ୍ମଦାବାଦ୍ ଏକ୍ସପ୍ରେସ୍‌ର ୯୦ଭାଗ ଯାତ୍ରୀ ବ୍ରହ୍ମପୁର ଷ୍ଟେଶନ୍‌ରୁ ଚଢୁଛନ୍ତି। ଗଞ୍ଜାମ ଏବଂ ଆଖାପାଖ ଜିଲାର ବହୁ ଲକ୍ଷ୍ୟ ଲୋକ ସୁରତ ଏବଂ ଅହମ୍ମଦାବାଦ୍‌ରେ କାର୍ଯ୍ୟ କରୁଛନ୍ତି। ସପ୍ତାହରେ ପୁରୀ-ଅହମ୍ମଦାବାଦ୍ ଏକ୍ସପ୍ରେସ୍ ମାତ୍ର ୫ଦିନ ଚଳାଚଳ କରୁଛି । ଏଣୁ ବ୍ରହ୍ମପୁରକୁ ସୁରତ ଏକ ସ୍ୱତନ୍ତ୍ର ଟ୍ରେନ୍ ସୋମବାର ଏବଂ ବୁଧବାର ଚଳାଚଳ କରୁ ବୋଲି ଜନସ୍ୱାର୍ଥ ମାମଲାରେ ନିବେଦନ କରାଯାଇଛି। ଏହି ମାମଲାରେ କେନ୍ଦ୍ରୀୟ ରେଳ ମନ୍ତ୍ରଣାଳୟ, ରେଲୱେ ବୋର୍ଡ଼ ଅଧ୍ୟକ୍ଷ, ରାଜ୍ୟ ପରିବହନ ସଚିବ, ଇଷ୍ଟକୋଷ୍ଟ ରେଲୱେ ଜେନେରାଲ୍ ମ୍ୟାନେଜର୍ ଏବଂ ଖୋର୍ଦ୍ଧା ରେଲୱେ ଡିଭିଜନ୍ ଡିଭିଜନାଲ୍ ମ୍ୟାନେଜର୍‌ଙ୍କୁ ପକ୍ଷଭୁକ୍ତ କରାଯାଇଛି।

## ଗାଡ଼ି ଧକ୍କାରେ ବୃଦ୍ଧା ମୃତ

# ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ


ଉତ୍ତେଜିତ ଲୋକଙ୍କ ରାସ୍ତା ଅବରୋଧ।

**ଦିଗପହଣ୍ଡି/ ପାଟପୁର,୧।୭(ଡି.ଏନ.ଏ.)**

ଦିଗପହଣ୍ଡି-ରାୟଗଡ଼ା ମୁଖ୍ୟରାସ୍ତା ଡେଙ୍ଗାଓସ୍ତା ଛକ ନିକଟରେ ସୋମବାର ଏକ ଗାଡ଼ି ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ସେ ଜଣକ ହେଲେ ପାଟପୁର ଥାନା ଡେଙ୍ଗାଓସ୍ତା ଗ୍ରାମ ରତ୍ନମଣିପୁର ସାହିର ରାଧା ସାହୁ। ପାଟପୁର ପୋଲିସ ମୃତଦେହ ଜବତ କରି ନଂ. ୧୩୦/୧୯ ରେ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡମେଡିକାଲକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ରମେଶ କୁମାର ପ୍ରଧାନ କହିଛନ୍ତି। ପ୍ରକାଶ ଯେ, ଭୋର ପ୍ରାୟ ୩ଟାରେ ରାଧା ଫୁଲ ତୋଳିବା ପାଇଁ ଯାଇଥିବା ସମୟରେ କୌଣସି ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିବା ଜଣାପଡିଛି। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ସକାଳୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକେ ଓ ବହୁ ସଂଖ୍ୟକ ବ୍ୟବସାୟୀ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଅବରୋଧ କରିଥିଲେ। ସକାଳ ପ୍ରାୟ ୬ଟାରୁ ୯ଟା ଯାଏ ଗାଡ଼ି ଚଳାଚଳ ବନ୍ଦ ଥିଲା। ମୃତକଙ୍କ ପୁଅ ଅରକ୍ଷିତ ଓ ସ୍ଥାନୀୟ ଲୋକମାନଙ୍କ ପକ୍ଷରୁ ପ୍ରତିବାଦ କରିଯାଇଥିବା ବେଳେ ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିଲା। ପାଟପୁର ଓ ଦିଗପହଣ୍ଡି ପୋଲିସ ପହଞ୍ଚି ଉତ୍ତେଜିତ ଲୋକମାନଙ୍କୁ ବୁଝାଶୁଝା କରିବାରୁ ପରିସ୍ଥିତି ଶାନ୍ତ ପଡିଥିଲା ଏବଂ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

## ବିଇଓଙ୍କୁ ଦାବିପତ୍ର

**ଗଞ୍ଜାମ,୧।୭(ଡି.ଏନ.ଏ.)**

ଗଞ୍ଜାମ ସହର ମଧ ଖଣ୍ଡ ସାହିସ୍ଥିତ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବିଭିନ୍ନ ଅବ୍ୟବସ୍ଥାରେ ଗତି କରୁଛି। ବିପଦ ସଙ୍କୁଳ କୋଠା ସାଙ୍ଗକୁ ଆବଶ୍ୟକ ଶିକ୍ଷକ ମଧ ନାହାନ୍ତି । ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଏଠାରେ ଶିକ୍ଷାଦାନ ହେଉଛି। ଏ ନେଇ ସୋମବାର ସ୍କୁଲ ଅଭିଭାବକ କମିଟି ବିଇଓ ସୁବାସ ଚନ୍ଦ୍ର ଘଡ଼ାଇଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ସ୍କୁଲର ଚତୁର୍ଥ ଓ ପଞ୍ଚମ ଶ୍ରେଣୀ ଗୃହର ଛାତ ଓ ବିମ୍ବରୁ କଂକ୍ରିଟ ଖସୁଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ଛାତ୍ରୀଛାତ୍ର ତୁଳନାରେ ଆବଶ୍ୟକ ଶିକ୍ଷକ ପାଇଁ ଦାବି ମଧ୍ୟ ହୋଇଛି ।

## ନିଖୋଜ ନାବାଳିକା ଉଦ୍ଧାର

**ଦିଗପହଣ୍ଡି,୧।୭(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ କେ.ନୂଆଗାଁ ଥାନା ଅଧୀନ ଏକ ଗାଁରୁ ନିଖୋଜ ହୋଇଯାଇଥିବା ଜଣେ ନାବାଳିକାଙ୍କୁ ସୋମବାର ପୋଲିସ ଉଦ୍ଧାର କରିଛି । ୨୦୧୮ ଜୁଲାଇ ୨୦ ତାରିଖ ସକାଳୁ ନାବାଳିକା ଜଣକ ଘରୁ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ନାବାଳିକାଙ୍କ ବାପା ତାଙ୍କ ଝିଅକୁ କେହି ଅପହରଣ କରି ନେଇଥିବା କେ.ନୂଆଗାଁ ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ. ୮୨/୧୮ରେ ଅପହରଣ ମାମଲା ରୁଜୁକରିଥିଲା। ୧୧ ମାସ ପରେ ନାବାଳିକା ଘରକୁ ଆସିଥିବା ଖବର ପାଇ ପୋଲିସ ସୋମବାର ନାବାଳିକାଙ୍କୁ ଦିଗପହଣ୍ଡି କୋର୍ଟରେ ହାଜର କରାଇଥିଲା। ତାଙ୍କ ବୟାନ ରେକର୍ଡ କରାଯାଇଛି ।

# ଜମି ଦଖଲକୁ ନେଇ ଗ୍ରାମବାସୀ-ତହସିଲ ପ୍ରଶାସନ ମୁହାଁମୁହିଁ

**ଧରାକୋଟ,୧।୭(ଡି.ଏନ.ଏ.)**

ଧରାକୋଟ ତହସିଲ ପୁଟୁ ଗ୍ରାମବାସୀଙ୍କ ଅଧୀନରେ ରହିଥିବା ପୁଟୁ ମୌଜାର ଗୁହାରିଆ ପଡ଼ିଆର ୫ ଏକର ପରିତ୍ୟକ୍ତ ବେଦଖଲି ରୟତି କିସମରେ ରହିଥିବା ଜମିକୁ ନେଇ ଧରାକୋଟ ତହସିଲ ଓ ପୁଟୁ ଗ୍ରାମବାସୀ ମୁହାଁମୁହିଁ ହୋଇଛନ୍ତି। କେଉଁ ଆବାହମାନ କାଳରୁ ଗ୍ରାମବାସୀ ଏହି ଜମିକୁ ଗାଁ ଠାକୁରାଣୀ ଦେବୀ ଓ ମୁକ୍ତେଶ୍ୱର ସ୍ୱାମୀଙ୍କ ସେବାରେ ଉପଯୋଗ କରି ଆସୁଥିଲେ । ଏହି ଜମିରୁ ଗତବର୍ଷ ଅଞ୍ଚଳବାସୀଙ୍କ ସ୍ୱାର୍ଥ ରକ୍ଷା ଦୃଷ୍ଟିରୁ ବିଦ୍ୟୁତ୍ ବିଭାଗ ଗ୍ରୀଡ ପାଇଁ ଦୁଇ ଭରଣ ଜମି ଗ୍ରାମବାସୀଙ୍କ ସହମତିରେ ପ୍ରଦାନ କରାଯାଇଥିଲା। କିନ୍ତୁ ହଠାତ୍ ସରକାରୀ ନିର୍ଦ୍ଦେଶରେ ତହସିଲ ଅଧୀନରେ ଥିବା ସମସ୍ତ ସରକାରୀ ଜମିକୁ ଜବରଦଖଲ (ବେଆଇନ) ରକ୍ଷା କରିବାକୁ ନେଇ ତହସିଲଦାର ସୁରକ୍ଷା ପ୍ରାଚୀରର କାର୍ଯ୍ୟ ଆରମ୍ଭ କରିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଛି। ସୋମବାର ପୁଟୁ ଗ୍ରାମ୍ୟ ସଭାପତି ପଞ୍ଚାନନ ରାଉତ, ପୂର୍ବତନ ସଭାପତି ଉପେନ୍ଦ୍ର ବେହେରା, ସମାଜିକ କର୍ମୀ ଉମାକାନ୍ତ ପଣ୍ଡା, ପ୍ରମୋଦ ପଣ୍ଡା, ଉମାକାନ୍ତ ମୁନି, ରାମଚନ୍ଦ୍ର ପଣ୍ଡା, ମିଟିକ ସେଠୀ, କବିରାଜ ମୁନିଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ଏହାର ପୁନଃବିଚାର ପାଇଁ ତହସିଲଦାରଙ୍କ ଅନୁପସ୍ଥିତିରେ ମୁଖ୍ୟ କିରାଣୀ ଶିବରାମ ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ତହସିଲଦାର ଗଦାଧର ପାତ୍ରଙ୍କ ସହ ଯୋଗାଯୋଗ ବେଳେ ସମ୍ପ୍ରତି ସରକାର ସମସ୍ତ ତହସିଲ ଅଧୀନରେ ଥିବା ଜମିକୁ ସରକାରୀ କାର୍ଯ୍ୟରେ ନିୟୋଜନ ନିର୍ଦ୍ଦେଶନାମା ମିଳିବା ପରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି କହିଥିଲେ। ସେହି ଜମିରେ ଗ୍ରାମବାସୀଙ୍କ ଅଗୋଚରରେ ଯଦି କିଛି ନିର୍ମାଣ କାର୍ଯ୍ୟ ଆରମ୍ଭ ହୁଏ ତା'ହେଲେ ଯେଉଁ ପରିସ୍ଥିତି ଉପୁଜିବ ସେଥିପାଇଁ କର୍ତ୍ତୃପକ୍ଷ ଦାୟି ରହିବେ ବୋଲି ଲୋକେ କହିଥିଲେ।


ମୁଖ୍ୟ କିରାଣିଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ଗ୍ରାମବାସୀ।

# ଉଦ୍ଭିଦ ବିଜ୍ଞାନ ସ୍ନାତକୋତ୍ତର, ଦର୍ଶନ ଶାସ୍ତ୍ର ସ୍ନାତକ ପାଠ୍ୟକ୍ରମକୁ ଅନୁମତି

**ହିଞ୍ଜିଳିକାଟୁ , ୧।୭(ଡ଼ି.ଏନ୍.ଏ.)**

ହିଞ୍ଜିଳିକାଟୁ ସ୍ୱୟଂ ଶାସିତ କଲେଜରେ ଚଳିତ ଶିକ୍ଷା ବର୍ଷଠାରୁ ଉଦ୍ଭିଦ ବିଜ୍ଞାନ ସ୍ନାତକୋତ୍ତର, ଦର୍ଶନ ଶାସ୍ତ୍ର ସ୍ନାତକ ପାଠ୍ୟକ୍ରମ ଖୋଲିବା ନିମନ୍ତେ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଅନୁମତି ମିଳିଛି। ପୂର୍ବରୁ ଏଠାରେ ବାଣିଜ୍ୟ ବିଭାଗରେ ପିଜି ପାଠ୍ୟକ୍ରମ ରହିଛି। ବର୍ତ୍ତମାନରେ ପିଜି ଓ ଫିଲୋସଫିରେ ଡ଼ିଗ୍ରୀ ଖୋଲିବା ପରେ ଜିଲାର ବହୁ ଛାତ୍ରୀଛାତ୍ର ଉପକୃତ ହେବେ ବୋଲି କଲେଜ ଅଧ୍ୟକ୍ଷ ସିଏଚ ଚନ୍ଦ୍ର ଶେଖର ପୃଷ୍ଟି କହିଛନ୍ତି। ଏଥିସହ ଚଳିତ ଶିକ୍ଷାବର୍ଷଠାରୁ ସେଲ୍ଫ ଫାଇନାନ୍ସ କୋର୍ସ ମାଧ୍ୟମରେ ଏହି କଲେଜରେ ଛାତ୍ରୀଛାତ୍ର ମାନେ ନାମ ଲେଖାଇ ପାଠ ପଢ଼ି ପାରିବେ ବୋଲି ମଧ ସେ ସୂଚନା ଦେଇଛନ୍ତି।

## କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ପ୍ରସଙ୍ଗ

# ଅନସ୍ଲୋ କୋଠା, ଜମି ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ

**ଛତ୍ରପୁର,୧।୭(ଡି.ଏନ.ଏ)**

ଛତ୍ରପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ପାଇଁ ପୂର୍ବରୁ ନିଷ୍ପତି ହୋଇସାରିଛି । ଏଥିପାଇଁ ଜମି ଓ ଅସ୍ଥାୟୀ କୋଠା ହସ୍ତାନ୍ତର ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି । ସୋମବାର ବ୍ରହ୍ମପୁରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ପ୍ରିନ୍ସପାଲ ବିଘ୍ନେଶ୍ୱର ପଟ୍ଟନାୟକ ଛତ୍ରପୁର ଆସି ଅନସ୍ଲୋ ହାଇସ୍କୁଲକୁ ଯାଇଥିଲେ । ଛତ୍ରପୁର ବ୍ଲକ ଶିକ୍ଷା ଅଧିକାରୀ ଅବିନାଶ ଶତପଥୀ, ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ନମିତା ଦେ, ସହକାରୀ ଶିକ୍ଷକ ଜଗଦୀଶ ଚନ୍ଦ୍ର ପଲେଇ, କ୍ରୀଡା ଶିକ୍ଷକ ଅରୁଣ କୁମାର ମାନସିଂଙ୍କ ସହ ସେ ଏ ସମ୍ପର୍କରେ ଆଲୋଚନା କରିଥିଲେ । କେନ୍ଦ୍ରୀୟ ବିଦ୍ୟାଳୟର ଅସ୍ଥାୟୀ କ୍ୟାମ୍ପସ ଛତ୍ରପୁର ଅନସ୍ଲୋ ସରକାରୀ ହାଇସ୍କୁଲର ଏକ କୋଠାରେ ଚାଲିବା ପାଇଁ ରାଜ୍ୟ ସରକାର ଅନୁମତି ଦେଇସାରିଛନ୍ତି। ଏହାକୁ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନକୁ ହସ୍ତାନ୍ତର କରିବାକୁ ସୋମବାର ଅନସ୍ଲୋ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀଙ୍କୁ ଚିଠି (ନଂ-୮୫୬୦) କରି ଗଂଜାମ ଜିଲା ଶିକ୍ଷାଅଧିକାରୀ ସନାତନ ପଣ୍ଡା ନିର୍ଦ୍ଦେଶ ଦେଇଛନ୍ତି। ପରେ ଏ ସମ୍ପର୍କରେ ଜିଲାଶିକ୍ଷା ଅଧିକାରୀଙ୍କ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି । କେନ୍ଦ୍ରୀୟ ବିଦ୍ୟାଳୟର କୋଠା ନିର୍ମାଣ ପାଇଁ ଆର୍ଯ୍ୟପଲ୍ଲୀ ନିକଟରେ ପୂର୍ବରୁ ଚିହ୍ନଟ ୧୦ ଏକର ଜମି ମଧ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନକୁ ହସ୍ତାନ୍ତର ପାଇଁ ମଧ ପ୍ରକ୍ରିୟା ଆରମ୍ଭ ହୋଇସାରିଛି । ଛତ୍ରପୁର ତହସିଲଦାର ନୀଳମାଧବ ଭୋଇଙ୍କ ସହ ମଧ କେନ୍ଦ୍ରୀୟ ବିଦ୍ୟାଳୟର ପ୍ରିନ୍ସପାଲ ଜମି ହସ୍ତାନ୍ତର ସମ୍ପର୍କରେ ଆଲୋଚନା କରିଛନ୍ତି।


ସ୍କୁଲ କୋଠା ହସ୍ତାନ୍ତର ସମ୍ପର୍କରେ ଆଲୋଚନା ଚାଲିଛି ।

## ଟ୍ରେଡ୍ ଲାଇସେନ୍ସ ଫି ସଂଶୋଧନ ଦାବି

# ଜିଲାପାଳଙ୍କୁ ଭେଟିଲେ ବ୍ୟବସାୟୀ ସଂଘ

**ଛତ୍ରପୁର,୧।୭(ଡି.ଏନ.ଏ)**

ଗଞ୍ଜାମ ଜିଲା ହେଡକ୍ୱାର୍ଟର ଛତ୍ରପୁର ଏନଏସି ପକ୍ଷରୁ ନିର୍ଦ୍ଧାରିତ ଟ୍ରେଡ୍ ଲାଇସେନ୍ସ ଫି'କୁ ସଂଶୋଧନ କରିବାକୁ ସମସ୍ତ ବ୍ୟବସାୟୀ ସଂଘ ଦାବି କରିଛନ୍ତି। ସୋମବାର ଛତ୍ରପୁରର ସମସ୍ତ ସଂଘର କର୍ମକର୍ତ୍ତାମାନେ ଅଭିଯୋଗ ଶୁଣାଣି ବେଳେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଥିସହ ବିଭିନ୍ନ ସଂଘ ପକ୍ଷରୁ ମିଳିତ ଭାବେ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

ବ୍ୟବସାୟୀ ସଂଘଗୁଡିକର କହିବାନୁଯାୟୀ ଛତ୍ରପୁର ଏନଏସି ପକ୍ଷରୁ ନିର୍ଦ୍ଧାରିତ କରାଯାଇଥିବା ଟ୍ରେଡ୍ ଲାଇସେନ୍ସ ଫି' ଅନ୍ୟ ଏନଏସି ଓ ମ୍ୟୁନିସିପାଲିଟି ଅପେକ୍ଷା ବହୁତ ଅଧିକ । ତେଣୁ ଏହାର ପୁନଃବିଚାର କରି ଛତ୍ରପୁର ସହର ନିକଟ ଏନଏସି ଓ ମ୍ୟୁନିସିପାଲିଟିର ନିର୍ଦ୍ଧାରିତ ମୂଲ୍ୟକୁ ଆଧାର କରି ଫି' ସଂଶୋଧନ କରିବାକୁ ବ୍ୟବସାୟୀ ସଂଘ କର୍ମକର୍ତ୍ତାମାନେ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ପ୍ରଶାସନର ପଲିଥିନ ବ୍ୟବହାର ନିଷେଧ ଘୋଷଣାକୁ ବ୍ୟବସାୟୀ ସଂଘଗୁଡିକ ସ୍ୱାଗତ କରିବା ସହ ସମର୍ଥନ ଜଣାଇଛନ୍ତି। ଅନ୍ୟପକ୍ଷରେ ଅଧିକାଂଶ ଗ୍ରାହକ ପଲିଥିନ ମାଗୁଥିବାରୁ ଅସୁବିଧା ହେଉଛି। ତେଣୁ କେତେ ମାଇକ୍ରୋନ୍‌ର ପଲିଥିନ ବ୍ୟବହାର କରିହେବ ସେ ସମ୍ପର୍କରେ ବ୍ୟବସାୟୀ ମାନଙ୍କୁ ଅବଗତ କରିବାକୁ ସଂଘଗୁଡ଼ିକ ପକ୍ଷରୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ମହାଶକ୍ତି ବଣିକ ସଂଘର ସଭାପତି କିଶୋର ଚନ୍ଦ୍ର ସେନାପତି, ଅପରବସଷ୍ଟାଣ୍ଡ ବ୍ୟବସାୟୀ ସଂଘର ସଭାପତି ବି. ରାଜୁ ବାବୁ, ବଡବଜାର ବ୍ୟବସାୟୀ ସଂଘର ସଭାପତି ପ୍ରଫୁଲ୍ଲ କୁମାର ସେନାପତି, ଛତ୍ରପୁର ଗ୍ରୋସରି ବ୍ୟବସାୟୀ ସଂଘ ସଭାପତି ସୟଦ ମୁକ୍ତାର, ରିକାପଲ୍ଲୀ ବ୍ୟବସାୟୀ ସଂଘ ସଭାପତି ଲକ୍ଷ୍ମୀ ନାରାୟଣ ପଣ୍ଡା, ଛତ୍ରପୁର ସିମେଣ୍ଟ ଡିଲରର୍ସ ଆସୋସିଏଶନ ସଭାପତି ଶିବ ପ୍ରସାଦ ସେନାପତି, ଷ୍ଟକିଷ୍ଟ ଆସୋସିଏଶନର ସଭାପତି କୈଳାସ ଚନ୍ଦ୍ର ଅଗ୍ରୱାଲ, ରାବଣାମ୍ଭା ବ୍ୟବସାୟୀ ସଂଘର ଯୁଗ୍ମ ସମ୍ପାଦକ ପଙ୍କଜ ପାଣିଗ୍ରାହୀ ପ୍ରମୁଖ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।


ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି ।

## ସଂକ୍ଷେପରେ

### ମହିଳାଙ୍କଠାରୁ ଟଙ୍କା ବ୍ୟାଗ ଲୁଟ୍

ବ୍ରହ୍ମପୁର ଅଫିସ,୧୭: ସୋମବାର ଦ୍ୱିପହରରେ ଏକ କଳା ପଲସରରେ ୨ ଜଣ ଦୁର୍ବୃତ୍ତ ହରିଡାଖଣ୍ଡି ଛକରୁ ଜଣେ ମହିଳାଙ୍କଠାରୁ ଟଙ୍କା ବ୍ୟାଗ ଝାମ୍ପି ନେଇଛନ୍ତି। ବଡବଜାର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।
ଗୋଳନ୍ଥରା ଥାନା ଚାନ୍ଦପୁର ଗ୍ରାମର ସୁଶୀଳା ବେହେରା ବ୍ରହ୍ମପୁରରେ ଏକ ଘର କ୍ରୟ କରିବା ପାଇଁ ସୋମବାର ସକାଳେ ଘରୁ ବାହାରିଥିଲେ। ସେ କନିଷ୍କି ବ୍ୟାଙ୍କରୁ ୧ ଲକ୍ଷ ଟଙ୍କା ଉଠାଇଥିଲେ । ପୂର୍ବରୁ ତାଙ୍କ ପାଖରେ ୭୦ ହଜାର ଟଙ୍କା ଥିଲା। ଏକ କପଡା ବ୍ୟାଗରେ ୧ ଲକ୍ଷ ୭୦ହଜାର ଟଙ୍କା ଧରି ସେ ବସ୍ ଯୋଗେ ବ୍ରହ୍ମପୁର ଆସି ହରିଡାଖଣ୍ଡି ଛକରେ ପହଞ୍ଚିଥିଲେ । ସେଠାରେ ସେ ଘର ବିକ୍ରି କରିବାକୁ କହିଥିବା ଲୋକଙ୍କ ସହ ଯୋଗାଯୋଗ କରିଥିଲେ। ଅନ୍ୟପଟେ ଘର କ୍ରୟରେ ସହଯୋଗ କରୁଥିବା ତାଙ୍କ ମାମୁଙ୍କୁ ମଧ ସୁଶୀଳା ଟଙ୍କା ଧରି ଆସିଥିବା ଫୋନ କରି ଜଣାଇଥିଲେ । ପରେ ସେ ତାଙ୍କ ବାପ ଘର ସୁକୁଣ୍ଡା ଗ୍ରାମକୁ ନିଜର ଛୋଟ ଝିଅକୁ ଧରି ଚାଲି ଚାଲି ଯାଉଥିଲେ। ଠିକ୍ ଏହି ସମୟରେ ଏକ ପଲସରରେ ୨ ଜଣ ଦୁର୍ବୃତ୍ତ ମହିଳାଙ୍କ ପିଛା କରି ସେ ଧରିଥିବା ଟଙ୍କା ବ୍ୟାଗଟି ଝାମ୍ପି ନେଇ ଯାଇଥିଲେ। ପୋଲିସ ଏବେ ଏନେଇ ଏକ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଚଳାଇଥିବା ବ୍ରହ୍ମପୁର ଏସ୍‌ଡ଼ିପିଓ ବିଷ୍ଣୁ ପ୍ରସାଦ ପତି ସୂଚନା ଦେଇଛନ୍ତି। ଘଟଣା ସ୍ଥଳରେ ଲାଗିଥିବା ସିସି ଟିଭି ଫୁଟେଜ ଯାଞ୍ଚ କରି ଲୁଟେରାଙ୍କୁ ଠାବ କରିବା ପାଇଁ ପୋଲିସ ପ୍ରୟାସ ଜାରି ରଖିଛି।

### ସବୁଜ ଗଞ୍ଜାମ ଲକ୍ଷ୍ୟ ପୂରଣ କରିବାକୁ ଆହ୍ୱାନ

ବ୍ରହ୍ମପୁର ଅଫିସ୍,୧୭: ସପ୍ତାହେ ବ୍ୟାପୀ ଚାଲିବାକୁ ଥିବା ବନ ମହୋତ୍ସବ ସୋମବାରରୁ ଆରମ୍ଭ ହୋଇଯାଇଛି। ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ(ବିଡ଼ିଏ)ପକ୍ଷରୁ ବ୍ୟାପକ ଚାରାରୋପଣ ଅଭିଯାନ ଆରମ୍ଭ କରାଯାଇଛି। ପ୍ରଥମ ଦିବସରେ ଖଲ୍ଲିକୋଟ କଲେଜ ପଡ଼ିଆରେ ଚାରାରୋପଣ କରାଯାଇଥିଲା। ଜିଲାପାଳ ବିଜୟ୍ ଅମୃତା କୁଲାଙ୍ଗେ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରାରୋପଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଗଞ୍ଜାମକୁ ସବୁଜ ସୁନ୍ଦର କରିବା ଦିଗରେ ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଯାଇଛି । ଏଥିରେ ସ୍କୁଲ ପିଲାମାନଙ୍କୁ ମଧ୍ୟ ସାମିଲ୍ କରାଯାଇଛି । ଆଗାମୀ କିଛି ଦିନ ପର୍ଯ୍ୟନ୍ତ ଜିଲାର ସବୁଆଡ଼େ ଚାରାରୋପଣ କରାଯିବ। ବିଭିନ୍ନ ସଂଗଠନ, ସରକାରୀ ବିଭାଗ ଏବଂ ଜନସାଧାରଣଙ୍କୁ ଏହି ଅଭିଯାନରେ ଯୋଗଦେବାକୁ ଆହ୍ୱାନ ଦିଆଯିବ। ସବୁଜ ଗଞ୍ଜାମ ଗଠନ ଦିଗରେ ଯେଉଁ ଲକ୍ଷ୍ୟ ରଖାଯାଇଛି, ତାହାକୁ ପୂରଣ କରିବା ପାଇଁ ସମସ୍ତେ ଆଗେଇ ଆସନ୍ତୁ ବୋଲି ଜିଲାପାଳ କୁଲାଙ୍ଗେ ଆହ୍ୱାନ ଦେଇଥିଲେ । ବିଡ଼ିଏ ଅଧକ୍ଷ ସୁବାସ ମହାରଣା, ସଚିବ ସମ୍ବିତ ରାଉତ, ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବ୍ରହ୍ମପୁର ମହାନଗର ନିଗମ ଡେପୁଟି କମିଶନର୍ ସୌରୀନ୍ଦ୍ର ରାଉତରାୟଙ୍କ ସମେତ କେତେକ ବିଜେଡ଼ି ନେତା ଯୋଗ ଦେଇଥିଲେ ।

■ ଗଞ୍ଜାମ-ଗଜପତି ଜିଲାରେ ଖରିଫ ଧାନଚାଷ


# ବିସିସି ବ୍ୟାଙ୍କ କୃଷି ଋଣ ଦେବ ୨୪୫ କୋଟି

ବ୍ରହ୍ମପୁର ଅଫିସ,୧୭

ଚଳିତ ବର୍ଷର ଖରିଫ ଧାନ ଫସଲ ପାଇଁ ବ୍ରହ୍ମପୁର ସମବାୟ କେନ୍ଦ୍ର (ବିସିସି) ବ୍ୟାଙ୍କ ଗଞ୍ଜାମ ଓ ଗଜପତି ଜିଲାର ଚାଷୀଙ୍କୁ ୨୪୫ କୋଟି ଟଙ୍କା କୃଷିଋଣ ଲଗାଣ କରିବା ଲାଗି ସରକାର ଟାର୍ଗେଟ ଦେଇଛନ୍ତି। ତନ୍ମଧ୍ୟରୁ ଗଞ୍ଜାମ ଜିଲା ହିଞ୍ଜିଳି, ବେଗୁନିଆପଡ଼ା, ଖଲ୍ଲିକୋଟ, ଗଞ୍ଜାମ, ଛତ୍ରପୁର, ରଙ୍ଗେଇଲୁଣ୍ଡା, ଚିକିଟି, ପାତ୍ରପୁର, ଦିଗପହଣ୍ଡି, କୁକୁଡ଼ାଖଣ୍ଡି ବ୍ଲକ ଅଧୀନ ବିଭିନ୍ନ ଅଞ୍ଚଳର ଚାଷୀଙ୍କୁ ୨୦୫ କୋଟି ଏବଂ ଗଜପତି

**୩୩,୧୪୬ ଚାଷୀଙ୍କୁ ୧୦୭.୧୩ କୋଟି ଦିଆଯାଇଛି**

ଜିଲା ଅନ୍ତର୍ଗତ ଗୋଷାଣୀ, କାଶୀନଗର, ମୋହନା, ଆର.ଉଦୟଗିରି, ନୂଆଗଡ଼ ଓ ରାୟଗଡ଼ ଆଦି ୭ ବ୍ଲକ ଚାଷୀଙ୍କୁ ୪୦ କୋଟି ଟଙ୍କା ଋଣ ଦିଆଯିବା ନିର୍ଦ୍ଦେଶ ଥିବା ବ୍ୟାଙ୍କ ସଭାପତି ଅଲେଖ ଚୌଧୁରୀ ଓ ସମ୍ପାଦକ ଚିତ୍ତରଞ୍ଜନ ପାଣିଗ୍ରାହୀ ସୂଚାଇଛନ୍ତି। ପ୍ରତିବର୍ଷ ଏପ୍ରିଲରୁ ଖରିଫ ଋଣ ଦିଆଯିବାର ବ୍ୟବସ୍ଥା ରହିଛି। ଚଳିତ ବର୍ଷ ଜୁନ ୩୦ ସୁଦ୍ଧା ପ୍ରଥମ ୩ ମାସରେ ଦୁଇ ଜିଲାର ୩୩ ହଜାର ୧୪୬ ଚାଷୀଙ୍କୁ ୧୦୭.୧୩ କୋଟି ଋଣ କୃଷି ସେବା ସମବାୟ ସମିତି (ସୋସାଇଟି) ଜରିଆରେ ଦିଆଯାଇଥିବା କୁହାଯାଇଛି । ବ୍ୟାଙ୍କ କର୍ତ୍ତୃପକ୍ଷ ଆହୁରି କହିଛନ୍ତି, ରାଜ୍ୟ ସରକାର କୃଷି ଓ କୃଷକଙ୍କ ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ ଦେଇଛନ୍ତି। ତେଣୁ ରାଜ୍ୟର ସର୍ବ ପୁରାତନ ସମବାୟ ଅନୁଷ୍ଠାନ ବିସିସି ବ୍ୟାଙ୍କ ଖରିଫ ଓ ରବି ଫସଲ ଉତ୍ପାଦନ ଲାଗି ସବୁ ବର୍ଷ ଚାଷୀଙ୍କୁ କୃଷି ଋଣ ଯୋଗାଇ ଉତ୍ସାହିତ କରୁଛି। ୨୦୧୮ ଖରିଫ ଋତୁରେ ୨୪୦ କୋଟି ଟଙ୍କା ଚାଷୀଙ୍କୁ ଋଣ ଦେବା ନିମନ୍ତେ ସରକାର ନିର୍ଦ୍ଦେଶ ଦେଇଥିବା ବେଳେ ଚଳିତ ୨୦୧୯ ବର୍ଷରେ ଆଉ ୫ କୋଟି ବଢ଼ାଇଛନ୍ତି। ଚଳିତ ବର୍ଷ ଧାର୍ଯ୍ୟଲକ୍ଷ୍ୟ ପୂରଣ ନିମନ୍ତେ ଏବେଠୁ ଉଦ୍ୟମ ଆରମ୍ଭ ହୋଇଥିବା ସମ୍ପାଦକ ପାଣିଗ୍ରାହୀ ସ୍ପଷ୍ଟ କରିଛନ୍ତି। ଏହି ବ୍ୟାଙ୍କ ଅଧୀନ ଗଞ୍ଜାମରେ ୨୦୬ ଏବଂ ଗଜପତିରେ ୬ ଲ୍ୟାମ୍ପ୍‌ସ ସମେତ ୫୦ ପ୍ୟାକସ (ସୋସାଇଟି) ରହିଛି। ଗଜପତି ଜିଲାର ଆଦିବାସୀ ବହୁଳ ଅଞ୍ଚଳରେ ମକା ଚାଷ ପାଇଁ ମଧ ଋଣ ଲଗାଣ କରାଯାଉଥିବା ସମ୍ପାଦକ ସୂଚନା ଦେଇଛନ୍ତି।



ଡାକ୍ତର ଦିବସ ଅବସରରେ ବ୍ରହ୍ମପୁରସ୍ଥିତ ଇଣ୍ଡିଆନ୍ ମେଡ଼ିକାଲ୍ ଆସୋସିଏଶନ୍(ଆଇଏମ୍‌ଏ) ସଭାଗୃହରେ ରକ୍ତଦାନ ଶିବିର ଚାଲିଛି । (ଫଟୋ-ସମୀର)

**ମହିଳାଙ୍କ ତଣ୍ଟି ଚିପି ହତ୍ୟା ମାମଲା**

## ୫ ଅଭିଯୁକ୍ତ ନିର୍ଦ୍ଦୋଷ ସାବ୍ୟସ୍ତ

ବ୍ରହ୍ମପୁର ଅଫିସ,୧୭

ଏକ ହତ୍ୟା ମାମଲାର ବିଚାର କରି ସୋମବାର ଜିଲା ଦୌରାଜଜ ବିଷ୍ଣୁ ପ୍ରସାଦ ରାଉତରାୟ ପ୍ରମାଣ ଅଭାବରୁ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ମନୋଜ ସାହୁଙ୍କ ସମେତ ୫ ଜଣଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ସଦର ଥାନା ଅନ୍ତର୍ଗତ ବେନ୍ଦାଳିଆ ଗ୍ରାମର ମନୋଜ ସାହୁ, ସନାତନ ସାହୁ, ପେଟା ଓରଫ ନୀଳାଞ୍ଚଳ ଦାସ, ରାମ ଦାସ ଓ ଭଜ ଦାସ ।
ପ୍ରକାଶ ଯେ, ୨୦୧୮ ଫେବୃୟାରୀ ୧୯ ତାରିଖରେ ବେନ୍ଦାଳିଆ ଗ୍ରାମର ପୋଖରୀ ନିକଟରେ ଥିବା ଏକ ବିଲରୁ ଜଣେ ମହିଳାଙ୍କ ମୃତଦେହ ପଡିଥିବା ସଦର ଥାନା ପୋଲିସ ଖବର ପାଇଥିଲା। ମୃତଦେହଟି ଉକ୍ତ ଗ୍ରାମର ପ୍ରତିମା ବେହେରାଙ୍କର ବୋଲି ପୋଲିସ ଚିହ୍ନଟ କରିଥିଲା। ମୃତ ମହିଳାଙ୍କ ଭାଇ ରବୀନ୍ଦ୍ରଙ୍କ ଏତଲା କ୍ରମେ ନଂ. ୪୬/୧୮ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ଘଟଣାର ୫ ଦିନ ପରେ ଅର୍ଥାତ ୨୫ ତାରିଖରେ ପୋଲିସ ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଥାନାଧିକାରୀ ଶିବ ଶଙ୍କର ମହାପାତ୍ର ପରବର୍ତ୍ତୀ ପର୍ଯ୍ୟାୟରେ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ସୋମବାର ମାମଲାର ବିଚାର ବେଳେ ୧୭ ଜଣ ସାକ୍ଷୀଙ୍କ ବୟାନକୁ ଆଧାରକରି ଉପଯୁକ୍ତ ପ୍ରମାଣ ଅଭାବରୁ ବିଚାରପତି ରାଉତରାୟ ଉପରୋକ୍ତ ଅଭିଯୁକ୍ତମାନଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦ୍ଦଲାଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଶିବପ୍ରସାଦ ସାହୁ, ବୀରେନ ପଟ୍ଟନାୟକ, ଅନୁଜ ପଟ୍ଟନାୟକ, ଅକ୍ଷୟ ପଟ୍ଟନାୟକ ଓ ନୟନ ଚନ୍ଦ୍ର ମହାପାତ୍ର ମକଦ୍ଦମା ପରିଚାଳନା କରିଥିଲେ।

ଆରମ୍ଭ ହେଲା ବୁଲା ଗୋରୁ, ମଇଁଷିଙ୍କ ଟ୍ୟାଗିଂ ପ୍ରକ୍ରିୟା

# ପ୍ରଥମ ଦିନରେ ୨୦ ଟ୍ୟାଗିଂ


ଗୋରୁ, ମଇଁଷିଙ୍କୁ ଟ୍ୟାଗିଂ କରାଯାଉଛି ।

ବ୍ରହ୍ମପୁର ଅଫିସ,୧୭

ବୁଲା ଗୋରୁଙ୍କ ଅବାଧ ବିଚରଣ ଯୋଗୁ ବ୍ରହ୍ମପୁରରେ ସୃଷ୍ଟି ହେଉଥିବା ଟ୍ରାଫିକ ସମସ୍ୟା ରୋକିବାକୁ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି । ବୁଲା ଗୋରୁ, ମଇଁଷି ଚିହ୍ନଟ ପାଇଁ ଟ୍ୟାଗିଂ ବ୍ୟବସ୍ଥା ସୋମବାରରୁ ଆରମ୍ଭ ହୋଇଛି । ୧ ନଂ. ୱାର୍ଡ ଅନ୍ତର୍ଗତ ହରିଡାଖଣ୍ଡି ଅଞ୍ଚଳରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏହି ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ପ୍ରାଣୀଧନ ଚିକିତ୍ସା ବିଭାଗ ସହଯୋଗରେ ହେଉଥିବା ଏହି ଟ୍ୟାଗିଂରେ ପ୍ରତ୍ୟେକ ୱାର୍ଡର ବୁଲା ଗୋରୁ ଓ ମଇଁଷିଙ୍କୁ ଚିହ୍ନଟ କରି ୧୧ ସଂଖ୍ୟା ବିଶିଷ୍ଟ ସ୍ୱତନ୍ତ୍ର ପରିଚୟ ନମ୍ବର ଥିବା ଟ୍ୟାଗକୁ ସେମାନଙ୍କ କାନରେ ଲଗା ଯିବ । ପ୍ରଥମ ଦିନରେ ହରିଡାଖଣ୍ଡି ଅଞ୍ଚଳର ୨୦ ଗୋରୁ ଓ ମଇଁଷିଙ୍କୁ ଟ୍ୟାଗିଂ କରାଯାଇଥିବା ବିଏମ୍‌ସି ପକ୍ଷରୁ କୁହାଯାଇଛି । ଏହି ଟ୍ୟାଗ୍ ନମ୍ବର ସହ ଗୋରୁ, ମଇଁଷିଙ୍କ ମାଲିକଙ୍କ ନାମ ଠିକଣା ସଂଯୋଗ କରାଯିବ। ଉକ୍ତ ଗୋରୁ ଓ ମଇଁଷି ରାସ୍ତାରେ ଅବାଧ ବିଚରଣ କରିବା ଦେଖିବାକୁ ମିଳିଲେ ସେମାନଙ୍କୁ ବିଏମ୍‌ସି ପକ୍ଷରୁ ଧରାଯାଇ ଗୋଶାଳାରେ ରଖାଯାଇ ଓ ମାଲିକଙ୍କ ନିକଟରୁ ଜରିମାନା ଆଦାୟ କରାଯିବ। ଦ୍ୱିତୀୟ ଥର ଗୋରୁ ଓ ମଇଁଷିଙ୍କୁ ରାସ୍ତାରେ ଛାଡିଲେ ଉକ୍ତ ପ୍ରାଣୀଙ୍କୁ ଚାଷୀ ତଥା ଗୋପାଳକଙ୍କୁ ଦାନ କରାଯିବ ବୋଲି ଜିଲାପାଳ ସୂଚାଇଛନ୍ତି । କାର୍ଯ୍ୟକ୍ରମରେ ଡେପୁଟି କମିଶନର ସୌରୀନ୍ଦ୍ର ରାଉତରାୟ, ବସ୍ତି ଉନ୍ନୟନ ଅଧିକାରୀ ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର, ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ରଞ୍ଜିତ ପାତ୍ର, ପ୍ରାଣୀଧନ ଚିକିତ୍ସା ଓ ବିଏମ୍‌ସିର ଅନ୍ୟଅଧିକାରୀ ଉପସ୍ଥିତ ଥିଲେ ।

# ଡ୍ରେନ୍ ସଫା କଲେ ବ୍ରଜନଗରବାସୀ

ବ୍ରହ୍ମପୁର ଅଫିସ,୧୭

ବ୍ରହ୍ମପୁର ବ୍ରଜନଗର ପ୍ରଥମ, ଦ୍ୱିତୀୟ, ତୃତୀୟ ଲାଇନର ମୁଖ୍ୟରାସ୍ତା ବର୍ଷାଦିନେ ଜମି ରହୁଥିବା ଜଳ ନିଷ୍କାସନ ଓ ଡ୍ରେନ୍ ସଫାକୁ ନେଇ ବହୁବାର ଦାବି ହୋଇଛି । ଏନେଇ ସ୍ଥାନୀୟ ବିଡିଓ ଓ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରାଯାଇଥିଲେ ମଧ ପ୍ରଶାସନିକସ୍ତରରେ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇ ନାହିଁ। ଫଳରେ ଅଞ୍ଚଳବାସୀ ନିଜ ଅଞ୍ଚଳର ପରିମଳ ବ୍ୟବସ୍ଥାକୁ ସ୍ୱଚ୍ଛ କରିବାକୁ ଅଣ୍ଟା ଭିଡିଛନ୍ତି । ଦୁଇ ଦିନ ମଧରେ ତିନୋଟି ଗଳିରେ ବର୍ଷାଦିନେ ସୃଷ୍ଟି ହେଉଥିବା କୃତ୍ରିମ ବନ୍ୟା ପରିସ୍ଥିତିର ଆଶୁ ସମାଧାନ କରିଛନ୍ତି । ଅଞ୍ଚଳବାସୀ ନିଜସ୍ୱ ଖର୍ଚ୍ଚରେ ଦୁଇଟି ଜେସିବି ଦ୍ୱାରା ୩ ଗଳି ରାସ୍ତାରେ ଜମି ରହୁଥିବା ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା କରିବା ସହ ବିପର୍ଯ୍ୟସ୍ତ ରାସ୍ତାକୁ ସଜାଡିଛନ୍ତି । ଏଥିସହ ତୃତୀୟ ଗଳିରେ ସମସ୍ତ ଡ୍ରେନ୍‌କୁ ଜେସିବି ମାଧ୍ୟମରେ ସଫା କରିଛନ୍ତି । ସେହିପରି ଦ୍ୱିତୀୟ ଗଳିକୁ ମୁହାଁଇଥିବା ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି)ର ଏକ ଡ୍ରେନେଜର ମଧ ଦିଗ ପରିବର୍ତ୍ତନ କରି ଦ୍ୱିତୀୟ ଗଳି ମୁଖ୍ୟରାସ୍ତାରେ ମାଟି ପକାଇ ସମତୁଲ କରିଥିବା ଜଣାପଡିଛି । ତେବେ ପ୍ରଶାସନକୁ ଏନେଇ ବହୁବାର ଅଭିଯୋଗ କରାଯାଇଥିଲେ ମଧ ବାରମ୍ବାର ଅବହେଳା କରାଯିବା ପରେ ଅଞ୍ଚଳବାସୀଙ୍କ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଥିଲା । ଯାହା ପ୍ରଶାସନ ପାଇଁ ଏକ ଶିକ୍ଷା ସଦୃଶ ବୋଲି ବ୍ରଜନଗର ଉନ୍ନୟନ କମିଟି ସଭାପତି ସଞ୍ଜୀବ ପଟ୍ଟନାୟକ କହିଛନ୍ତି । ଏହି କାର୍ଯ୍ୟକ୍ରମ ବେଳେ କମିଟି କାର୍ଯ୍ୟକାରୀ ସଭାପତି ନାରାୟଣ ଚନ୍ଦ୍ର ପରିଚ୍ଛା, କୋଷାଧକ୍ଷ ବି.ଭି. ସାଗର, ସଂଯୋଜକ ପବିତ୍ର ମିଶ୍ର, ବଂଶୀଧର ପାଢୀ, ସୁଦେଶ କୁମାର ପାତ୍ର ଓ ଅନ୍ୟ ଅଞ୍ଚଳବାସୀ ସହଯୋଗ କରିଥିଲେ ।

**ଶୁଣିଲାନି ପ୍ରଶାସନ**



ଜେସିବି ଦ୍ୱାରା ରାସ୍ତା ସଫା କରାଯାଉଛି ।

# ବନ୍ଦ ହୋଇପାରେ ୨ଶହ ଘରୋଇ ସ୍କୁଲ

ବ୍ରହ୍ମପୁର ଅଫିସ୍,୧୭

ଭିତ୍ତିଭୂମି ନ ଥିବା ଘରୋଇ ସ୍କୁଲଗୁଡ଼ିକର ଅଡୁଆ ବଢ଼ିବାରେ ଲାଗିଛି। ଯେଉଁ ଘରୋଇ ସ୍କୁଲର ଆବଶ୍ୟକ ଭିତ୍ତିଭୂମି ନାହିଁ, ସେଗୁଡ଼ିକୁ ବନ୍ଦ କରିଦେବା ପାଇଁ ରାଜ୍ୟ ଗଣଶିକ୍ଷା ବିଭାଗ କଠୋର ହେବାରେ ଲାଗିଛି । ତେବେ ସୋମବାର ବିଭାଗ ପକ୍ଷରୁ ଏକ ନୂଆ ନିର୍ଦ୍ଦେଶନାମା ଜାରି ହୋଇଛି ଯେଉଁଥିରେ, ଶିକ୍ଷକଙ୍କ ଯୋଗ୍ୟତା ଓଟିଇଟିକୁ କୋହଳ କରାଯାଇଛି। ଅର୍ଥାତ୍ ଯେଉଁ ଘରୋଇ ସ୍କୁଲର ଶିକ୍ଷକଙ୍କ ଶିକ୍ଷାଗତ ଯୋଗ୍ୟତା ଓଟିଇଟି ନାହିଁ, ସେହି ସ୍କୁଲକୁ ସାର୍ଟିଫିକେଟ୍ ଅଫ୍ ରେକଗ୍‌ନାଇଜେସନ୍(ସିଓଆର୍) ପ୍ରଦାନ କରାଯିବ ନାହିଁ। ଏହି ସବୁ ଘରୋଇ ସ୍କୁଲଗୁଡ଼ିକୁ ବନ୍ଦ କରିଦେବାକୁ ବିଭାଗ ନିଷ୍ପତ୍ତି ନେଇଛି। ତେବେ ଏହି କୋହଳ ସତ୍ତ୍ୱେ ଗଞ୍ଜାମ ଜିଲାରେ ଘରୋଇ ସ୍କୁଲଗୁଡ଼ିକର ଅଡୁଆ କମିନାହିଁ। ପ୍ରାୟ ୨ଶହ ଘରୋଇ ସ୍କୁଲ ବନ୍ଦ ହେବାର ଆଶଙ୍କା ଦେଖାଦେଇଛି ।

**ଓଟିଇଟି କୋହଳ ସତ୍ତ୍ୱେ କମିନି ଅଡୁଆ**

ତଥ୍ୟ ଅନୁଯାୟୀ, ଗଞ୍ଜାମ ଜିଲାରେ ୪୮୧ ଘରୋଇ ପ୍ରାଥମିକ ସ୍କୁଲ ରହିଛି। ଏଥିରୁ ଅଧିକାଂଶ ଘରୋଇ ସ୍କୁଲର ସ୍ଥିତି ନିମ୍ନମାନର। ଖୁବ୍ କମ୍ ଶିକ୍ଷାଗତ ଯୋଗ୍ୟତା ଥିବା ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ନିଯୁକ୍ତି ଦିଆଯାଇଛି।
ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା, ଘରୋଇ ସ୍କୁଲଗୁଡ଼ିକରେ ଆର୍ଥିକ ଅନଗ୍ରସର ବର୍ଗର ୨୫ପ୍ରତିଶତ ଶିଶୁଙ୍କ ନାମଲେଖା ନିୟମ ରହିଥିଲେ, ମଧ୍ୟ କୌଣସି ସ୍କୁଲ ଏହାକୁ ମାନୁନାହାନ୍ତି । ଫଳରେ ଶିକ୍ଷା ଅଧିକାର ଆଇନ୍‌ର ଖୋଲାଖୋଲି ଉଲ୍ଲଂଘନ ହେଉଛି ।
ଏଭଳି ସମୟରେ ଶିକ୍ଷକଙ୍କ ଶିକ୍ଷାଗତ ଯୋଗ୍ୟତାରୁ ଓଟିଇଟିକୁ ବାଦ ଦେବା ପରେ କେତେକ ଘରୋଇ ସ୍କୁଲ ଆଶ୍ୱସ୍ତ ହୋଇଛନ୍ତି। ତଥାପି ପ୍ରାୟ ୨ଶହ ଘରୋଇ ସ୍କୁଲ ବନ୍ଦ ହେବାର ଆଶଙ୍କା ରହିଥିବା କୁହାଯାଉଛି।

# ‘ନବୀନ’ର ୯୦ତମ ସ୍ୱନକ୍ଷତ୍ର ଉତ୍ସବ

ବ୍ରହ୍ମପୁର ଅଫିସ୍,୧୭

ସାପ୍ତାହିକ ପତ୍ରିକା ‘ନବୀନ’ର ୯୦ତମ ସ୍ୱନକ୍ଷତ୍ର ଉତ୍ସବ ରାଜସ୍ୱ ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଐତିହାସିକ ତଥା ଗବେଷକ ଡ. କୈଳାସ ଚନ୍ଦ୍ର ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ସଚ୍ଚି ରାଉତରାୟଙ୍କଠାରୁ ଆରମ୍ଭ କରି ରମାକାନ୍ତ ରଥଙ୍କ ପର୍ଯ୍ୟନ୍ତ, ବହୁ କବିଙ୍କୁ ‘ନବୀନ’ ସୃଷ୍ଟି କରି ଓଡ଼ିଆ ସାହିତ୍ୟର ଅଭ୍ୟୁଦୟରେ ପଥପ୍ରଦର୍ଶକ ହୋଇପାରିଛନ୍ତି। ନବୀନର ପ୍ରତିଷ୍ଠାତା କୃପାସିନ୍ଧୁ ନରେନ୍ଦ୍ର ଦେବ ସେହି ସମୟରେ ତେଲୁଗୁମାନଙ୍କ ପ୍ରଭାବକୁ ପ୍ରତିହତ କରିବା ପାଇଁ ନବୀନ ମାଧ୍ୟମରେ ଯେଉଁ ଉଦ୍ୟମ କରିଥିଲେ, ତାହା ବଳବତ୍ତର ରହିଛି ବୋଲି କହିଥିଲେ। ଉଦ୍‌ଘାଟକ ଭାବେ ଭେଷଜ ବିଶେଷଜ୍ଞ ପ୍ରଫୁଲ୍ଲ ଚନ୍ଦ୍ର ସାହୁ ସ୍ୱନକ୍ଷତ୍ର ବିଶେଷାଙ୍କକୁ ଉନ୍ମୋଚନ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ଏବଂ ସମ୍ମାନିତ ଅତିଥି ବିଧାୟକ ବିକ୍ରମ କୁମାର ପଣ୍ଡା ଯୋଗ ଦେଇଥିଲେ। ନବୀନ ସମ୍ପାଦକ ରବି ରଥ ଅଭିଭାଷଣ ରଖିଥିଲେ। ଏହି ଅବସରରେ ପ୍ରତିଭା ପୂଜା ସ୍ୱରୂପ ବିଶିଷ୍ଟ ଜଳବାୟୁ ବିଜ୍ଞାନୀ ଡ.ଡ଼ମ୍ବରୁଧର ସାହୁ ଏବଂ ସାମାଜିକକର୍ମୀ ତଥା କୃଷି ବିଜ୍ଞାନୀ ପ୍ରଭାକର ସାହୁଙ୍କୁ କୃପାସିନ୍ଧୁ ନରେନ୍ଦ୍ର ଦେବ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ନବୀନ ପାଠାଗାର ଓ ସାହିତ୍ୟ ପ୍ରତିଷ୍ଠାନ ସାଧାରଣ ସମ୍ପାଦକ ଡ଼ା. ଚନ୍ଦ୍ରମଣି ସ୍ୱାଇଁ ସଂଯୋଜନା କରିଥିଲେ। ପୂର୍ବରୁ ଆୟୋଜିତ କବିତା ପାଠୋତ୍ସବ ଏବଂ ସାରସ୍ୱତ ସମାବେଶରେ ପ୍ରତିଷ୍ଠାନ କାର୍ଯ୍ୟକାରୀ ସଭାପତି ଡ଼ା. ଶ୍ରୀବତ୍ସ ଦଳାଇ ଅଧ୍ୟକ୍ଷତା କରିଥିଲେ। କବି ଚିନ୍ମୟ ରଞ୍ଜନ ମିଶ୍ର ଏବଂ କବୟିତ୍ରୀ ସୌଦାମିନୀ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବହୁ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ । ଶେଷରେ ସମ୍ପାଦକ ସୁଶାନ୍ତ କୁମାର କର ଧନ୍ୟବାଦ ଦେଇଥିଲେ। କପିଳ ଚନ୍ଦ୍ର ମହାନ୍ତି, ପବିତ୍ର କୁମାର ଚୌଧୁରୀ, ମାନସ ରଞ୍ଜନ ତ୍ରିପାଠୀ ଓ ବସନ୍ତ ଅଧିକାରୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



ସ୍ୱନକ୍ଷତ୍ର ବିଶେଷାଙ୍କ ଉନ୍ମୋଚନ କରାଯାଉଛି ।

■ ଲିଙ୍ଗରାଜ ଆଇନ ମହାବିଦ୍ୟାଳୟରେ ସମସ୍ୟା

# ସମାଧାନ ଦାବିରେ ଛାତ୍ରଙ୍କ ବିକ୍ଷୋଭ

ବ୍ରହ୍ମପୁର ଅଫିସ,୧୭

ବ୍ରହ୍ମପୁର ଲିଙ୍ଗରାଜ ଆଇନ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ସମାଧାନ ଦାବି ନେଇ ସୋମବାର ଛାତ୍ରମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ମହାବିଦ୍ୟାଳୟରେ ବିଶୁଦ୍ଧ ପାନୀୟ ଜଳଯୋଗାଣ ତଥା ବିଭିନ୍ନ ସମସ୍ୟା ନେଇ ସପ୍ତାହକ ପୂର୍ବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳସଚିବଙ୍କୁ ଛାତ୍ରମାନେ ସାକ୍ଷାତ କରି ଲିଖିତ ଭାବେ ଜଣାଇଥିଲେ। କୁଳସଚିବଙ୍କ ହସ୍ତକ୍ଷେପ ପରେ ପାନୀୟ ଜଳ ସମସ୍ୟାର ସମାଧାନ କରିବାକୁ ମହାବିଦ୍ୟାଳୟ ଅଧକ୍ଷ ପ୍ରତିଶ୍ରୁତି ଦେଇଥିଲେ । ଇତି ମଧରେ ସପ୍ତାହେ ବିତିଥିଲେ ମଧ ପ୍ରତିଶ୍ରୁତି ପୂରଣ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ଏହାର ପ୍ରତିବାଦରେ ସୋମବାର ଛାତ୍ରମାନେ ପୁଣି ଆନ୍ଦୋଳନକୁ ଓହ୍ଲାଇଥିଲେ। କଲେଜ ମୁଖ୍ୟଫାଟକ ସମ୍ମୁଖରେ ବିକ୍ଷୋଭ କରିବା ସହ ଅଧକ୍ଷଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ମହାବିଦ୍ୟାଳୟରେ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ପରିମଳ ବ୍ୟବସ୍ଥାରେ ସୁଧାର, ଖାଲିଥିବା ୪ ସ୍ଥାୟୀ ଶିକ୍ଷକ ଓ ଅଣଶିକ୍ଷକଙ୍କୁ ନିଯୁକ୍ତି, ଖାଲିଥିବା ସମସ୍ତ ପଦବୀ ପୂରଣ, ୱାଇଫାଇ ଇଣ୍ଟରନେଟର ପୁନଃ କାର୍ଯ୍ୟକ୍ଷମ, କଲେଜ ମୁଖ୍ୟ ଫାଟକ ନିମନ୍ତେ ୨ ବର୍ଷ ପୂର୍ବେ ଦିଆଯାଇଥିବା ଭିତ୍ତିପ୍ରସ୍ତରର କାର୍ଯ୍ୟାରମ୍ଭ କରିବା, କଲେଜ ଦେଇ ଯାଇଥିବା ଜାତୀୟ ରାଜପଥରେ ସ୍ପିଡ୍‌ବ୍ରେକର ନିର୍ମାଣ, କନଫରେନ୍ସ ହଲରେ ସ୍କ୍ରିନ୍ ସ୍ଥାପନ କରିବା ଭଳି ପ୍ରମୁଖ ଦାବି ପୂରଣ ନେଇ ଦାବିପତ୍ରରେ ଉଲ୍ଲେଖ


ଫାଟକ ଆଗରେ ଆନ୍ଦୋଳନରତ ଛାତ୍ରମାନେ ।

**ଅଧକ୍ଷଙ୍କୁ ଦାବିପତ୍ର ପ୍ରଦାନ**

ରହିଛି । ୨ ସପ୍ତାହ ମଧରେ ଉପରୋକ୍ତ ଦାବିପୂରଣ କରା ନ ଗଲେ ଛାତ୍ରମାନେ ଆମରଣ ଅନଶନ ସହ ଚାନ୍ଦା ଆଦାୟ କରି ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରିବାକୁ ଚେତାବନୀ ଦେଇଛନ୍ତି । ଅଧକ୍ଷ ସପ୍ତାହକ ମଧରେ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ସହ ଅନ୍ୟ ସମସ୍ୟାର ସମାଧାନ କରିବାକୁ ପୁନଃ ପ୍ରତିଶ୍ରୁତି ଦେଇଥିବା ଛାତ୍ରୀଛାତ୍ରମାନେ କହିଛନ୍ତି। ଆନ୍ଦୋଳନରେ ଚିନ୍ମୟ କୁମାର ହୋତା, ସଞ୍ଜୀବ ଜେନା, ବି. ତେଜେଶ୍ୱର ରାଓ, ବି. ମନୋଜ, ଆଦିତ୍ୟ ଦାଶ, ସୌମ୍ୟରଞ୍ଜନ, ଅମୃତ ସାହୁ, ଅନୀଲ କୁମାର ବେହେରା, ମିଥୁନ ବିଷୋୟୀ, ବିବେକ ବେହେରା, ଗୋପୀଚାନ୍ଦ ପଣ୍ଡା, ପ୍ରେମାନନ୍ଦ ପାଣିଗ୍ରାହୀ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ ।

# ଗାଡ଼ି ଧକ୍କାରେ ଜଣେ ମୃତ

**ପାଟପୁର,୧୭(ଡି.ଏନ.ଏ.):** ପାଟପୁର ଥାନା ଭାଲିଆଖୋଳାଠାରେ ଗାଡ଼ି ଧକ୍କାରେ ଜଣଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଶେରଗଡ଼ ବ୍ଲକ ଗୋଠଗାଁର ପରିବା ବ୍ୟବସାୟୀ ସିମାଞ୍ଚଳ ସେଠୀ। ରବିବାର ରାତ୍ର ପ୍ରାୟ ୧୨ଟାରେ ସୀମାଞ୍ଚଳ ନିଜ ବାଇକ୍‌ରେ ପାଟପୁରରୁ ଶେରଗଡ଼ ଯାଉଥିବା ବେଳେ କୌଣସି ଏକ ଗାଡ଼ି ତାଙ୍କୁ ଧକ୍କା ଦେଇ ଚାଲି ଯାଇଥିଲା। ଗୁରୁତର ଅବସ୍ଥାରେ ସୀମାଞ୍ଚଳଙ୍କୁ ପାଟପୁର ପୋଲିସ ଉଦ୍ଧାର କରି ଶେରଗଡ଼ ଡାକ୍ତରଖାନା ପଠାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ।

## ଶିକ୍ଷକ ଦମ୍ପତି ପୋଡ଼ି ହେବା ଘଟଣା: ସ୍ତ୍ରୀଙ୍କ ପରେ ସ୍ୱାମୀ ମୃତ

**ମୋହନା,୧୭(ଡି.ଏନ୍.ଏ.):** ଗତ ୧୯ ତାରିଖରେ ରୋଷେଇ ବେଳେ ଗ୍ୟାସ୍ ଲିକେଜ୍ ଯୋଗୁ ନିଆଁ ଲାଗି ମୋହନା ଥାନା ପିଣ୍ଡିକି ଗାଁ ସ୍କୁଲର ଶିକ୍ଷକ ଲିଙ୍ଗରାଜ ଦଳ ବେହେରା ଓ ତାଙ୍କ ସ୍ତ୍ରୀ ପୋଡ଼ିଯାଇଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଏମ୍‌କେସିଜିରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ୨୩ରେ ସ୍ତ୍ରୀଙ୍କର ମୃତ୍ୟୁ ଘଟିଥିବା ବେଳେ ରବିବାର ବିଳମ୍ବିତ ରାତିରେ ଶିକ୍ଷକ ଲିଙ୍ଗରାଜଙ୍କ ମୃତ୍ୟୁ ଘଟିଛି। ସୋମବାର ଗାଁରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି ।

# ଉଚ୍ଛେଦ ନୋଟିସକୁ ବସ୍ତିବାସିନ୍ଦାଙ୍କ ବିରୋଧ

**ଫୁଲବାଣୀ ଅଫିସ, ୧୭**

ଖଜୁରିପଡା ଗୁଗୁଡି ସାହିରେ ଥିବା ସରକାରୀ ଅନାବାଦୀ ଜାଗାରେ ଦୀର୍ଘ ବର୍ଷ ଧରି କେତେକ ଲୋକ ରହି ଆସୁଛନ୍ତି । ସେମାନଙ୍କୁ ତଥା ସେହି ବସ୍ତି ବାସିନ୍ଦାଙ୍କୁ ଉଚ୍ଛେଦ କରିବା ଲାଗି ତହସିଲଦାର ନୋଟିସ ଜାରି କରିଛନ୍ତି । ସୋମବାର ଏହାର ପ୍ରତିବାଦରେ ସେହି ବସ୍ତିର ବହୁ ସଂଖ୍ୟାରେ ମହିଳା ପୁରୁଷ ଜିଲାପାଳଙ୍କୁ ଭେଟିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ ପ୍ରାୟ ୩୦ରୁ ୪୦ ବର୍ଷ ଧରି ୫୦ରୁ ଊର୍ଦ୍ଧ୍ୱ ପରିବାର ସେଠାରେ ଘର କରି ରହି ଆସୁଛନ୍ତି। ଦିନମଜୁରି କରି ପରିବାର ଚଳାଉଛନ୍ତି। ସେହି ଜାଗାର ଆଇନ ଅନୁଯାୟୀ ଖଜଣା ମଧ୍ୟ ଜମା କରି ଆସୁଛନ୍ତି । ହେଲେ କେତେକ କୁଚକ୍ରୀ ଗୋଷ୍ଠୀ ସେମାନଙ୍କୁ ସେହି ଜାଗାରୁ ଉଚ୍ଛେଦ କରିବାକୁ ଉଦ୍ୟମ କରୁଛନ୍ତି । କିଛି ଦିନ ତଳେ ବସ୍ତିର ଜଣେ ବ୍ୟକ୍ତି ଆପରାଧିକ



ଖଜୁରୀପଡ଼ା ଗୁଗୁଡ଼ି ସାହି ବସ୍ତିବାସିନ୍ଦା ।

କାର୍ଯ୍ୟ କରି ଗିରଫ ହେବାର ବାହାନା କରି କୁଚକ୍ରୀ ଗୋଷ୍ଠୀ ତହସିଲଦାରଙ୍କ ଉପରେ ଚାପ ପକାଇ ସେମାନଙ୍କୁ ସେଠାରୁ ଉଚ୍ଛେଦ ପାଇଁ ନୋଟିସ ପଠାଇଛନ୍ତି। ଏପରିକି ଉକ୍ତ ବ୍ୟକ୍ତିମାନେ ସେମାନଙ୍କୁ ନାନା ପ୍ରକାର ଧମକ ଚମକ ଦେଉଛନ୍ତି। ତେଣୁ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ସହ ସେମାନଙ୍କୁ ସ୍ଥାୟୀ ଥଇଥାନ ପାଇଁ ପଦକ୍ଷେପ ନେବାକୁ ବସ୍ତି ବାସିନ୍ଦା ପ୍ରିୟଙ୍କା ବେହେରା, ସାନନ୍ଦ ବେହେରା, ମମତା ବେହେରା, ପ୍ରସନ୍ନ ବେହେରା, ମାମୁନି ବେହେରା, ଅଲେଖ କୁମାର ନାୟକ ପ୍ରମୁଖ ଜିଲାପାଳଙ୍କୁ ନିବେଦନ କରିଛନ୍ତି ।

# ପୋଖରୀ ନିଲାମକୁ ନେଇ ଉତ୍ତେଜନା

**ଆସିକା,୧୭(ଡି.ଏନ୍.ଏ.)**

ଆସିକା ବ୍ଲକ ଅନ୍ତର୍ଗତ ହରିଡାପଦର ଗ୍ରାମରେ ଥିବା ସରବନ୍ଧକୁ ପଞ୍ଚାୟତ ପକ୍ଷରୁ ଏକ ସ୍ୱୟଂସହାୟିକା ଗୋଷ୍ଠୀକୁ ମାଛ ଚାଷ ଲାଗି ନିଲାମ ଦିଆଯିବା ଘଟଣାକୁ ନେଇ ଶନିବାରଠାରୁ ଉତ୍ତେଜନା ଲାଗି ରହିଛି । ରବିବାର ଗ୍ରାମର ବହୁ ବ୍ୟକ୍ତି କୋଟିନଡା ଫାଣ୍ଡିରେ ପହଞ୍ଚି ଘଟଣା ସମ୍ପର୍କରେ ଅଭିଯୋଗ କରିଛନ୍ତି। ଗ୍ରାମର ଜନୈକ ବ୍ୟକ୍ତିଙ୍କ ପକ୍ଷରୁ ଏହି ପୋଖରିକୁ ଗ୍ରାମବାସୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିଲା। ଅଦ୍ୟାବଧି ଏହା ଗ୍ରାମ କୋଠ ନିୟନ୍ତ୍ରଣରେ ରହିଛି। ଏହାକୁ ମାଛ ଚାଷ ଲାଗି ଦିଆଯାଇଥିବାରୁ ଜନସାଧାରଣଙ୍କ ବହୁ ଅସୁବିଧା ହେବ ବୋଲି ଅଭିଯୋଗ ହୋଇଛି। ଅପରପକ୍ଷେ ରବିବାର ପୋଖରୀ ନିଲାମ ନେଇଥିବା ସ୍ୱୟଂସହାୟିକା ଗୋଷ୍ଠୀର ବହୁ ସଦସ୍ୟ ଫାଣ୍ଡିରେ ପହଞ୍ଚି ସେମାନଙ୍କୁ ପଞ୍ଚାୟତ ପକ୍ଷରୁ ବିଧିବଦ୍ଧ ଭାବେ ନିଲାମ ଦିଆଯାଇଥିଲା ବେଳେ ଗ୍ରାମର କେତେକ ବ୍ୟକ୍ତି ବିରୋଧ କରୁଥିବା ନେଇ ଅଭିଯୋଗ କରଛନ୍ତି। ଫାଣ୍ଡି ପୋଲିସ ପୋଖରିର ମାଲିକାନା ନେଇ ରାଜସ୍ୱ ବିଭାଗକୁ ଜଣାଇଥିବା ଓ ଗ୍ରାମରେ ଶାନ୍ତି ରକ୍ଷା ଲାଗି ତୀକ୍ଷଣ ନଜର ରଖାଯାଇଥିବା ଫାଣ୍ଡି ଅଧିକାରୀ ଯୁଧିଷ୍ଠିର ମାଝି ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ହରିଡାପଦର ସରପଞ୍ଚ ସୁନିତା କୁମାରୀ ବିଶ୍ୱାଳଙ୍କୁ ପଚାରିବାରେ ପଞ୍ଚାୟତର ପୋଖରି ତାଲିକାରେ ସରବନ୍ଧ ରହିଥିବା ଓ ଏହାର ନିଲାମ ଲାଗି ପ୍ରଶାସନ ପକ୍ଷରୁ ୭ଶହ ଟଙ୍କା ସର୍ବନିମ୍ନ ମୂଲ୍ୟ ରଖାଯାଇଥିଲା । ପଞ୍ଚାୟତ ପକ୍ଷରୁ ହୀଡ଼ାପଦର ଗ୍ରାମର ମାଣିକେଶ୍ୱରୀ ସ୍ୱୟଂ ସହାୟିକା ଗୋଷ୍ଠୀକୁ ଏହି ପୋଖରୀ ବାର୍ଷିକ ୧୫୫୦ ଟଙ୍କାରେ ନିଲାମ ଦିଆଯାଇଥିବା କହିଛନ୍ତି।

## ଜିଲ୍ଲା କୃଷି କାର୍ଯ୍ୟାଳୟ, କାମାକ୍ଷାନଗର

### ନୀରୋଗ ଫସଲ ପାଇଁ ବିହନ ବିଶୋଧନ

ବିହନ ହେଉଛି ଯେକୌଣସି ଚାଷ ପାଇଁ ଏକ ମୁଖ୍ୟ ଉପାଦାନ ଓ ବିହନ ବିଶୋଧନ ରୋଗପୋକ ପରିଚାଳନାର ଏକ ବୈଶିଷ୍ଟ ଅଂଶ । ତେଣୁ ଓଡ଼ିଶା ସରକାର ଚାଷୀମାନଙ୍କୁ ସଚେତନ କରିବା ପାଇଁ ୨୦୧୯-୨୦ ଖରିଫ ଋତୁରେ ଥିବା ବିହନ ବିଶୋଧନ କାର୍ଯ୍ୟକ୍ରମକୁ ଚଳିତ ଖରିଫ ଋତୁ ୨୦୧୯-୨୦, ଧାନ ଫସଲ ପାଇଁ କାମାକ୍ଷାନଗର, ଭୁବନ, ପର୍ଜଙ୍ଗ ଓ କଙ୍କଡ଼ାହାଡ଼ ବ୍ଲକ୍‌ରେ ମୋଟ ୩୨ଟି ଗ୍ରାମରେ ଏବଂ ପ୍ରତି ଗ୍ରାମରେ ୧୦୦ଜଣ ଚାଷୀଙ୍କର ୧୦୦ ହେକ୍ଟର ଜମି ପାଇଁ ଆବଶ୍ୟକ ହେଉଥିବା ବିହନକୁ ମାଗଣାରେ ବିଶୋଧନ କରିବା ପାଇଁ ତା୦୨।୦୭।୧୯ରୁ ୧୨।୦୭।୧୯ରିଖ ଭିତରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ତରଫରୁ ରାଜ୍ୟ ଯୋଜନା ମାଧ୍ୟମରେ ଗାଁ ଗାଁ ବୁଲି ପ୍ରଚାର, ପ୍ରସାର ଓ ପ୍ରଦର୍ଶନ କରିବା ପାଇଁ ଯୋଜନା କରାଯାଇଛି। ଚାଷୀଭାଇମାନେ ଏହି ସୁବିଧାର ଉପଯୋଗ କରିବା ପାଇଁ ଅନୁରୋଧ।

**ଦେବୀ ପ୍ରସାଦ ସାହୁ, ଜିଲ୍ଲା କୃଷି ଅଧିକାରୀ, କାମାକ୍ଷାନଗର**

## Odisha State Disaster Management Authority

**Rajiv Bhawan, Unit-V, Bhubaneswar, Odisha-751001**
**Tel: 0674-2395398, 2595531, Email: osdma@osdma.org**

**No.2594/OSDMA** **Date: 01.07.2019**

1st CORRIGENDUM

No.09-F:- The last date for submission of the proposal vide Notice No. 2311/ OSDMA dated 12.06.2019 for providing & fixing of signage/information boards in the 328 tsunami prone villages and ULBs covering 6 coastal districts of Odisha has been extended up to 15.07.2019 (till 5.00 PM). Certain points in the Tender Document have been modified and the details will be available in the OSDMA website (**www.osdma.org**) **on 03.07.2019.**

24007/11/0006/1920 Sd./- General Manager (P)

## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଡେରାବିଶ

ବିଜ୍ଞାପନ ସଂଖ୍ୟା.୨୨୨୧ ସା-ଉଦୟନଗର, ପୋ-ଠାକୁରପାଟଣା, ଜିଲ୍ଲା-କେନ୍ଦ୍ରାପଡ଼ା-୭୫୪୨୫୦ Ph.06727-220267 E-mail:ori-derabasi@nic.in ତା.୨୮।୦୬।୨୦୧୯

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ କାର୍ଯ୍ୟସୂଚୀ ମୁତାବକ ୨୦୧୮-୧୯ ଆର୍ଥିକ ବର୍ଷର (୧ ଅପ୍ରେଲ ୨୦୧୮ ରୁ ୩୧ ମାର୍ଚ୍ଚ ୨୦୧୯) ପର୍ଯ୍ୟନ୍ତ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମର ଏବଂ ବିଭିନ୍ନ କାର୍ଯ୍ୟନିର୍ବାହୀ ସଂସ୍ଥା ଦ୍ୱାରା ସମ୍ପାଦିତ ହୋଇଥିବା ମନେରଗା (ଏମ.ଜି.ଏନ.ଆର.ଇ.ଜି.ଏ) ପ୍ରକଳ୍ପଗୁଡିକର ନିର୍ଦ୍ଦେଶ ମୁତାବକ କ୍ଷେତ୍ର ତଦନ୍ତ ପୂର୍ବକ ଗ୍ରାମ ପଞ୍ଚାୟତ ମୁଖ୍ୟ କାର୍ଯ୍ୟାଳୟ ଗ୍ରାମରେ ସାମାଜିକ ସମୀକ୍ଷା ଜନିତ ଗ୍ରାମସଭା ପୂର୍ବାହ୍ନ ଘ.୧୧.୦୦ ସମୟରେ ଅନୁଷ୍ଠିତ ହେବ। କ୍ଷେତ୍ର ତଦନ୍ତ ସହଯୋଗ ପୂର୍ବକ ଗ୍ରାମ ସଭାରେ ବହୁଳ ସଂଖ୍ୟାରେ ଉପସ୍ଥିତ ରହିବା ପାଇଁ ସମସ୍ତ ଲୋକ ପ୍ରତିନିଧି, ପଞ୍ଚାୟତିରାଜ ପ୍ରତିନିଧି ଏବଂ ଜନସାଧାରଣମାନଙ୍କୁ ଅନୁରୋଧ।

| ସାମାଜିକ ସମୀକ୍ଷା ପର୍ଯ୍ୟାୟ | ଗ୍ରାମ ପଞ୍ଚାୟତର ନାମ | ସାମାଜିକ ସମୀକ୍ଷା | | | ଜନ ଶୁଣାଣି ତାରିଖ (ବ୍ଲକ ସ୍ତରୀୟ) | ଗ୍ରାମ ସଭା ପରିଚାଳନା କରିବା ପାଇଁ ନୋଡାଲ ଅଫିସର |
|---|---|---|---|---|---|---|
| | | ଆରମ୍ଭ ତାରିଖ | ଶେଷ ତାରିଖ | ଗ୍ରାମ ସଭା ତାରିଖ | | |
| ପ୍ରଥମ | ପଳେଇ | ୧୫।୦୭।୨୦୧୯ | ୨୫।୦୭।୨୦୧୯ | ୨୫।୦୭।୨୦୧୯ | ୧୮।୧୦।୨୦୧୯ | ସଂପୃକ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରା.ରୋ.ସେ, ଜେ.ଇ/ ଏ.ଇ/ ଏ.ଇ.ଇ/ ବି.ପି.ଏମ./ ବି.ଏସ. ଏସ.ଓ/ ଜି.ପି.ଇ.ଓ/ ପିଏ/ ଏ.ଏଫ.ଓ/ ଏ.ପି.ଓ. |
| ପ୍ରଥମ | ବାରିମୂଳ, ବେଣୀପୁର, ଛୋଟି, ନହଙ୍ଗ, ରଘୁଦେଇପୁର, ମଙ୍ଗଳପୁର, କୁରୁଜଙ୍ଗା, ଗୁଆଳସିଂ | ୧୫।୦୭।୨୦୧୯ | ୨୯।୦୭।୨୦୧୯ | ୨୯।୦୭।୨୦୧୯ | | |
| ଦ୍ୱିତୀୟ | କୁଶିଆପାଳ, ଗୋଲରାହାଟ, ବାଲିଆ, ଏଣ୍ଡର, ଚାଟରାଚକଡା, ନରସିଂହପୁର, କାଉପଡା, ଲକ୍ଷ୍ମୀନାରାୟଣପୁର | ୦୫।୦୮।୨୦୧୯ | ୧୯।୦୮।୨୦୧୯ | ୧୯।୦୮।୨୦୧୯ | | ସଂପୃକ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରା.ରୋ.ସେ, ଜେ.ଇ/ ଏ.ଇ/ ଏ.ଇ.ଇ/ ବି.ପି.ଏମ./ ବି.ଏସ. ଏସ.ଓ/ ଜି.ପି.ଇ.ଓ/ ପିଏ/ ଏ.ଏଫ.ଓ/ ଏ.ପି.ଓ. |
| ତୃତୀୟ | ଇନ୍ଦାଳୋ, ହରିଅଙ୍କ, ଯଅଁରାବାରିମୂଳ, ଦାନପୁର, ବସୁପୁର, ମୁକୁନ୍ଦପୁର, ଖମୋଳ, ରତାଦିଆଖଣ୍ଡସାହି, ଚାନ୍ଦୋଳ | ୨୮।୦୮।୨୦୧୯ | ୧୧।୦୯।୨୦୧୯ | ୧୧।୦୯।୨୦୧୯ | | ସଂପୃକ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରା.ରୋ.ସେ, ଜେ.ଇ/ ଏ.ଇ/ ଏ.ଇ.ଇ/ ବି.ପି.ଏମ./ ବି.ଏସ. ଏସ.ଓ/ ଜି.ପି.ଇ.ଓ/ ପିଏ/ ଏ.ଏଫ.ଓ/ ଏ.ପି.ଓ. |

ସ୍ୱା./- ଗୋଷ୍ଠି ଉନ୍ନୟନ, ଅଧିକାରୀ, ଡେରାବିଶ

## OFFICE OF THE CHAIRMAN, P.G. COUNCIL SHRI JAGANNATH SANSKRIT VISHVAVIDYALAYA, SHRI VIHAR, PURI-3

**No. 1355 /PGC** **Dt. 29.06.2019**

**CORRIGENDUM**

In partial modification in the Admission Notice bearing No. 1318/PGC dt.28.05.2019 published on dt. 29.05.2019, the last date of submission of application form for admission into Acharya Course 2019-20 is hereby extended upto 10.07.2019 and for the interest of the applicants. The Office of the Chairman, P.G. Council will receive the duly filled up application form through **POSTAL / RMS / BY HAND** on or before 10.07.2019 due to late publication of +3 results of other Universities. Besides, all other terms and conditions in the previous notification will remain unchanged.

**Sd./- Prof. H.H. Hota, Chairman, PGC**

## OFFICE OF THE PURI MUNICIPALITY, PURI

**No.4613** **Dt: 01.07.19**

**QUOTATION CALL NOTICE**

Puri Municipality invites sealed quotations from the experienced AMC providers for Annual Maintenance Contract of Air Conditioners installed in various wings of Puri Municipality Office, Puri, so as to reach the Executive Officer, Puri Municipality on or before dt: 11.07.2019 by 05.00 P.M through Registered Post / Speed Post only. The terms & condition technical specification & quotation paper will be available in the website **www.ulbodisha.gov.in** & **www.puri.nic.in** from dt: 02.07.2019 at 11.00 A.M. to dt: 11.07.2019 by 5 P.M. & the same will be opened on dt: 12.07.2019 at 11.00 A.M. in presence of bidders or their authorized representatives wish to attend.

The authority reserves the right to modify / reject any or all the quotation without as any reason thereof.

Category of A.M.C

1. For Comprehensive AMC of maintenance & service charges of each Split AC 1.5 & 2.00.
2. For Rate Contract service for charge of genuine spares of different companies, Samsung, Voltas, Hitachi, Godrej, Blue star, L.G, Panasonic.

**Sd./-Executive Officer**
**Puri Municipality, Puri**

## OFFICE OF THE REGULATED MARKET COMMITTEE, KANTABANJI

**At/Po-Kantabanji, Dist-Balangir-767039**
**E-mail.- rmckantabanji118@gmail.com**

E-PROCUREMENT (INVITATION FOR BIDS)

**RE-TENDER CALL NOTICE**

**NO.156 / R.M.C** **DATED:01.06.2019**

**BID IDENTIFICATION NO.RMC-1/2018-19**

The Sub-Collector, cum-Chairman, R.M.C., Kantabanji invited sealed tenders for the following works.

1. Construction of Onion Godown of 250mt Capacity at Bangomunda market yard under R.M.C, Kantabanji Rs.24,53,202.00.
2. Construction of Onion Godown of 250mt Capacity at Sindhekela market yard under R.M.C, Kantabanji Rs.24,23,570.00.
3. Construction of Onion Godown of 250mt Capacity at Muribahal market yard under R.M.C, Kantabanji Rs.24,73,780.00.

For details about tender please visit Website **www.tendersorissa.gov.in** and download the detail bid documents from dt: 03.07.19 upto 5.00 p.m. of 11.07.2019 and date of opening will be on 12.07.2019. For details visit R.M.C. Office, Kantabanji at 10.00 a.m. to 5.30 P.M. during Office in working days of said period.

**Sd./- Sub Collector, Titilagarh**
**Cum-Chairman R.M.C., Kantabanji**

## ICMR-REGIONAL MEDICAL RESEARCH CENTRE

**(Indian Council of Medical Research)**
**Chandrasekharpur, Bhubaneswar - 751 023**

**No. CE-45/RMRC/Estt./2019** **Date : 01.07.2019**

**ADVERTISEMENT**

Applications are invited from the professionals having proven competency and publication in his / her area of work possessing Post Graduate degree in science with Ph.D qualification in relevant discipline **Or** Retired Govt. Employees with relevant qualification having experience from Central / State Government / Autonomous Organisation / Public Sector Undertakings upto **15th July, 2019 at 05:00 PM** for filling up of 1 (one) position of **Consultant Scientific (Entomology)** purely on contractual basis for a period of one year (extendable as per requirement). For details of eligible criteria and application form, please visit to RMRC website - **www.rmrcbbsr.gov.in / www.icmr.nic.in**

**Sd/- Administrative Officer**
**For Director**

## ବିହନ ବିଶୋଧନ ସଚେତନ ଶିବିର ଓ ତାଲିମ କାର୍ଯ୍ୟକ୍ରମ

ଏତଦ୍ୱାରା ଧାମନଗର, ଭଣ୍ଡାରିପୋଖରୀ ଓ ବନ୍ତ ବ୍ଲକ୍‌ର ଚାଷୀଭାଇ, ଭଉଣୀ ଓ ପାଣି ପଞ୍ଚାୟତର ସମସ୍ତ ସଭ୍ୟମାନଙ୍କୁ ଜଣାଇ ଦିଆଯାଉଛି ଯେ, ଆସନ୍ତା ତା୦୩।୦୭।୧୯ରୁ ତା୧୫।୦୭।୧୯ରିଖ ପର୍ଯ୍ୟନ୍ତ ବିହନ ବିଶୋଧନ ସଚେତନ ତଥା ତାଲିମ୍ କାର୍ଯ୍ୟକ୍ରମ ହେବା ପାଇଁ ସ୍ଥିରୀକୃତ ହୋଇଅଛି। ପ୍ରତି ତାଲିମ କାର୍ଯ୍ୟକ୍ରମରେ ୧୦୦ଜଣ (ଏକଶତ) ଲେଖାଏଁ ଚାଷୀ ଯୋଗଦାନ କରିବାର ବ୍ୟବସ୍ଥା ଅଛି। ଚାଷୀଭାଇମାନଙ୍କୁ ଅନୁରୋଧ, ସେମାନେ ଧାନ ବିହନକୁ ଶିବିରକୁ ନେଇ ମାଗଣାରେ ବିଶୋଧନ କରାଇ ଆଣିବା ପାଇଁ ଅନୁରୋଧ କରାଗଲା। ଅଧିକ ଜାଣିବା ପାଇଁ ସହକାରୀ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ। ଧାମନଗର କୃଷି ଅଧିକାରୀ- ୭୦୦୮୭୫୮୭୭୯, ଭଣ୍ଡାରିପୋଖରୀ କୃଷି ଅଧିକାରୀ- ୯୪୩୭୨୯୦୪୦୯, ବନ୍ତ କୃଷି ଅଧିକାରୀ- ୮୨୪୯୬୪୬୩୭୧, ଆଗରପଡ଼ା କୃଷି ଅଧିକାରୀ- ୭୦୦୮୯୮୨୧୪୬।

**ସୌଜନ୍ୟ: ଜିଲ୍ଲା କୃଷି ଅଧିକାରୀ, ଧାମନଗର, ଜିଲ୍ଲା- ଭଦ୍ରକ**

## OFFICE OF THE DISTRICT JUDGE, KHURDA AT BHUBANESWAR

Advertisement No. __________ dt. __________

No. 09-W: Applications in the prescribed format are invited from interested candidates for recruitment to the following posts of Jr. Clerk-cum-Copyist, Jr. Typist, Stenographer Gr.-III in the Judgeship of Khurda in the pay scale as mentioned against each post with usual D.A. and other allowances, as admissible to the State Govt. Employees from time to time.

**Recruitment for the posts of Jr. Clerk-cum-Copyist/ Jr. Typist/ Stenographer Gr.-III in Khurda Judgeship**

| Sl. No. | Name of the Post | Scale of pay as per ORSP 2017 | General (UR) | SC | ST | SEBC | TOTAL | Physically Handicapped/Ex-Serviceman/Sports Person |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1. | Jr. Clerk and Copyist | Pay matrix Rs. 19,900/- - Rs. 62,200/- at level 4 | 10 | 4 | 5 | 2 | 21 | (The vacancy reserved for P.H./Ex- Serviceman/Sports Person is inclusive of vacancy of respective category to which they belong). |
| 2. | Stenographer G-III | Pay matrix Rs. 25,500/- - Rs. 81,100/- at level 7 | 4 | 1 | 2 | 1 | 8 | |
| 3. | Jr. Typist | Pay matrix Rs. 19,900/- - Rs. 62,200/- at level 4 | 4 | 1 | 1 | 1 | 7 | |

For details, please visit the District Court Website: http://ecourts.gov.in/india/odisha/khordha/recruitment. Last date for submission of application : 31.07.2019.

18030/11/0001/1920 **Sd./- District Judge, Khurda at Bhubaneswar**

## CENTRAL INSTITUTE OF PLASTICS ENGINEERING AND TECHNOLOGY(CIPET) CENTRE FOR SKILLING AND TECHNICAL SUPPORT (CSTS), BHUBANESWAR

S-3/79, Sector –A, Zone-B, Mancheswar Industrial Estate, Bhubaneswar-10
Phone No.: +91-0674-2588203/2587874, FAX : 0674-2588087
Email: cipetsat@gmail.com/mcti@cipet.gov.in, , Website: www.cipet.gov.in

**CORRIGENDUM-I**

**Tender No: CIPET: CSTS/BBSR/B+G+5/2019-20/01** **Date: 19.06.2019**

This is general information for all the concerned bidders that the below mentioned amendment is made to the Tender Published on dated 19.06.2019

| Sl. No. | Ref. Page | As published in the Tender Document | Read as |
|---|---|---|---|
| 1. | Eligibility criteria Item No-9 Page No-5 | Average Annual Financial Turnover during last 3 years ending the 31st March of the previous financial year should be at least 100% of estimated cost certified by a Chartered Accountant in Practice. | Average Annual Financial Turnover during last 3 years ending the 31st March of the previous financial year should be at least 50% of estimated cost certified by a Chartered Accountant in Practice. |

All other terms and conditions remain unchanged. **Dy. Director & Head**

See Career Appointment on every Wednesday & Saturday

## ବିଜ୍ଞାପନ

No. 09-RR:

### ୩୦ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୧୮ ଓ ୭ମ ରାଜ୍ୟ ଟେଲି ପୁରସ୍କାର-୨୦୧୮ ପାଇଁ ଦରଖାସ୍ତ ଆହ୍ୱାନ

ରାଜ୍ୟରେ ଉଚ୍ଚକୋଟୀର ଗୁଣବତ୍ତାସମ୍ପନ୍ନ ଓଡ଼ିଆ ଚଳଚ୍ଚିତ୍ର ଓ ଦୂରଦର୍ଶନରେ ପ୍ରସାରିତ ଧାରାବାହିକ ତଥା ଟେଲି ଚଳଚ୍ଚିତ୍ର ନିର୍ମାଣକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ବର୍ଷ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଓ ରାଜ୍ୟ ଟେଲି ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଅଛି। ଚଳିତ ବର୍ଷ ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ୩୦ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୧୮ ପାଇଁ ୨୭ଗୋଟି ବିଭାଗରେ ଓ ରାଜ୍ୟ ୭ମ ଟେଲି ପୁରସ୍କାର-୨୦୧୮ ପାଇଁ ୨୦ଗୋଟି ବିଭାଗରେ ପୁରସ୍କାର ପ୍ରଦାନ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଆଗ୍ରହୀ ପ୍ରଯୋଜକମାନେ ଆସନ୍ତା ତା୩୧।୦୭।୨୦୧୯ରିଖ ମଧ୍ୟରେ ସେମାନଙ୍କ ଦ୍ୱାରା ନିର୍ମିତ ନିମ୍ନ ସର୍ତ୍ତାବଳୀ ମଧ୍ୟରେ ଆସୁଥିବା ଓଡ଼ିଆ ଚଳଚ୍ଚିତ୍ର ଓ ଓଡ଼ିଆ ଦୂରଦର୍ଶନ ଧାରାବାହିକ/ ଟେଲି ଚଳଚ୍ଚିତ୍ରଗୁଡ଼ିକୁ ଉଭୟ DVD Format ଏବଂ Pendriveରେ ରାଜ୍ୟ ସଂସ୍କୃତି ନିର୍ଦ୍ଦେଶାଳୟ କାର୍ଯ୍ୟାଳୟରେ ଦାଖଲ କରିପାରିବେ। ଦାଖଲ କରାଯାଉଥିବା DVD ଗୁଡ଼ିକର (୧) କାହାଣୀ (୧୦କପି), (୨) ସମସ୍ତ ଗୀତର ଗୀତିକାର ତଥା ଗାୟକମାନଙ୍କର ସମ୍ପୂର୍ଣ୍ଣ ବିବରଣୀ (୧୦ କପି), (୩) କଳାକାର ଓ ଟେକ୍ନିସିଆନ୍‌ମାନଙ୍କର ସମ୍ପୂର୍ଣ୍ଣ ନାମ ଓ ଠିକଣା ତଥା ମୋବାଇଲ ନମ୍ବର (୧୦କପି ଲେଖାଏଁ) ସଂଲଗ୍ନ କରାଯିବା ଆବଶ୍ୟକ। ଏତଦ୍‌ବ୍ୟତୀତ ପ୍ରତ୍ୟେକ DVD ପାଇଁ Censor Certificateର ଆଟେଷ୍ଟେଡ୍ କପି ସଂଲଗ୍ନ କରାଯିବା ବାଧ୍ୟତାମୂଳକ ଅଟେ। ସର୍ତ୍ତାବଳୀ ବହିର୍ଭୂତ କିମ୍ବା ଆବଶ୍ୟକୀୟ ଉପରୋକ୍ତ ପ୍ରମାଣପତ୍ର ତଥା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରାଯାଇନଥିବା DVD/Pendriveଗୁଡ଼ିକୁ ଚୟନ କମିଟିର ବିଚାର ପାଇଁ ଯୋଗ୍ୟ ବିବେଚିତ କରାଯିବ ନାହିଁ। ଟେଲି ଧାରାବାହିକ ପୁରସ୍କାର ୨୦୧୮ ପାଇଁ ସେହି ବର୍ଷ ପ୍ରସାରିତ ହୋଇଥିବା ଏପିସୋଡ୍‌ଗୁଡ଼ିକ ମଧ୍ୟରୁ ଯେକୌଣସି ଏକ ସମ୍ପୂର୍ଣ୍ଣ ଏପିସୋଡ୍‌ର DVD (୨୫ ମିନିଟ୍ ଅବଧି) ଏବଂ ମନୋନୟନ ପ୍ରକ୍ରିୟା ସହ ସମ୍ପୃକ୍ତ ବିଭିନ୍ନ ଅଭିନେତା ଅଭିନେତ୍ରୀ ଯଥା ମୁଖ୍ୟ ଅଭିନେତା, ଅଭିନେତ୍ରୀ, ହାସ୍ୟ ଅଭିନେତା, ଚରିତ୍ର ଅଭିନେତା/ ଅଭିନେତ୍ରୀ, ଖଳନାୟକ/ ଖଳନାୟିକା, ଶିଶୁ କଳାକାରଙ୍କ ଅଭିନୟର ଅଂଶ ସମ୍ବଳିତ DVD ଦରଖାସ୍ତ ସହ ଦାଖଲ କରିବା ବାଞ୍ଛନୀୟ। ଏଥିସହିତ ଧାରାବାହିକର ଟାଇଟଲକାର୍ଡ଼ ସମ୍ବଳିତ ଅନ୍ୟ ଏକ DVD ମଧ୍ୟ ଦାଖଲ କରିବା ଆବଶ୍ୟକ। ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ତଥ୍ୟ ପରବର୍ତ୍ତୀ କାଳରେ ପରିବର୍ତ୍ତନ କରାଯାଇପାରିବ ନାହିଁ।

ଉପରୋକ୍ତ ୩୦ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୧୮ ଓ ରାଜ୍ୟ ୭ମ ଟେଲି ପୁରସ୍କାର-୨୦୧୮ ପାଇଁ ଆବେଦନ ଫର୍ମ (Schedule-II), ମନୋନୟନ ପତ୍ର, ସତ୍ୟପାଠର ନମୁନା ଓ ଅନ୍ୟାନ୍ୟ ବିଶଦ୍ ବିବରଣୀ ବିଭାଗର ୱେବ୍‌ସାଇଟ୍- www.odishaculture.gov.inରେ ଉପଲବ୍ଧ ଅଛି।

**ସର୍ତ୍ତାବଳୀ:**

୧. ଚଳଚ୍ଚିତ୍ର ଓ ଟେଲି ଚଳଚ୍ଚିତ୍ରଗୁଡ଼ିକ ୨୦୧୮ ବର୍ଷ (ତା୦୧।୦୧।୨୦୧୮ରିଖଠାରୁ ତା୩୧।୧୨।୨୦୧୮ରିଖ) ମଧ୍ୟରେ ନିର୍ମିତ ହୋଇଥିବା ଆବଶ୍ୟକ। ଟେଲି ଧାରାବାହିକଗୁଡ଼ିକ ୨୦୧୮ ବର୍ଷ (ତା୦୧।୦୧।୨୦୧୮ରିଖଠାରୁ ତା୩୧।୧୨।୨୦୧୮ରିଖ) ମଧ୍ୟରେ ପ୍ରସାରିତ ହୋଇଥିବା ବାଞ୍ଛନୀୟ ଏବଂ ସମ୍ପୃକ୍ତ ଚ୍ୟାନେଲଠାରୁ ସେଗୁଡ଼ିକର ପ୍ରସାରଣ ପ୍ରମାଣପତ୍ର (ଟେଲିକାଷ୍ଟ ସାର୍ଟିଫିକେଟ) ଦରଖାସ୍ତ ସହ ସଂଯୁକ୍ତ କରିବା ବିଧେୟ।
୨. କେବଳ ଓଡ଼ିଆ ଭାଷା ଓ ଓଡ଼ିଆ ଜନଜାତି ଭାଷାରେ ରାଜ୍ୟରେ ନିର୍ମିତ ଚଳଚ୍ଚିତ୍ର/ ଧାରାବାହିକ/ ଟେଲି ଚଳଚ୍ଚିତ୍ରଗୁଡ଼ିକୁ ପୁରସ୍କାର ପାଇଁ ଦାଖଲ କରାଯାଇପାରିବ।
୩. ଅଧିକନ୍ତୁ, କେନ୍ଦ୍ର ସରକାର, ରାଜ୍ୟ ସରକାର କିମ୍ବା ଏଜେନ୍ସି ଦ୍ୱାରା ପ୍ରାଧିକୃତ କୌଣସି ଚଳଚ୍ଚିତ୍ର ଓ ଟେଲି ଧାରାବାହିକ ତଥା ଟେଲି ଚଳଚ୍ଚିତ୍ରଗୁଡ଼ିକୁ ପୁରସ୍କାର ପାଇଁ ଗ୍ରହଣ କରାଯିବ ନାହିଁ।
୪. ନିର୍ଦ୍ଧାରିତ ତିନିକିତା ଆବେଦନପତ୍ର ସହିତ ଫିଚର ଫିଲ୍ମ ପାଇଁ ଟ.୩,୦୦୦/-ଙ୍କା (ଅଣଫେରସ୍ତ) ଓ ନନ୍-ଫିଚର ଫିଲ୍ମ ପାଇଁ ଟ.୧,୫୦୦/-ଙ୍କା (ଅଣଫେରସ୍ତ) ବ୍ୟାଙ୍କଡ୍ରାଫ୍ଟ ନିର୍ଦ୍ଦେଶକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଓଡ଼ିଶାଙ୍କ ସପକ୍ଷରେ ଦାଖଲ କରାଯିବା ଆବଶ୍ୟକ।
୫. ଦରଖାସ୍ତ ପଠାଇବାର ଠିକଣା: ସଂସ୍କୃତି ନିର୍ଦ୍ଦେଶାଳୟ, ଓଡ଼ିଶା, ସଂସ୍କୃତି ଭବନ, ଭୁବନେଶ୍ୱର-୧୪ ଓ ଦରଖାସ୍ତ ଗ୍ରହଣର ଶେଷ ତାରିଖ: ୩୧।୦୭।୨୦୧୯।
୬. ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ସରକାରଙ୍କ ଦ୍ୱାରା ପ୍ରଣୀତ ରାଜ୍ୟ ଚଳଚ୍ଚିତ୍ର ନିୟମ-୨୦୧୦ ଓ ସେହିପରି ରାଜ୍ୟ ଟେଲି ପୁରସ୍କାର ପ୍ରଣୀତ ରାଜ୍ୟ ଟେଲି ପୁରସ୍କାର ନିୟମ-୨୦୧୩ ଅନୁଯାୟୀ କାର୍ଯ୍ୟକାରୀ ହେବ।
୭. ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ନିୟମ-୨୦୧୦ ଏବଂ ଓଡ଼ିଶା ରାଜ୍ୟ ଟେଲି ପୁରସ୍କାର ନିୟମ-୨୦୧୩ ଅନ୍ତର୍ଗତ ସମସ୍ତ ବିଷୟ ଏବଂ ଏ ନିୟମର ସମସ୍ତ ବ୍ୟାଖ୍ୟାନରେ ଓଡ଼ିଶା ସରକାରଙ୍କ ସିଦ୍ଧାନ୍ତ ଚୂଡ଼ାନ୍ତ।

**ସ୍ୱା./- ନିର୍ଦ୍ଦେଶକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ**
**ସଂସ୍କୃତି ଭବନ, ରାଜ୍ୟ ସଂଗ୍ରହାଳୟ ପରିସର, ଭୁବନେଶ୍ୱର-୭୫୧୦୧୪**

03001/11/0009/1920

## TENDER CALL NOTICE

**CSO-CUM-DISTRICT MANAGER,**
**ODISHA STATE CIVIL SUPPLIES CORPORATION LIMITED, SAMBALPUR**
**At/Po : Kacheri Road, Dist : Sambalpur, PIN : 768001**
**www.sambalpur.nic.in**

No. 2491/ Dt. 29.06.2019

CSO-cum-District Manager, OSCSC Ltd., Sambalpur invites sealed tenders from reputed firms/ companies / persons for appointment as Level-I Transport Contractor for transporation of food grains from FCI to Rice Receiving Centre-cum-Departmental Storage Centre (RRC-cum-DSCs).

Interested Firms / Companies / Persons may obtain Tender Documents from the Office of the CSO-cum-District Manager, Sambalpur from 01.07.2019 to 15.07.2019 (in Office Hour). The interested firms/ companies / persons may also download the Tender Documents from the district website www.sambalpur.nic.in

Interested firms/ companies / persons will have to submit the tender documents through registered post / speed post / courier service only as per the procedure prescribed in the tender document to the following address. Tender document sent other than the above mode shall not be entertained in any circumstances. The Corporation shall not be responsible for any postal / courier delay. Tender paper received after the schedule date & time shall not be considered.

**Address for submission of Tender document :**
**District Manager, OSCSC Ltd, Sambalpur**
**At/Po : Kacheri Road, Sambalpur**
**Dist. : Sambalpur**
**PIN : 768 001 (ODISHA)**

| | |
|---|---|
| Period of sale of tender Document | From dt. 01.07.2019 to dt. 15.07.2019 |
| Last date for receipt of Tender Document | Dt. 15.07.2019 upto 5.00 PM |
| Date of opening of Technical Bid | On dt. 16.07.2019 at 11.00 AM |
| Date of opening of Price Bid | On Dt. 16.07.2019 at 11.30 AM |

**Sd./- CSO-cum-District Manager**
**OSCSC Ltd., Sambalpur**

## ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ଖରିଫ ୨୦୧୯-୨୦)

### ଯାଜପୁର ଜିଲ୍ଲା

**No.24-L:-** ଚଳିତ ଖରିଫ ଋତୁରେ ଯାଜପୁର ଜିଲ୍ଲାରେ ୪ଗୋଟି ଫସଲ ଯଥା - ଧାନ (ସମସ୍ତ ଗ୍ରାମ ପଂଚାୟତ), ଚିନାବାଦାମ (କେବଳ ସୁକିନ୍ଦା ବ୍ଲକ), ମକା ଓ ହରଡ଼ (ଦୁଇଟି ବ୍ଲକ ଯଥା- ଦାନଗଦି ଓ ସୁକିନ୍ଦା) ବୀମାପାଇଁ ନିର୍ଦ୍ଧାରିତ ହୋଇଛି । ଏହି ଯୋଜନାରେ ବୀମାରାଶି ଦାଖଲ କରିବାର ଶେଷ ତାରିଖ ତା ୩୧.୦୭.୨୦୧୯ । ତେଣୁ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ସେମାନେ ନିଜ ନିଜର ଫସଲ ପାଇଁ ନିମ୍ନଲିଖିତ ମତେ ବୀମା ପ୍ରିମିୟମ ଦାଖଲ କରି ଫସଲକୁ ବୀମାଭୁକ୍ତ କରି ଲାଭବାନ ହୁଅନ୍ତୁ । ଏଥିପାଇଁ ନିକଟସ୍ଥ ଜିଲ୍ଲା କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ, ଗ୍ରାମ୍ୟ କୃଷି କର୍ମଚାରୀ, ବ୍ୟାଙ୍କ, ସଂପାଦକ-ପ୍ରାଥମିକ କୃଷି ସେବା ସମବାୟ ସମିତି, ଜନସେବା କେନ୍ଦ୍ର, ବୀମା କମ୍ପାନୀ ପ୍ରତିନିଧିଙ୍କ ସହ ଯୋଗାଯୋଗ କରନ୍ତୁ । ଓରିଏଂଟାଲ ଇନ୍‌ସୁରାନ୍ସ କମ୍ପାନୀକୁ ଯାଜପୁର ଜିଲ୍ଲା ପାଇଁ ମନୋନୀତ କରାଯାଇଅଛି ।

| ବୀମାଯୋଗ୍ୟ ଫସଲ | ହେକ୍ଟରପ୍ରତି ବୀମିତ ରାଶି | ଚାଷୀଙ୍କ ପ୍ରିମିୟମ୍ ଦର (ଶତକଡ଼ା) | ଚାଷୀଙ୍କର ହେକ୍ଟରପିଛା ପ୍ରିମିୟମ ଦେୟ | ବୀମାଯୋଗ୍ୟ ଅଂଚଳ |
|---|---|---|---|---|
| ଧାନ | ଟ ୫୮୭୫୦/- | ୨ | ଟ ୧୧୭୫/- | ସମସ୍ତ ଗ୍ରାମ ପଂଚାୟତ |
| ଚିନାବାଦାମ | ଟ ୫୫୦୦୦/- | ୦.୫ | ଟ ୨୭୫/- | କେବଳ ସୁକିନ୍ଦା ବ୍ଲକ |
| ମକା | ଟ ୪୦୦୦୦/- | ୨ | ଟ ୮୦୦/- | ଦାନଗଦି, ସୁକିନ୍ଦା ବ୍ଲକ |
| ହରଡ଼ | ଟ ୩୦୦୦୦/- | ୦.୫ | ଟ ୧୫୦/- | ଦାନଗଦି, ସୁକିନ୍ଦା ବ୍ଲକ |

01007/11/0002/1920 ସୌଜନ୍ୟ :- କୃଷି ଉପନିର୍ଦ୍ଦେଶକ, ଯାଜପୁର

## OFFICE OF THE MUNICIPAL COUNCIL, BHADRAK

**BHADRAK - 756100 (ODISHA)**
**Tel. No.: 06784-251519(O), Fax No.: 06784-251221**
**E-mail: eobdkmunicipality@gmail.com**

**No. 4758** **Date: 29.06.19**

**TENDER CALL NOTICE**

The Executive Officer, Bhadrak Municipality on behalf of Bhadrak Municipal Council, Bhadrak invites sealed tenders from only reputed manufactures companies/ authorized dealer for supply instalation & commissioning of 30 KVA, 3 phase with manual panel silent DG Set having liquid cool, 1500 rpm engine coupled to 30 KVA Crompton Greaves make 3 phase, 415 v 50 hz alternator along with other accessories i.e Fuel Task manual control panel, Battery with load and acoustic encloser. The tender schedule, terms and condtions specification & other necessary documents can be downloaded from the sight of official website of Bhadrak Municipality **www.bhadrakmunicipality.com** and District Website **"http://bhadrak.nic.in"** w.e.f. Dt.02.07.2019.

The downloading & receipt of the tender schedules shall start from date 02.07.2019 & close on date 10.07.2019 at 1 P.M. The tender shall be received in the Office of the Executive Officer, Bhadrak Municipality through Registered Post/Speed Post only. Addressed to the Executive Officer, Bhadrak Municipality, Bhadrak on or before Dt.10.07.2019 at 1 P.M. The authority will not be held responsible for the postal delay, if any in delivery of the documents & non-receipt of the same in time. The seal tenders will be opened on Dt.12.07.2019 at 4 P.M. in the Office of the Executive Officer, Bhadrak Municipality and Bhadrak in presence of the tenderers or their authorised representatives who may be present at the time of opening of the tender. The cost of tender paper Rs.4000/- (Rupees four thousands) in shape of DD in favour of Executive Officer, Bhadrak Municipality. The tender should be accompanied with Xerox copy of PAN Card, GST Certificate, authorized dealer Certificate valid firm registration Certificate failing which the tender should not be taken into the consideration. The tenderer should furnished EMD of Rs.10,000/- (Rupees ten thousand) only in shape of Demand Draft/Pay Order in favour of Executive Officer, Bhadrak Municipality. The authority reserves the right to reject any or all the tender without assigning any reason thereof.

**Sd./- Executive Officers**
**Bhadrak Municipality**

ଫ୍ୟା ଶ ନ୍

# ହେୟାର ଷ୍ଟ୍ରେଟ୍‌ନିଂ

କେଶର ସୌନ୍ଦର୍ଯ୍ୟ ବଢ଼ାଇବା ଲାଗି ଅନେକ ମହିଳା ହେୟାର ଷ୍ଟ୍ରେଟ୍‌ନିଂ କରୁଛନ୍ତି। ତେବେ ଏହା କରିବା ପୂର୍ବରୁ ଜାଣିରଖନ୍ତୁ କିଛି ଟିପ୍ସ...



❖ ସବୁବେଳେ ଭଲ କ୍ୱାଲିଟିର ଷ୍ଟ୍ରେଟ୍‌ନର ବ୍ୟବହାର କରନ୍ତୁ। କିଣିବା ପୂର୍ବରୁ ଏହାର ବ୍ୟବହାର ସମ୍ପର୍କରେ ଭଲଭାବେ ଜାଣନ୍ତୁ।

❖ ଷ୍ଟ୍ରେଟ୍‌ନିଂ କରିବା ପୂର୍ବରୁ ପାନିଆକୁ ଠିକ୍ ଭାବେ ଧରି କେଶକୁ ଛୋଟ ଛୋଟ ଭାଗ କରି ଦିଅନ୍ତୁ। କେଶର ଗୋଟିଏ ଗୋଟିଏ ଭାଗକୁ ଷ୍ଟ୍ରେଟ୍‌ନିଂ କରନ୍ତୁ। ବଡ଼ ବଡ଼ ଭାଗକୁ ଷ୍ଟ୍ରେଟ୍‌ନିଂ କରିବା ଦ୍ୱାରା କେଶ ଖରାପ ହେବାର ସମ୍ଭାବନା ଥାଏ।

❖ ଷ୍ଟ୍ରେଟ୍‌ନିଂ କରିବା ପୂର୍ବରୁ ଭଲଭାବେ ଶାମ୍ପୋ କରନ୍ତୁ। ଏପରି ନ କଲେ କେଶ ମୂଳରେ ଥିବା ଧୂଳି, ରୁପି ଆଦି ଷ୍ଟ୍ରେଟ୍‌ନର ସଂସ୍ପର୍ଶରେ ଆସି କେଶକୁ କ୍ଷତି ପହଞ୍ଚାଇପାରେ। ଶାମ୍ପୋ କରିବା ପୂର୍ବରୁ କେଶକୁ କେମିକାଲମୁକ୍ତ ରଖନ୍ତୁ।

❖ କେଶ ଷ୍ଟ୍ରେଟ୍‌ନିଂ କରିବା ପୂର୍ବରୁ ଏହାର ତାପମାତ୍ରା ଜାଣିରଖନ୍ତୁ। ମେଶିନର ତାପମାତ୍ରା ଅଧିକ ରହିଲେ ତାହା କେଶ ପ୍ରତି କ୍ଷତିକାରକ ହୋଇଥାଏ। ତେଣୁ ଏହାକୁ ନର୍ମାଲ ମୋଡ୍‌ରେ ରଖନ୍ତୁ।

## ଗୃହିଣୀଙ୍କ ପାଇଁ...

■ ମିକ୍ସର ଚଲାଇବା ପୂର୍ବରୁ ଏହାକୁ ଠିକ୍ ଭାବେ ଲକ୍ କରନ୍ତୁ। ଏପରି ନ କଲେ ବ୍ଲେଡ୍ ଭାଙ୍ଗିଯିବାର ସମ୍ଭାବନା ରହିଛି।

■ ମିକ୍ସରରେ କୌଣସି ଗରମ ସାମଗ୍ରୀ ରଖି ଗ୍ରାଇଣ୍ଡିଂ କରନ୍ତୁ ନାହିଁ।

■ ଏହାକୁ ହଠାତ୍ ଫୁଲ୍ ସ୍ପିଡ୍‌ରେ ଚଲାନ୍ତୁ ନାହିଁ କିମ୍ବା ବନ୍ଦ ବି କରନ୍ତୁ ନାହିଁ। କାରଣ ଏପରି କଲେ ମିକ୍ସର ଖରାପ ହୋଇପାରେ। ପ୍ରଥମେ ସ୍ଲୋ, ମିଡିୟମ୍ ଓ ପରେ ସ୍ପିଡ୍‌ରେ ଚଲାନ୍ତୁ।

■ ମିକ୍ସରରେ ସବୁବେଳେ ଅଧା ସାମଗ୍ରୀ ରଖି ଗ୍ରାଇଣ୍ଡିଂ କରନ୍ତୁ। ଅଧିକ ସାମଗ୍ରୀ ରଖି ଗ୍ରାଇଣ୍ଡିଂ କଲେ ତାହା ଠିକ୍ ଭାବେ ପେଷ୍ଟ ହେବ ନାହିଁ ଓ ମେସିନ୍ ଖରାପ ହେବାର ସମ୍ଭାବନ ଥାଏ।

■ ଗ୍ରାଇଣ୍ଡିଂ କରିସାରିବା ପରେ ମିକ୍ସରର ପ୍ଲଗ୍ ପଏଣ୍ଟକୁ କାଢି ଦିଅନ୍ତୁ। ପ୍ଲଗ୍ ଲଗାଇ ରଖିବା ଦ୍ୱାରା କରେଣ୍ଟ ପ୍ରବାହିତ ହୋଇଥାଏ ଏବଂ ଏହାର କାର୍ଯ୍ୟକ୍ଷମତା ପ୍ରଭାବିତ ହୋଇଥାଏ।

■ ମିକ୍ସର ବ୍ୟବହାର ପରେ ଏହାକୁ ପୋଛି କରି ରଖନ୍ତୁ।

ସୌ|ନ୍ଦ|ର୍ଯ୍ୟ

# ତ୍ୱଚାରେ ଚମକ ଦେବ ଫ୍ରୁଟ୍ ମାସ୍କ



❖ କଦଳୀରେ ଭିଟାମିନ୍ 'ବି' ଏବଂ 'ସି' ଭରପୂର ମାତ୍ରାରେ ରହିଛି, ଯାହାକି ତ୍ୱଚାର ରଙ୍ଗ ସଫା କରିବା ସହ ତ୍ୱଚାକୁ ଟାଇଟ୍ ରଖିବାରେ ସାହାଯ୍ୟ କରିଥାଏ। ଅଳ୍ପ ପାଚିଲା କଦଳୀ ଚକଟାରେ ଏକ ଚାମଚ ଲେମ୍ବୁରସ ମିଶାଇ ମୁହଁ ଏବଂ ବେକରେ ଲଗାନ୍ତୁ। ୧୫ ମିନିଟ୍ ପରେ ଧୋଇ ଦିଅନ୍ତୁ।

❖ ଦୁଇ ଚାମଚ ପାଚିଲା ଆମ୍ବ ରସ, ଏକ ଚାମଚ ଦହି ଏବଂ ଏକ ଚାମଚ ମହୁର ମିଶ୍ରଣକୁ ମୁହଁରେ ଲଗାନ୍ତୁ। କିଛି ସମୟ ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଆମ୍ବରେ ଥିବା ଭିଟାମିନ୍ 'ଏ', 'ଇ' ଏବଂ 'ସି' ତ୍ୱଚାରେ ଉଜ୍ଜ୍ୱଳତା ଆଣିଥାଏ।

❖ ଷ୍ଟ୍ରବେରୀରେ ଥିବା ପୋଷକ ତତ୍ତ୍ୱ ତ୍ୱଚାର ରଙ୍ଗ ପରିବର୍ତ୍ତନ କରିଥାଏ। ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ତ୍ୱଚାକୁ କୁଞ୍ଚନ ହେବାରୁ ଦୂର କରିଥାଏ। ଷ୍ଟ୍ରବେରୀରେ ଅଳ୍ପ ପାଣି ମିଶାଇ ଗ୍ରାଇଣ୍ଡିଂ କରି ମୁହଁରେ ଲଗାନ୍ତୁ। ୨୦ ମିନିଟ୍ ପରେ ଧୋଇ ଦିଅନ୍ତୁ।

❖ ତ୍ୱଚା ପାଇଁ ଅମୃତଭଣ୍ଡା ପ୍ରାକୃତିକ କ୍ଲିଞ୍ଜର ଓ ଟୋନର ଭାବେ କାମ କରିଥାଏ। ଅମୃତଭଣ୍ଡାରୁ ମଞ୍ଜି ବାହାର କରି ଭଲଭାବେ ପେଷ୍ଟ କରି ମୁହଁରେ ଲଗାନ୍ତୁ। କିଛି ସମୟ ପରେ ଧୋଇ ଦିଅନ୍ତୁ।

❖ ଆପ୍ରିକଟ୍ (ଜେଉଟ)ରେ ରହିଛି ଭିଟାମିନ୍ 'ଏ', 'ବି' ଏବଂ 'ସି', ଯାହାକି ତ୍ୱଚାକୁ ନରମ ଓ କୋମଳ ରଖିଥାଏ। ଏଥିରୁ ମଞ୍ଜି ବାହାର କରି ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ମୁହଁରେ ଲଗାଇ ୧୫ ମିନିଟ୍ ପରେ ଧୋଇ ଦିଅନ୍ତୁ।

❖ ପିଚ୍‌ରେ ଥିବା ହାଇଡ୍ରୋଅକ୍ସିକ୍ ଏସିଡ୍ ମୃତ କୋଷିକାକୁ ବାହାର କରି ତ୍ୱଚାକୁ ଟାଇଟ୍ ରଖିଥାଏ। ଏହାକୁ ଗ୍ରାଇଣ୍ଡିଂ କରି ଏଥିରେ ଏକ ଚାମଚ ଦହି ମିଶାଇ ମୁହଁରେ ଲଗାନ୍ତୁ। ଶୁଖିଗଲା ପରେ ଧୋଇ ଦିଅନ୍ତୁ। କିଛିଦିନ ଏପରି କରନ୍ତୁ ଫରକ୍ ଜାଣିପାରିବେ।

# ବର୍ଷାଦିନେ ଶିଶୁର ଯତ୍ନ

–ଡା ଜ୍ୟୋତିପ୍ରକାଶ ମିଶ୍ର

ରୋଗ ତ ସବୁ ଋତୁରେ ଆସିଥାଏ। କିନ୍ତୁ ବର୍ଷାଋତୁରେ ଅଧିକାଂଶ ରୋଗ ଅତ୍ୟନ୍ତ ସରଳ ଓ ବିନା ମୂଲ୍ୟରେ ପ୍ରତିରୋଧ କରିହୁଏ। ବିଶେଷ କରି ଶିଶୁମାନଙ୍କର ଉପଯୁକ୍ତ ଯତ୍ନ ନେବାକୁ ପଡ଼ିଥାଏ। ପରିଷ୍କାର ଓ ଫୁଟାପାଣି ବା ଆକ୍ୱାଗାର୍ଡ ପାଣି ପିଇବା, ବାହାର ଖାଦ୍ୟ, ଠେଲାଗାଡ଼ି ଖାଦ୍ୟ, ଆଖୁରସ, ଥଣ୍ଡା ଓ ବାସି ଖାଦ୍ୟ ନ ଖାଇବା ଏବଂ ପ୍ରତିଷେଧକ ଟିକା ନେବା ଦ୍ୱାରା ଏହି ଋତୁରେ ରୋଗକୁ ଅନେକାଂଶରେ କମ୍ କରିହେବ। ରୋଟା ଭାଇରସ୍ ଟିକା, କାମଳ 'କ' ଓ 'ଖ'ଟିକା, କଲେରା ଟିକା, ଫ୍ଲୁ ଟିକା, ମଶାରି ଟାଙ୍ଗିବା, ଫୁଲ୍ ପୋଷାକ ପିନ୍ଧିବା, ମଶା ମାଛିଠୁ ଦୂରରେ ରହିବା, ପାଣି ଜମିବାକୁ ନ ଦେବା, ଘର ଓ ବାହାର ପରିଷ୍କାର ରଖିବା, ଠିକ୍ ସମୟରେ ରୋଗର ଉପଚାର କରିବା ଓ ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସା କରିବା ଉଚିତ। ଅଯଥା ଆଣ୍ଟିବାୟୋଟିକ୍ ବ୍ୟବହାର ନ କରିବା ସହ ତରଳଖାଦ୍ୟର ସରଳ ଚିକିତ୍ସା ଘରୁ ଆରମ୍ଭ କରିବା ଆବଶ୍ୟକ।







ଜ୍ୱର ଆମର ବନ୍ଧୁ, ଶତ୍ରୁ ନୁହଁ। ଜ୍ୱର ଦ୍ୱାରା ଆମର ଜୀବାଣୁ ସହିତ ଲଢ଼ିବା ଶକ୍ତି ବଢ଼ିଥାଏ। ବ୍ୟସ୍ତ ନ ହୋଇ ବାରମ୍ବାର ସମ୍ପୂର୍ଣ୍ଣ ଶରୀରକୁ ଓଦା ଗାମୁଛାରେ ନ ଚିପୁଡ଼ି ଗାଧୋଇବା ଭଳି ପୋଛିବା ଓ ତାପମାତ୍ରା ୧୦୦ଡିଗ୍ରୀ ଫାରେନ୍‌ହିଟ୍‌ରୁ ଅଧିକ ହେଲେ ପାରାସିଟାମଲ ଡୋଜ୍ ଅନୁସାରେ ଦେଲେ ଉପଶମ ମିଳେ। ଭୂତାଣୁଜନିତ ଜ୍ୱର, ଥଣ୍ଡାକାଶ, ଶର୍ଦ୍ଦି ଆପେ ଆପେ କମିଯାଏ। ମନଇଚ୍ଛା, OTC(ଓଭର ଦି କାଉଣ୍ଟର)ରୁ, ପୁରୁଣା ପ୍ରେସ୍କ୍ରିପଶନରୁ କିମ୍ବା ଇଣ୍ଟରନେଟ୍ ଦେଖି ଔଷଧ ବ୍ୟବହାର କରନ୍ତୁ ନାହିଁ।

**ଶିଶୁମାନଙ୍କଠାରେ ଦେଖାଦେଉଥିବା ପ୍ରମୁଖ ରୋଗ ଓ ତା'ର ନିରାକରଣ**

ସାଧାରଣତଃ ବର୍ଷା ଋତୁରେ ଶିଶୁମାନଙ୍କଠାରେ କେତେକ ରୋଗ ଦେଖାଦେଇଥାଏ। ଏଥିପ୍ରତି ଆରମ୍ଭରୁ ସଚେତନ ହୋଇ ଠିକ୍ ସମୟରେ ଚିକିତ୍ସା ନ କରାଇଲେ ପରିସ୍ଥିତି ଗୁରୁତର ହୁଏ, ଏପରି କି ପିଲାକୁ ହସ୍ପିଟାଲରେ ଆଡମିଶନ କରିବାକୁ ପଡିଥାଏ। ତେବେ ଏହି ଋତୁରେ ଶିଶୁମାନଙ୍କଠାରେ ଦେଖାଯାଉଥିବା କେତେକ ପ୍ରମୁଖ ରୋଗ ସମ୍ପର୍କରେ ଜାଣିବା ନିହାତି ଦରକାର।

**ଡେଙ୍ଗୁ ଜ୍ୱର :** ଏହି ରୋଗ ବାଘୁଆ ମଶା ଦ୍ୱାରା ବ୍ୟାପୀ ଥାଏ। ଏହାର ପ୍ରମୁଖ ଲକ୍ଷଣ ମଧ୍ୟରେ ରହିଛି– ଅତ୍ୟଧିକ ଜ୍ୱର, କମ୍ ପ୍ଲେଟ୍‌ଲେଟ୍ , ଚର୍ମରେ ଲାଲ୍ ଦାନା ଭଳି ଫଳିଯିବା ଇତ୍ୟାଦି। ମଶାରି ଓ ମଶା ଘଉଡ଼ାଇବା ସିଟ୍ରୋନେଲା ପ୍ଲାଣ୍ଟ ଲଗାଇଲେ ଏଥିରୁ ରକ୍ଷା ମିଳିଥାଏ। ଶିଶୁଟିକୁ ଶୁଆଇବା ସମୟରେ ତା' ଦେହରେ ଏପରି ବସ୍ତ୍ର ଘୋଡ଼ାଇ ଦିଅନ୍ତୁ ଯେମିତି ତାକୁ ମଶା କାମୁଡିବ ନାହିଁ। ଗୋଟିଏ କଥା ସବୁବେଳେ ମନେ ରଖିବା ଦରକାର ଯେ, ଡେଙ୍ଗୁ ମଶା କେବଳ ଦିନ ବେଳା ହିଁ କାମୁଡ଼ିଥାଏ।

**ଚିକୁନ୍‌ଗୁନିଆ :** ଚିକୁନଗୁନିଆ ମଶାଦ୍ୱାରା ବ୍ୟାପେ। ଏହି ମଶା ସ୍ଥିର ଜଳରେ ବଂଶବିସ୍ତାର କରିଥାଏ। ଗଣ୍ଠିବ୍ୟଥା ହେବା ଓ ଜ୍ୱର ହେବା ଏହାର ପ୍ରଧାନ ଲକ୍ଷଣ। ଘରେ ଓ ବାହାରେ ପାଣି ଜମା ହେବାକୁ ଦିଅନ୍ତୁ ନାହିଁ। ମଶା ଘଉଡ଼ାଇବା ଔଷଧ ବ୍ୟବହାର କରନ୍ତୁ।

**ମ୍ୟାଲେରିଆ :** ମାଈ ଆନୋଫିଲିସ ମଶା କାମୁଡ଼ିବା ଦ୍ୱାରା ମ୍ୟାଲେରିଆ ବ୍ୟାପିଥାଏ। ଏହି ମଶା ସ୍ଥିର ଜଳରେ ବଂଶବିସ୍ତାର କରିଥାଏ। ଜ୍ୱର ହେବା , ଦେହ ଥରିବା, ମାଂସପେଶୀରେ କଷ୍ଟ ଓ ଦୁର୍ବଳତା ଅନୁଭବ କରିବା ଏହାର ଲକ୍ଷଣ। ଫୁଲ କୁଣ୍ଡ, କାଚ ବୋତଲ, ଟାୟାର, ଶଢ଼େଇ ଆଦିରେ ପାଣି ଜମିବାକୁ ଦିଅନ୍ତୁ ନାହିଁ। ଏହାସହ ପରିବେଶ ପରିଷ୍କାର ରଖିଲେ ଏଥିରୁ ରକ୍ଷା ମିଳେ।

**ଝାଡ଼ା :** ସଂକ୍ରମିତ ଖାଦ୍ୟ, ପାଣି ଓ ହାତ ସଫା ନ କରି ଖାଇବା ଦ୍ୱାରା ଏହା ହୋଇଥାଏ। ଏହା ସମ୍ପୂର୍ଣ୍ଣ ପ୍ରତିଷେଧକ ରୋଗ। ସିଝା ପାଣି, ଘରେ ଖାଇବା ଓ ହାତ ପରିଷ୍କାର କରି ଧୋଇବା ଦ୍ୱାରା ଏହାକୁ ଏଡ଼ାଇ ଦେଇହେବ।

**ଟାଇଫଏଡ୍ :** ଏହା ଜଳବାହିତ ରୋଗ। ଅପରିଷ୍କାର ଓ ଅପରିଚ୍ଛନ୍ନତା ଏହାର କାରଣ। ଆଲମୋନେଲା ଟାଇଫି ଜୀବାଣୁ ଏହାର କାରଣ। ଅତ୍ୟଧିକ ଜ୍ୱର, ମୁଣ୍ଡବ୍ୟଥା, ଦୁର୍ବଳତା, ଓ ଗଣ୍ଠିବ୍ୟଥା ଏହାର ଲକ୍ଷଣ।

**ଭୂତାଣୁ ଜ୍ୱର :** ଯଦିଓ ଭୂତାଣୁ ଜ୍ୱର (ଭାଇରାଲ ଫିଭର) ବର୍ଷସାରା ଦେଖାଦିଏ, କିନ୍ତୁ ବର୍ଷାଋତୁରେ ଅଧିକ ଦେଖାଯାଏ। ଜ୍ୱର, ଥଣ୍ଡା ଏବଂ କାଶ ଏହାର ପ୍ରମୁଖ ଲକ୍ଷଣ। ଏହା ୩–୭ ଦିନ ପର୍ଯ୍ୟନ୍ତ ଲାଗିରହେ ଓ ଆପେ ଆପେ ଭଲ ହୋଇଯାଏ। ତଥାପି ଡାକ୍ତରଙ୍କ ପରାମର୍ଶ କରିବା ଭଲ।

**ଲେପ୍ଟୋସ୍ପାଇରୋସିସ୍ :** ଅପରିଷ୍କାର ପାଣି, ଡ୍ରେନ୍ ପାଣିର ସଂସ୍ପର୍ଶରେ ଆସିଲେ ଏହା ହୋଇଥାଏ। ଏହାର ଲକ୍ଷଣ ପୂରା ମ୍ୟାଲେରିଆ ଭଳି, କିନ୍ତୁ ଶରୀରରେ ଖଣ୍ଡିଆ ହେଲେ ଏହି ଜୀବାଣୁ ବ୍ୟାପିଥାଏ।

**କାମଳ ରୋଗ :** ଜଳ ଓ ଖାଦ୍ୟ ଦ୍ୱାରା ବ୍ୟାପିଥାଏ କାମଳ (ଜଣ୍ଡିସ୍) ରୋଗ। ଦୁର୍ବଳ ଲାଗିବା, ଭୋକ ନ ଲାଗିବା, ଶରୀରର ଅଧିକାଂଶ ବାହ୍ୟ ଅଂଶ ହଳଦିଆ ଦେଖାଯିବା, ହଳଦିଆ ପରିସ୍ରା ହେବା ଓ ବାନ୍ତି ହେବା ଏହାର ଲକ୍ଷଣ। ଏହି ରୋଗଠାରୁ ନିଜକୁ ଦୂରେଇ ରଖିବା ପାଇଁ ହାତକୁ ଭଲଭାବେ ଧୋଇ ପରିଷ୍କାର ପାଣି ପିଅନ୍ତୁ। ବାହାର ଖାଦ୍ୟ, ଅପରିଷ୍କାର ଫଳରସ ଓ ଆଖୁରସ ଆଦି ପିଅନ୍ତୁ ନାହିଁ। ଏପରି କରିବା ଦ୍ୱାରା ଏହି ରୋଗ ବ୍ୟାପୀ ନ ଥାଏ।

**ଥଣ୍ଡା :** ବର୍ଷାରେ ଭିଜିବା ଦ୍ୱାରା ଓ ଜଳୀୟ ଆର୍ଦ୍ରତା ଅଧିକ ରହିବା ଦ୍ୱାରା ଭୂତାଣୁ ସଂକ୍ରମଣରୁ ହୋଇଥାଏ। ଏଥିରେ ଆଣ୍ଟିବାୟୋଟିକ୍ସର ପ୍ରୟୋଜନ ନାହିଁ।

**ଚର୍ମରୋଗ :** ସାଧାରଣତଃ ଫଙ୍ଗାଲ୍ ସ୍କିନ୍ ଡିଜିଜ, କାଛୁ, କୁଣ୍ଡିଆ, ଟିନିଆ ଇନ୍‌ଫେକଶନ ଏହିଦିନେ ଅଧିକ ହୋଇଥାଏ। ବ୍ରଣ ଓ ମୁଣ୍ଡରେ ରୁପି ହୁଏ। କେଶରେ ଅତ୍ୟଧିକ ତେଲ ନ ଲଗାଇ ନିୟମିତ ଶାମ୍ପୋ କଲେ, ଶୁଖିଲା ଓ ପରିଷ୍କାର ରହିଲେ ଏହା ହୁଏ ନାହିଁ। ଅନ୍ୟର ପାନିଆ, ପୋଷାକ, ଅନ୍ତଃବସ୍ତ୍ର ବ୍ୟବହାର କରନ୍ତୁ ନାହିଁ।

**ମା' ବାପାଙ୍କ ଦାୟିତ୍ୱ**

– ହାତ ଧୋଇବାର ୬ଟି ସ୍ତର ଅନୁସାରେ ନିଜର ଓ ପିଲାର ବାରମ୍ବାର ହାତ ଧୁଆଇବା, ପରିଷ୍କାର ପାଣି ପିଇବା।

– ଅପରିଷ୍କାର ରୁମାଲ ଓ ଅନ୍ୟର ବ୍ୟବହୃତ ପୋଷାକ ବ୍ୟବହାର କରନ୍ତୁ ନାହିଁ।

– ପୁଷ୍ଟିକର ଖାଦ୍ୟ, ଲେମ୍ବୁରସ, ଫଳ, ଅଧିକ ପାଣି ଓ ତରଳ ଝାଡ଼ା ହେଉଥିଲେ ଓଆର୍‌ଏସ୍ ପିଇବାକୁ ଦିଅନ୍ତୁ।

– ପିଲାକୁ ଶୌଚାଳୟ ବ୍ୟବହାର କରିବାକୁ କୁହନ୍ତୁ।

– ଜ୍ୱର ପାଇଁ ପୋଛାପୋଛି କରନ୍ତୁ।

– କେବଳ ମା'କ୍ଷୀର ଛ'ମାସ ଓ ଜନ୍ମର ୨ ସପ୍ତାହ ପରେ ଭିଟାମିନ D3 ଓ ଆଇରନ ଡ୍ରପ୍ ଦେଇ ଇମ୍ୟୁନିଟି ବଢ଼େଇବା।

– ବିନା ପ୍ରେସ୍କ୍ରିପଶନରେ ଆଣ୍ଟିବାୟୋଟିକ୍ ଦିଅନ୍ତୁ ନାହିଁ।

– ପାଣି ଜମିବାକୁ ନ ଦେବା ସହ ମଶାରି ଟାଣନ୍ତୁ। ୧୧ଟି ପ୍ରତିଷେଧକ ଟିକା ମାଗଣାରେ ସରକାରଙ୍କ ତରଫରୁ ଦିଆଯାଉଛି, ତାହାକୁ ଠିକ୍ ସମୟରେ ଦିଅନ୍ତୁ।

*– ଶିଶୁରୋଗ ବିଶେଷଜ୍ଞ, ଭୁବନେଶ୍ୱର*

ଖା|ଦ୍ୟ|ରୁ|ଚି

# ବ୍ରେଡ୍ ପିଜା

**ଆବଶ୍ୟକ ସାମଗ୍ରୀ**

ବ୍ରେଡ୍ – ୪ ପିସ୍, କଟାଯାଇଥିବା କ୍ୟାପ୍‌ସିକମ୍ – ୧/୨ କପ୍, ମକା – ୧/୨ କପ୍, ତେଲ – ୫ ଚାମଚ, ପିଜା ସସ୍ – ୨ ଚାମଚ, ଚିଜ୍ ପନିର – ୧୦୦ ଗ୍ରାମ୍, ଗରମ ମସଲା – ୧/୨ ଚାମଚ, ଆମ୍‌ଚୂର ପାଉଡର – ୧/୨ ଚାମଚ, ଓରେଗାନୋ ସସ୍ – ୧ ଚାମଚ, ଗୋଲମରୀଚ – ୧/୪ ଚାମଚ ଏବଂ ସ୍ୱାଦ ଅନୁଯାୟୀ ଲୁଣ।



**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ ଗ୍ୟାସ୍ ଅନ୍ କରି କଡ଼େଇରେ ତେଲ ଗରମ କରନ୍ତୁ। ଏବେ କଟାଯାଇଥିବା କ୍ୟାପ୍‌ସିକମ୍ ଏବଂ ମକା ଦାନା ପକାଇ ୨ – ୩ ମିନିଟ୍ ପର୍ଯ୍ୟନ୍ତ ଗୋଳାନ୍ତୁ। ସେଥିରେ ବଟରକୁ ସ୍ଲାଇସରରେ ଘଷି ପକାନ୍ତୁ। ପ୍ୟାନ୍‌ରେ ଅଳ୍ପ ଘିଅ ପକାଇ ବ୍ରେଡ୍‌କୁ ଗରମ କରନ୍ତୁ। ଏବେ ବ୍ରେଡ୍‌ରେ ପିଜା ସସ୍ ଲଗାଇ ଫ୍ରାଏ ହୋଇଥିବା ପନିପରିବା ଏହା ଉପରେ ରଖନ୍ତୁ। ପୁଣି ଏହା ଉପରେ ଛୋଟ ଛୋଟ ଖଣ୍ଡ କରି କଟାଯାଇଥିବା ବଟରକୁ ପକାନ୍ତୁ। ଏହାକୁ ୨ – ୩ ମିନିଟ୍ ପର୍ଯ୍ୟନ୍ତ ଘୋଡାଇ ମିଡିୟମ୍ ଫ୍ଲେମ୍‌ରେ ରଖନ୍ତୁ। ଏହା ଉପରେ ଗରମ ମସଲା, ଆମଚୂର୍ ପାଉଡର, ଓରେଗାନୋ ସସ୍ ଏବଂ ଅଳ୍ପ ଗୋଲମରୀଚ ପାଉଡର ପକାନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ବ୍ରେଡ୍ ପିଜା।

# ନୂଆ ଅଫିସ୍‌କୁ ଯାଉଥିଲେ...

ନୂଆ ଅଫିସ୍‌ରେ ଯୋଗ ଦେଉଥିଲେ ସେଠାକାର ମାହୋଲ୍‌ରେ ଆଡ୍‌ଜଷ୍ଟ କରିବାକୁ ପଡିଥାଏ। ଯଦି ଆପଣ କୌଣସି ଅଫିସ୍‌ରେ ଯୋଗ ଦେଉଛନ୍ତି, ତେବେ ଜାଣି ରଖନ୍ତୁ କିଛି ଟିପ୍ସ...



❖ଅଫିସ୍‌ରେ ପହଞ୍ଚିବା ପରେ ସହକର୍ମୀଙ୍କୁ ପ୍ରଥମେ ଗୁଡ୍ ମର୍ନିଂ କିମ୍ବା ହାଲୋ ବୋଲି ସମ୍ବୋଧନ କରନ୍ତୁ। ଯଦି ଏପରି ନ କହି ସିଧାସଳଖ ଆପଣଙ୍କ ସିଟ୍‌ରେ ବସି କାମ କରୁଛନ୍ତି ତେବେ ଅନ୍ୟ କର୍ମଚାରୀମାନେ ଭାବିବେ ଆପଣ ବ୍ୟବହାର ଜାଣିନାହାନ୍ତି।

❖ଯୋଗ୍ୟତାକୁ ନେଇ ହୁଏତ ଆପଣଙ୍କୁ ଅଫିସ୍‌ରେ କୌଣସି ଏକ ଭଲ ପୋଷ୍ଟ ମିଳିଥାଇ ପାରେ କିନ୍ତୁ ଏହାର ଅର୍ଥ ନୁହେଁ ଯେ ଆପଣ ଅନ୍ୟ କର୍ମଚାରୀଙ୍କ ସହ କଥାବାର୍ତ୍ତା କରିବେ ନାହିଁ। ଅନ୍ୟମାନେ ପ୍ରଥମେ କଥାବାର୍ତ୍ତା କରନ୍ତୁ ବା ନ କରନ୍ତୁ ଆପଣ ସେମାନଙ୍କ ସହ କଥାବାର୍ତ୍ତା କଲେ ଆପଣଙ୍କର ସମ୍ମାନ ବଢ଼ିବ।

❖ଅଫିସ୍‌ର ନୀତି ନିୟମକୁ ମାନନ୍ତୁ। ସେଠାକାର ମାହୋଲ୍‌କୁ ଦେଖି ନିଜକୁ ଆଡ୍‌ଜଷ୍ଟ କରିବା ଶିଖନ୍ତୁ।

❖ପୂର୍ବରୁ ଆପଣ ଥିବା ଅଫିସ୍ ଏବଂ ନୂଆ ଅଫିସ୍‌ର ସୁବିଧା ଅସୁବିଧାକୁ ତୁଳନା କରନ୍ତୁ ନାହିଁ। ଏପରି କଲେ ମ୍ୟାନେଜ୍‌ମେଣ୍ଟଙ୍କୁ ଲାଗିବ କି ଆପଣ କର୍ମଚାରୀମାନଙ୍କୁ କୁଶିକ୍ଷା ଦେଉଛନ୍ତି ଏବଂ ଆପଣଙ୍କ ଜବ୍ ପ୍ରତି ବି ସମସ୍ୟା ଆସିପାରେ।

❖ଅଫିସ୍ ପ୍ରତି ବିଶ୍ୱସ୍ତ ରୁହନ୍ତୁ। ଥରେ ଯଦି ଆପଣ ମ୍ୟାନେଜ୍‌ମେଣ୍ଟଠାରୁ ବିଶ୍ୱାସ ହରାଇଲେ ତେବେ ଏହାକୁ ପୁନର୍ବାର ଫେରାଇପାରିବେ ନାହିଁ।

❖ଅଫିସ୍‌ରେ ଅନ୍ୟମାନଙ୍କ କଥାରେ ପଡି କୌଣସି କର୍ମଚାରୀଙ୍କ ପ୍ରତି ଭୁଲ୍ ପଦକ୍ଷେପ ନିଅନ୍ତୁ ନାହିଁ। ଏପରି କଲେ ସେ ହୁଏତ ଆପଣଙ୍କ ପ୍ରତି କୌଣସି ସମସ୍ୟା ସୃଷ୍ଟି କରିପାରନ୍ତି।

❖ଅଫିସ୍‌ରେ ଅଯଥା ଗପଠାରୁ ଦୂରେଇ ରଖି ନିଜ କାମରେ ମନୋନିବେଶ କରନ୍ତୁ। ଚୁଗୁଲି କିମ୍ବା ପର ଚର୍ଚ୍ଚା କରନ୍ତୁ ନାହିଁ।

Dollar 68.94 (9) | Sensex 291.86 39,686.50 | Nifty 76.75 11,865.60 | Gold ₹130 34,140.00 | Silver ₹260 38,570.00



ନଗଦ ସଙ୍କଟ ଦୂର କରିବା ଲାଗି ଅଲ୍ ଇଣ୍ଡିଆ ଜେମ୍ସ ଆଣ୍ଡ ଜୁଏଲେରୀ ଡୋମେଷ୍ଟିକ କାଉନସିଲ୍ ବଜେଟ ପରେ ଆଇବିଏକୁ ଭେଟିବ।
– ଶଙ୍କର ସେନ୍, ଭାଇସ ଚେୟାରମ୍ୟାନ, ଜିଜେସି



ମୋବାଇଲ ଫୋନ ଯନ୍ତ୍ରାଂଶ ଉପରେ ବଜେଟରେ ଜିଏସ୍‌ଟି ହ୍ରାସ ଲାଗି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ନିକଟକୁ ପତ୍ର ଲେଖି ଦାବି କରାଯାଇଛି।
– ପଙ୍କଜ ମହିନ୍ଦ୍ରୁ, ଅଧ୍ୟକ୍ଷ, ଆଇସିଇଏ

## ସଂକ୍ଷେପରେ

### ସବ୍‌ସିଡିଯୁକ୍ତ ଏଲ୍‌ପିଜି ୩ ଟଙ୍କା କମିଲା

**ନୂଆଦିଲ୍ଲୀ,୧-୭:** ସୋମବାର ସବ୍‌ସିଡିଯୁକ୍ତ ଏଲ୍‌ପିଜି ଦର ୩.୦୨ ଟଙ୍କା ହ୍ରାସ ଘଟିଛି। ଏହା ଫଳରେ ୧୪.୨ ଲିଟର ବିଶିଷ୍ଟ ସିଲିଣ୍ଡର ଦାମ ୪୯୪.୩୫ ଟଙ୍କାକୁ ଖସିଛି। ଏହା ରବିବାର ମୁମ୍ବାଇରେ ସିଲିଣ୍ଡର ପିଛା ୪୯୫.୦୯ ଟଙ୍କା ଥିଲା ଯାହା ୪୯୨.୦୪



ଟଙ୍କାକୁ ଖସିଛି। ଗତ ମାର୍ଚ୍ଚଠାରୁ ଏଲ୍‌ପିଜି ଦର ଲଗାତର ଭାବେ ବୃଦ୍ଧି ଘଟୁଥିଲା। ୪ ମାସ ପରେ ପ୍ରଥମ ଥର ଲାଗି ଏଭଳି ଦର ହ୍ରାସ ହୋଇଛି। ମାର୍ଚ୍ଚ ପରଠାରୁ ଏଥିରେ ସିଲିଣ୍ଡର ପିଛା ୩.୮୪ ଟଙ୍କା ବୃଦ୍ଧି ଘଟିଥିଲା। ସେହିଭଳି ଅଣ ସବସିଡି ଏଲ୍‌ପିଜି ଦରରେ ମଧ୍ୟ ୧୦୦ ଟଙ୍କା ହ୍ରାସ ଘଟିଛି। ବିମାନ ଇନ୍ଧନ ବା ଏଟିଏମ୍ ମୂଲ୍ୟରେ ୫.୮% ହ୍ରାସ ନେଇ ତୈଳ କମ୍ପାନୀଗୁଡିକ ଘୋଷଣା କରିଛନ୍ତି। ଅନ୍ତର୍ଜାତୀୟ ବଜାର ସ୍ଥିତି ଉନ୍ନତ ହେବାରି ଏଟିଏଫ୍ ମୂଲ୍ୟରେ ହ୍ରାସ ଘଟୁଥିବା ସୂଚନା ରହିଛି। ସୋମବାର ଏଟିଏଫ୍ କିଲୋଲିଟର ପିଛା ୩,୮୦୬.୪୪ ଟଙ୍କା ହ୍ରାସ ଘଟି ୬୧,୨୦୦.୩୬ ଟଙ୍କା ରହିଛି।

### ବ୍ୟାଙ୍କରେ ଦାବିହୀନ ଜମାରାଶି ୨୭% ବଢ଼ିଲା

**ନୂଆଦିଲ୍ଲୀ,୧-୭:** ଦେଶର ବ୍ୟାଙ୍କଗୁଡ଼ିକରେ ୨୦୧୮ରେ ଦାବିହୀନ ଜମା ରାଶି ପରିମାଣ ୨୬.୮% ବୃଦ୍ଧି ପାଇ ୧୪,୫୭୮ କୋଟି ଟଙ୍କାରେ ପହଞ୍ଚିଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ସୋମବାର ଲୋକ ସଭାରେ ବିଭିନ୍ନ ପ୍ରଶ୍ନର ଲିଖିତ ଉତ୍ତରରେ କହିଛନ୍ତି ଯେ, ୨୦୧୬ରେ ଦାବିହୀନ ଜମାରାଶି ପରିମାଣ ୮,୯୨୮ କୋଟି ଟଙ୍କା ଥିବାବେଳେ ୨୦୧୭ରେ ଏହା ବୃଦ୍ଧି ପାଇ ୧୧,୪୯୪ କୋଟି ଟଙ୍କା ହୋଇଥିଲା। କେବଳ ଏସ୍‌ବିଆଇ ନିକଟରେ ସର୍ବାଧିକ ୨,୧୫୬.୩୩ କୋଟି ଟଙ୍କା ଦାବିହୀନ ଜମା ଭାବେ ପଡ଼ିରହିଛି। ସେହିପରି ଜୀବନ ବୀମା ସେକ୍ଟରରେ ୧୬,୮୮୭.୬୬ କୋଟି ଏବଂ ଅଣ ଜୀବନ ବୀମା କ୍ଷେତ୍ରରେ ୯୮୯.୬୨ କୋଟି ଟଙ୍କାର କେହି ଦାବିଦାର ନାହାନ୍ତି। ୧୦ ବର୍ଷ ଧରି ପଡିରହିଥିବା ଜମା ଟଙ୍କା ଏବଂ ଏହା ଉପରେ ମିଳୁଥିବା ସୁଧକୁ ଡିପୋଜିଟର ଏଜୁକେଶନ ଆଣ୍ଡ ଆୱାରନେସ୍ ଫଣ୍ଡକୁ ପଠାଇ ଦିଆଯାଏ ବୋଲି ସୀତାରାମନ୍ କହିଛନ୍ତି।

### 'ଋଣ ଅସୁଲ ଲାଗି ବାଉନ୍ସର ପଠାଇପାରିବେନି ବ୍ୟାଙ୍କ'

**ନୂଆଦିଲ୍ଲୀ,୧-୭:** ଋଣ ଅସୁଲ ଲାଗି ବ୍ୟାଙ୍କଗୁଡ଼ିକ ବାଉନ୍ସର ଅଥବା ରିକଭରି ଏଜେଣ୍ଟ ନିଯୁକ୍ତ କରିପାରିବେ ନାହିଁ ବୋଲି ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର ସୋମବାର ଲୋକ ସଭାରେ ପ୍ରକାଶ କରିଛନ୍ତି। ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି ଯେ, ପୋଲିସ ଦ୍ୱାରା ଯାଞ୍ଚ ପରେ ଏବଂ ଅନ୍ୟ ସମ୍ବନ୍ଧିତ ଔପଚାରିକତା ପୂରଣ ପରେ ହିଁ ଜଣେ ବ୍ୟକ୍ତିଙ୍କୁ ଏଜେଣ୍ଟ ଭାବେ ବ୍ୟାଙ୍କ ଋଣ ଅସୁଲ କରିବା ଲାଗି ପଠାଇପାରିବେ ବୋଲି ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ରହିଛି। ଜବରଦସ୍ତ ଋଣ ଅସୁଲ ଲାଗି କୌଣସି ବାଉନ୍ସରଙ୍କୁ ନିଯୁକ୍ତ କରିବା ଲାଗି ବ୍ୟାଙ୍କକୁ ଅଧିକାର ଦିଆଯାଇନାହିଁ। ଋଣ ଅସୁଲ ବେଳେ ବାଉନ୍ସରମାନଙ୍କ ଦ୍ୱାରା ଖରାପ ବ୍ୟବହାର ପ୍ରଦର୍ଶନ କରାଯାଉଥିବାର ବହୁ ଅଭିଯୋଗ ମିଳୁଥିବା ବେଳେ ଏହାକୁ ଦୃଢ଼ ହସ୍ତରେ ଦମନ ତଥା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଆର୍‌ବିଆଇ ଚିନ୍ତା କରୁଛି। ସମ୍ପୃକ୍ତ ବ୍ୟାଙ୍କକୁ ବ୍ୟାନ କରିବା ନେଇ କେନ୍ଦ୍ରୀୟ ବ୍ୟାଙ୍କ ପଦକ୍ଷେପ ନେଇପାରେ ବୋଲି ସେ କହିଛନ୍ତି।

### ବକେୟା ସେବା କର ୧.୬୬ ଲକ୍ଷ କୋଟିକୁ ବୃଦ୍ଧି: ସିଏଜି

**ନୂଆଦିଲ୍ଲୀ,୧-୭:** ସୋମବାର ସଂସଦରେ କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ରିପୋର୍ଟ ଉପସ୍ଥାପନ କରାଯାଇଛି। ୨୦୧୭-୧୮ ଆର୍ଥିକ ବର୍ଷରେ ମୋଟ ବକେୟା ସେବା କର ପରିମାଣ ୧.୧୮ ଲକ୍ଷ କୋଟିରୁ ୧.୬୬ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ସେହିଭଳି ବକେୟା ଉତ୍ପାଦ ଶୁଳ୍କ ପରିମାଣ ପୂର୍ବ ବର୍ଷର ୮୪,୨୦୦ କୋଟି ଟଙ୍କାରୁ ବଢ଼ି ଆଲୋଚ୍ୟ ବର୍ଷରେ ୯୬,୪୯୬ କୋଟି ଟଙ୍କା ହୋଇଛି। ୨୦୧୬-୧୭ରେ ବକେୟା ଆଦାୟ ପରିମାଣ ୧.୧୯ ପ୍ରତିଶତ ରହିଥିବା ବେଳେ ୨୦୧୭-୧୮ରେ ଏହା ୧.୦୨ ପ୍ରତିଶତକୁ ହ୍ରାସ ପାଇଛି। ସେହିପରି ୨୦୧୭-୧୮ ସୁଦ୍ଧା ୧,୦୪,୭୧୮ କୋଟି ଟଙ୍କାର କେନ୍ଦ୍ରୀୟ ଉତ୍ପାଦ ସମ୍ପର୍କିତ ୪୫,୭୪୯ ମାମଲା ବିଭିନ୍ନ ଅଦାଲତରେ ପଡିରହିଛି, ଯାହା କି, ପୂର୍ବବର୍ଷ ତୁଳନାରେ ୩.୫ ପ୍ରତିଶତକୁ ହ୍ରାସ ପାଇଛି। ଆଲୋଚ୍ୟ ବର୍ଷ ଶେଷ ସୁଦ୍ଧା ୧,୨୦,୯୦୭ କୋଟି ଟଙ୍କାର ୪୩,୭୧୮ ସେବା ଟିକସ ମାମଲାର ସମାଧାନ ହୋଇପାରିନାହିଁ।

## ଜିଏସ୍‌ଟିକୁ ୨ ବର୍ଷ

# ଉପଲବ୍ଧି ଅନେକ, ବଦଳିନି ଆହ୍ୱାନ



**ଦୁଇବର୍ଷ ପୂର୍ବେ ଆଜିର ଦିନରେ ଦେଶରେ ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ଲାଗୁ ହୋଇଥିଲା। ପରୋକ୍ଷ ଟିକସ କ୍ଷେତ୍ରରେ ଏକାଧିକ ନିୟମକୁ ପ୍ରତ୍ୟାହାର କରାଯାଇ ଦେଶରେ ଏକକ ଟିକସ ବ୍ୟବସ୍ଥା ଲାଗୁ କରାଗଲା। ଜିଏସ୍‌ଟି ଲାଗୁ ହେବାର ପ୍ରାରମ୍ଭିକ ପର୍ଯ୍ୟାୟ ଉଭୟ ସରକାର ଓ ବ୍ୟବସାୟୀଙ୍କ ପାଇଁ ଆହ୍ୱାନ ଥିଲା। ସମୟକ୍ରମେ ଏଥିରେ ସ୍ଥିରତା ଆସିବାରେ ଲାଗିଛି। ତଥାପି ଏଭଳି ବହୁ ପ୍ରସଙ୍ଗ ରହିଛି, ଯାହାର ସମାଧାନ ହେବା ଅପେକ୍ଷାରେ ରହିଛି ଉଦ୍ୟୋଗ ଜଗତ। ଜିଏସ୍‌ଟି ନିୟମରେ ସଂଶୋଧନ ପାଇଁ ଆଜି ସୁଦ୍ଧା ଜିଏସ୍‌ଟି କାଉନସିଲ୍‌ର ୩୫ଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଗତ ୨ ବର୍ଷ ଭିତରେ ଦେଶରେ ଜିଏସ୍‌ଟି ଆଇନ ଲାଗୁ ହେବା ପରେ ଅନେକ ଉପଲବ୍ଧି ହାସଲ ହୋଇଛି ସତ, ତଥାପି ସରକାରଙ୍କ ସମ୍ମୁଖରେ ବହୁ ଆହ୍ୱାନ ରହିଛି, ଯାହାର ସମାଧାନ ନିହାତି ଜରୁରୀ।**

### ରାଜସ୍ୱ ବଢ଼ିଲେ ୧୨,୧୮% ସ୍ଲାବ୍ ମିଶିଯିବ: ଜେଟ୍‌ଲୀ



**ନୂଆଦିଲ୍ଲୀ,୧-୭**

ଜିଏସ୍‌ଟି ପ୍ରଚଳନର ମୁଖ୍ୟ ସୂତ୍ରଧର ତଥା ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଜିଏସ୍‌ଟି ଆଇନ ଲାଗୁ ହେବାର ୨ ବର୍ଷ ପୂର୍ତ୍ତି ଅବସରରେ କହିଛନ୍ତି ଯେ, ରାଜସ୍ୱ ଆଦାୟ ବଢ଼ିଲେ ୧୨ ଓ ୧୮ ପ୍ରତିଶତ ସ୍ଲାବ୍‌କୁ ମିଶାଇ ଦିଆଯିବ। ଏଭଳି ଭାବେ ଦେଶରେ ଜିଏସ୍‌ଟିକୁ ଦ୍ୱିସ୍ତରୀୟ କରାଯିବ। ତାଙ୍କ ମତରେ ଲକ୍ସୁରୀ ଓ ହାନିକାରକ ସାମଗ୍ରୀକୁ ଛାଡ଼ି ଦେଲେ ପ୍ରାୟ ସମସ୍ତ ସାମଗ୍ରୀ ୨୮% ସ୍ଲାବ୍‌ରୁ ବାଦ୍ ପଡିଛନ୍ତି। ନିଜର ଫେସ୍‌ବୁକ୍ ପେଜ୍‌ରେ ଜେଟ୍‌ଲୀ ସୋମବାର ଲେଖିଛନ୍ତି ଯେ, ୨୦ ରାଜ୍ୟର ରାଜସ୍ୱ ପୂର୍ବାପେକ୍ଷା ୧୪% ବଢ଼ିଛି। ଜିଏସ୍‌ଟି ଲାଗୁ ହେବା ପରେ କ୍ଷତିପୂରଣ ବାବଦରେ ଏବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଉ କ୍ଷତିପୂରଣ ଦେବାକୁ ପଡିବ ନାହିଁ। ଅଧିକାଂଶ ସାମଗ୍ରୀକୁ ଏବେ ୫,୧୨ ଓ ୧୮ ପ୍ରତିଶତ ସ୍ଲାବ୍‌ରେ ଅଣାଯାଇସାରିଛି। ଜିଏସ୍‌ଟି କାଉନସିଲ୍ ଗତ ୨ ବର୍ଷରେ ଅନେକଥର ଟିକସ ହାର ହ୍ରାସ କରିଛନ୍ତି। ଫଳରେ ସରକାରଙ୍କୁ ୯୦ ହଜାର କୋଟି ଟଙ୍କାରୁ ଅଧିକ ରାଜସ୍ୱ ହରାଇବାକୁ ପଡିଛି। 'ଏକ ରାଷ୍ଟ୍ର, ଏକ ଟିକସ' ବ୍ୟବସ୍ଥା ଉପରେ ଜେଟ୍‌ଲୀ ନିଜର ମତ ପ୍ରକାଶ କରିଛନ୍ତି। ସେ ଲେଖିଛନ୍ତି ଯେ, ଭାରତ ଭଳି ଦେଶରେ ବହୁ ସଂଖ୍ୟାରେ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ବେଳେ ସମସ୍ତଙ୍କ ପାଇଁ ଗୋଟିଏ ପ୍ରକାର ଟିକସ ବ୍ୟବସ୍ଥା ଲାଗୁ କରିବା ନ୍ୟାୟସଙ୍ଗତ ନୁହେଁ। ଚପଲ ଓ ମର୍ସିଡିଜ କାର୍ ଉପରେ ଏକପ୍ରକାର ଟିକସ ଆଦାୟ କରାଯାଇପାରିବ ନାହିଁ। ଜିଏସ୍‌ଟି କାରଣରୁ ଆଜି ଟୋଲଗେଟ୍‌ରେ ଟ୍ରକ୍‌ଗୁଡ଼ିକୁ ଲମ୍ବା ଲାଇନରେ ଅପେକ୍ଷା କରିବାକୁ ପଡୁନାହିଁ।

### 'ବେଷ୍ଟ ଅଫ୍ ଜିଏସ୍‌ଟି'କୁ ଅପେକ୍ଷା



ଜିଏସ୍‌ଟି ଦେଶର ପରୋକ୍ଷ ଟିକସ ବ୍ୟବସ୍ଥାକୁ ସରଳୀକରଣ କରିଛି। ବ୍ୟବସ୍ଥାରେ ରହିଥିବା ଅସୁବିଧାକୁ ସରକାର ଧୀରେ ଧୀରେ ସରଳୀକରଣ କରୁଛନ୍ତି। ଏକ ଦେଶ ଏକ ଟିକସ ଲକ୍ଷ୍ୟ ଏବେ ମଧ୍ୟ ପୂରଣ ହୋଇ ନାହିଁ। ଦେଶ ମଧ୍ୟରେ ବିଭିନ୍ନ ରାଜ୍ୟକୁ ନେଇ ଏକ ସାଥିରେ ଯିବା ଆଉ ଏକକ ଟିକସ ଲାଗୁ କରିବା ନିଶ୍ଚିତ ପକ୍ଷେ ଏକ କଷ୍ଟକର କାର୍ଯ୍ୟ। ଏଥିଲାଗି ଜିଏସ୍‌ଟି ପରିଷଦ କାର୍ଯ୍ୟ କରୁଥିବା ବେଳେ ଏହାର ସଂସ୍କାରଧାରା ଜାରି ରହିବ। ଦେଶରେ ଟିକସ ସଂଗ୍ରହ ଧାରା ଉନ୍ନତ ହୋଇଛି। ଟିକସ ଫାଙ୍କି ଉପରେ ଏବେ କାର୍ଯ୍ୟାନୁଷ୍ଠାନ ବଢ଼ିଛି। ଅନୁପାଳନ ଧାରାରେ ମଧ୍ୟ ଉନ୍ନତି ଆସିଛି। ବେଷ୍ଟ ଅଫ୍ ଜିଏସ୍‌ଟିକୁ ଏବେ ଅପେକ୍ଷା।

– ଅମରେନ୍ଦ୍ର ଦାସ, ଅର୍ଥନୀତିଜ୍ଞ

### ରିଫଣ୍ଡ ପ୍ରୋସେସିଂ ତ୍ୱରାନ୍ୱିତ ହେଉ



ଜିଏସ୍‌ଟିର ଗତ ୨ ବର୍ଷ ବେଶ ଘଟଣା ବହୁଳ। ପ୍ରଥମେ ଏହି ଟିକସ ବ୍ୟବସ୍ଥାକୁ ନେଇ ଅନେକ ଦ୍ୱନ୍ଦ୍ୱ ରହୁଥିଲା। ମାତ୍ର ପରବର୍ତ୍ତୀ ପର୍ଯ୍ୟାୟରେ ବିଭିନ୍ନ ସରଳୀକରଣ ପଦକ୍ଷେପ ସରକାର ନେବା ଯୋଗୁ ଏହାକୁ ଭଲ ରେସପନ୍ସ ମିଳିଛି। ଇନ୍‌ପୁଟ ଟାକ୍ସ କ୍ରେଡିଟ ଉନ୍ନତ ହୋଇଛି। ପୂର୍ବରୁ ରହିଥିବା ସିଏସ୍‌ଟି,ଏଣ୍ଟ୍ରି ଟିକସ ଉଠିବା ଦ୍ୱାରା ଶିଳ୍ପ ଜଗତ ଲାଭ ପାଇଛି। ଗୋଟିଏ ସଫ୍ଟୱେରରେ ରିଟର୍ନର ସବୁ କାମ ଚାଲୁଛି। ପୂର୍ବରୁ ଅନେକ ଖାତାପତ୍ର ମେଣ୍ଟେନ କରିବାକୁ ପଡୁଥିବା ବେଳେ ଏହାକୁ ନେଇ ଆଉ ମୁଣ୍ଡ ବିନ୍ଧା ନାହିଁ। ଏଠାରେ ସରକାର ଗୋଟିଏ ପ୍ରସଙ୍ଗକୁ ଗୁରୁତର ସହ ନେଲେ ଶିଳ୍ପଗୁଡିକ ଆହୁରି ସୁବିଧା ପାଇ ପାରିବେ। ସରକାର ରିଫଣ୍ଡ ପ୍ରୋସେସିଂ ଧାରାକୁ ତ୍ୱରାନ୍ୱିତ କରିବା ଆବଶ୍ୟକ। ରିଫଣ୍ଡ ସରଳୀକରଣ ହେଲେ ଶିଳ୍ପଗୁଡିକର ଅପେକ୍ଷା କମିବ। ଅପରପକ୍ଷରେ ରାଜ୍ୟ ସ୍ତରରେ ଆଦାୟ ହେଉଥିବା ପ୍ରଫେଶନାଲ ଟିକସ ବାଦ ଦିଆଗଲେ ଭଲ ହୁଅନ୍ତା। ଶିଳ୍ପ ଉଦ୍ୟୋଗ ଜଗତ ପରୋକ୍ଷ ଟିକସ ଲାଗି ଜିଏସ୍‌ଟି, ଆୟକର ପ୍ରଦାନ କରୁଛି। ଏଣୁ ଏଭଳି ଟିକସକୁ ବାଦ ଦିଆଯିବା ଆବଶ୍ୟକ। ଏହାବାଦ ଅନେକ ଡିଲର ରହିଛନ୍ତି ଯେଉଁମାନେ ମାସମାସ ଧରି ଜିଏସ୍‌ଟି ରିଟର୍ନ ଫାଇଲ କରୁନାହାନ୍ତି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ।

– ସ୍ୱାତ୍ତ୍ୱିକ ସ୍ୱାଇଁ, ମହାନିର୍ଦ୍ଦେଶକ, ଓସ୍‌ମେ

### ଦ୍ୱନ୍ଦ୍ୱ ଦୂରୀକରଣ ଲାଗି ପଦକ୍ଷେପ ନିଆଯାଉ



ଜିଏସ୍‌ଟି ଆସିବା ପରେ ରିୟଲ ଇଷ୍ଟେଟ କ୍ଷେତ୍ରରେ ଆସିଥିବା ବିଭିନ୍ନ ଦ୍ୱନ୍ଦ୍ୱ ଉପୁଜୁଛି। ସରକାର ବିଭିନ୍ନ ସମୟରେ ନିୟମରେ ପରିବର୍ତ୍ତନ କରୁଛନ୍ତି। ଅନେକ ନିୟମ ପରିବର୍ତ୍ତନ ହେଲାଣି। ଏହା ସତ୍ତ୍ୱେ ଶିଳ୍ପରେ ସ୍ଥିତାବସ୍ଥା ଏବେ ମଧ୍ୟ ଫେରି ନାହିଁ। ଶିଳ୍ପରେ ବର୍ତ୍ତମାନ ଆଉ ଏକ ଦ୍ୱନ୍ଦ୍ୱ ରହିଛି। କମ୍ପୋଜିଶନ ସ୍କିମରେ ବିଲଡରମାନେ ଇନପୁଟ ନେବା ବନ୍ଦ ହୋଇଛି। ଗ୍ରାହକଙ୍କଠାରୁ ୧% ଏବଂ ୫% ସିଧାସଳଖ ଟିକସ ସଂଗ୍ରହ କରି ସରକାରଙ୍କୁ ଦେବାକୁ ନିୟମ ରହିଛି। ଏପ୍ରିଲ ପହିଲାରୁ ଏହାକୁ କାର୍ଯ୍ୟକାରୀ କରାଯାଇଛି। ନିର୍ମାଣାଧୀନ ଏବଂ ଟ୍ରାଞ୍ଜିଶନରେ ଥିବା ପ୍ରକଳ୍ପଗୁଡିକ ଏହାକୁ ନେଇ ଏବେ ଦ୍ୱନ୍ଦ୍ୱରେ ରହିଛନ୍ତି। ଜଏଣ୍ଟ ଡେଭଲପମେଣ୍ଟରେ ହେଉଥିବା ପ୍ରକଳ୍ପଗୁଡିକ କ୍ଷେତ୍ରରେ ଜମି ମାଲିକମାନଙ୍କ ଅଂଶରେ ପଡୁଥିବା ଜିଏସ୍‌ଟି କିଭଳି ଭାବେ ଦିଆଯିବ, କେବେ ଲାଗୁ ହେବା ଭଳି ପ୍ରସଙ୍ଗ ସ୍ପଷ୍ଟ ହୋଇ ନାହିଁ। ଏହି କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ସ୍ପଷ୍ଟୀକରଣର ଅଭାବ ରହୁଛି। ଏନେଇ ରାଜ୍ୟ ସ୍ତରରୁ ଏକ ହେଲପଲାଇନ କରାଗଲେ ଶିଳ୍ପକୁ ଲାଭ ମିଳନ୍ତା। ବିଭିନ୍ନ ପ୍ରସଙ୍ଗରେ ଶିଳ୍ପ ଅବଗତ ହେଲେ କୌଣସି ଅସୁବିଧା ଦେଖାଯିବ ନାହିଁ।

– ନିଶୀଥ ନନ୍ଦ, ସଭାପତି, ଆଫୋର୍ଡ

#### ରିଟର୍ନ ଦାଖଲ

ପ୍ରାରମ୍ଭରେ ମାସିକ ରିଟର୍ନ ଦାଖଲ କରିବାରେ ଅସୁବିଧା ହେଉଥିଲା। ତେବେ ବର୍ତ୍ତମାନ ଏହି ସମସ୍ୟାର ସମାଧାନ ହୋଇପାରିଛି ଏବଂ ଏବେ ଏହା ସ୍ଥିର ହୋଇଛି। ତେବେ ନୂଆ ଦାଖଲ ବ୍ୟବସ୍ଥାକୁ ପର୍ଯ୍ୟାୟକ୍ରମେ ଲାଗୁ କରାଯିବ ବୋଲି ଘୋଷଣା କରାଯାଇଛି। ବ୍ୟବସାୟୀ, ଉଦ୍ୟୋଗ ଜଗତ ଏହି ବ୍ୟବସ୍ଥା ପ୍ରତି ସମ୍ପୂର୍ଣ୍ଣ ସଚେତନ ନ ହେବା ପର୍ଯ୍ୟନ୍ତ ଏହାକୁ ତରବରିଆ ଭାବେ ଲାଗୁ କରାଯିବା ଅନୁଚିତ ହେବ। ଆର୍ଥିକ ବର୍ଷର ମଧ୍ୟଭାଗରେ ବ୍ୟବସ୍ଥାରେ ପରିବର୍ତ୍ତନ ଅସୁବିଧାର କାରଣ ହୋଇପାରେ। କାରଣ ଆକାଉଣ୍ଟିଂ ବ୍ୟବସ୍ଥାରେ ସଂଶୋଧନର ଆବଶ୍ୟକତା ରହିଛି। ଏକ ଆକଳନରୁ ଜଣାପଡିଛି ଯେ, ଜିଏସ୍‌ଟି ଲାଗୁ ହେବାର ୨ ବର୍ଷ ପରେ ମଧ୍ୟ ରିଟର୍ନ ଦାଖଲ ଏହାର ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିନାହିଁ। ହାରାହାରି ୬୦ ପ୍ରତିଶତ ହାରରେ ନିର୍ଦ୍ଧାରିତ ସମୟ ପରେ ଜିଏସ୍‌ଟିଆର-୩ବି ଦାଖଲ କରାଯାଉଛି।

#### ଇ-ଇନ୍‌ଭଏସ୍ ବ୍ୟବସ୍ଥା

ଇ-ଇନ୍‌ଭଏସ୍ ବ୍ୟବସ୍ଥା ଲାଗୁ କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ତେବେ ବର୍ତ୍ତମାନ ପରିସ୍ଥିତିରେ ଏହାକୁ ଲାଗୁ କରିବା ଦ୍ୱାରା ଅସୁବିଧା ଦ୍ୱିଗୁଣିତ ହେବ। ତେବେ ଜିଏସ୍‌ଟିଏନ୍ ନେଟ୍‌ୱର୍କ ବ୍ରେକ୍ ଡାଉନ ଅର୍ଥାତ ଖରାପ ହେବା ସ୍ଥିତିରେ ଇନ୍‌ଭଏସ୍ କିପରି ଜାରି କରାଯିବ ସେ ନେଇ ସରକାରଙ୍କ ପକ୍ଷରୁ ସ୍ଥିତି ସ୍ପଷ୍ଟ ହେବା ଉଚିତ୍। ଜିଏସ୍‌ଟିଏନ୍ ଖରାପ ହେବା ସ୍ଥିତିରେ ବ୍ୟବସାୟୀମାନେ ଇନ୍‌ଭଏସ୍ ଜାରି କରିବା ବନ୍ଦ କରିଦେବେ କି?

#### ରିଫଣ୍ଡ୍

ରିଫଣ୍ଡ ପ୍ରକ୍ରିୟା ଅନେକାଂଶରେ ସରଳ ହେଲାଣି ଓ ଧାରାରେ ପଡିଲାଣି। ରପ୍ତାନିକାରୀମାନେ ସୀମାଶୁଳ୍କ ବିଭାଗରୁ ସିଧାସଳଖ ସେମାନଙ୍କ ରିଫଣ୍ଡ ପାଇବା ଆରମ୍ଭ କଲେଣି। ସେମାନଙ୍କୁ ୯୦% ପର୍ଯ୍ୟନ୍ତ ରିଫଣ୍ଡ ତୁରନ୍ତ ମିଳିଯାଉଛି। ଜିଏସ୍‌ଟି ରିଫଣ୍ଡରେ ବିଳମ୍ବ କାରଣରୁ କାର୍ଯ୍ୟକାରୀ ଅର୍ଥକୁ ନେଇ ଥିବା ବିବାଦ ଅନେକାଂଶରେ ସମାଧାନ ହୋଇଗଲାଣି। ତେବେ ସମସ୍ତ ରିଫଣ୍ଡର ଯାଞ୍ଚ କରାଯିବ ବୋଲି ନିକଟରେ ସରକାରଙ୍କ ପକ୍ଷରୁ ଏକ ବିବୃତି ଜାରି କରାଯିବା ପରେ ରପ୍ତାନିକାରୀଙ୍କ ମଧ୍ୟରେ ଅସନ୍ତୋଷ ରହିଛି।

#### ଇନ୍‌ପୁଟ ଟ୍ୟାକ୍ସ କ୍ରେଡିଟ ଯାଞ୍ଚ

ବ୍ୟବସାୟୀମାନେ ଦାବି କରିଥିବା ଇନ୍‌ପୁଟ ଟ୍ୟାକ୍ସ କ୍ରେଡିଟକୁ ପର୍ଯ୍ୟାୟକ୍ରମେ ଜିଏସ୍‌ଟିଏନ୍ ସହ ଯାଞ୍ଚ କରିବା ଲାଗି ସରକାରଙ୍କ ନିଷ୍ପତ୍ତି ଯୋଗୁ ବ୍ୟବସାୟୀ ଓ ଉଦ୍ୟୋଗ ଜଗତରେ ଅସନ୍ତୋଷ ଭରି ରହିଛି। ତେବେ ଜିଏସ୍‌ଟିଏନ୍‌ରେ ଦର୍ଶାଯାଇଥିବା ଜିଏସ୍‌ଟି ରିଟର୍ନ, ଜିଏସ୍‌ଟିଆର୍୨ଏର ତଥ୍ୟ ଦିଆଯାଉଥିବା ନୋଟିସ ସହ ମେଳ ଖାଉ ନ ଥିବାରୁ ଉଦ୍ୟୋଗ ଜଗତ ସର୍ବଦା ଦ୍ୱନ୍ଦ୍ୱରେ ରହୁଛି। କେଉଁ ତଥ୍ୟ ଆଧାରରେ ନୋଟିସ ଦିଆଯାଉଛି, ତାହା ମଧ୍ୟ ଆୟକର ଅଧିକାରୀ ସ୍ପଷ୍ଟ କରୁନାହାନ୍ତି।

#### ବାରମ୍ବାର ନିୟମ ପରିବର୍ତ୍ତନ

ଜିଏସ୍‌ଟି ଆଦାୟ ବୃଦ୍ଧି ସହ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ସହଜ ତଥା ସରଳ କରିବା ଲାଗି ଜିଏସ୍‌ଟି କାଉନସିଲ୍ ପକ୍ଷରୁ ବାରମ୍ବାର ନିଷ୍ପତ୍ତି ନିଆଯାଉଛି। ଫଳରେ ନିୟମରେ ଏକାଧିକ ଥର ପରିବର୍ତ୍ତନ ହେଉଛି। ତେବେ ସ୍ପଷ୍ଟତା ପାଇଁ ନିୟମରେ ସଂଶୋଧନ ହେବା ଜରୁରୀ। କିନ୍ତୁ ଏହାଦ୍ୱାରା ନିଷ୍ପତ୍ତି ନେବା ପ୍ରଭାବିତ ହେଉଛି।

#### ଜିଏସ୍‌ଟି ଆଦାୟ ୧ ଲକ୍ଷ କୋଟି ତଳକୁ ଖସିଲା

ଜୁନ୍‌ରେ ଜିଏସ୍‌ଟି ଆଦାୟ ୧ ଲକ୍ଷ କୋଟି ତଳକୁ ଖସିଆସିଛି। ସୋମବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଜାରି ତଥ୍ୟ ଅନୁଯାୟୀ, ଏହି ମାସରେ ୯୯,୯୩୯ କୋଟି ଟଙ୍କା ଆଦାୟ ହୋଇଛି। ଗତବର୍ଷର ଏହି ଅବଧିରେ ଜିଏସ୍‌ଟି ଆଦାୟ ୯୫,୬୧୦ କୋଟି ଟଙ୍କା ଥିଲା। ଚଳିତବର୍ଷ ମେ'ରେ ୧ ଲକ୍ଷ ୨୮୯କୋଟି ଟଙ୍କା ଜିଏସ୍‌ଟି ଆଦାୟ ହୋଇଥିଲା। ଏଥିରେ ୧୮,୩୬୬ କୋଟି ଟଙ୍କା ସିଜିଏସ୍‌ଟି, ୨୫,୩୪୩ କୋଟି ଟଙ୍କା ଏସ୍‌ଜିଏସ୍‌ଟି, ଆଇଜିଏସ୍‌ଟି ୪୭,୭୭୨ କୋଟି ଟଙ୍କା ଏବଂ ସେସ୍ ବାବଦରେ ୮,୪୫୭ କୋଟି ଟଙ୍କା ସାମିଲ ହୋଇଛି।

ରିଏଲ ଇଷ୍ଟେଟ ସେକ୍ଟରରେ ନୂଆ ସ୍କିମ୍ ଲାଗୁ କରାଯାଇଥିବା ବେଳେ ଏଥିରେ କେତେକ ସର୍ତ୍ତାରୋପ କରାଯାଇଛି। ବିଲ୍ଡର ଓ ରିଏଲ ଇଷ୍ଟେଟ୍ ଡେଭଲପ୍‌ର କେଉଁ ନିୟମକୁ ଆପଣାଇବେ, ସେନେଇ ଦ୍ୱନ୍ଦ୍ୱରେ ପଡିଛନ୍ତି।

#### ସେସ୍ ଲାଗୁ କରିବା

ଜିଏସ୍‌ଟି କାଉନସିଲ୍ ପ୍ରଥମଥର କେରଳ ପ୍ରାକୃତିକ ବିପର୍ଯ୍ୟୟ ସେସ୍ ଲାଗୁ କରିଛି। ଏହାକୁ ନେଇ ଚିନ୍ତା ବଢ଼ିଯାଇଛି। କାରଣ ଜନକଲ୍ୟାଣ ଲାଗି ଅନ୍ୟ ରାଜ୍ୟ ସରକାରଗୁଡ଼ିକ ମଧ୍ୟ ଏଭଳି ସେସ୍ ଲାଗୁ କରିବାକୁ ପଛାଇବେ ନାହିଁ।

#### ଇନ୍‌ପୁଟ ଟ୍ୟାକ୍ସ କ୍ରେଡିଟ

ଇନ୍‌ପୁଟ ଟ୍ୟାକ୍ସ କ୍ରେଡିଟ ଜିଏସ୍‌ଟି ଯୁଗ ଆରମ୍ଭ ପୂର୍ବରୁ ବ୍ୟବସାୟୀ ଓ ଟିକସ ଅଧିକାରୀଙ୍କ ମଧ୍ୟରେ ବିବାଦର କେନ୍ଦ୍ରବିନ୍ଦୁ ହୋଇଛି। ସାମାନ୍ୟ ତ୍ରୁଟି, ନିୟମର ଦ୍ୱାହି ଦେଇ ଟିକସ ଅଧିକାରୀମାନେ ବ୍ୟବସାୟୀଙ୍କଠାରୁ ଟିକସ ଆଦାୟ କରୁଛନ୍ତି, ଯାହାକୁ ସେମାନେ ବିରୋଧ କରିଆସୁଛନ୍ତି। ଏହାକୁ ନେଇ ବିଭିନ୍ନ ଅଦାଲତ ପକ୍ଷରୁ ମଧ୍ୟ ପ୍ରକାଶିତ ରାୟରେ ସ୍ପଷ୍ଟ ଉଲ୍ଲେଖ କରାଯାଇଛି। ଛୋଟ ଭୁଲ୍ ପାଇଁ ବ୍ୟବସାୟୀଙ୍କଠାରୁ ଜବରଦସ୍ତ ଟିକସ ଆଦାୟ ନ କରିବା ଲାଗି ଅଦାଲତଗୁଡ଼ିକ ରାୟ ଦେଇଥିଲେ ମଧ୍ୟ ଏଭଳି ପ୍ରକ୍ରିୟା ଜାରି ରହିଛି।

#### ସରକାରଙ୍କ ସମ୍ମୁଖରେ ଆହ୍ୱାନ

ଜିଏସ୍‌ଟି ବିବାଦ ବିଶେଷଜ୍ଞ ଅଶୋକ ବତ୍ରାଙ୍କ କହିବାନୁଯାୟୀ, ବିଗତ ୨ ବର୍ଷ ମଧ୍ୟରେ ଟିକସଦାତା ଏବଂ ରାଜସ୍ୱ ଆଦାୟ ମଧ୍ୟରେ ସନ୍ତୁଳନ କାଏମ ରଖିବାରେ ସରକାର ଅନେକାଂଶରେ ସଫଳ ହୋଇଛନ୍ତି। ସମସ୍ୟା ସୃଷ୍ଟି ହେବା ମାତ୍ରେ ଏହା ଉପରେ ତ୍ୱରିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତେବେ ମଧ୍ୟ ଟିକସ ଆଦାୟ ଏବେ ସୁଦ୍ଧା ଏକ ବଡ଼ ଆହ୍ୱାନ ହୋଇଛି। ଏଥିଲାଗି ଜାଲ୍ ବିଲ୍ ପ୍ରଦାନକୁ କାବୁ କରିବାକୁ ହେବ। ବ୍ୟବସାୟୀ ଓ ଅଧିକାରୀଙ୍କ ମଧ୍ୟରେ ମାନସିକତାରେ ପରିବର୍ତ୍ତନ କରିବା ଲାଗି ଟ୍ରେନିଂର ଆବଶ୍ୟକତା ରହିଛି। ଜିଏସ୍‌ଟି କନସଲଟାଣ୍ଟ ସୁଧୀର ହାଲାଖଣ୍ଡି କହିଛନ୍ତି ଯେ, ଅଦ୍ୟାବଧି ଅଧିକାଂଶ ବିବାଦ କ୍ଷେତ୍ରରେ ସରକାର ଟାଳିବା ମନୋବୃତ୍ତି ଆପଣାଉଛନ୍ତି। ମାସିକ ରିଟର୍ନରୁ ଆରମ୍ଭ କରି ବାର୍ଷିକ ରିଟର୍ନ ଦାଖଲ ସମୟସୀମା ବୃଦ୍ଧି କରିବା ଏହାର ପ୍ରମାଣ ଦିଏ। ଆର୍‌ସିଏମ୍ ମଧ୍ୟ ଏଭଳି ଏକ ସମସ୍ୟା, ଯାହାର ସମାଧାନ ସରକାରଙ୍କୁ ଶୀଘ୍ର କରିବାକୁ ହେବ। ଏବେ ସରକାରଙ୍କୁ ଟାଳିବା ଛାଡ଼ି ସମାଧାନ ପନ୍ଥା ଆପଣାଇବାକୁ ହେବ।

ଭାରତ ଭଳି ବିଶାଳ ଦେଶରେ ଜିଏସ୍‌ଟିକୁ ଲାଗୁ କରିବା ଏକ ବଡ଼ ଉପଲବ୍ଧି କୁହାଯାଇପାରେ। ପ୍ରତ୍ୟେକ ବ୍ୟବସ୍ଥାରେ ଆହ୍ୱାନ ଆସିଥାଏ। ଟିକସ ଫାଙ୍କି ବଦଳରେ କେବଳ ସାମାନ୍ୟ ତ୍ରୁଟି ପାଇଁ ଟିକସଦାତାଙ୍କୁ ଦଣ୍ଡିତ କରାଯିବା ବନ୍ଦ ହେବା ଦରକାର। ପରୋକ୍ଷ ବ୍ୟବସ୍ଥା ଅଧିକ ଶକ୍ତିଶାଳୀ କରାଯିବା ସହ ଆଇନରେ ସ୍ୱଳ୍ପ ପରିବର୍ତ୍ତନ ଓ ଜିଏସ୍‌ଟିଏନ୍‌କୁ ଅଧିକ କାର୍ଯ୍ୟକାରୀ କରାଗଲେ ଏହା ସଫଳତାର ଯାତ୍ରା ଆଗକୁ ବଢ଼ିବ ଏଥିରେ ସନ୍ଦେହ ନାହିଁ।

## ମୁଦ୍ରାଲୋନ୍ ଆକାଉଣ୍ଟରେ ୨୩୧୩ ଠକେଇ

**ନୂଆଦିଲ୍ଲୀ, ୧-୭**

ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଆକାଉଣ୍ଟ (ପିଏମ୍‌ଏମ୍‌ୱାଇ) ଆକାଉଣ୍ଟରେ ୨୩୧୩ ଠକେଇ ସାମ୍ନାକୁ ଆସିଛି। ୨୦୧୬-୧୭ ଆର୍ଥିକ ବର୍ଷ ପରଠାରୁ ଏହି ମାମଲାଗୁଡିକ ସାମ୍ନାକୁ ଆସିଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଲୋକସଭାକୁ ଏକ ଲିଖିତ ଉତ୍ତରରେ ସୋମବାର ସୂଚନା ଦେଇଛନ୍ତି। ମୁଦ୍ରା ଋଣ ଯୋଜନା ଆରମ୍ଭ ହେବା ପରଠାରୁ ଚଳିତ ବର୍ଷ ଜୁନ ୨୧ ପର୍ଯ୍ୟନ୍ତ ବ୍ୟାଙ୍କଗୁଡିକ ୧୯ କୋଟିରୁ ଉର୍ଦ୍ଧ୍ୱ ଋଣ ମଞ୍ଜୁର କରିଛନ୍ତି। ଏହି ମାମଲାଗୁଡିକରେ ତଦନ୍ତ ଆରମ୍ଭ କରାଯାଇଥିବା ସେ କହିଛନ୍ତି। ମାମଲାଗୁଡିକରେ ବ୍ୟାଙ୍କର ୧୦୩ କର୍ମଚାରୀ ଜଡ଼ିତ ଅଛନ୍ତି। ଏମାନଙ୍କ ମଧ୍ୟରୁ ୬୮ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି। ତାମିଲନାଡୁରେ ସର୍ବାଧିକ ୩୪୪ ଠକେଇ ମାମଲା ସାମ୍ନାକୁ ଆସିଛି। ଦ୍ୱିତୀୟ ସ୍ଥାନରେ ଛତିଶଗଡ ରହିଛି। ଏଠାରେ ୨୭୫ ଠକେଇ ହୋଇଥିବା ବେଳେ ତୃତୀୟ ସ୍ଥାନରେ ଥିବା ଆନ୍ଧ୍ରପ୍ରଦେଶରେ ୨୪୧ ମାମଲା ଆସିଛି।

ସେହିଭଳି ଏକ୍ଷେତ୍ରରେ ବ୍ୟାଙ୍କଗୁଡ଼ିକ ପ୍ରଦାନ କରିଥିବା ମୋଟ ଋଣ ମଧ୍ୟରୁ ୨୦୧୭-୧୮ରେ ୨.୫୨% ଏନ୍‌ପିଏ ଥିବା ବେଳେ ଏହା ୨୦୧୮-୧୯ରେ ୨.୬୮% ରହିଛି। ସୂଚନା ମୁତାବକ ମୁଦ୍ରା ଋଣର ଶିଶୁ ଶୃଙ୍ଖଳାରେ ଏନ୍‌ପିଏ ହ୍ରାସ ଘଟୁଛି। ଏହା ୨୦୧୬-୧୭ରେ ୪.୧୪% ରହିଥିଲା ବେଳେ ୨୦୧୭-୧୮ରେ ୧.୯୩% ଏବଂ ୨୦୧୮-୧୯ରେ ୧.୨୯%କୁ ଖସିଛି। ପ୍ରଦାନ କରାଯାଇଥିବା ଋଣର ଅସୁଲ ଲାଗି ବ୍ୟାଙ୍କଗୁଡିକ ରିଜର୍ଭ ବ୍ୟାଙ୍କର ନିୟମକୁ ପାଳନ କରୁଥିମା ସୀତାରାମନ କହିଛନ୍ତି। ମୁଦ୍ରା ଋଣ ଯୋଜନାରେ ବର୍ତ୍ତମାନ ଶିଶୁ, କିଶୋର ଏବଂ ତରୁଣ ବର୍ଗରେ ଋଣ ପ୍ରଦାନ କରାଯାଉଛି।

## ବନ୍ଦ ହୋଇଛି ୬.୮ ଲକ୍ଷ କମ୍ପାନୀ

**ନୂଆଦିଲ୍ଲୀ, ୧-୭**

ବର୍ତ୍ତମାନ ପର୍ଯ୍ୟନ୍ତ ସାରା ଦେଶରେ ମୋଟ ୬.୮ ଲକ୍ଷ କମ୍ପାନୀ ବନ୍ଦ ହୋଇଛି। ଦେଶ ମଧ୍ୟରେ ୧୮.୯୪ ଲକ୍ଷ କମ୍ପାନୀ ରେଜିଷ୍ଟ୍ରାର ଅଫ୍ କମ୍ପାନୀଜ ଅଧିନରେ ପଞ୍ଜୀକୃତ ଥିବାବେଳେ ଏଗୁଡିକ ମଧ୍ୟରୁ ୩୬.୦୭% କମ୍ପାନୀ ବନ୍ଦ ହୋଇଛି। ବନ୍ଦ କମ୍ପାନୀଗୁଡିକ ମଧ୍ୟରେ ମହାରାଷ୍ଟ୍ରର ୧.୪୨ ଲକ୍ଷ କମ୍ପାନୀ ରହିଛି। ସେହିଭଳି ଦିଲ୍ଲୀର ୧.୨୫ ଲକ୍ଷ, ପଶ୍ଚିମବଙ୍ଗର ୬୭,୦୦୦ କମ୍ପାନୀ ରହିଛି। ସିକିମର କୌଣସି କମ୍ପାନୀ ବନ୍ଦ ହୋଇ ନାହିଁ। ଲଗାତର ଭାବେ ଦୁଇ ଆର୍ଥିକ ବର୍ଷଧରି ରିଟର୍ନ ଫାଇଲ ଏବଂ ଆର୍ଥିକ ପ୍ରମାଣପତ୍ର ଦାଖଲ କରି ନ ଥିବା କମ୍ପାନୀଗୁଠିକର ପଞ୍ଜୀକରଣ ବାଦ ଦେବା ଲାଗି ସରକାର ସ୍ୱତନ୍ତ୍ର ପଦକ୍ଷେପ ମାନ ଗ୍ରହଣ କରୁଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି। ଏହାବାଦ ଭୂତ କମ୍ପାନୀଗୁଡିକର ପଞ୍ଜୀକରଣ ବାତିଲ ନେଇ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ଯେ, କମ୍ପାନୀ ଆଇନରେ ଭୂତ କମ୍ପାନୀ ଶବ୍ଦ ସମ୍ପର୍କରେ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇ ନାହିଁ। ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡିକରେ ୨୪୪୮ କମ୍ପାନୀ ପଞ୍ଜୀକରଣ କରିଥିବା ସେ କହିଛନ୍ତି।

## ଡେପୁଟି ଗଭର୍ନର ଭାବେ ବିଶ୍ୱନାଥନଙ୍କୁ ପୁନଃନିଯୁକ୍ତି



**ମୁମ୍ବାଇ, ୧-୭**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଡେପୁଟି ଗଭର୍ନର ଭାବେ ଏନ୍.ଏସ୍.ବିଶ୍ୱନାଥନଙ୍କୁ ଆହୁରି ଏକ ବର୍ଷ ପାଇଁ ପୁନଃନିଯୁକ୍ତ କରାଯାଇଛି। ଦ୍ୱିତୀୟଥର ପାଇଁ ସେ ଏହି ଦାୟିତ୍ୱରେ ରହିଛନ୍ତି। ଏଥିପୂର୍ବରୁ ତାଙ୍କୁ ୪ ଜୁଲାଇ ୨୦୧୬ରେ କେନ୍ଦ୍ରୀୟ ବ୍ୟାଙ୍କର ଡେପୁଟି ଗଭର୍ନର ଭାବେ ୩ ବର୍ଷ ପାଇଁ ନିଯୁକ୍ତ କରାଯାଇଥିଲା। ତାଙ୍କର କାର୍ଯ୍ୟକାଳ ଜୁଲାଇ ୩ରେ ଶେଷ ହୋଇଥାନ୍ତା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଗଠିତ କ୍ୟାବିନେଟ ନିଯୁକ୍ତି କମିଟି ବିଶ୍ୱନାଥନଙ୍କ ନିଯୁକ୍ତିକୁ ମୋହର ମାରିଛନ୍ତି। କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ସୋମବାର ଏକ ବିବୃତି ଜାରି କରି କୁହାଯାଇଛି ଯେ, ବିଶ୍ୱନାଥନ ଜୁଲାଇ ୪ରୁ ପୁନର୍ବାର ନୂଆ ଦାୟିତ୍ୱରେ ରହିବେ। ଆର୍‌ବିଆଇ ଗଭର୍ନରଙ୍କ ଅଧୀନରେ ୪ ଜଣ ଡେପୁଟି ଗଭର୍ନର ରହିଥାନ୍ତି। ବିରଲ ଆଚାର୍ଯ୍ୟଙ୍କ ଇସ୍ତଫା ପରେ ବିଶ୍ୱନାଥନ, ବି.ପି. କାନୁନଗୋ ଓ ଏମ୍.କେ. ଜୈନ ଡେପୁଟି ଗଭର୍ନର ଭାବେ କାର୍ଯ୍ୟ ତୁଲାଉଛନ୍ତି। ଏମାନଙ୍କ ମଧ୍ୟରେ ବିଶ୍ୱନାଥନ ସର୍ବବରିଷ୍ଠ ରହିଛନ୍ତି।

# ଭାରତ ପାଇଁ ମିଡ୍ଲ ଅର୍ଡର ଚିନ୍ତା

**ବର୍ମିଂହାମ, ୧୭ (ପି.ଟି.)**

ଚଳିତ ଆଇସିସି ବିଶ୍ୱକପ୍‌ରେ ଗୋଟିଏ ଦିନର ବିଶ୍ରାମ ପରେ ପୁଣି ଏକ ମ୍ୟାଚ୍ ଖେଳିବ ବିରାଟ ବାହିନୀ। ରବିବାର ଏକ ହାଇସ୍କୋରିଂ ମ୍ୟାଚ୍‌ରେ ଇଂଲଣ୍ଡ ନିକଟରୁ ପରାସ୍ତ ହୋଇଥିବା ବିରାଟ ବାହାନୀ ମଙ୍ଗଳବାର ପଡ଼ୋଶୀ ରାଷ୍ଟ୍ର ବାଂଲାଦେଶକୁ ଭେଟିବାକୁ ଯାଉଛି। ସ୍ଥାନୀୟ ଏଜ୍‌ବାଷ୍ଟନ ଗ୍ରାଉଣ୍ଡରେ ଏହି ମୁକାବିଲା ଅନୁଷ୍ଠିତ ହେବ। ସେମିଫାଇନାଲକୁ ନଜର ପକାଇଲେ ଉଭୟ ଭାରତ ଓ ବାଂଲାଦେଶ ପାଇଁ ଏହି ମ୍ୟାଚ୍ ବେଶ୍ ଗୁରୁତ୍ୱବହନ କରୁଛି। ଭାରତ ଏହି ମ୍ୟାଚ୍ ଜିତିଲେ ସେମିଫାଇନାଲରେ ଏହାର ସ୍ଥାନ ସୁନିଶ୍ଚିତ କରିବ। ଅପରପକ୍ଷରେ ଏବେବି ସେମିଫାଇନାଲ ଆଶା ଉଜ୍ଜୀବିତ ରଖିଥିବା ବାଂଲାଦେଶ ଏହି ମ୍ୟାଚ୍ ଜିତି ଆଉପାଦେ ଆଗେଇବା ଲକ୍ଷ୍ୟରେ ରହିଛି। ତେଣୁ ମଙ୍ଗଳବାର କ୍ରିକେଟ୍‌ପ୍ରେମୀ ଏକ ରୋମାଞ୍ଚକ ମ୍ୟାଚ୍ ଦେଖିବାକୁ ପାଇବେ।

ଏହି ଗୁରୁତ୍ୱପୂର୍ଣ୍ଣ ମୁକାବିଲା ପୂର୍ବରୁ ଭାରତ ପାଇଁ ମିଡ୍ଲ ଅର୍ଡର ଚିନ୍ତାଜନକ ବିଷୟ ହୋଇଛି। ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବା ମଧ୍ୟକ୍ରମ ବ୍ୟାଟ୍ସମ୍ୟାନ କେଦାର ଯାଦବ ଓ ଲେଗ୍-ସ୍ପିନର ଯୁଜବେନ୍ଦ୍ର ଚହଲ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇବା ନେଇ ସନ୍ଦେହ ପ୍ରକାଶ ପାଇଛି। ଆଘାତଜନିତ ସମସ୍ୟାରୁ ମୁକୁଳିଥିବା ତଥା ମ୍ୟାନ୍ ଇନ୍ ଫର୍ମ ଭୁବନେଶ୍ୱର କୁମାର ଓ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କୁ ଟିମ୍ ମ୍ୟାନେଜମେଣ୍ଟ ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରେ ସୁଯୋଗ ଦେବାର ଯଥେଷ୍ଟ ସମ୍ଭାବନା ରହିଛି।


ଅଭ୍ୟାସ୍ ଅବସରରେ ଶାକିବ ଅଲ୍ ହାସନ।

**ଆଜି ବାଂଲା ଟେଷ୍ଟ**

ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତ ବର୍ତ୍ତମାନ ସୁଦ୍ଧା ୭ ମ୍ୟାଚ୍‌ରୁ ୫ ବିଜୟ ସହ ୧୧ ପଏଣ୍ଟ ପାଇ ଟେବୁଲ ତାଲିକାର ୨ୟ ସ୍ଥାନରେ ରହିଛି। ବାଂଲାଦେଶ ବିପକ୍ଷରେ ବିଜୟ ହାସଲ କଲେ ଦଳ ସହଜରେ ଅନ୍ତିମ-୪ରେ ସ୍ଥାନ ପକ୍କା କରିବ। କିନ୍ତୁ ଇଂଲଣ୍ଡ ବିପକ୍ଷ ପରାଜୟର ଗୋଟିଏ ଦିନ ପରେ ଏହି ମ୍ୟାଚ୍ ଖେଳିବାକୁ ଯାଉଥିବାରୁ ଭାରତ ସାମାନ୍ୟ ଚାପରେ ରହିବ। ମଧ୍ୟକ୍ରମରେ କେଦାରଙ୍କ ସମେତ ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ମଧ୍ୟ ଫିନିଶର୍ ଭାବେ ପ୍ରଭାବୀ ପ୍ରଦର୍ଶନ ଛାଡ଼ିବାରେ ବିଫଳ ହୋଇଛନ୍ତି। ଆୟୋଜକ ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ର ଉଭୟ ଧୋନୀ ଓ ଯାଦବ କ୍ରିଜରେ ରହିଥିବାବେଳେ ଭାରତ ଶେଷ ୫ ଓଭରରେ ମାତ୍ର ୩୯ ରନ କରିବାକୁ ସମର୍ଥ ହୋଇଥିଲା। ଉଭୟ ବ୍ୟାଟ୍ସମ୍ୟାନ ବଡ଼ ଶଟ୍ ଖେଳିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିଲେ। ଫଳରେ କେଦାରଙ୍କ ସ୍ଥାନ ଏବେ ଅସୁରକ୍ଷିତ ହୋଇଛି। ଟିମ୍ ମ୍ୟାନେଜମେଣ୍ଟ ପ୍ରଥମଥର ଲାଗି ଚଳିତ ବିଶ୍ୱକପ୍‌ରେ ଜାଡେଜାଙ୍କୁ ଦଳରେ ସାମିଲ କରିପାରନ୍ତି। ଏହି ଦୁଇ ଖେଳାଳିଙ୍କ ମଧ୍ୟରେ ତୁଳନା କଲେ କେଦାରଙ୍କ ବିପକ୍ଷରେ ଜାଡେଜାଙ୍କ ପଲା ଭାରି ରହିବ। କେଦାରଙ୍କ ଅପେକ୍ଷା ଜାଡେଜା ନିମ୍ନକ୍ରମରେ ବଡ଼ ଶଟ୍ ଖେଳିବାର ଦକ୍ଷତା ରଖୁଛନ୍ତି। ସେହିଭଳି ତାଙ୍କର ଉଇକେଟ୍ ଟୁ ଉଇକେଟ୍ ସ୍ପିନ ବୋଲିଂ ଏବଂ ଫିଲ୍ଡର ଯେ କୌଣସି ସ୍ଥାନରେ କ୍ଷେତ୍ରରକ୍ଷଣ କରିବାର ସାମର୍ଥ୍ୟ ତାଙ୍କୁ ଚୂଡ଼ାନ୍ତ ଏକାଦଶରେ ଚୟନ କରିବା ପାଇଁ ଟିମ୍ ମ୍ୟାନେଜମେଣ୍ଟ ପାଇଁ ଏକ ଭଲ ବିକଳ୍ପ। ସେହିଭଳି ତାମିମ ଇକବାଲ, ଶାକିବ ଅଲ୍ ହାସନ, ମୁସଫିକର ରହିମ, ଲିଟନ ଦାସ ଓ ମହମ୍ମଦୁଲ୍ଲାଙ୍କ ପରି ଦକ୍ଷ ବ୍ୟାଟ୍ସମ୍ୟାଙ୍କ ସାମ୍ନାରେ ୨ ରିଷ୍ଟ ସ୍ପିନରଙ୍କ ମଧ୍ୟରୁ ଜଣଙ୍କୁ ଏହି ମ୍ୟାଚ୍‌ରୁ ବାଦ୍ ଦିଆଯାଇପାରେ। ପୂର୍ବ ମ୍ୟାଚରେ ୮୮ ରନ୍ ବ୍ୟୟ କରି ମହଙ୍ଗା ସାବ୍ୟସ୍ତ ହୋଇଥିବା ଚହଲଙ୍କୁ ବାଦ୍ ଦିଆଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଅପରପକ୍ଷରେ ଭୁବନେଶ୍ୱର ଫିଟ୍ ହୋଇଯାଇଥିବାରୁ ଭାରତ ପ୍ରଥମଥର ଲାଗି ଟୁର୍ନାମେଣ୍ଟରେ ୩ ସ୍ପେଶାଲିଷ୍ଟ ପେସ୍ ବୋଲରଙ୍କୁ ନେଇ ପଡ଼ିଆକୁ ଓହ୍ଲାଇବାର ମଧ୍ୟ ଆଶା କରାଯାଉଛି।

ଅପରପକ୍ଷରେ ମାଶ୍ରାଫି ମୋର୍ତାଜାଙ୍କ ନେତୃତ୍ୱାଧୀନ ବାଂଲାଦେଶ ବର୍ତ୍ତମାନ ସୁଦ୍ଧା ୭ ମ୍ୟାଚ୍‌ରୁ ୩ ବିଜୟ ଓ ପରାଜୟ ସହ ୭ ପଏଣ୍ଟ ପାଇ ତାଲିକାର ୬ ନମ୍ବର ସ୍ଥାନରେ ରହିଛି। ସେମିଫାଇନାଲରେ ପ୍ରବେଶ ପାଇଁ ଦଳକୁ ଏହାର ଅନ୍ତିମ ୨ ମ୍ୟାଚ୍‌ରେ ବିଜୟ ଆବଶ୍ୟକ ହେଉଛି। ଯଦି ବାଂଲାଦେଶ ଭାରତ ନିକଟରୁ ପରାସ୍ତ ହୁଏ ତେବେ ସେମିଫାଇନାଲରୁ ବାଦ୍ ପଡ଼ିବା ଏକପ୍ରକାର ନିଶ୍ଚିତ। ଶାକିବ ଟୁର୍ନାମେଣ୍ଟରେ ୪୭୬ ରନ ସହ ୧୦ ଉଇକେଟ୍ ଅକ୍ତିଆର କରି ଶ୍ରେଷ୍ଠ ଫର୍ମରେ ରହିଥିବାରୁ ସେ ଭାରତ ପାଇଁ ବିପଜ୍ଜନକ ସାବ୍ୟସ୍ତ ହୋଇପାରନ୍ତି।

## ଦୁଇଦେଶ ମଧ୍ୟରେ ଦିନିକିଆ ରେକର୍ଡ

ମୋଟ୍ ମ୍ୟାଚ୍- ୩୫
ଭାରତ ଜିତିଛି- ୨୯
ବାଂଲାଦେଶ ଜିତିଛି- ୫
ବିନା ଫଳାଫଳ- ୧
ସର୍ବାଧିକ ଦଳଗତ ସ୍କୋର- ୩୭୦/୪ (ଭାରତ, ୨୦୧୧)
ସର୍ବନିମ୍ନ ଦଳଗତ ସ୍କୋର- ୫୮/୧୦ (ବାଂଲାଦେଶ, ୨୦୧୪)
ସର୍ବାଧିକ ରନ୍ ସଂଗ୍ରହକାରୀ- ବିରାଟ କୋହଲି (୬୫୪ ରନ)
ବ୍ୟକ୍ତିଗତ ସର୍ବାଧିକ ସ୍କୋରର- ବୀରେନ୍ଦ୍ର ସେହ୍ୱାଗ (୧୭୫ ରନ, ୨୦୧୧)
ଦୁଇଦେଶ ମଧ୍ୟରେ ମୋଟ୍ ଶତକ- ୧୭
ସର୍ବାଧିକ ଶତକ- ବିରାଟ କୋହଲି (୩)

- **ଭାରତ:** ବିରାଟ କୋହଲି (ଅଧିନାୟକ), ରୋହିତ୍ ଶର୍ମା, ଲୋକେଶ ରାହୁଲ, ହାର୍ଦ୍ଦିକ ପାଣ୍ଡ୍ୟା, ମହେନ୍ଦ୍ର ସିଂ ଧୋନୀ (ଉଇକେଟ୍‌କିପର), କେଦାର ଯାଦବ, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ସାମି, ଭୁବନେଶ୍ୱର କୁମାର, ରବୀନ୍ଦ୍ର ଜାଡେଜା, ଦୀନେଶ କାର୍ତ୍ତିକ, ରିଷଭ ପନ୍ତ ଓ ମୟଙ୍କ ଅଗ୍ରୱାଲ।
- **ବାଂଲାଦେଶ:** ମାଶ୍ରାଫି ମୋର୍ତାଜା (ଅଧିନାୟକ), ତାମିମ ଇକବାଲ, ସୌମ୍ୟ ସରକାର, ଶାକିବ ଅଲ୍ ହାସନ, ମୁସଫିକର ରହିମ (ଉଇକେଟ୍‌କିପର), ମହମ୍ମଦୁଲ୍ଲା ରିୟାଦ, ଶବିର ରହମାନ, ମେହିଦୀ ହାସନ ମିରାଜ, ମୋସାଡେକ ହୋସେନ, ମହମ୍ମଦ ସୈଫଉଦ୍ଦିନ, ମୁସ୍ତାଫିଜୁର ରେହମାନ, ରୁବେଲ ହୋସେନ, ଲିଟନ ଦାସ, ଆବୁ ଜାୟଦ ଓ ମହମ୍ମଦ ମିଥୁନ

## ବିଶ୍ୱକପ୍‌ରେ ଭାରତ-ବାଂଲାଦେଶ

| ସମୟ | ଫଳାଫଳ | ବ୍ୟବଧାନ | ସ୍ଥାନ | ମ୍ୟାନ୍ ଅଫ୍ ଦି ମ୍ୟାଚ୍ |
|---|---|---|---|---|
| ୧୭ ମାର୍ଚ୍ଚ ୨୦୦୭ | ବାଂଲାଦେଶ ବିଜୟୀ | ୫ ଉଇକେଟରେ | ପୋର୍ଟ ଅଫ୍ ସ୍ପେନ | ମାଶ୍ରାଫି ମୋର୍ତାଜା |
| ୧୯ ଫେବୃୟାରୀ ୨୦୧୧ | ଭାରତ ବିଜୟୀ | ୮୭ ରନ | ମିରପୁର | ବୀରେନ୍ଦ୍ର ସେହ୍ୱାଗ |
| ୧୯ ମାର୍ଚ୍ଚ ୨୦୧୫ | ଭାରତ ବିଜୟୀ | ୧୦୯ ରନ | ମେଲବୋର୍ନ | ରୋହିତ୍ ଶର୍ମା |

# ବିଜୟ ଆଉଟ୍, ମୟଙ୍କଙ୍କୁ ଡାକରା


ମୟଙ୍କ ଅଗ୍ରୱାଲ

**ବର୍ମିଂହାମ, ୧୭(ପି.ଟି.)**

ଆଘାତଜନିତ ସମସ୍ୟା ଚଳିତ ବିଶ୍ୱକପ୍‌ରେ ଭାରତୀୟ ଦଳର ପିଛା ଛାଡୁନାହିଁ। ସଦ୍ୟତମ ଖେଳାଳିଭାବେ ଅଲ୍‌ରାଉଣ୍ଡର ବିଜୟ ଶଙ୍କର ଆହତ ହୋଇ ବିଶ୍ୱକପ୍‌ର ବଳକା ମ୍ୟାଚ୍‌ରୁ ବାଦ୍ ପଡ଼ିଛନ୍ତି। ବିଜୟଙ୍କ ସ୍ଥାନରେ ବଦଳ ଖେଳାଳିଭାବେ କର୍ନାଟକ ଷ୍ଟାଇଲିସ ବ୍ୟାଟ୍ସମ୍ୟାନ ମୟଙ୍କ ଅଗ୍ରୱାଲଙ୍କୁ ଦଳ ସହ ଯୋଗଦେବା ପାଇଁ ଡାକରା ମିଳିଛି। ଫଳରେ ମୟଙ୍କ ଦିନିକିଆ ପଦାର୍ପଣ କରିବାର ଯଥେଷ୍ଟ ସମ୍ଭାବନା ସୃଷ୍ଟି ହୋଇଛି। ଆଘାତଜନିତ ସମସ୍ୟା ଲାଗି ଚଳିତ ବିଶ୍ୱକପ୍‌ରୁ ବାଦ୍ ପଡ଼ିବାରେ ଶଙ୍କର ୨ୟ ଭାରତୀୟ ଖେଳାଳି ହୋଇଛନ୍ତି। ତାଙ୍କ ପୂର୍ବରୁ ଇନ୍‌ଫର୍ମ ଓପନର୍ ଶିଖର ଧାୱନ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍ ଅବସରରେ ବୁଢ଼ା ଆଙ୍ଗୁଠିରେ ଆଘାତ ପାଇ ବିଶ୍ୱକପ୍‌ରୁ ବିଦା ହୋଇଥିଲେ। ତାଙ୍କ ସ୍ଥାନରେ ଯୁବ ଉଇକେଟ୍‌କିପର ରିଷଭ ପନ୍ତ ଦଳ ସହ ଯୋଗଦେଇଥିଲେ।

'ଜୁନ୍ ୧୯ରେ ସାଉଥାମ୍ପଟନରେ ନେଟ୍ସରେ ବ୍ୟାଟିଂ କରୁଥିବାବେଳେ ବିଜୟ ଶଙ୍କରଙ୍କ ଗୋଡ଼ର ବୁଢ଼ା ଆଙ୍ଗୁଠିରେ ବଲ୍ ବାଜିଥିଲା। ଏହାସତ୍ତ୍ୱେ ପରେ ସେ ଆଫଗାନିସ୍ତାନ ଓ ୱେଷ୍ଟଇଣ୍ଡିଜ ବିପକ୍ଷ ମ୍ୟାଚ୍ ଖେଳିଥିଲେ। କିନ୍ତୁ ଜୁନ୍ ୨୭ ମ୍ୟାଚ୍ ପରେ ତାଙ୍କର ଆଘାତଜନିତ ସମସ୍ୟା ଆହୁରି ଗୁରୁତର ହୋଇଥିଲା। ସିଟି ସ୍କାନ ପରେ ତାଙ୍କ ଆଙ୍ଗୁଠିରେ ଗୁରୁତର ସମସ୍ୟା ଥିବା ସ୍ପଷ୍ଟ ହୋଇଥିଲା। ଫଳରେ ତାଙ୍କୁ ଅତିକମ୍‌ରେ ୩ ସପ୍ତାହ ବିଶ୍ରାମ ଆବଶ୍ୟକ ହୋଇଛି ଏବଂ ବିଶ୍ୱକପ୍‌ରୁ ବାଦ୍ ଦିଆଯାଇଛି' ବୋଲି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଶଙ୍କରଙ୍କ ସ୍ଥାନରେ ଅଗ୍ରୱାଲଙ୍କୁ ବଦଳ ଖେଳାଳିଭାବେ ଦଳରେ ନେବା ପାଇଁ ବିସିସିଆଇ ପକ୍ଷରୁ ଯେଉଁ ଅନୁରୋଧ କରାଯାଇଥିଲା ତାହାକୁ ଅନ୍ତର୍ଜାତୀୟ କ୍ରିକେଟ୍ କାଉନସିଲ (ଆଇସିସି) ଅନୁମୋଦନ କରିଛି ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି।

କର୍ନାଟକ ଡାହାଣହାରତୀ ବ୍ୟାଟ୍ସମ୍ୟାନ ମୟଙ୍କ ଗତ ଅଷ୍ଟ୍ରେଲିଆ ବିପକ୍ଷରେ ଟେଷ୍ଟ ପଦାର୍ପଣ କରିଥିଲେ ମଧ୍ୟ ଦିନିକିଆରେ ଖେଳିବାର ସୁଯୋଗ ପାଇ ନାହାନ୍ତି। ନିକଟରେ ଇଂଲଣ୍ଡରେ ଅନୁଷ୍ଠିତ ହୋଇଥିବା ତ୍ରି-ରାଷ୍ଟ୍ରୀୟ ସିରିଜରେ ଭାରତ-ଏ'କୁ ଚାମ୍ପିୟନ କରାଇବାରେ ପ୍ରଭାବୀ ପ୍ରଦର୍ଶନ କରିଥିବା ଯୋଗୁ ୨୮ ବର୍ଷୀୟ ମୟଙ୍କ ନାମକୁ ଚୟନକର୍ତ୍ତାମାନେ ମୋହର ମାରିଛନ୍ତି। ଫଳରେ ମୟଙ୍କ ଏବେ ରୋହିତ୍‌ଙ୍କ ସହ ଇନିଂସ ଓପନ୍ କରିବା ସମ୍ଭାବଦା ସୃଷ୍ଟି ହୋଇଛି। ଯଦି ରିଷଭ ପନ୍ତ ଆଗାମୀ ୨ ମ୍ୟାଚ୍‌ରେ ଆଶାନୁରୂପ ପ୍ରଦର୍ଶନ କରିବାରେ ବିଫଳ ହୁଅନ୍ତି ତେବେ ବର୍ତ୍ତମାନ ଇନିଂସ ଓପନ୍ କରୁଥିବା ଲୋକେଶ ରାହୁଲଙ୍କୁ ୪ ନମ୍ବର ସ୍ଥାନରେ ବ୍ୟାଟିଂ କରିବେ ଏବଂ ମୟଙ୍କଙ୍କୁ ରୋହିତ୍‌ଙ୍କ ସହ ଇନିଂସ ଆରମ୍ଭ ପାଇଁ ସୁଯୋଗ ଦିଆଯାଇପାରେ।

# ଭାରତ ଶ୍ରେଷ୍ଠ ପ୍ରଦର୍ଶନ କରି ନ ଥିଲା

**କରାଚୀ, ୧୭ (ପି.ଟି.):** ରବିବାର ଇଂଲଣ୍ଡ ବିପକ୍ଷ ଆଇସିସି ବିଶ୍ୱକପ୍ ମ୍ୟାଚରେ ଭାରତର ପ୍ରଦର୍ଶନକୁ ନେଇ କେତେଜଣ ପ୍ରଶ୍ନ ଉଠାଇଛନ୍ତି। ମ୍ୟାଚରେ ଭାରତ ଏହାର ଶ୍ରେଷ୍ଠ ପ୍ରଦର୍ଶନ କରି ନ ଥିବା ସେମାନେ କହିଛନ୍ତି। ଇଂଲଣ୍ଡ ଯଦି ଏହି ମ୍ୟାଚରେ ପରାଜିତ ହୋଇଥାନ୍ତା ତେବେ ଦଳ ପାଇଁ ସେମିଫାଇନାଲକୁ ଉନ୍ନୀତ ହେବା କଷ୍ଟକର ହୋଇ ପଡ଼ିଥାନ୍ତା। ମାତ୍ର ଭାରତ ଚେଷ୍ଟା କରିନ ଥିଲା ବୋଲି ପାକିସ୍ତାନର ପୂର୍ବତନ ଖେଳାଳି ଦ୍ୱୟ ସିକନ୍ଦର ବଖତ ଏବଂ ବସିତ୍ ଅଲି ପ୍ରକାଶ କରିଛନ୍ତି। ବସିତ କହିଛନ୍ତି, ବିନା ପ୍ରମାଣରେ ଅବଶ୍ୟ କାହାରି ବିରୋଧରେ ଆମେ ଅଭିଯୋଗ ଆଣିବା ଉଚିତ୍ ହେବନାହିଁ। କିନ୍ତୁ ଖେଳ ପଡ଼ିଆରେ ମୁଁ ଯାହା ଦେଖିଲି, ତାହା ଉପରେ ମତାମତ ରଖୁଛି। ଅନ୍ତିମ ୧୦ ଓଭରରେ ଏମ୍.ଏସ୍. ଧୋନୀ ଯେପରି ବ୍ୟାଟିଂ କଲେ ସେଥିରୁ ଅନେକ କିଛି ଠଉରେଇ ହୋଇଯାଉଛି। କ୍ଲିନ ହିଟର ଭାବେ ପରିଚିତ ଏହି ଖେଳାଳି ଅନ୍ତିମ ଓଭରରେ ମାତ୍ର ଗୋଟିଏ ଛକା ଲଗାଇଥିଲେ। ବୋଧ ହୁଏ ପାକିସ୍ତାନ ସେମିଫାଇନାଲ ଯାଉ ବୋଲି ସେମାନେ ଚାହାନ୍ତି ନାହିଁ। ପୂର୍ବତନ କ୍ରିକେଟର ରଶିଦ ଲତିଫ ମଧ୍ୟ ସମାନ କଥା କହିଛନ୍ତି। ୩୩୮ର କଷ୍ଟସାଧ ବିଜୟ ଲକ୍ଷ୍ୟକୁ ଚେଜ୍ କରିବା ଲାଗି ଭାରତ ପ୍ରୟାସ କରି ନ ଥିଲା ବୋଲି ସେ କହିଛନ୍ତି।

# ଭାରତର ଖେଳୁଆଡ଼ ମନୋଭାବ ଉପରେ ପ୍ରଶ୍ନ ଉଠାଇଲେ ୟୁନିସ

**ଲଣ୍ଡନ,୧୭(ପି.ଟି.)**

ଚଳିତ ବିଶ୍ୱକପ୍‌ରେ ଭାରତୀୟ ଦଳ ୩୧ ରନ୍‌ରେ ଇଂଲଣ୍ଡଠାରୁ ପରାଜୟବରଣ କରିଛି। ଏଥିନେଇ ପୂର୍ବତନ ପାକିସ୍ତାନ ଅଧିନାୟକ ୱାକର ୟୁନିସ ଟିମ୍ ଇଣ୍ଡିଆର ଖେଳୁଆଡ଼ ମନୋଭାବ ଉପରେ ପ୍ରଶ୍ନ ଉଠାଇଛନ୍ତି। ଚିର ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସେମିଫାଇନାଲରେ ପ୍ରବେଶ କରିବା ପାଇଁ ଭାରତୀୟ ଦଳ ଉପରେ ନିର୍ଭର କରୁଥିଲା। ଯଦି ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ର ଫଳାଫଳ ଭାରତୀୟ ଦଳ ସପକ୍ଷରେ ରହିଥାନ୍ତା, ତେବେ ସର୍ଫରାଜ ଅହମ୍ମଦଙ୍କ ଦଳ ନକ୍‌ଆଉଟ୍ ପର୍ଯ୍ୟାୟରେ ସ୍ଥାନ ପାଇବା ସମ୍ଭାବନା ବୃଦ୍ଧି ପାଇଥାନ୍ତା। ୩୩୮ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଭାରତ ସମ୍ପୂର୍ଣ୍ଣ ୫୦ ଓଭର ଖେଳି ୫ ଉଇକେଟ ହରାଇ ୩୦୬ ରନ୍ କରିପାରିଥିଲା। ଭାଷ୍ୟକାର ତଥା ପୂର୍ବତନ କୋଚ୍ ୟୁନିସ ଟୁଇଟ୍ କରିଛନ୍ତି, ତୁମେ କିଏ ଗୁରୁତ୍ୱପୂର୍ଣ୍ଣ ନୁହେଁ। କାର୍ଯ୍ୟ ତୁମକୁ ପରିଚୟ ଦିଏ। ପାକିସ୍ତାନ ଦଳ ସେମିଫାଇନାଲରେ ପ୍ରବେଶ କରିବ କି ନାହିଁ, ତାହା ମୋ ପାଇଁ ଚିନ୍ତାର କାରଣ ନୁହେଁ। କିନ୍ତୁ ମୁଁ ନିଶ୍ଚିତ ଯେ, କେତେଜଣ ଚାମ୍ପିୟନ ଖେଳାଳିଙ୍କ ଖେଳୁଆଡ଼ ମନୋଭାବ ପରୀକ୍ଷା ହୋଇଥିଲା। ଆଉ ସେମାନେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ମ୍ୟାଚ୍ ପୂର୍ବରୁ ପାକିସ୍ତାନକୁ ବିଶ୍ୱକପ୍‌ରୁ ବିଦାକରିବା ଲାଗି ଭାରତୀୟ ଦଳ ଜାଣିଶୁଣି ଇଂଲଣ୍ଡଠାରୁ ପରାଜିତ ହେବ ବୋଲି ପ୍ରାକ୍ତନ ପାକିସ୍ତାନ କ୍ରିକେଟରେ ବାସିତ ଅଲି ଓ ସିକନ୍ଦର ବଖତ ଅଭିଯୋଗ କରିଥିଲେ।



# ଅଭିଷ୍କାଙ୍କ ଶତକ, ଶ୍ରୀଲଙ୍କାର ବିଶାଳ ସ୍କୋର

**ଚେଷ୍ଟର-ଲି-ଷ୍ଟ୍ରିଟ୍, ୧୭ (ପି.ଟି.)**

ଚଳିତ ଆଇସିସି ବିଶ୍ୱକପ୍‌ରେ ସୋମବାର ଖେଳାଯାଇଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ମ୍ୟାଚରେ ଶ୍ରୀଲଙ୍କା ଅଭିଷ୍କା ଫର୍ନାଣ୍ଡୋଙ୍କ ଶତକ ସହାୟତାରେ ୬ ଉଇକେଟ ବିନିମୟରେ ୩୩୮ରନ ସଂଗ୍ରହ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କାର ଆରମ୍ଭ ଉତ୍ସାହଜନକ ଥିଲା। ଫର୍ନାଣ୍ଡୋ ୯ ଚୌକା ଓ ୨ ଛକା ସହ ୧୦୪ ବଲ୍‌ରେ ୧୦୩ ରନ ସଂଗ୍ରହ କରିଥିଲେ। ଚଳିତ ବିଶ୍ୱକପ୍‌ରେ ଶ୍ରୀଲଙ୍କାର ପ୍ରଥମ ଖେଳାଳି ହିସାବରେ ସେ ଶତକ ହାସଲ କରିଥିଲେ। ଓପନର କୁସାଲ ପେରେରା ୫୧ ବଲ୍‌ରୁ ୬୪ରନ କରିଥିଲେ। ଏଥିରେ ତାଙ୍କର ୮ଟି ଚୌକା ସାମିଲ ଥିଲା। ଶ୍ରୀଲଙ୍କା ଇନିଂସ ଗଢି ତୋଳିବାରେ ଫର୍ନାଣ୍ଡୋଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା। ସେ ପ୍ରଥମେ କୁଶାଲ ମେଣ୍ଡିସଙ୍କ ସହିତ ପାର୍ଟନରଶିପ୍‌ରେ ୮୫ ରନ ଯୋଗ କରିବାରେ ସହାୟକ ହୋଇଥିଲେ। ପରେ ସେ ଯଥାକ୍ରମେ ଆଞ୍ଜେଲୋ ମାଥ୍ୟୁସ (୨୬) ଏବଂ ଲାହିରୁ ଥିରିମାନେ (୩୩ ବଲ୍‌ରୁ ୪୫*ରନ)ଙ୍କ ସହିତ ୫୮ ଓ ୬୭ ରନ ଯୋଗ କରିଥିଲେ। ଯାହା ଫଳରେ ଶ୍ରୀଲଙ୍କା ଟୁର୍ନାମେଣ୍ଟରେ ପ୍ରଥମ ଥର ୨୫୦ ସ୍କୋର ଅତିକ୍ରମ କରିବାରେ ସମର୍ଥ ହୋଇଥିଲା। ଉଭୟ ଦଳ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିସାରିଛନ୍ତି। ତେଣୁ ଶ୍ରୀଲଙ୍କା ବିନା ଚାପରେ ଏହି ମ୍ୟାଚ ଖେଳିଥିଲା। ଦଳର ଓପନର ଦ୍ୱୟ କରୁଣାରତ୍ନେ ଏବଂ କୁଶାଲ ପେରେରା ହାତଖୋଲା ବ୍ୟାଟିଂ କରି ପ୍ରଥମ ୧୫ ଓଭରରେ ବିନା କୌଣସି ଉଇକେଟରେ ୯୨ ରନ ଯୋଗ କରିଥିଲେ। କରୁଣାରତ୍ନେ (୩୨)ଙ୍କ ପରେ ବ୍ୟାଟିଂ କରିବାକୁ ଆସିଥିବା କୁଶାଲ ରନ ଆଉଟ ହୋଇଥିଲେ। ପରେ କୁଶାଲ ମେଣ୍ଡିସ ଏବଂ ଫର୍ନାଣ୍ଡୋ ଶ୍ରୀଲଙ୍କା ସ୍କୋରକୁ ୨୦୦ ପାଖାପାଖି ନେଇ ଯାଇଥିଲେ। ମାତ୍ର ୩୨ତମ ଓଭରରେ ମେଣ୍ଡିସ ଫାବିଏନ ଆଲେନ୍‌ଙ୍କ ଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇଯାଇଥିଲେ। ୪୦ତମ ଓଭରରେ ଜାସନ ହୋଲ୍‌ଡରଙ୍କ ଦ୍ୱାରା ବୋଲ୍ଡ ହେବା ପୂର୍ବରୁ ଆଞ୍ଜେଲୋ ମାଥ୍ୟୁସ ୨୦ ବଲ୍‌ରୁ ୨୬ ରନ କରିଥିଲେ। ଫର୍ନାଣ୍ଡୋ ଓ ଥିରିମାନେ ମିଳିତଭାବେ ଶ୍ରୀଲଙ୍କା ସ୍କୋରକୁ ୩୦୦ ଅତିକ୍ରମ କରାଇଥିଲେ। ୪୮ତମ ଓଭରରେ ଫର୍ନାଣ୍ଡୋ କାର୍ଲୋସ ବ୍ରାଥୱେଟ୍‌ଙ୍କ ବୋଲିଂରେ ୨ ରନ ସଂଗ୍ରହ କରି ତାଙ୍କ ଶତକ ପୂରଣ କରିଥିଲେ। କିନ୍ତୁ ଏହା ପରେ ସେ ଶେଲଡନ କୋଟ୍ରେଲଙ୍କ ବୋଲିଂରେ ଆଲେନ୍‌ଙ୍କ ଦ୍ୱାରା କ୍ୟାଚ ଆଉଟ୍ ହୋଇଯାଇଥିଲେ।

**ଆଜିର ମ୍ୟାଚ୍**
**ଭାରତ ବନାମ ବାଂଲାଦେଶ**
ସ୍ଥାନ ବର୍ମିଂହାମ
ସମୟ ଅପରାହ୍ନ ୩ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ


ଶତକ ହାସଲକାରୀ ଶ୍ରୀଲଙ୍କାର ଅଭିଷ୍କା ଫର୍ନାଣ୍ଡୋ।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ | ବିନା ଫଳାଫଳ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|---|
| ଅଷ୍ଟ୍ରେଲିଆ | ୮ | ୭ | ୧ | ୦ | ୦ | ୧୪ | +୧.୦୦୦ |
| **ଭାରତ** | **୭** | **୫** | **୧** | **୦** | **୧** | **୧୧** | **+୦.୮୫୪** |
| ନ୍ୟୁଜିଲାଣ୍ଡ | ୮ | ୫ | ୨ | ୦ | ୧ | ୧୧ | +୦.୫୭୨ |
| ଇଂଲଣ୍ଡ | ୮ | ୫ | ୩ | ୦ | ୦ | ୧୦ | +୧.୦୦୦ |
| ପାକିସ୍ତାନ | ୮ | ୪ | ୩ | ୦ | ୧ | ୯ | -୦.୭୯୨ |
| ବାଂଲାଦେଶ | ୭ | ୩ | ୩ | ୦ | ୧ | ୭ | -୦.୧୩୩ |
| ଶ୍ରୀଲଙ୍କା | ୭ | ୨ | ୩ | ୦ | ୨ | ୬ | -୧.୧୮୬ |
| ଦକ୍ଷିଣ ଆଫ୍ରିକା | ୮ | ୨ | ୫ | ୦ | ୧ | ୫ | -୦.୦୮୦ |
| ୱେଷ୍ଟଇଣ୍ଡିଜ | ୭ | ୧ | ୫ | ୦ | ୧ | ୩ | -୦.୩୨୦ |
| ଆଫଗାନିସ୍ତାନ | ୮ | ୦ | ୮ | ୦ | ୦ | ୦ | -୧.୪୧୮ |

## ସଂକ୍ଷିପ୍ତ ସ୍କୋର

ଶ୍ରୀଲଙ୍କା: ୫୦ ଓଭରରେ ୩୩୮/୬ (ଅଭିଷ୍କା ଫର୍ନାଣ୍ଡୋ-୧୦୪, କୁଶାଲ ପେରେରା-୬୪, ଲାହିରୁ ଥିରିମାନେ-୪୫*,କୁଶାଲ ମେଣ୍ଡିସ-୩୯, ଜାସନ ହୋଲ୍‌ଡର-୨/୫୯, ଫାବିଏନ ଆଲେନ୍-୧/୪୪)।

# ଧିମା ବ୍ୟାଟିଂ: ଧୋନୀଙ୍କ ସପକ୍ଷରେ କୋହଲି

**ବର୍ମିଂହାମ, ୧୭:** ଏଠାରେ ଖେଳାଯାଇଥିବା ଇଂଲଣ୍ଡ ବିପକ୍ଷ ମ୍ୟାଚ୍‌ରେ ଭାରତୀୟ ଦଳ ୩୧ ରନ୍‌ରେ ପରାଜିତ ହୋଇଛି। ଅନ୍ତିମ ଓଭରଗୁଡ଼ିକରେ ମହେନ୍ଦ୍ର ସିଂ ଧୋନୀଙ୍କ ଧିମା ବ୍ୟାଟିଂ ଏହି ପରାଜୟର ମୁଖ୍ୟ କାରଣ ବୋଲି ପୂର୍ବତନ କ୍ରିକେଟର ଓ ପ୍ରଶଂସକ ସମାଲୋଚନା କରୁଛନ୍ତି। ହେଲେ ଭାରତୀୟ ଅଧିନାୟକ ବିରାଟ କୋହଲି ଧୋନୀଙ୍କୁ ସମର୍ଥନ ଦେଇଛନ୍ତି। ଧୋନୀ ବଡ଼ ଶଟ୍ ପାଇଁ ପ୍ରୟାସ କରିଥିଲେ, କିନ୍ତୁ ତାହା ହୋଇ ନ ଥିଲା। ଇଂଲଣ୍ଡ ବୋଲରମାନେ ମାପିଚୁପି ବୋଲିଂ କରିଥିଲେ। ଏଣୁ ଇନିଂସର ଅନ୍ତିମ ଭାଗରେ ବ୍ୟାଟିଂ କରିବା କଷ୍ଟକର ଥିଲା। ପରବର୍ତ୍ତୀ ମ୍ୟାଚ୍‌ରେ ଆମେ ଉନ୍ନତ ପ୍ରଦର୍ଶନ କରିବାକୁ ଉଦ୍ୟମ କରିବୁ ବୋଲି ମ୍ୟାଚ୍ ପରେ କୋହଲି କହିଛନ୍ତି। ସେ ଏଜ୍‌ବାଷ୍ଟନ ଗ୍ରାଉଣ୍ଡକୁ ସମାଲୋଚନା କରି କହିଛନ୍ତି, ଏଭଳି ଫ୍ଲାଟ ପିଚ୍‌ରେ ଟସ୍ ବହୁତ ଗୁରୁତ୍ୱପୂର୍ଣ୍ଣ। ଗ୍ରାଉଣ୍ଡର ଗୋଟିଏ ପକ୍ଷର ସୀମା ବହୁତ ଛୋଟ। ଫଳରେ ଇଂଲଣ୍ଡ ବ୍ୟାଟ୍ସମ୍ୟାନ ଭାରତୀୟ ସ୍ପିନରଙ୍କୁ କ୍ରମାଗତ ସୁଇପ ଶଟ୍ ଲଗାଇଥିଲେ। ମାତ୍ର ମିଟର ୫୯ ବାଉଣ୍ଡ୍ରି ଥିବାରୁ ଏଥିରେ ଫିଲ୍ଡର କିମ୍ବା ବୋଲର କିଛି ପାରି ନ ଥିଲେ।



ପ୍ରଥମଥର ପାଇଁ ପାକିସ୍ତାନ, ବାଂଲାଦେଶ ଓ ଶ୍ରୀଲଙ୍କା ଭଳି ଉପମହାଦେଶର କ୍ରିକେଟ ସମର୍ଥକମାନେ ଭାରତ ବିଜୟ ଲାଗି ପ୍ରାର୍ଥନା କରିଥିଲେ। ମାତ୍ର ଏହା ହୋଇପାରିଲାନି ।
–ସୋଏବ ଅଖତର, ପୂର୍ବତନ ପାକିସ୍ତାନ ଫାଷ୍ଟବୋଲର



ଆଇସିସି ବିଶ୍ୱକପର ଅବଶିଷ୍ଟ ମ୍ୟାଚ ଗୁଡ଼ିକରେ ବିରାଟ କୋହଲି ଓ ରୋହିତ ଶର୍ମାଙ୍କୁ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନମାନେ ଉପଯୁକ୍ତ ସହାୟତା କରିବା ଜରୁରୀ ।
–କ୍ରିଷ୍ଣାମାଚାରୀ ଶ୍ରୀକାନ୍ତ, ପୂର୍ବତନ ଭାରତୀୟ ଅଧିନାୟକ

## ସଂକ୍ଷେପରେ

### କୋହଲି ପ୍ରଥମ ଭାରତୀୟ

**ନୂଆଦିଲ୍ଲୀ,୧।୭:** ବିଶ୍ୱର କୌଣସି ବୋଲିଂ ଲାଇନ ଅପ୍ ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କୁ ରୋକିପାରିବ ନାହିଁ। ବହୁ ରେକର୍ଡ ଅଧିକାରୀ କୋହଲି ରବିବାର ନିଜ କ୍ୟାରିୟରରେ ସଫଳତାର ଆଉ ଏକ ଫର୍ଦ୍ଦ ଯୋଡ଼ିଛନ୍ତି। ଇଂଲଣ୍ଡ ବିପକ୍ଷରେ ବର୍ମିଂହାମଠାରେ ଖେଳାଯାଇଥିବା ବିଶ୍ୱକପ୍ ମ୍ୟାଚ୍‌ରେ ସେ ୬୬ ରନ୍‌ର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଏହା ଥିଲା ଚଳିତ ବିଶ୍ୱକପ୍‌ରେ କୋହଲିଙ୍କ କ୍ୟାରିୟରର କ୍ରମାଗତ ୫ମ ଅର୍ଦ୍ଧଶତକ। ସେ ପ୍ରଥମ ଅଧିନାୟକ ଭାବେ ବିଶ୍ୱକପ୍‌ରେ କ୍ରମାଗତ ୫ ଅର୍ଦ୍ଧଶତକ ହାସଲ କରିଛନ୍ତି। ତେବେ ସେ ପ୍ରଥମ ଭାରତୀୟ ଓ ବିଶ୍ୱର ଦ୍ୱିତୀୟ ବ୍ୟାଟ୍ସମ୍ୟାନ ଭାବେ ବିଶ୍ୱକପ୍‌ରେ କ୍ରମାଗତ ୫ ଅର୍ଦ୍ଧଶତକ ଲଗାଇଛନ୍ତି। ତାଙ୍କ ପୂର୍ବରୁ ଅଷ୍ଟ୍ରେଲିଆର ଷ୍ଟିଭ ସ୍ମିଥ୍ ୨୦୧୫ ବିଶ୍ୱକପ୍‌ରେ ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ଏହି ସଫଳତା ପାଇଥିଲେ। ଏହି ମ୍ୟାଚ୍ ପୂର୍ବରୁ କୋହଲି ଅଷ୍ଟ୍ରେଲିଆ, ପାକିସ୍ତାନ, ଆଫଗାନିସ୍ତାନ ଓ ୱେଷ୍ଟଇଣ୍ଡିଜ ବିପକ୍ଷ ମ୍ୟାଚ୍‌ରେ ଯଥାକ୍ରମେ ୮୨, ୭୭, ୬୭ ଓ ୭୨ ରନ୍ କରିଥିଲେ।

### ଗୁଜରାଟ ରଣଜୀ ଦଳର କୋଚ୍ ବାହୁତୁଲେ

**ବଡୋଦରା,୧।୭(ପି.ଟି.):** ପୂର୍ବତନ ଭାରତୀୟ ଲେଗ୍ ସ୍ପିନର ସାଇରାଜ ବାହୁତୁଲେଙ୍କୁ ଗୁଜରାଟ ଦଳର କୋଚ୍ ଭାବେ ସୋମବାର ନିଯୁକ୍ତ କରାଯାଇଛି। ଏ ନେଇ ଗୁଜରାଟ କ୍ରିକେଟ ଆସୋସିଏଶନ (ଜିସିଏ) ଉପସଭାପତି ପରିମଲ ନାଥୱାନୀ କହିଛନ୍ତି। ୪୬ ବର୍ଷୀୟ ବାହୁତୁଲେ ପୂର୍ବରୁ ବେଙ୍ଗଲ ଭଳି ଦଳକୁ କୋଚିଂ ଦେଇ ସାରିଛନ୍ତି। ମୁମ୍ବାଇରେ ଜନ୍ମିତ ପୂର୍ବତନ କ୍ରିକେଟର ଭାରତ ପାଇଁ ଅନ୍ତର୍ଜାତୀୟ ସ୍ତରରେ ୨ ଟେଷ୍ଟ ଓ ୮ ଦିନିକିଆ ଖେଳିଥିଲେ। ସେ ପ୍ରାୟତଃ ଘରୋଇ କ୍ରିକେଟରେ ସକ୍ରିୟ ଥିଲେ। ୧୮୮ ପ୍ରଥମ ଶ୍ରେଣୀ ମ୍ୟାଚ୍‌ରେ ୬୩୦ ଉଇକେଟ ନେଇଥିଲେ। ପୂର୍ବରୁ ସେ ମୁମ୍ବାଇ ଦଳର କୋଚ୍ ପଦବୀ ଲାଗି ଆବେଦନ କରିଥିଲେ। କିନ୍ତୁ ମୁମ୍ବାଇ କ୍ରିକେଟ ଆସୋସିଏଶନ ଏ ନେଇ କିଛି ନିଷ୍ପତ୍ତି ନେଇନାହିଁ।

### ବୈଭବ ଯାଦବଙ୍କୁ ଡବ୍ଲ୍ୟୁବିସି ଏସିଆ ଟାଇଟଲ

**ନୂଆଦିଲ୍ଲୀ,୧।୭(ପି.ଟି.):** ଭାରତୀୟ ପେଶାଦାର ବକ୍ସର ବୈଭବ ଯାଦବ ଡବ୍ଲ୍ୟୁବିସି ଏସିଆ ସିଲଭର ୱେଲ୍ଟରୱେଟ ଟାଇଟଲ ହାତେଇଛନ୍ତି। ଥାଇଲାଣ୍ଡର ପାଟାୟାଠାରେ ଅନୁଷ୍ଠିତ ମୁକାବିଲାରେ ଘରୋଇ ବକ୍ସର ଫାପେଟ୍‌ଚ ସିଙ୍ଗମାନାସାକଙ୍କୁ ହରାଇ ବୈଭବ ଏହି ସଫଳତା ପାଇଛନ୍ତି। ସେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକଧାରୀ ବିକାଶ କ୍ରିଷ୍ଣନଙ୍କ ସମ୍ପର୍କୀୟ ଭାଇ। ସେ ଏବେ ପେସାଦର ବକ୍ସିଂରେ ଅଂଶଗ୍ରହଣ କରୁଛନ୍ତି। ଉକ୍ତ ଫାଇଟ୍ ଏସିଆନ ବକ୍ସିଂ କଉନ୍ସିଲ ଦ୍ୱାରା ପରିଚାଳନା ହୋଇଥିବାବେଳେ ବିଶ୍ୱ ବକ୍ସିଂ ପରିଷଦ (ଡବ୍ଲୁବିସି) ଏହାକୁ ସ୍ୱୀକୃତି ଦେଇଥିଲା।

## ■ କଟକରେ ରାଜ୍ୟଗୋଷ୍ଠୀ ଟିଟି ଚାମ୍ପିୟନଶିପ୍ ୧୭ରୁ

# ଓଡ଼ିଶା ସରକାର–ଟିଟିଏଫ୍‌ଆଇ ବୁଝାମଣାପତ୍ର ସ୍ୱାକ୍ଷରିତ


**ଭୁବନେଶ୍ୱର, ୧।୭ (ସ୍ପୋର୍ଟ୍ସ ବ୍ୟୁରୋ)**

କଟକର ଜବାହରଲାଲ ନେହେରୁ ଇନ୍‌ଡୋର୍ ଷ୍ଟାଡିୟମରେ ଚଳିତ ମାସ ୧୭ରୁ ୨୨ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ ୨୧ତମ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ (ଟିଟି) ଚାମ୍ପିୟନଶିପ୍। ଏଥିଲାଗି ସୋମବାର ଓଡ଼ିଶା ସରକାର ଟେବୁଲ ଟେନିସ ଫେଡେରେଶନ ଅଫ୍ ଇଣ୍ଡିଆ(ଟିଟିଏଫ୍‌ଆଇ) ଓ ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ (ଓଏସ୍‌ଟିଟିଏ) ସହିତ ଏକ ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ଉପସ୍ଥିତିରେ କ୍ରୀଡ଼ା ଯୁବସେବା ସଚିବ ତଥା କମିଶନର ବିଶାଲ ଦେବ ଟିଟିଏଫ୍‌ଆଇର ସିନିୟର ଉପସଭାପତି ଏସ୍.ଏନ୍. ସୁଲ୍‌ତାନ ଓ ଓଏସଟିଟିଏ ସଭାପତି ଏଲ. ଏନ୍. ଗୁପ୍ତା ଚୁକ୍ତିପତ୍ରରେ ସ୍ୱାକ୍ଷର କରିଥିଲେ। ସମସ୍ତ ୩ ପକ୍ଷର ଅଫିସିଆଲମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ଆମ ସରକାରଙ୍କ ସହିତ ପାର୍ଟନରଶିପ୍‌ରେ ଏହି ସମ୍ମାନଜନକ ଚାମ୍ପିୟନଶିପ୍‌ର ଆୟୋଜନ କରୁଥିବାରୁ ମୁଁ ଭାରତୀୟ ଟେବୁଲ ଟେନିସ ମହାସଂଘ ଏବଂ ରାଜ୍ୟ ଟେବୁଲ ଟେନିସ ଆସୋସିଏଶନକୁ ଶୁଭେଚ୍ଛା ଜଣାଉଛି। ଟେବୁଲ ଟେନିସ୍‌ରେ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନରେ କ୍ରମେ ଉନ୍ନତି ଘଟିବାରେ ଲାଗିଛି। କଟକରେ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ପ୍ରତିଯୋଗିତା ଆୟୋଜନ ରାଜ୍ୟରେ ଏହି ଖେଳର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ସହାୟକ ହେବ। ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରୁଥିବା ଦଳଗୁଡ଼ିକ ଲାଗି ମୁଁ ଶୁଭକାମନା ଜଣାଉଛି। ରାଜ୍ୟ କ୍ରୀଡ଼ା ମନ୍ତ୍ରୀ କହିଥିଲେ, ଏହି ଚାମ୍ପିୟନଶିପ୍‌ରେ ବିଶ୍ୱର କେତେଜଣ ଶ୍ରେଷ୍ଠ ଖେଳାଳି ଅଂଶଗ୍ରହଣ କରୁଛନ୍ତି। ଭାରତୀୟ ଟିଟି ଖେଳାଳିମାନେ ଏସିଆଡ୍ ଏବଂ ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଅଭୁତପୂର୍ବ ସଫଳତା ହାସଲ କରିଛନ୍ତି। ଆସନ୍ତା ଚାମ୍ପିୟନଶିପ୍‌ରେ ସେମାନଙ୍କ ପ୍ରଦର୍ଶନକୁ ନେଇ ଆମର ଉତ୍କଣ୍ଠା ରହିବ। ଆଇଟିଟିଏଫ୍‌ର ନିର୍ଦ୍ଦେଶକ ତଥା ଟିଟିଏଫ୍‌ଆଇର ପରାମର୍ଶଦାତା ଧନରାଜ ଚୌଧାରୀ କହିଥିଲେ ଓଡ଼ିଶା ଇତିମଧ୍ୟରେ ଅନେକ ଅନ୍ତର୍ଜାତୀୟ ଇଭେଣ୍ଟ ସଫଳତାର ସହିତ ଆୟୋଜନ କରି ବିଶ୍ୱ କ୍ରୀଡ଼ାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ୬ ଦିନିଆ ପ୍ରତିଯୋଗିତାର ଆୟୋଜନ ପାଇଁ ରାଜ୍ୟ ସରକାରଙ୍କୁ ଆମେ ଧନ୍ୟବାଦ ଜଣାଉଛୁ। ଅଂଶଗ୍ରହଣକାରୀ ଏବଂ ଦର୍ଶକମାନେ ସକାରାତ୍ମକ ଅଭିଜ୍ଞତା ନେଇ ଫେରିବେ ବୋଲି ଆମର ଦୃଢ ବିଶ୍ୱାସ। ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ ସଭାପତି ଗୁପ୍ତା କହିଛନ୍ତି, ଦେଶର ର୍‍ୟାଙ୍କିଙ୍ଗ ତାଲିକାରେ ଓଡ଼ିଶା ଟେବୁଲ ଟେନିସ୍ ଦଳ ୧୦ମ ସ୍ଥାନରେ ରହିଛି। ରାଜ୍ୟରେ ଏକ ଅନ୍ତର୍ଜାତୀୟ ଟେବୁଲ ଟେନିସ ପ୍ରତିଯୋଗିତାର ଆୟୋଜନ ହେବାକୁ ଯାଉଥିବାରୁ ଏହା ଆମ ଖେଳାଳିମାନଙ୍କୁ ଉତ୍ସାହିତ କରିବ। ସୂଚନାଯୋଗ୍ୟ, ଟୁର୍ନାମେଣ୍ଟରେ ରାଜ୍ୟଗୋଷ୍ଠୀ ଅନ୍ତର୍ଗତ ୧୪ଟି ଦେଶର ଦଳ ଭାଗ ନେବେ। ଭାଗ ନେଉଥିବା ଦେଶଗୁଡ଼ିକ ହେଲେ ଭାରତ, ସିଙ୍ଗାପୁର, ମାଲେସିଆ, ବାଂଲାଦେଶ, ଶ୍ରୀଲଙ୍କା, ଇଂଲଣ୍ଡ, ସ୍କଟଲାଣ୍ଡ, ୱେଲ୍ସ, ଜର୍ସି, ଅଷ୍ଟ୍ରେଲିଆ, ସାଇପ୍ରସ, ଦକ୍ଷିଣ ଆଫ୍ରିକା, ନାଇଜେରିଆ ଓ ପାକିସ୍ତାନ। ଏହି ଚାମ୍ପିୟନଶିପ୍‌ରେ ପୁରୁଷ ଟିମ୍ ଓ ମହିଳା ଟିମ୍ ଇଭେଣ୍ଟ, ପୁରୁଷ ସିଙ୍ଗଲ୍ସ, ମହିଳା ସିଙ୍ଗଲ୍ସ, ପୁରୁଷ ଡବଲ୍ସ, ମହିଳା ଡବଲ୍ସ ଏବଂ ମିକ୍ସଡ ଡବଲ୍ସ ଇଭେଣ୍ଟ ହେବ।




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ବୁଝାମଣାପତ୍ର ସ୍ୱାକ୍ଷରିତ।

### ସ୍ୱତନ୍ତ୍ର କ୍ଲବ୍‌ରେ ସାମି



**ନୂଆଦିଲ୍ଲୀ,୧।୭:** ଭାରତୀୟ ପେସର ମହମ୍ମଦ ସାମି ଇଂଲଣ୍ଡ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ୫ ଉଇକେଟ ନେଇଛନ୍ତି। ଏଥିସହିତ ସେ ବିଶ୍ୱକପ୍‌ରେ କ୍ରମାଗତ ୩ଥର ୪ କିମ୍ବା ତା'ଠାରୁ ଊର୍ଦ୍ଧ୍ୱ ଉଇକେଟ ନେଇଥିବା ବୋଲରଙ୍କ କ୍ଲବ୍‌ରେ ସ୍ଥାନ ପାଇଛନ୍ତି। ସାମିଙ୍କ ବ୍ୟତୀତ ପାକିସ୍ତାନର ପୂର୍ବତନ ସ୍ପିନର ଶାହିଦ ଆଫ୍ରିଦୀ ଏହି କ୍ଲବ୍‌ରେ ରହିଛନ୍ତି। ଆଫ୍ରିଦୀ ୨୦୧୧ ବିଶ୍ୱକପ୍‌ରେ କ୍ରମାଗତ ୩ ମ୍ୟାଚ୍‌ରେ ୪ ଉଇକେଟ ନେଇଥିଲେ। ସାମି ଇଂଲଣ୍ଡ ବିପକ୍ଷରେ ୬୯ ରନ୍ ବ୍ୟୟକରି ଜନି ବେୟାରଷ୍ଟୋ, ଜୋ ରୁଟ୍, ଇଆନ ମୋର୍ଗାନ, ଜୋସ୍ ବଟଲର ଓ କ୍ରିସ୍ ୱୋକ୍ସଙ୍କ ଉଇକେଟ ହାସଲ କରିଥିଲେ। ଏହା ତାଙ୍କ କ୍ୟାରିୟରର ଶ୍ରେଷ୍ଠ ସ୍ପେଲ୍। ଏହି ମ୍ୟାଚ୍ ପୂର୍ବରୁ ୨୮ ବର୍ଷୀୟ ବୋଲର ୱେଷ୍ଟଇଣ୍ଡିଜ ଓ ଆଫଗାନିସ୍ତାନ ବିପକ୍ଷରେ ୪ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

## ଭର୍ଷ୍ଟାପେନ ଚାମ୍ପିୟନ




**ସ୍ପିଏଲ୍‌ବର୍ଗ (ଅଷ୍ଟ୍ରିଆ), ୧।୭ (ଏଏଫ୍‌ପି)**

ରବିବାର ଏଠାରେ ଅନୁଷ୍ଠିତ ଫର୍ମୁଲା ୱାନ ରେସ୍ ଅଷ୍ଟ୍ରିଆନ ଗ୍ରାଁ ପ୍ରି ପ୍ରତିଯୋଗିତାରେ ରେଡ୍ ବୁଲ୍ ଡ୍ରାଇଭର ମାକ୍ସ ଭର୍ଷ୍ଟାପେନ ଚାମ୍ପିୟନ ହୋଇଛନ୍ତି। ରେସ୍ ଆରମ୍ଭରୁ ଖରାପ ପ୍ରଦର୍ଶନ କରିଥିଲେ ମଧ୍ୟ ଅନ୍ତିମ ୨ ଲ୍ୟାପ୍‌ରେ ଫେରାରିର ଚାର୍ଲସ ଲେକ୍‌ଲର୍କଙ୍କୁ ପଛରେ ପକାଇ ଭର୍ଷ୍ଟାପେନ ବାଜିମାତ୍ କରିନେଇଥିଲେ। ୨୧ ବର୍ଷୀୟ ବେଲଜିଆନ ଡ୍ରାଇଭର ଭର୍ଷ୍ଟାପେନଙ୍କ କ୍ୟାରିୟରର ଏହା ୬ଷ୍ଠ ବିଜୟ ଥିଲା। ୭୧ ଲ୍ୟାପ୍ ବିଶିଷ୍ଟ (ପ୍ରତି ଲ୍ୟାପ୍= ୪.୩୧୮ କି.ମି.) ଏହି ରେସ୍‌କୁ ସେ ମୋଟ୍ ଏକ ଘଣ୍ଟା ୨୨ ମିନିଟ୍ ୧.୮୨୨ ସେକେଣ୍ଡରେ ଅତିକ୍ରମ କରି ପ୍ରଥମ ସ୍ଥାନ ହାସଲ କରିଥିଲେ। ଫେରାରୀର ଚାର୍ଲସ ଲେକ୍‌ଲର୍କ +୨.୭୨୪ ସେକେଣ୍ଡ ଅଧିକ ସମୟ ନେଇ ୨ୟ ଓ ମର୍ସିଡିଜ ଡ୍ରାଇଭର ଭାଲଟେରି ବୋଟ୍ଟାସ (+୧୮.୯୬୦) ୩ୟ ସ୍ଥାନରେ ରହିଥିଲେ। ଏହି ବିଜୟ ସହ ଭର୍ଷ୍ଟାପେନ ମର୍ସିଡିଜର ଅପରାଜେୟ ଧାରାରେ ରୋକ୍ ଲଗାଇବାରେ ସଫଳ ହୋଇଛନ୍ତି। ଅନ୍ୟତମ ମର୍ସିଡିଜ ଡ୍ରାଇଭର ତଥା ପାଞ୍ଚଥରର ଚାମ୍ପିୟନ ଲୁଇସ ହାମିଲଟନ ତାଲିକାର ୫ମ ସ୍ଥାନରେ ରହି ରେସ୍ ଶେଷ କରିଥିଲେ।

## ଜୋକୋଭିଚ୍, ଆଣ୍ଡରସନ ଦ୍ୱିତୀୟ ରାଉଣ୍ଡରେ

**ଲଣ୍ଡନ, ୧।୭**


ବର୍ଷର ତୃତୀୟ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତା ୱିମ୍ବେଲଡନ ଓପନ ସୋମବାରଠାରୁ ଆରମ୍ଭ ହୋଇଛି। ଏହାର ପୁରୁଷ ସିଙ୍ଗଲ୍ସରେ ସର୍ବିୟାର ନୋଭାକ ଜୋକୋଭିଚ୍ ଓ ଦକ୍ଷିଣଆଫ୍ରିକାର କେଭିନ ଆଣ୍ଡରସନ ପ୍ରମୁଖ ସହଜ ବିଜୟ ସହ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଜୋକୋଭିଚ୍ ପ୍ରଥମ ରାଉଣ୍ଡରେ ଜର୍ମାନୀର କୋଲଶ୍ରୈବରଙ୍କୁ ୬–୩, ୭–୫ ୬–୩ ସେଟରେ ପରାସ୍ତ କରିଛନ୍ତି। ସେହିପରି ଆଣ୍ଡରସନ ୬–୩, ୬–୪, ୬–୨ ସେଟରେ ପିଏରେ–ହ୍ୟୁଗ୍ସ ହର୍ବର୍ଟଙ୍କୁ ହରାଇ ଦେଇଛନ୍ତି। ସୁଇଜରଲାଣ୍ଡର ଷ୍ଟାନ ୱାରିଙ୍କା ୬୩, ୬–୨ ୬–୨ ସେଟରେ ରୁବେନ ବେମେଲମାନ୍ସଙ୍କୁ ପରାସ୍ତ କରିଛନ୍ତି। ମହିଳା ସିଙ୍ଗଲ୍ସରେ ଆମେରିକାର ମାଡିସନ କିଜ୍ ୬–୩, ୬–୨ ସେଟ୍‌ରେ ଥାଇଲାଣ୍ଡର ଲୁକସିକା କୁମଖୁମ୍‌ଙ୍କୁ ହରାଇ ଅଭିଯାନ ଆରମ୍ଭ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏଲିନା ସ୍ୱିତୋଲିନା ୭–୫, ୬–୦ରେ ଡାରିଆ ଗାଭ୍ରିଲୋଭାଙ୍କୁ, ସିମୋନା ହାଲେପ ୬–୪, ୭–୫ ସେଟ୍‌ରେ ଆଲେକସାଣ୍ଡ୍ରା ସାସ୍‌ନୋଭିଚ୍, ଆନାସ୍ତାସିଜା ସେବାସ୍ତୋଭା ୬–୩, ୬–୪ରେ କ୍ରିଷ୍ଟି ଆହନ, କାରୋଲିନା ପ୍ଲିସକୋଭା ୬–୨, ୭–୬(୭/୪) ସେଟ୍‌ରେ ଝୁ ଲିନ୍‌ଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି।



ମାଡିସନ କିଜ୍ ରିଟର୍ନ ଶଟ୍ ଖେଳୁଛନ୍ତି।



ବିଜୟ ହାସଲ ପରେ କେଭିନ ଆଣ୍ଡରସନ।



ଟ୍ରଫି ସହ ଚାମ୍ପିୟନ ସ୍ପେନ୍ ଖେଳାଳିଙ୍କ ସେଲିବ୍ରେଶନ୍।

## ସ୍ପେନ୍ ୫ମ ଥର ୟୁରୋପ ଚାମ୍ପିୟନ

**ଉଡିନେ (ଇଟାଲି), ୧।୭ (ଏଏଫ୍‌ପି):** ଗତଥରର ଚାମ୍ପିୟନ ଜର୍ମାନୀକୁ ୨–୧ ଗୋଲରେ ପରାସ୍ତ କରି ସ୍ପେନ୍ ୨୧ ବର୍ଷରୁ କମ୍ ୟୁରୋପିଆନ ଫୁଟ୍‌ବଲ ଚାମ୍ପିୟନଶିପ୍ ଟାଇଟଲ ହାସଲ କରିଛି। ବିଜୟୀ ଦଳ ପକ୍ଷରୁ ଫାବିଏନ ରୁଇଜ୍ (୭ମ ମିନିଟ) ଓ ଡାନି ଓଲ୍‌ମୋ (୬୯ତମ ମିନିଟ) ଗୋଲ ସ୍କୋର କରିଥିଲେ। ପରାଜିତ ଦଳ ପକ୍ଷରୁ ମ୍ୟାଚ ଶେଷ ହେବାକୁ ଆଉ ୨ ମିନିଟ ସମୟ ବାକି ଥିବାବେଳେ ନାଦିମ ଆମ୍‌ରି ଏକ ଗୋଲ ସ୍କୋର କରିଥିଲେ।

**୨୧ ବର୍ଷରୁ କମ୍ ଫୁଟ୍‌ବଲ**

ଏହି ବିଜୟ ଦ୍ୱାରା ଦୁଇ ବର୍ଷ ପୂର୍ବେ ଫାଇନାଲରେ ଜର୍ମାନୀ ନିକଟରୁ ୧–୦ ଗୋଲରେ ପରାଜୟର ପ୍ରତିଶୋଧ ନେଇ ପାରିଛି ସ୍ପେନ୍। ୨୦୧୩ ପରେ ସ୍ପେନ୍ ପୁଣି ଚାମ୍ପିୟନ ହୋଇପାରିଛି। ଏଥିସହିତ ୫ଥର ୨୧ ବର୍ଷରୁ କମ୍ ୟୁରୋପିଆନ ଫୁଟ୍‌ବଲ ଚାମ୍ପିୟନଶିପ୍ ଟାଇଟଲ ଜିତିବାରେ ଇଟାଲୀ ସହିତ ସମକକ୍ଷ ହୋଇ ପାରିଛି। ଜର୍ମାନୀ କୋଚ୍ ଷ୍ଟିଫାନ୍ କୁଣ୍ଡ୍ସ କହିଛନ୍ତି ମ୍ୟାଚ ଜିତିପାରି ନ ଥିବାରୁ ଆମେ ଦୁଃଖିତ, କିନ୍ତୁ ସ୍ପେନ ଆମଠାରୁ ଭଲ ଖେଳିଥିଲା।

## ପରାଜୟରୁ ଭାରତ ଶିଖିବା ଉଚିତ

**ସୌରଭ ଗାଙ୍ଗୁଲି**

ବିଶ୍ୱକପରେ କୌଣସି ଦଳ ଅପରାଜେୟ ଭାବେ ଆଗକୁ ବଢ଼ିବା କ୍ୱଚିତ ଦେଖିବାକୁ ମିଳିଥାଏ। ଚଳିତ ଥର ମଧ୍ୟ ତାହା ଦେଖିବାକୁ ମିଳିଲା। ଅପରାଜେୟଭାବେ ଆଗଉଥିବା ଭାରତ ଇଂଲଣ୍ଡଠାରୁ ପରାଜିତ ହେଲା। ତେବେ ଭାରତ ଏହି ପରାଜୟରୁ ଶିକ୍ଷାଲାଭ କରି ସଫଳ ପ୍ରତ୍ୟାବର୍ତ୍ତନ କରିବାନେଇ ମୁଁ ଆଶାବାଦୀ। ଭାରତର ସେମିଫାଇନାଲ ପ୍ରବେଶ କେବଳ ସମୟ ଉପରେ ନିର୍ଭର କରୁଛି। ବର୍ତ୍ତମାନର ଫର୍ମାଟ ଅନୁସାରେ ପଏଣ୍ଟ ଅପେକ୍ଷା ଶୀର୍ଷ ୪ ଦଳ ନିର୍ଦ୍ଦିଷ୍ଟ ଦିବସରେ କିପରି ପ୍ରଦର୍ଶନ କରୁଛନ୍ତି ତା' ଉପରେ ଅନେକ କିଛି ନିର୍ଭର କରିବ। ୨୦୧୧ ବିଶ୍ୱକପ ଅଭିଜ୍ଞତା ଦୃଷ୍ଟିରୁ ଭାରତୀୟ ଦଳ ନିଜ ଉପରେ ଭରସା ରଖିବା ଉଚିତ। ଗ୍ରୁପ ପର୍ଯ୍ୟାୟରେ ଦଳ ଦକ୍ଷିଣ ଆଫ୍ରିକାଠାରୁ ହାରିଥିଲେ ହେଁ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ବିଶ୍ୱକପ ଚାମ୍ପିୟନ ହୋଇଥିଲା।

ଇଂଲଣ୍ଡ ପାଇଁ ଏହି ମ୍ୟାଚ ଜିତିବା ଜରୁରୀ ଥିଲା। ଏକଦିବସୀୟ କ୍ରିକେଟରେ ଏଭଳି ପ୍ରଦର୍ଶନ ପାଇଁ ସେମାନେ ଗତ କିଛିବର୍ଷଧରି ନିଜକୁ ପ୍ରସ୍ତୁତ କରି ଆସୁଥିଲେ। ଜାସନ ରୟଙ୍କ ପ୍ରତ୍ୟାବର୍ତ୍ତନ ଦଳପାଇଁ ବେଶ୍ ଉପାଦେୟ ସାବ୍ୟସ୍ତ ହେଲା। ଜାସନ ଓ ଜନି ବେୟାରଷ୍ଟୋ ବଢ଼ିଆ ଖେଳି ଭାରତ ହାତରୁ ମ୍ୟାଚ ଛଡ଼ାଇ ନେଇଥିଲେ। ଅନ୍ୟ ଦଳର ଖେଳାଳିମାନେ ଯାହା କରିପାରି ନ ଥିଲେ ତାହା ସେମାନେ କରି ଦେଖାଇଲେ। ସେମାନେ ବୁମ୍‌ରା ଓ ସାମିଙ୍କ ବିପକ୍ଷରେ ସକାରାତ୍ମକ ଖେଳି ସ୍ପିନରଙ୍କ ଉପରେ ଚାପ ପ୍ରୟୋଗ କରିଥିଲେ। ପ୍ରଥମ ୧୦ ଓଭର ସେମାନେ ଉଇକେଟ ହରାଇବାକୁ ଦେଇ ନ ଥିଲେ। ଅନ୍ୟପକ୍ଷରେ ଭାରତ ଏହି ପରାଜୟରୁ ଶିକ୍ଷାଲାଭ କରିବା ଉଚିତ। ଚଳିତ ବିଶ୍ୱକପରେ କୌଣସି ଦଳ ପ୍ରଥମଥରପାଇଁ ଟସ ଜିତି ଭାରତକୁ ପ୍ରଥମେ ପ୍ରଥମେ ବୋଲିଂ କରିବାକୁ ନିମନ୍ତ୍ରଣ କଲା। ଏପରି ଚ୍ୟାଲେଞ୍ଜ ଭାରତୀୟ ଦଳ ପୂର୍ବରୁ କେବେ ପାଇ ନଥିଲା। ଏଥିରେ ଦଳ ଅସଫଳ ହୋଇଥିବାରୁ ଭବିଷ୍ୟତରେ ରନ ଚେଜ ପାଇଁ ଯୋଜନା ପ୍ରସ୍ତୁତ କରିବା ଉଚିତ।

ରୋହିତ ଶର୍ମା ଓ ବିରାଟ କୋହଲି ପୁଣି ଚମତ୍କାର ଖେଳିଲେ। ରୋହିତଙ୍କ ପାଇଁ ଏହି ବିଶ୍ୱକପ ସ୍ମରଣୀୟ ହୋଇଛି। ସେ ଓ କୋହଲି ସହଜରେ ଖେଳିଥିଲେ ସତ, ମାତ୍ର ପ୍ରଥମ ୧୦ ଓଭର ସଂଘର୍ଷ କରିଥିଲେ ବୋଲି ନିଶ୍ଚିତ ସ୍ୱୀକାର କରିବେ। ମିଡଲ ଅର୍ଡରକୁ ନେଇ ଅନେକ ଆଲୋଚନା ହେଉଛି। ମାତ୍ର ସବୁକିଛି ଠିକ୍ ଅଛି ବୋଲି ମୋର ଅନୁଭବ ହେଉଛି। ରିଷଭ ପନ୍ତ ପ୍ରଥମ ମ୍ୟାଚରେ ଭଲ ଖେଳିଛନ୍ତି। ତାଙ୍କ ଉପସ୍ଥିତିରେ ବୃହତ୍ ରନ ଚେଜ୍ କ୍ଷେତ୍ରରେ କୋହଲି ଓ ରୋହିତ ଅଧିକ ଆକ୍ରମଣାତ୍ମକ ଖେଳି ପାରିବେ।

ଇଂଲଣ୍ଡ ବିପକ୍ଷ ମ୍ୟାଚରେ ଭାରତ ଆଉଟିକେ ଆଗରୁ ବିଶେଷ କରି ଶେଷ ୭ ଓଭରରେ ଉଦ୍ୟମକୁ ଜୋରଦାର କରିବାର ଥିଲା। ସେମାନଙ୍କୁ ରନର ପାହାଡ ଚଢ଼ିବାକୁ ଥିବାବେଳେ ଉଭୟ ପ୍ଲଙ୍କେଟ ଓ ଆର୍ଚେର ତାହା ହେବାକୁ ଦେଇ ନ ଥିଲେ। ଏପରି ସ୍ଥିତିରେ ଧୋନୀ ଓ ଯାଦବ ପ୍ରତି ଓଭରରେ ଗୋଟିଏ ଲେଖାଏ ଚୌକା ମାରିବାର ଥିଲା। ମାତ୍ର ଦୁର୍ଭାଗ୍ୟଜନକଭାବେ ତାହା ହୋଇପାରି ନ ଥିଲା। ଏହାର ପ୍ରତିଫଳନ ଖବରଦାତା ସମ୍ମିଳନୀରେ ଦେଖିବାକୁ ମିଳିଥିଲା। କୋହଲି ନିରାଶବ୍ୟକ୍ତ କରିଥିଲେ। ଏହା କରିବାର ସମ୍ପୂର୍ଣ୍ଣ ଅଧିକାର କୋହଲିଙ୍କର ରହିଛି।

–(ଗେମ୍‌ପ୍ଲାନ)

SEAGRAM'S
ROYAL STAG
MEGA MUSIC CDs

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. | ବ୍ରହ୍ମପୁର, ମଙ୍ଗଳବାର, ଜୁଲାଇ ୨/୨୦୧୯ | Berhampur, Tuesday, July 2/ 2019

# ଗାଇଡ୍‌ଲାଇନ ଜାରି କଲା ଜିଲା ସ୍ୱାସ୍ଥ୍ୟ ବିଭାଗ

ଫୁଲବାଣୀ ଅଫିସ, ୧୭

କନ୍ଧମାଳ ଜିଲା ଦାରିଙ୍ଗିବାଡି ବ୍ଲକରେ ଦୁଇ ଦିନ ତଳେ ଖଟିଆରେ ମୃତଦେହ ବୁହାଯିବା ଘଟଣା ପରେ ଜିଲା ପ୍ରଶାସନର ଚେତା ପଶିଛି । ସୋମବାର ଜିଲା ସ୍ୱାସ୍ଥ୍ୟ ବିଭାଗ ଡାକ୍ତରଖାନାରୁ ମୃତଦେହ ନେବା ପାଇଁ ଗାଇଡଲାଇନ ଜାରି କରିଛି । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଗତ ୨୯ରେ ପତ୍ର ସଂଖ୍ୟା ୭୫୪୨ରେ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ ଡାକ୍ତରଖାନା ଓ ଜିଲା ମୁଖ୍ୟ ଡାକ୍ତରଖାନାର ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ଏ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି। ଯଦି କୌଣସି ରୋଗୀଙ୍କର ଜିଲା ମୁଖ୍ୟ ଡାକ୍ତରଖାନା କିମ୍ବା ବାଲିଗୁଡା ଉପଖଣ୍ଡ ଡାକ୍ତରଖାନାରେ ମୃତ୍ୟୁ ଘଟେ, ତାହାଲେ ମୃତଦେହକୁ ଫୁଲବାଣୀ ପୌର ପରିଷଦ କିମ୍ବା ବାଲିଗୁଡା ଏନଏସି କାର୍ଯ୍ୟାଳୟରେ

### ଖଟିଆରେ ମୃତଦେହ ବୁହା ହେବା ଘଟଣା

ଥିବା ମହାପ୍ରାୟାଣ ଗାଡି ଜିଲା ଭିତରେ ମୃତକଙ୍କ ଘର ପର୍ଯ୍ୟନ୍ତ ନେବ। ଏଥିପାଇଁ ଧାର୍ଯ୍ୟ ମୁତାବକ ଅର୍ଥ ଦେବାକୁ ହେବ। ଯଦି ମୃତକଙ୍କ ପରିବାର ଲୋକେ ଅର୍ଥ ଦେବାକୁ ଅସମର୍ଥ ଥିବେ ତେବେ ତାଙ୍କ ସମ୍ପର୍କୀୟଙ୍କ ଅନୁରୋଧକ୍ରମେ ଏବଂ ଡାକ୍ତରଖାନା ଅଧୀକ୍ଷକ ଯଦି ଉଚିତ ମଣିବେ ତେବେ ମୃତଦେହକୁ ମହାପ୍ରାୟାଣ ଗାଡିରେ ମାଗଣାରେ ପଠାଯିବ । ଏହି ଧାର୍ଯ୍ୟ ଅର୍ଥ ରେଡକ୍ରସ ଫଣ୍ଡରୁ ବହନ କରାଯିବ । ଯଦି ମୃତଙ୍କ ସମ୍ପର୍କୀୟ ନିଜ ଦାୟିତ୍ୱରେ ମୃତଦେହ ନେବାକୁ ଚାହିଁବେ ତେବେ କେବଳ ୩ କିମ୍ବା ୪ ଚକିଆ ଗାଡିରେ ନେବା ପାଇଁ ଅଣ୍ଡରଟେକିଂ ଲେଖି ଛଡାଯିବ। ଏ ସମସ୍ତ ଏକ ରେଜିଷ୍ଟରରେ ଲିପିବଦ୍ଧ ରହିବ । ସେହିପରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କିମ୍ବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ କୌଣସି ରୋଗୀଙ୍କର ମୃତ୍ୟୁ ହୁଏ ଏବଂ ମୃତ ବ୍ୟକ୍ତିଙ୍କ ସମ୍ପର୍କୀୟ ମୃତଦେହକୁ ନେବାକୁ ଚାହିଁବେ ତେବେ ୩ କିମ୍ବା ୪ ଚକିଆ ଗାଡିରେ ନେବା ପାଇଁ ଅଣ୍ଡର ଟେକିଂ ଲେଖିଦେଇ ନେବେ। ଯଦି ଆର୍ଥିକ କାରଣରୁ ଶବ ନେବାକୁ ଅସମର୍ଥ ଥିବେ ତେବେ ସମ୍ପର୍କୀୟଙ୍କ ଅନୁରୋଧ କ୍ରମେ ବିଡିଓଙ୍କୁ ଜଣାଇବେ। ବିଡିଓ ସ୍ଥାନୀୟ ଥାନାଧିକାରୀ କିମ୍ବା ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହଯୋଗରେ ମୃତଦେହକୁ ପଠାଇବା ବ୍ୟବସ୍ଥା କରିବେ । ଏଥିପାଇଁ ଯାହା ଖର୍ଚ୍ଚ ହୋଇଥିବ ତାହା ରୋଗୀ କଲ୍ୟାଣ ସମିତିରୁ ଭରଣା କରାଯିବ । ଏନେଇ ସମ୍ପୃକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଦାୟିତ୍ୱରେ ଥିବା ଡାକ୍ତର ସେମାନଙ୍କ ଅଧିକାରୀ ଓ କର୍ମଚାରୀଙ୍କୁ ଘଟଣା ନେଇ ସଚେତନ କରାଇବେ। ଏଥିରେ ଯଦି କେଉଁଠି ଖିଲାପ ହୁଏ ତେବେ ସମ୍ପୃକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଦାୟୀ ରହିବେ ବୋଲି ଗାଇଡ ଲାଇନରେ ଉଲ୍ଲେଖ ରହିଛି ।




## ସଂକ୍ଷେପରେ

### ପଞ୍ଚାୟତ ହାଇସ୍କୁଲରେ ଯୋଗ ଶିବିର

ଜି.ଉଦୟଗିରି, ୧୭(ଡି.ଏନ.ଏ.)-ଜି.ଉଦୟଗିରି ନିକଟସ୍ଥ ରଟିଙ୍ଗିଆ ପଞ୍ଚାୟତ ହାଇସ୍କୁଲ ଏବଂ ରଟିଙ୍ଗିଆ ଉପ୍ରା ବିଦ୍ୟାଳୟରେ ଶନିବାର ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଚତୁର୍ଭୁଜ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ପତଞ୍ଜଳି ଯୋଗ ସମିତି ଜିଲା ଯୋଗ ପ୍ରଭାରୀ ବଟକୃଷ୍ଣ ଦାଶଙ୍କ ସହ ଯୋଗ ଶିକ୍ଷକ ରାଜେନ୍ଦ୍ର କୁମାର ମହାପାତ୍ର ଯୋଗ ଓ ପ୍ରାଣାୟମ ଶିକ୍ଷା ପ୍ରଦାନ କରିଥିଲେ। ସମିତି ପକ୍ଷରୁ ଅରୁଣ କୁମାର ଷଡ଼ଙ୍ଗୀ, ଅଶୋକ କୁମାର ପାତ୍ର, ବିନୋଦ ବିହାରୀ ଦାଶ ପ୍ରମୁଖ ସହଯୋଗ କରିଥିଲେ। ଶତାଧିକ ଛାତ୍ରୀଛାତ୍ର ସୂର୍ଯ୍ୟ ନମସ୍କାର କରିବା ସହ ଉଷ୍ଟ୍ରିକା, କପାଳଭାତି, ଅନୁଲୋମ ବିଲୋମ, ଭ୍ରାମରୀ, ଉଦ୍‌ଗୀତ, ପ୍ରଣବ ଆଦି ପ୍ରାଣାୟାମ ଅଭ୍ୟାସ କରିଥିଲେ।

### ରତେଶ ହତ୍ୟାକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଫୁଲବାଣୀ ଅଫିସ, ୧୭ - ଶିଶୁ ରତେଶ ପ୍ରଧାନଙ୍କ ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ସ୍ୱତନ୍ତ୍ର କୋର୍ଟ ଜରିଆରେ ତୁରନ୍ତ ବିଚାର କରି ଫାଶୀ ଦେବା, ଘଟଣାର ସିବିଆଇ ତଦନ୍ତ ଏବଂ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସୋମବାର ଦାରିଙ୍ଗବାଡି ଅଞ୍ଚଳର ଲୋକେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଲୋକଙ୍କର ପ୍ରଶାସନ ଏବଂ ଆଇନ ଉପରେ ଭରସା ରହିବ ବୋଲି କହିଛନ୍ତି । ରତେଶଙ୍କ ଆଖି ଓ କିଡନୀ ନ ଥିବାରୁ ଘଟଣା ରହସ୍ୟାବୃତ୍ତ ହୋଇପଡିଛି। ରତେଶଙ୍କୁ ତାଙ୍କ ସମ୍ପର୍କୀୟମାନେ ହତ୍ୟା କରିଛନ୍ତି। ଏଥିସହ ରତେଶଙ୍କ ବାପା ଦେବାନନ୍ଦ ଜଣେ ଦିନ ମଜୁରିଆ। ତାଙ୍କୁ ସରକାରୀ ନିୟମ ମୁତାବକ ସାହାଯ୍ୟ ଏ ପର୍ଯ୍ୟନ୍ତ ପ୍ରଦାନ କରାଗଲା ନାହିଁ। ତେଣୁ ପ୍ରଶାସନ ଉପରେ ଭରସା ତୁଟିବାରେ ଲାଗିଛି। ରତେଶଙ୍କୁ ନ୍ୟାୟ ପ୍ରଦାନ ଆମର ଦାବି ବୋଲି ସାମାଜିକ କର୍ମୀ କୃଷ୍ଣ ଦିଗାଲ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ, ମେ ୫ରେ ଶିଶୁ ରତେଶଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ତାଙ୍କ ଆଖି ଓ କିଡନୀ ନ ଥିଲା । ସରଶୀଳା ପ୍ରଧାନ, କୁସୁମ ପ୍ରଧାନ, ରିଙ୍କି ପ୍ରଧାନ ଓ ଲୁସିମା ପ୍ରଧାନଙ୍କ ସମେତ ଅନ୍ୟମାନେ ଆସି ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

### କାର ଛାଡ଼ି ପଳାଇଲେ ଦୁର୍ବୃତ୍ତ, ତଦନ୍ତ ଆରମ୍ଭ

ଦାରିଙ୍ଗବାଡ଼ି, ୧୭(ଡି.ଏନ.ଏ)- ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ସୋମବାର ପୋଲିସ ପାଟ୍ରୋଲିଂ ଦେଖି କେତେଜଣ ଦୁର୍ବୃତ୍ତ ଆସିଥିବା କାର ଛାଡ଼ି ଦୌଡ଼ି ପଳାଇଛନ୍ତି। ପୋଲିସ ସେମାନଙ୍କ ପିଛା କରିଥିଲେ ମଧ ଧରି ପାରିନାହିଁ। କାର ଭିତରେ କିଛି ଅବକାରୀ ସାମଗ୍ରୀ ଥିବା ପୋଲିସ ସନ୍ଦେହ କରି ତାହାକୁ ଥାନାକୁ ଆଣିଛି। ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ତାହାକୁ ଯାଞ୍ଚ କରାଯିବ। କାର୍‌ର ରେଜିଷ୍ଟ୍ରର ନମ୍ବର ସହ ଚେସିସ୍, ଇଞ୍ଜିନ ନମ୍ବର ଆଦି ଯାଞ୍ଚ କରାଯିବ ବୋଲି ଆଇଆଇସି ଅଲେଖ ଗରଡ଼ିଆ କହିଛନ୍ତି।

# ଜଗା, ବଳିଆଙ୍କ ଫେରିବା ବାଟକୁ ଅପେକ୍ଷା


ଜଗା ବଳିଆଙ୍କ ପରିବାର ସଦସ୍ୟ ଏବଂ ଗ୍ରାମବାସୀ ।

ଫିରିଙ୍ଗିଆ, ୧୭

ଆଉ ଅଳ୍ପ ଦିନ ପରେ ଜଗା, ବଳିଆ ଓଡ଼ିଶା ଫେରିବା ସୂଚନା ପାଇବା ପରେ ପରିବାର ଲୋକଙ୍କ ସମେତ ଗ୍ରାମବାସୀଙ୍କ ଉତ୍କଣ୍ଠା ବଢ଼ିଯାଇଛି। ଯୋଡା ମୁଣ୍ଡ ଥାଇ ବିଚରଣ କରୁଥିବା ଜଗା, ବଳିଆ ଏବେ ଅଲଗା ହେବା ପରେ କେମିତି ଅଛନ୍ତି ଦେଖିବାକୁ ସେମାନଙ୍କ ବଡ଼ଭାଇ ଅଜିତ୍ ଏବଂ ଦୈତ୍ୟ, ଜେଜେ ମା'ସମ୍ପି, ଜେଜେ ବାପା ତୁଳା କହଁରଙ୍କ ଆଖିରେ ଆଉ ନିଦନାହିଁ। ଦୀର୍ଘ ଦୁଇ ବର୍ଷ ହେଲା ଉଭୟଙ୍କୁ ଦେଖିନୁ। ଅପରେଶନ ପରେ ଏବେ ସେମାନେ ଭଲ ଅଛନ୍ତି। ଗାଁରେ ଥିଲା ବେଳେ ନାତି ୨ ଜଣଙ୍କୁ ନିଜ ହାତରେ ଗାଧୋଇବା ସହ ଖୁଆଇ ଦେଉଥିଲି । ଫେରିଲେ ପୁଣି ସେମାନଙ୍କୁ ଖୁଆଇବି ବୋଲି ଜେଜେ ମା' ସମ୍ପି କହିଛନ୍ତି। ସେହିପରି ଅଙ୍ଗନୱାଡି କେନ୍ଦ୍ରରେ ଜଗା, ବଳିଆଙ୍କ ନାମ ଲେଖାଇଥିବା ଅଙ୍ଗନୱାଡି କର୍ମୀ ନଳିନୀ କହଁରଙ୍କ ସମେତ ଗ୍ରାମବାସୀ ସେମାନଙ୍କ ବାଟ ଚାହିଁ ବସିଛନ୍ତି। ସୂଚନାଯୋଗ୍ୟ, ଫିରିଙ୍ଗିଆ ବ୍ଲକ ଡିମିରିପଡା ପଞ୍ଚାୟତ ମିଲୁପଡା ଗ୍ରାମର ଭୂୟାଁ କହଁରଙ୍କ ଯାଁଳା ପୁଅ ଜଗା, ବଳିଆ ୨୦୧୫ ଏପ୍ରିଲ ୯ରେ ଫିରିଙ୍ଗିଆ ଡାକ୍ତରଖାନାରେ ଜନ୍ମ ହୋଇଥିଲେ । ଜନ୍ମରୁ ଉଭୟଙ୍କ ମୁଣ୍ଡ ଯୋଡି ହୋଇ ରହିଥିଲା । ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ କଟକ ବଡ ମେଡିକାଲ ନିଆଯାଇଥିଲା । ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ରାଜ୍ୟ ସରକାର ଏଥିରେ ହସ୍ତକ୍ଷେପ କରିଥିଲେ । ୨୦୧୭ରେ ସେମାନଙ୍କୁ ଦିଲ୍ଲୀ ଏମସ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅପରେଶନ କରାଯିବା ପରେ ଯୋଡ଼ା ମୁଣ୍ଡ ଅଲଗା ହୋଇଥିଲା।

# ଶାଗୁଆନ୍, ୟୁକାଲିପଟାସ ଚାରାରୋପଣ ହେଲାନି

### ଦାରିଙ୍ଗବାଡ଼ିରେ ବନ ମହୋତ୍ସବ


ବ୍ଲକ ଅଧ୍ୟକ୍ଷା ସୁବେନ୍ଦ୍ରୀ ପ୍ରଧାନ ଓ ଅନ୍ୟମାନେ ଚାରାରୋପଣ କରୁଛନ୍ତି ।

ଦାରିଙ୍ଗବାଡ଼ି, ୧୭(ଡି.ଏନ.ଏ.)

ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ି ବନାଞ୍ଚଳ ପକ୍ଷରୁ ସୋମବାର ବନ ମହୋତ୍ସବ ପାଳନ କରାଯାଇଛି। ଏହି ଅବସରରେ ନୂଆ ଜଙ୍ଗଲ ସୃଷ୍ଟି ପାଇଁ ଚାରାରୋପଣ କରିବାକୁ ଲୋକଙ୍କୁ ପରାମର୍ଶ ଦିଆଯିବା ସହ ଓ ପଲିଥିନ ବର୍ଜନ କରିବାକୁ ସଚେତନ କରାଯାଇଛି । ବନାଞ୍ଚଳ ଅଧିକାରୀ ମାଧବ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଦାରିଙ୍ଗବାଡ଼ି ବନପାଳ ମନ୍ମଥ ପରିଚ୍ଛା, ବୁଡାଗୁଡ଼ା ବନପାଳ ରବିମୋହନ ନାୟକଙ୍କ ଉପସ୍ଥିତିରେ ଓଡ଼ିଶା ଆଦର୍ଶବିଦ୍ୟାଳୟ ଛାତ୍ରୀଛାତ୍ରମାନେ ସଚେତନତା ଶୋଭାଯାତ୍ରା କରିଥିଲେ । ପରେ ଆଦର୍ଶ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ଅଧ୍ୟକ୍ଷ ଶିବ ସେଠୀଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା । ଶିକ୍ଷୟିତ୍ରୀ ବବିତାରାଣୀ ସେଠୀ ସଭା ପରିଚାଳନା କରିଥିଲେ । ବ୍ଲକ ଅଧ୍ୟକ୍ଷା ସୁବେନ୍ଦ୍ରୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଟ, ବନାଞ୍ଚଳ ଅଧିକାରୀ ମାଧବ ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ । ପର୍ଯ୍ୟାପ୍ତ ଚାରାରୋପଣ ସହ ଜଙ୍ଗଲ ସୁରକ୍ଷା ଦିଗରେ ନିଜେ ସଚେତନ ହୋଇ ଅନ୍ୟଙ୍କୁ ସଚେତନ କରାଇବା ନିମନ୍ତେ କୁହାଯାଇଥିଲା। ଶେଷରେ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ର ଏବଂ ଅତିଥିମାନେ ଶାଗୁଆନ, ୟୁକାଲିପଟାସ ଛଡ଼ା ବିଭିନ୍ନ ଫଳ ଓ ଔଷଧୀୟ ଚାରାରୋପଣ କରିଥିଲେ। ସୂଚନାଯୋଗ୍ୟ, ପୂର୍ବରୁ ବନ ବିଭାଗ ପକ୍ଷରୁ ଶାଗୁଆନ, ୟୁକାଲିପଟାସ ଚାରାରୋପଣ କରାଯାଉଥିଲା । ତେବେ ଏହି ଗଛ ଛାଇରେ ଅନ୍ୟ କୌଣସି ଗଛ ଭଲ ବଢୁନ ଥିବା ଦର୍ଶାଇ ଅଞ୍ଚଳରୁ ପ୍ରାୟ ୩୦ହଜାର ପୋଷ୍ଟକାର୍ଡ଼ ଜଙ୍ଗଲ ଓ ପରିବେଶ ବିଭାଗକୁ ପଠାଯାଇଥିଲା । ତେଣୁ ଚଳିତବର୍ଷ ବିଭାଗ ଉକ୍ତ ଗଛ ବଦଳରେ ବିଭିନ୍ନ ଫଳ ଓ ଔଷଧୀୟ ଚାରାରୋପଣ ପାଇଁ ପ୍ରୟାସ କରୁଥିବା ବନାଞ୍ଚଳ ଅଧିକାରୀ ବେହେରା ଏବଂ ଜାଗୃତି ସମ୍ପାଦକ ଦଣ୍ଡପାଟ କହିଛନ୍ତି। କାର୍ଯ୍ୟକ୍ରମରେ ବନରକ୍ଷୀ ବିଜୟାନନ୍ଦ ସେଠୀ, ସ୍ୱପ୍ନା ପାତ୍ର, ସୁଜତା ସାହୁ, ସୁବ୍ରତ ନାୟକ, ସୁଶିଳ ପ୍ରଧାନ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ ।




# ଆମ୍ବେଡ଼କର ବିଦ୍ୟାଳୟ ସମସ୍ୟା ସମାଧାନ ଦାବି

ଖଜୁରିପଡ଼ା, ୧୭ (ଡି.ଏନ୍.ଏ)

କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ବ୍ୟୟ କରି ଶିକ୍ଷାର ଓ ଶିକ୍ଷାନୁଷ୍ଠାନର ବିକାଶ କରିବାକୁ ଚେଷ୍ଟା ଚଳାଇଛନ୍ତି। କିନ୍ତୁ ଜନପ୍ରତିନିଧିଙ୍କ ଓ ପ୍ରଶାସନଙ୍କ ଆନ୍ତରିକତାର ଅଭାବ ଯୋଗୁ ଅନେକ ଶିକ୍ଷାନୁଷ୍ଠାନର ବିକାଶ ହୋଇପାରୁନାହିଁ। ଏହା ଦେଖିବାକୁ ମିଳିଛି ଖଜୁରିପଡ଼ା ବ୍ଲକ ହେଡକ୍ୱାର୍ଟରରେ। ବିଦ୍ୟାଳୟର ଛାତ୍ରୀଛାତ୍ର ଏହାର ସମାଧାନ କରିବାକୁ ଓ ଜନପ୍ରତିନିଧି ଏବଂ ପ୍ରଶାସନର ଦୃଷ୍ଟି ଦେବାକୁ ଅଭିଯୋଗ କରିଛନ୍ତି। ୧୯୯୬ ମସିହାରେ ଆମ୍ବେଡକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ଥାପିତ ହୋଇଥିଲା । ଏଠାରେ ଯୁକ୍ତ ୨ରେ ୫ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। କିନ୍ତୁ ବିଦ୍ୟାଳୟର ମୁଖ୍ୟ ଫାଟକ ନାହିଁ, ପାଚେରି ନାହିଁ, କଂକ୍ରିଟ ରାସ୍ତା ଅଧା ହୋଇନାହିଁ, ଭଲ ପଢ଼ିଆଟିଏ ନାହିଁ। ବର୍ଷା ହେଲେ ଛାତ୍ରୀଛାତ୍ରମାନେ କାଦୁଅରେ ଚାଲିକି ବିଦ୍ୟାଳୟ ଯାଉଛନ୍ତି। ତେଣୁ ଜାତୀୟ ରାଜପଥ କଡ଼ରେ ମୁଖ୍ୟ ଫାଟକ ବିଦ୍ୟାଳୟ ଚାରିପାଖେ ପାଚେରି କରିବାକୁ ବହୁବାର ଦାବି କରି ଆସୁଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କାହାରି ଦୃଷ୍ଟି ପଡୁନାହିଁ ତେଣୁ ଶୀଘ୍ର ଏଥିପ୍ରତି ଦୃଷ୍ଟି ଆକର୍ଷଣ କରି ସମସ୍ତ ସମସ୍ୟାର ସମାଧାନ କରିବାକୁ ଜନପ୍ରତିନିଧି ଓ ଜିଲା ପ୍ରଶାସନ ପାଖରେ ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି।

# ବ୍ୟାଙ୍କରୁ ୭୩ ହଜାର ଟଙ୍କା ଚୋରି

ଶଙ୍କରାଖୋଲ, ୧୭(ଡି.ଏନ୍.ଏ.)

ଚକାପାଦ ଥାନା ଚକାପାଦ ଭାରତୀୟ ଷ୍ଟେଟବ୍ୟାଙ୍କରୁ ସୋମବାର ସକାଳେ ୭୩ ହଜାର ୮୫ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ବ୍ୟାଙ୍କର ଫିଲ୍ଡ ଅଫିସର ମନୋରଞ୍ଜନ ଆଚାର୍ଯ୍ୟଙ୍କ ଏତଲା କ୍ରମେ ଚକାପାଦ ପୋଲିସ ନଂ. ୩୩/୧୯ ମାମଲା ରୁଜୁ କରିଛି। ଘଟଣାସ୍ଥଳ ଫୁଲବାଣୀ ସାଇଣ୍ଟିଫିକ ଟିମ୍ ତଦନ୍ତ କରି ଫେରିଛନ୍ତି। ଦୁର୍ବୃତ୍ତମାନେ ଶନିବାର କିମ୍ବା ରବିବାର ରାତିରେ ବ୍ୟାଙ୍କର ପଛପାଖ ଝରକା କବାଟ ଭାଙ୍ଗି ଭିତରକୁ ପଶିଥିଲେ । ବ୍ୟାଙ୍କର ସିସିଟିଭି କ୍ୟାମେରା ଭାଙ୍ଗିବା ପରେ ଷ୍ଟ୍ରଙ୍ଗରୁମ ତାଲା ଭାଙ୍ଗି ଟଙ୍କା ଲୁଟି ନେଇଥିଲେ । ଅନ୍ୟ ଏକ ଲକରକୁ ଭାଙ୍ଗିବାକୁ ଉଦ୍ୟମ କରି ଭାଙ୍ଗି ନ ପାରି ନିରାଶ ହୋଇ ଚାଲିଯାଇଛନ୍ତି। ବ୍ୟାଙ୍କର ଖାତୁଦାର ରବି ନାୟକ ସକାଳେ ବ୍ୟାଙ୍କ ଖୋଲିବା ବେଳେ ଷ୍ଟ୍ରଙ୍ଗରୁମ୍ ତାଲା ଭଙ୍ଗାଯାଇଥିବା ଦେଖି ଫିଲ୍ଡ ଅଫିସରଙ୍କୁ ଜଣାଇଥିଲେ। ସେ ଚକାପାଦ ଥାନାରେ ଅଭିଯୋଗ କରିଥିଲେ।




2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ